# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୮/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 8/2018 (Career & Appointment) | ★★★★★★

୪୪ଶ ଭାଗ ୨୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




## ମହିଳାମାନେ ଆଜନ୍ମ ସଂଗ୍ରାମୀ: କରୀନା

ମହିଳାମାନେ ଆଜନ୍ମ ସଂଗ୍ରାମୀ। ଗର୍ଭଧାରଣ ସମୟରେ ଏବଂ ପ୍ରସବ ପରେ ବି କିପରି ନିଜର ଅଭିନୟ ଜାରି ରଖିଥିଲେ ତାହାର ଉଦାହରଣ ଦେଇ କରୀନା ଏହା ପ୍ରକାଶ କରିଛନ୍ତି ।

୦୭

୧୮

## ବିଶ୍ୱ ଚାମ୍ପିୟନଶିପ୍‌ରେ ହଜାରିକାଙ୍କୁ ସ୍ୱର୍ଣ୍ଣ

ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ଶୁଟର ହ୍ରିଦୟ ହଜାରିକା ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।










ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ସମ୍ପତ୍ତି ତାଲିକା ଦେଉନାହାନ୍ତି ଖାକିବାବୁ

- ତଥ୍ୟ ଲୁଚାଉଛି ପୋଲିସ ମୁଖ୍ୟାଳୟ
- ଦୁର୍ନୀତିଖୋର ଅଫିସରଙ୍କୁ ମଉକା

ଭୁବନେଶ୍ୱର, ୭।୯(ବ୍ୟୁରୋ)

ସରକାରୀ କର୍ମଚାରୀମାନେ ନିଜର ସମ୍ପତ୍ତି ତାଲିକା ସରକାରଙ୍କ ନିକଟରେ ଦାଖଲ କରିବା ପାଇଁ ସାମ୍ବିଧାନିକ ବିଧିବ୍ୟବସ୍ଥା ରହିଛି। ଏପରି କି ଓଡ଼ିଶା ସରକାରଙ୍କ ରୁଲ୍-୨୧(୪) ୧୯୪୯ରେ ଏକ ଆଇନ ମଧ୍ୟ ରହିଛି। ମନ୍ତ୍ରୀ, ବିଧାୟକ, ଏମ୍‌ପି, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରୁଛନ୍ତି। ସେହିପରି ଆଇଏଏସ୍



ଏବଂ ଆଇପିଏସ୍ ଅଧିକାରୀଙ୍କଠାରୁ ଆରମ୍ଭ କରି ତଳ ବର୍ଗର ଅଧିକାରୀମାନେ ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଓଡିଶା ପୋଲିସ ବିଭାଗରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅଧିକାଂଶ ଥାନା ଅଧିକାରୀ, ଡିଏସ୍‌ପିଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ସମ୍ପତ୍ତି ତାଲିକା ଦାଖଲ କରୁନାହାନ୍ତି। ଏ କ୍ଷେତ୍ରରେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉ ନାହିଁ। ଫଳରେ ଅନେକ ଅଧିକାରୀ ଲାଞ୍ଚଖୋର ପ୍ରବୃତ୍ତିର ହେଉଛନ୍ତି। କ୍ଷମତାର ଦୁରୁପଯୋଗ କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଛନ୍ତି। ଏହାର ଅନେକ ଉଦାହରଣ ନିକଟ ଅତୀତରେ ଦେଖିବାକୁ ମିଳିଛି। ବହୁ ପୋଲିସ ଅଧିକାରୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ସହିତ କୋର୍ଟରେ ଦଣ୍ଡିତ ହୋଇ ଜେଲ୍‌ଦଣ୍ଡ ଭୋଗିବା ନଜିର ରହିଛି।

ସୂଚନା ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଗତ ଜୁଲାଇ ୨୩ରେ ସୂଚନା ଅଧିକାର (ଆର୍‌ଟିଆଇ)ଆଇନ ବଳରେ ଏ ସମ୍ପର୍କିତ ତଥ୍ୟ ଗୃହ ବିଭାଗକୁ ମାଗିଥିଲେ। ୨୦୧୦ ଜାନୁୟାରୀ ୧ରୁ ୨୦୧୮ ଜୁଲାଇ ୩୧ ପର୍ଯ୍ୟନ୍ତ ☞ପୃଷ୍ଠା-୪


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


## ଆଜିର ସମ୍ପାଦକୀୟ

ସରକାର-କର୍ମୀ ବିବାଦ

## ଆଜିର ମନ୍ତବ୍ୟ

"ଗଣତାନ୍ତ୍ରିକ ରାଜନୀତିର ମୂଲ୍ୟବୋଧକୁ ମୋଦି ସରକାର ଦୁର୍ବଳ କରିବାରେ ଲାଗିଛନ୍ତି ।

-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

୨୦୧୪-୧୫ ଆର୍ଥିକ ବର୍ଷରେ ତୈଳଜାତ ପଦାର୍ଥରୁ ମୋଟ ୯୯,୧୮୪ କୋଟି ଟଙ୍କା ଉତ୍ପାଦ ଶୁଳ୍କ ଆଦାୟ ହୋଇଥିଲା। ୨୦୧୭-୧୮ରେ ଏହା ୨,୨୯,୦୧୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। -ତୈଳ ମନ୍ତ୍ରଣାଳୟ


ଶତ୍ରୁଘ୍ନ ପାଣ୍ଡବ ପାଇବେ ଶାରଳା ପୁରସ୍କାର ........ ୩ ........

ତୈଳ ଦର ବୃଦ୍ଧି: ବିଜେଡିର ପ୍ରତିବାଦ, କଂଗ୍ରେସର ବନ୍ଦ ଡାକରା ........ ୩ ........

ଆଇଏଏସ୍ ସ୍ତରରେ ଅଦଳବଦଳ ........ ୮ ........


# ବିଧାନସଭାରେ ତେଲ ତାତି

- ଶାସକ ଦଳର ହଟ୍ଟଗୋଳ
- ପୂରା ଦିନ ବରବାଦ
- ଶିକ୍ଷକ, ଆଇନଜୀବୀ ଆନ୍ଦୋଳନକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କଲେ ବିରୋଧୀ
- ସୋମବାର ଯାଏ ଗୃହ ମୁଲତବୀ

ଭୁବନେଶ୍ୱର,୭।୯(ବ୍ୟୁରୋ)

ପେଟ୍ରୋଲ ଓ ଡିଜେଲ ତାତିରେ ବିଧାନସଭା ଉତ୍ତପ୍ତ। ତୈଳ ଦର ବୃଦ୍ଧି ପ୍ରତିବାଦରେ ଶାସକ ବିଜେଡି ସଭ୍ୟମାନେ ବିଧାନସଭାକୁ ନିଜ କବ୍‌ଜାକୁ ନେଇ ଯାଇଥିଲେ। ଫଳରେ ଶୁକ୍ରବାର ଦିନତମାମ ଗୃହରେ କୌଣସି କାର୍ଯ୍ୟ ହୋଇ ପାରି ନ ଥିଲା।

୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ପ୍ରଦୀପ ଅମାତ ସଭା କାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିଥିଲେ। ଗୃହ କାର୍ଯ୍ୟ ଆରମ୍ଭ ମାତ୍ରେ ବିଜେଡି ସଭ୍ୟମାନେ ନିଜ ନିଜ ସିଟ୍ ନିକଟରେ ଛିଡା ହୋଇ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ଜୋରଦାର ପ୍ରତିବାଦ କରିଥିଲେ। କଂଗ୍ରେସ ଓ ଭାଜପା ସଭ୍ୟମାନେ ଗୃହ ଚାଲୁ ଓ ଶିକ୍ଷକ ସମସ୍ୟା ନେଇ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରାଯାଉ ବୋଲି ଦାବି କରି ହଟ୍ଟଗୋଳ କରିଥିଲେ। ଶାସକ ଦଳର ସଭ୍ୟମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ନବ କିଶୋର ଦାସ, ଚିରଞ୍ଜୀବ ବିଶ୍ୱାଳ, କେ. ସୂର୍ଯ୍ୟ ରାଓ, ଅଂଶୁମାନ ମହାନ୍ତି, ଜାକୋବ ପ୍ରଧାନ, ପ୍ରଫୁଲ୍ଲ ମାଝିଙ୍କ ସମେତ ଅନ୍ୟ ସଭ୍ୟମାନେ ଗୃହର ମଧଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଭାଜପା ସଭ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ଗୋବିନ୍ଦ ଦାସ ନୀତୀଶ ଗଙ୍ଗଦେବ ପ୍ରମୁଖ କଂଗ୍ରେସ ସହ ତାଳ ମିଳାଇ ହଟ୍ଟଗୋଳ କରିଥିଲେ ।

ବାଚସ୍ପତି ନିଜ ସିଟ୍‌ରେ ବସି ବିରୋଧୀ ଓ ଶାସକ ଦଳ ସଭ୍ୟଙ୍କୁ ଚାହିଁ ରହିଥିଲେ। ହଟ୍ଟଗୋଳରେ ବିଧାନସଭା ଫାଟି ପଡିଲା। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ମାତ୍ର ଅଧ ମିନିଟ ପରେ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଗୃହ ବାହାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଲେ ଯେ, ☞ପୃଷ୍ଠା-୪

# ଓଡ଼ିଶାର ୨୭% ବିଧାୟକ ଦାଗୀ

ଭୁବନେଶ୍ୱର, ୭।୯ (ବ୍ୟୁରୋ)

ଓଡିଶାର ୨୭% ବିଧାୟକ ଦାଗୀ। ସେମାନଙ୍କ ନାମରେ ଆପରାଧିକ ମାମଲା ରହିଛି। ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲ ସମୟରେ ସତ୍ୟପାଠରେ ସେମାନେ ଏକଥା ଉଲ୍ଲେଖ କରିଛନ୍ତି। ଜାତୀୟସ୍ତରରେ ଏହି ହାର ୨୧% ରହିଛି। ୫୪ ବିଧାୟକ ଏବଂ ଏମ୍‌ପି ନିଜ ବିରୋଧରେ ଆପରାଧିକ ମାମଲା ଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ୫୪ ଜଣଙ୍କ ମଧ୍ୟରୁ ୪୧ ଜଣ (୨୪ %) ବିଧାୟକ/ଏମ୍‌ପିଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ରହିଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ ନ କରିବାକୁ ଓଡ଼ିଶା ଇଲେକ୍ସନ ୱାଚ(ଓଇଡବ୍ଲ୍ୟୁ) ଏବଂ ଆସୋସିଏଶନ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର) ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ନିବେଦନ କରାଯାଇଛି। ଓଡିଶା ଇଲେକ୍ସନ୍ ୱାଚ ଏବଂ ଏଡିଆର ରାଜ୍ୟର ୧୪୭ ବିଧାୟକ ଓ ୨୧ ଏମ୍‌ପିଙ୍କର ସତ୍ୟପାଠକୁ ବିଶ୍ଳେଷଣ କରି ଗଣମାଧ୍ୟମକୁ ଏହି ତଥ୍ୟ ଦେଇଛନ୍ତି। ୨୭% ବିଧାୟକ ସେମାନଙ୍କ ନାମରେ ଆପରାଧିକ ମାମଲା ଥିବା ସତ୍ୟପାଠରେ ଦର୍ଶାଇଛନ୍ତି ବୋଲି ଓଡିଶା ଇଲେକ୍ସନ ୱାଚ୍ କନଭେନର ରଞ୍ଜନ କୁମାର ମହାନ୍ତି ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆପରାଧିକ ପୃଷ୍ଠଭୂମିସମ୍ପନ୍ନ ବ୍ୟକ୍ତିଙ୍କୁ ରାଜନୈତିକ ଦଳ ଟିକେଟ ଦେଲେ ସେମାନେ ମତଦାତାଙ୍କୁ ଡରାଇ ଧମକାଇ ଅନୈତିକ ଉପାୟରେ ଭୋଟ ନେଇଯିବେ। ଏଥିଯୋଗୁ ନିର୍ବାଚନରେ ଅପରାଧୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ସହିତ ମତଦାନ ମୁକ୍ତ ଓ ଅବାଧ ହୋଇପାରିବ ନାହିଁ। ଏହାଦ୍ୱାରା ସମ୍ବିଧାନ ପ୍ରଦତ୍ତ ଗଣତାନ୍ତ୍ରିକ ମୌଳିକ ଅଧିକାର କ୍ଷୁଣ୍ଣ ହେବ। ଅପରାଧୀମାନଙ୍କୁ ଟିକେଟ ଦେବା ପୂର୍ବରୁ ରାଜନୈତିକ ଦଳଗୁଡିକ ସେମାନଙ୍କର ଟିକେଟ ପାଇବା ପାଇଁ ଥିବା ବ୍ୟବସ୍ଥା ବିଷୟରେ ଲୋକଙ୍କୁ ଅବଗତ କରାଇବା ଆବଶ୍ୟକ। ଓଡିଶା ଇଲେକ୍ସନ ୱାଚ ଏବଂ ଏଡିଆର ଖୁବ୍‌ଶୀଘ୍ର ଏନେଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ଯୋଜନା ଚାଲିଛି ବୋଲି ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।





BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver

| | | |
|---|---|---|
| Gold 24 CT | - ₹ 31,200/- | 10gm. |
| Gold 22 CT | - ₹ 30,200/- | 10gm. |
| Silver Rate | - ₹ 370/- | /10gm. |
| Making Charge | - ₹100/- onwards | / 1gm. |

Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 07.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 58 | 103 | 113 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 58 | 103 | 113 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

# ପ୍ରତ୍ୟେକ ସ୍କୋଡା ସହ ମିଳେ ଆପଣଙ୍କୁ ମାନସିକ ଶାନ୍ତି ।

ŠKODA
SIMPLY CLEVER

## ପ୍ରସ୍ତୁତ କରୁଛୁ ଭାରତର ପ୍ରଥମ 4-ବର୍ଷ ସର୍ଭିସ୍ କେୟାର୍ ।

4 ବର୍ଷ ସ୍କୋଡା ୱ୍ୱାରେଣ୍ଟି# + 4 ବର୍ଷ ସ୍କୋଡା ଆସିଷ୍ଟ + 4 ବର୍ଷ ସ୍କୋଡା ମେଣ୍ଟେନାନ୍ସ୍ ପ୍ୟାକେଜ୍*




ଏହା ଆଦୌ ଆଶ୍ଚର୍ଯ୍ୟଜନକ ନୁହେଁ ଯେ ସମସ୍ତ ସ୍କୋଡା ପ୍ରଡକ୍ଟ ବିସ୍ମୟକର । ହେଲେ କଥା ଏହିଠାରେ ଶେଷ ହୁଏ ନାହିଁ । ସ୍କୋଡା ଆପଣଙ୍କୁ ଦିଏ ଭାରତର ପ୍ରଥମ 4–ବର୍ଷ ସର୍ଭିସ୍ କେୟାର୍ ପ୍ୟାକେଜ୍, ଅର୍ଥାତ୍ 4–ବର୍ଷର ୱ୍ୱାରେଣ୍ଟି, 4–ବର୍ଷ ରାସ୍ତା–କଡ ସହାୟତା ଏବଂ 4–ବର୍ଷର ବୈକଳ୍ପିକ ମେଣ୍ଟେନାନ୍ସ୍ ପ୍ୟାକେଜ୍ । କାର୍‌ର ମେଣ୍ଟେନାନ୍ସ୍ ସହ ଜଡିତ ଆପଣଙ୍କ ସମସ୍ତ ଅସୁବିଧା ଶେଷ । ସେଥି ପାଇଁ ସ୍କୋଡାରେ ଅଛି ମାନସିକ ଶାନ୍ତି ଏକ ଷ୍ଟାଣ୍ଡାର୍ଡ ଫିଚର୍ ।

ଭାରତର ପ୍ରଥମ 4 ବର୍ଷ ସର୍ଭିସ୍ କେୟାର୍

**ମାନସିକ ଶାନ୍ତିକୁ ଅନୁଭବ କରିବା ପାଇଁ, ଆମ ନିକଟସ୍ଥ ଶୋ'ରୁମ୍‌କୁ ଆଜିହିଁ ଆସନ୍ତୁ ।**

**Download the MyŠKODA App for hassle-free ownership at your fingertips | ♥yŠKODA**

**Toll-free 1800 2700 260 | www.skoda-auto.co.in**

**Bhubaneshwar:** Trinity ŠKODA : 9937000695; **Kolkata:** Global ŠKODA: 18001230737; **Jamshedpur:** Imperial Vehicle: 18001237499; **Patna:** Bhoomi Cars: 92600 70011; **Uttar Pradesh: Varanasi:** Ganpati Auto: 7574060603; **Agra:** Shiel Autoworld: 18008439006; **Haldwani:** Channel Motors: 18005327060, 9258071041, 9258070068; **Mandi:** DevBhoomi Motors: 7574828280; **Jammu:** Wheelocity Motors: 9086166666; **South Delhi:** Arya ŠKODA: 011 49300 000; **Gurgaon:** Jai Auto: 7574066633**; South Delhi:** Jai Auto: 7574066633; **West Delhi:** Arya ŠKODA: 011 49300 000; **North Delhi:** Grand Autocapital: 9654044222; **Chandigarh:** Krishna Auto: 7572889999; **Ludhiana:** Krishna Auto: 7572889999; **Jalandhar:** Krishna Auto: 7572889999; **Amritsar:** Krishna Auto: 7572889999; **Haryana: Hisar:** BLC Autosales: 0166 222 2009; **Karnal:** Sidak Automobiles: 9251414414; **Ambala:** Sidak Automobiles: 9251414414; **Rajasthan: Jaipur:** Jawahar Circle: SAISHA ŠKODA: 7574999339; **Jodhpur:** Jai Cars: 7574066622; **Udaipur:** Jai Cars: 7574066688

Specifications given differ from model to model. Accessories shown may not be part of standard equipment. Always insist on genuine ŠKODA Auto parts and accessories available at authorized sales and service centres. Information relating to colours, prices, construction, technical details and equipment was valid at the time of issuance and these are subject to changes without any prior notice. All disputes are subject to the Courts in Aurangabad Jurisdiction only. Terms and conditions apply. #**ŠKODA Warranty**-4 years/100,000 Km; Promotional offer, additional warranty 3rd & 4th year. **ŠKODA Assist** - 4 years unlimited Km. ***ŠKODA Maintenance Package**-4 years/60,000 Km; Four periodic maintenance services at the interval of 15,000 Km or one year (whichever comes first from the date of delivery), available at an attractive price.

ଅନ୍‌ଲାଇନ ଟିକେଟ ବୁକିଂ ହେଉ ଅଥବା ଟ୍ରେନ ଯାତ୍ରା ସମ୍ପର୍କରେ ଜାଣିବା ଲାଗି ଆଇଆର୍‌ସିଟିସିକୁ ଲୋକେ ପସନ୍ଦ କରନ୍ତି। ଏବେ ଏହାର ନାମ ପରିବର୍ତ୍ତନ ହେବାକୁ ଯାଉଛି। ରେଳମନ୍ତ୍ରୀ ପୀୟୂଷ ଗୋଏଲ ଏଥିପାଇଁ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ନାମ ପରିବର୍ତ୍ତନ ପାଇଁ ମାଇଗଭ୍ ଡଟ୍ ଇନ୍ ଜରିଆରେ ଆୟୋଜିତ ଏକ ପ୍ରତିଯୋଗିତାରେ ୧,୮୫୨ ଜଣ ଭାଗନେଇ ସମ୍ଭାବ୍ୟ ନାମ ପ୍ରସ୍ତାବ ଦେଇଥିଲେ।




# ଗୋପନ ରହିଲା କ୍ୟାବିନେଟ୍ ନିଷ୍ପତ୍ତି

**ଭୁବନେଶ୍ୱର, ୭।୯ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ହେଲେ ବିଧାନସଭାର ମୌସୁମୀ ଅଧିବେଶନ ଜାରି ରହିଥିବାରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। କ୍ୟାବିନେଟ୍ ବୈଠକ ପ୍ରାୟ ୩୦ ମିନିଟ୍ ଚାଲିଥିଲା। ବୈଠକ ପରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ବିଧାନସଭା ଅଧିବେଶନ ଚାଲୁଥିବାରୁ କୌଣସି ସୂଚନା ଦେଇ ନ ଥିଲେ। ମିଳିଥିବା ଖବର ଅନୁଯାୟୀ ୬ରୁ ଅଧିକ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଅସମର୍ଥିତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଓଡ଼ିଶା ସରକାରୀ ଭାଷା ଆଇନ-୧୯୫୪ରେ ସଂଶୋଧନକୁ ନେଇ କ୍ୟାବିନେଟ୍‌ରେ ଆଲୋଚନା ହୋଇଥିବା ଜଣାପଡିଛି। ସେହିପରି ଅର୍ଥ ବିଭାଗୀୟ ସଂକ୍ରାନ୍ତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତନ୍ମଧ୍ୟରେ ଭାଟ୍ ସଂଶୋଧନ ନିଷ୍ପତ୍ତି ରହିଥିବା ସୂତ୍ରରୁ ପ୍ରକାଶ। ଏତଦ୍ ବ୍ୟତୀତ ସ୍ୱାସ୍ଥ୍ୟ ଓ ଜୈବିକ କୃଷି ସମ୍ବନ୍ଧୀୟ ଭିନ୍ନ ଭିନ୍ନ ନିଷ୍ପତ୍ତିକୁ କ୍ୟାବିନେଟ୍ ମୋହର ମାରିଥିବା ଆଲୋଚନା ହେଉଛି।

## ମୌସୁମୀ ଦୁର୍ବଳ: ପଶ୍ଚିମ, ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୭।୯(ବ୍ୟୁରୋ):** ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତିକରି ଦୁର୍ବଳ ହୋଇ ଯାଇଛି। ତେବେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପଶ୍ଚିମ ଓ ଦକ୍ଷିଣ ଓଡିଶାର ୭ଟି ଜିଲା ଝାରସୁଗୁଡା, ସୁନ୍ଦରଗଡ, ବରଗଡ, ନୂଆପଡା, ନବରଙ୍ଗପୁର, କଳାହାଣ୍ଡି ଏବଂ କୋରାପୁଟରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।






■ ତୈଳ ଦର ବୃଦ୍ଧି: ବିଜେଡିର ପ୍ରତିବାଦ, କଂଗ୍ରେସର ବନ୍ଦ ଡାକରା

# ସଚିବାଳୟ କର୍ମଚାରୀଙ୍କୁ ସତର୍କ କରାଇଲା ଗୃହ ବିଭାଗ

**ଭୁବନେଶ୍ୱର, ୭।୯(ବ୍ୟୁରୋ):** ତୈଳ ଦର ବୃଦ୍ଧିକୁ ନେଇ ଜୋର୍ ଧରିଛି ରାଜନୀତି। ଏହା ବିରୋଧରେ ବିଜେଡି ପକ୍ଷରୁ ଶୁକ୍ରବାରଠାରୁ ୨ଘଣ୍ଟିଆ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କେନ୍ଦ୍ର ସରକାର ତୈଳଦର ହ୍ରାସ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ବିଜେଡି ଚେତାବନୀ ଦେଇଥିବାବେଳେ ଭାଜପା ଏହାକୁ ସମାଲୋଚନା କରିଛି। ଅନ୍ୟପଟେ କଂଗ୍ରେସ ଆସନ୍ତା ୧୦ତାରିଖରେ ତୈଳଦର ବୃଦ୍ଧିକୁ ବିରୋଧ କରି ଭାରତ ବନ୍ଦ ଡାକରା ଦେଇଛି। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଗୃହ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବା ସହ ସଚିବାଳୟର କର୍ମଚାରୀମାନଙ୍କୁ ସକାଳ ୯.୩୦ପୂର୍ବରୁ ଆସି କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ପେଟ୍ରୋଲ ଓ ଡିଜେଲ ଦର ଲଗାତର ବୃଦ୍ଧି ପାଉଥିବା ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛି ବିଜେଡି। ଶୁକ୍ରବାର ରାଜ୍ୟର ସବୁ ପେଟ୍ରୋଲ ପମ୍ପ ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି। ଏହି ଅବସରରେ ବିଜୁ ଛାତ୍ର, ଯୁବ ଓ ମହିଳା କର୍ମୀମାନେ ରାଜ୍ୟର ସବୁ ପେଟ୍ରୋଲ ପମ୍ପରେ ଲିଫ୍‌ଲେଟ ବଣ୍ଟନ କରି ଲୋକଙ୍କୁ ସଚେତନ କରାଇଛନ୍ତି। ସମାନଭାବେ ରାଜଧାନୀର ସବୁ ପେଟ୍ରୋଲ ପମ୍ପରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ଅନ୍ୟପଟେ ବିଧାନସଭାରେ ଶାସକ ଦଳ ଏବଂ କଂଗ୍ରେସ ସଭ୍ୟମାନେ ତୈଳଦର ବୃଦ୍ଧିକୁ ବିରୋଧ କରି ଗୃହରେ ହୋହଲ୍ଲା କରିବା ସହ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ଉଭୟ ବିଜେଡି ଓ କଂଗ୍ରେସ ସଭ୍ୟଙ୍କ ହୋହଲ୍ଲା ଯୋଗୁ ବାଚସ୍ପତି ଗୃହକୁ ମୁଲତବୀ କରିବା ପରେ ଶାସକ ଦଳ ନେତାମାନେ ବିଧାନସଭାରୁ ବାହାରି ପ୍ରତିବାଦ କରିଥିଲେ। ରାମମନ୍ଦିର ସମ୍ମୁଖ ପେଟ୍ରୋଲ ପମ୍ପରେ ଶାସକ ଦଳ ବିଧାୟକମାନେ କେନ୍ଦ୍ର ସରକାର ବିରୋଧରେ ଗର୍ଜନ କରିବା ସହ ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ଶନିବାର ଏବଂ ରବିବାର ମଧ୍ୟ ବିଜେଡି ପକ୍ଷରୁ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡ଼ିକ ସମ୍ମୁଖରେ ପ୍ରତିବାଦ ସହ ଲିଫ୍‌ଲେଟ୍ ବଣ୍ଟନ କରାଯିବ ବୋଲି ପୂର୍ବରୁ ସୂଚନା ଦିଆଯାଇଛି।

ଏହି ପ୍ରସଙ୍ଗରେ ବିଜେଡି ବିଧାୟକ ସମୀର ଦାସ କହିଛନ୍ତି ଯେ, ତୈଳଦର ଯେଉଁଭଳି ଅହେତୁକ ଭାବେ ବୃଦ୍ଧି ପାଉଛି ତାକୁ ନେଇ ବିଜେଡି ରାସ୍ତାକୁ ଓହ୍ଲାଇଛି। ଯଥାଶୀଘ୍ର କେନ୍ଦ୍ର ସରକାର ତୈଳଦର ହ୍ରାସ ନ କଲେ ବିଜେଡି ଆନ୍ଦୋଳନକୁ ଜୋରଦାର କରିବ ବୋଲି ସେ କହିଛନ୍ତି।

ବିଜେଡି ପ୍ରତିବାଦକୁ ବିରୋଧ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହା ବିଜେଡିର ଏହା ଦେବାଳିଆପଣର ଏକ ଲକ୍ଷଣ। ୨୦୧୪ରୁ ୨୦୧୮ ମଧ୍ୟରେ ଭାରତ ବର୍ଷରେ ପେଟ୍ରୋଲିୟମ ପଦାର୍ଥ ବିକ୍ରି କରି ଓଡିଶା ସବୁଠୁ ଅଧିକ ଲାଭବାନ ହୋଇଛି। ଆମେ ବାହାରୁ ୮୦ଭାଗ ତେଲ ଆମଦାନୀ କରୁଛୁ। ରାଜନୈତିକ ସଙ୍କଟ କାରଣରୁ ଏଭଳି ସମସ୍ୟା ଉପୁଜୁଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ତୈଳଦର ବୃଦ୍ଧିର ମୁଖ୍ୟ କାରଣ। ରାଜ୍ୟ ସରକାର ଅଯଥା ରାଜନୀତି କରୁଛନ୍ତି। ୨୦୧୪ରେ ସେମାନେ ପେଟ୍ରୋଲ ଓ ଡିଜେଲ ଉପରେ ୨୧ପ୍ରତିଶତ ଟିକସ ଆଦାୟ କରୁଥିବା ବେଳେ ଏବେ ୨୬ପ୍ରତିଶତ ଆଦାୟ କରୁଛନ୍ତି ବୋଲି ସେ କହିଛନ୍ତି।

କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ବିଜେଡି ଓ ଭାଜପା ଉଭୟ ଏଥିରେ କାନ୍ଧ ଖସାଇବାରେ ଲାଗିଛନ୍ତି। ତୈଳଦର କମାଇବାକୁ ଉଭୟ ଦଳର ଆନ୍ତରିକତା ନାହିଁ। ତୈଳ ସାମଗ୍ରୀ ଉପରେ ପ୍ରତିଦ୍ୱନ୍ଦ୍ୱିତା କରି ଉଭୟ ସରକାର ଟିକସ ବସାଇବାରେ ଲାଗିଛନ୍ତି। କଂଗ୍ରେସ ଏହାକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଇବା ପାଇଁ ବାରମ୍ବାର ଦାବି କରୁଥିଲେ ମଧ୍ୟ ସେମାନେ ଉଦାସୀନ ରହୁଛନ୍ତି। ଏହାର ଫଳ ଖୁବ୍‌ଶୀଘ୍ର ସେମାନେ ପାଇବେ ବୋଲି ଶରତ ସମାଲୋଚନା କରିଛନ୍ତି।


ଭୁବନେଶ୍ୱରର ଏକ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ଶୁକ୍ରବାର ତୈଳଦର ବୃଦ୍ଧିର ପ୍ରତିବାଦ କରୁଛନ୍ତି ବିଜେଡି ନେତାମାନେ।

ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ତୈଳଦର ବୃଦ୍ଧିକୁ ନେଇ କଂଗ୍ରେସ ପକ୍ଷରୁ ଆସନ୍ତା ୧୦ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ବନ୍ଦ ପାଳନ ସମୟରେ ଗାଡି ମୋଟର, ରେଳ ଚଳାଚଳ, ଦୋକାନ, ବଜାର ସବୁ ବନ୍ଦ କରାଯିବାର ସମ୍ଭାବନା ରହିଛି। ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ସେମାନେ ଆନ୍ଦୋଳନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ସଚିବାଳୟ କର୍ମଚାରୀମାନେ ୯.୩୦ପୂର୍ବରୁ କାର୍ଯ୍ୟରେ ଯୋଗଦେବେ। ସଚିବାଳୟ ସମ୍ମୁଖ ଗେଟ୍‌କୁ ୧୦.୧୫ ସୁଦ୍ଧା ବନ୍ଦ କରିଦିଆଯିବ। ସମସ୍ତ କର୍ମଚାରୀମାନଙ୍କ ପରିଚୟପତ୍ରକୁ ଯାଞ୍ଚ କରାଯିବ। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦସ୍ତଖତ ନ ଥିବା କାର୍ ପାସକୁ ଛଡାଯିବ ନାହିଁ ବୋଲି ଜଣାଯାଇଛି। ଅନ୍ୟପଟେ କଂଗ୍ରେସ ୧୨ଘଣ୍ଟିଆ ବନ୍ଦ ପାଳନ କରିବାକୁ ଥିବାବେଳେ ଏନେଇ କେନ୍ଦ୍ର ପକ୍ଷରୁ ସମୟ ବିବରଣୀ ପ୍ରଦାନ କରାଯାଇ ନ ଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।






■ ୩୯ତମ ଶାରଳା ପୁରସ୍କାର ଘୋଷଣା

# ପାଇବେ ଶତ୍ରୁଘ୍ନ ପାଣ୍ଡବ

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ଇମ୍ପା ଗ୍ରୁପ୍ ଦ୍ୱାରା ପରିଚାଳିତ ଇମ୍ପାକ୍ଟ ପକ୍ଷରୁ ଚଳିତବର୍ଷ ପାଇଁ ଶାରଳା ପୁରସ୍କାର ଘୋଷଣା କରାଯାଇଛି। ବିଶିଷ୍ଟ ଲେଖକ ତଥା ଔପନ୍ୟାସିକ ଶତ୍ରୁଘ୍ନ ପାଣ୍ଡବ ୩୯ତମ ଶାରଳା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଲେଖକ ପାଣ୍ଡବ ତାଙ୍କ ରଚିତ 'ମିଶ୍ର ଧ୍ରୁପଦ' ପୁସ୍ତକ ନିମନ୍ତେ ଏହି ପୁରସ୍କାର ପାଇବେ। ପୁରସ୍କାର ବାବଦରେ ତାଙ୍କୁ ୫ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଶାରଳା ପୁରସ୍କାର ଉପଦେଷ୍ଟା ପରିଷଦ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ରାଜ୍ୟର ଅନ୍ୟ ଦୁଇଜଣ କୃତୀ ବ୍ୟକ୍ତିଙ୍କୁ ସଙ୍ଗୀତ ଓ ଚିତ୍ରକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଇଲା ପଣ୍ଡା ସଙ୍ଗୀତ ସମ୍ମାନ ଏବଂ ଇଲା ପଣ୍ଡା ଚିତ୍ରକଳା ସମ୍ମାନରେ ସମ୍ମାନିତ କରାଯିବ। ଚଳିତବର୍ଷ ସଙ୍ଗୀତ କ୍ଷେତ୍ରରେ ପଣ୍ଡିତ ଉମେଶ ଚନ୍ଦ୍ର କର ଏବଂ ଚିତ୍ରକଳା କ୍ଷେତ୍ରରେ ବିନୋଦ ମହାରଣାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ଉଭୟଙ୍କୁ ୧,୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆସନ୍ତା ଅକ୍ଟୋବର ୨୬ରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହେବାକୁ ଥିବା ଶାରଳା ପୁରସ୍କାର ଉତ୍ସବରେ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ଏହି ଉତ୍ସବରେ ବିଶିଷ୍ଟ ହିନ୍ଦୀ ଲେଖକ ଗୋବିନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।


ଶତ୍ରୁଘ୍ନ ପାଣ୍ଡବ











ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ମାଓବାଦୀମାନେ ବର୍ବରକାଣ୍ଡ ଘଟାଇଛି। ସେମାନେ ଗ୍ରାମବାସୀଙ୍କୁ ଆକ୍ରମଣ କରି ୧୨ ଜଣଙ୍କୁ ଅପହରଣ କରିନେଇଛନ୍ତି। ପୋଲିସକୁ ସହାୟତା କରିବା, ରାସ୍ତା ନିର୍ମାଣ କାର୍ଯ୍ୟ କରିବା ଓ ପୋଲିସକୁ ସହାୟତା କରୁଥିବା ଅଭିଯୋଗ କରି ଦନ୍ତେୱାଡା ଜିଲାର ପ୍ରାୟ ୫୦ ଜଣ ଗ୍ରାମବାସୀଙ୍କୁ ନେଇ ମାଓବାଦୀମାନେ ଏକ ପ୍ରଜା କୋର୍ଟ କରିଥିଲେ। ପରେ ବେରେମ୍ ଗ୍ରାମରୁ ୧୨ ଜଣଙ୍କୁ ଅପହରଣ କରି ନେଇଛନ୍ତି। ଅପହୃତଙ୍କୁ ଠାବ କରିବା ପାଇଁ ତଲାସି ଅଭିଯାନ ଜୋରଦାର କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................



ଲକ୍ଷ୍ମୀପ୍ରିୟା
ପରିବାରବର୍ଗ



ଶୁଭ୍ରାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64125

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

Bhubaneswar AIIMS Hospital DOON School 30' road gharabari possession plot. 9438763122. D-62786

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡକୁ ଲାଗି sqft. 450/-ରେ ବିକ୍ରିହେବ। 9438855652, 9090053827. D-64302

Readymade new 3BHK flat at BJB Nagar, no tax. 9439716901 (Broker not allowed). D-64143

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64144

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-8305

Sale simplex @ 19.90 lakh, Duplex @ 26.90 lakh contact Plot No.-N-1/39, IRC Village. Contact: 8480697808. 9078445982. Finance available for land and building. D-8135

**2/3BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 30 Lakhs Contact: 9937059891, 8 9 0 8 3 1 2 3 1 5 , 8908292617.** D-8309

ଭୁବନେଶ୍ୱର ପଟିଆ Railway Stationରୁ 1.5km. ଘରକରିବା ପାଇଁ plot 1200 ବର୍ଗଫୁଟକୁ 4,20,000/-ରେ ମିଳୁଛି। Immediate registration/ possession. 9937032327, 9337061817. D-64311

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9439101498, 9861024170. D-8185

ପୁରୀରେ 1BHK flats କିଣିବାକୁ ଚାହୁଁଛନ୍ତି। 15.12 lacs book @ 50,000/-. 8908559558. D-6303

4BHK duplex at Balianta/ (land-1400 construction-2100) @ 50 lakh. Residential gharabari land at Patrapada @ 2100, Malipada @ 1050, Nuagaon @ 800/1400, Hanspal @ 1700. Contact- M-Planets: 9861022055, 9938219397. D-8306

GA plot freehold in Sahidnagar, Bhubaneswar. Builtup area approximately 5000 sqft. Interested person please contact: 9937388522, 9938622897. D-62789

## PURCHASE

Required developed land outright/ sharing in BDA only owner: 9861211481. D-64304

A reputed realestate company requires land in around Cuttack & Bhubaneswar on basis of outright sharing and marketing contact: 9937816565, 9583944403. D-64145



Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-8310

## GENERAL

## SALE

୫ ହଜାର ଟଙ୍କା ଲେଖାଏଁ ଦେଢ ବର୍ଷର ଦୁଇଟି ଜାତିଆ ଦେଶୀ ମାଈ ବାଛୁରୀଛୁଆ ବିକ୍ରି ହେବ। ଯୋଗାଯୋଗ: ୯୦୯୦୭୯୫୫୫୪। ଧ-୮୩୦୨

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64306



Ground floor 3BHK at Sivanagar, Tankapani Road, Bhunbaneswar contact for rent: 9090431400. D-8314

2BHK marble furnished at Indirahousing Colony Lingipur for family/ office, Rs. 8000/-. 9778031311. D-59836



Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Newly open herbal full body massage with refreshment. 7381239385. D-63085

Ayurvedic full body massage ladies / gents smart expert therapist. 9114697517. D-63068

Bangkok spa special offer 50% off on all 1hrs any full body massage. 9861688844, 8018739084. D-63599

Newly opening ayurvedic body massage in joint pains, smart therapist. 9776383819. D-64132

Newly opening ayurvedic body massage smart therapist, Shree Herbal. 7750020754. D-64133

Herbal full body massage by smart/ expert therapist. Contact: 8338067247. D-64134

Experience full body massage with us by experts. Enquiry: 7377048581. D-64140

All type of massage and good therapy full body massage Sai herbal spa. 7609005923. D-64201

Opening newly ayurvedic full body massage ladies & gents. 7438851534, 7609923705. D-38527

## ନିରୁଦ୍ଦିଷ୍ଟ



ଏହି ଛାତ୍ର ଜଣକ ରବିବାରଠାରୁ ନୟାଗଡ଼ ସହରସ୍ଥିତ ଅକ୍ସଫୋର୍ଡ କୋଚିଙ୍ଗ୍ ସେଣ୍ଟର ହଷ୍ଟେଲରୁ କେଉଁଆଡେ ଚାଲିଯାଇଛନ୍ତି। ଯଦି କୌଣସି ବ୍ୟକ୍ତି ତାଙ୍କ ଖବର ପାଆନ୍ତି। ତେବେ ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ। ନାମ- **ଶୁଭାଶିଷ ପାଇକରାୟ**, ପି- ବୁଧିନାଥ ପାଇକରାୟ, ଗ୍ରାମ- ମେଳାନ୍ଧ, ପୋ- ଚମ୍ପତିପୁର, ଥାନା- ଇଟାମାଟି, ନୟାଗଡ଼। Mob: 9938418641, 9437107711, 9437232611. D-8307

## Birthday Wish



**Laxmi Priya**

May God bless you and all your Birthday wishes come true. Best Wishes from: Sasu, Sasura, Bapa, Bou, Bicky Bhai, Biswajit, Sonu, Runu, Minu, Pupi, Kiyan, Reyansh, Gudunu, Ranjit & Bada Bhai, Bada Bhauja. D-63203

## 1st Birthday Wish



**(Anny)**

**M M Tanisha**

**D/o- Gayadhar Behera**

Ghara Bhanja Kolha, Koilipur, Rajkanika, Kendrapara D-8393

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ସମ୍ପତ୍ତି ତାଲିକା ...

କେଉଁ ଥାନା ଅଧିକାରୀ, ଏସ୍‌ପି, ଡିଏସ୍‌ପି ଓଡିଶା ସରକାରଙ୍କ ରୁଲ୍ ଅନୁସାରେ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି, ସେମାନଙ୍କ ତାଲିକା ଦେବା ସହ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ତଥ୍ୟ ଲୋଡ଼ିଥିଲେ। ଗୃହ ବିଭାଗ ନିକଟରେ ଏହି ତଥ୍ୟ ନ ଥିବା କୁହାଯାଇ ସେହିମାସ ୨୮ ତାରିଖରେ ଡିଜି ଅଫିସକୁ ଆବେଦନକୁ ପଠାଇ ଦିଆଯାଇଥିଲା। ଡିଜି ଅଫିସ ପକ୍ଷରୁ ଆବେଦନକାରୀଙ୍କୁ ଚିଠି ନମ୍ବର ୩୨୬୫୮ରେ କୁହାଯାଇଥିଲା ଯେ, ଥାନା ଅଧିକାରୀ ଓ ଅନ୍ୟ ପୋଲିସ ଅଫିସରଙ୍କ ସମ୍ପତ୍ତି ତାଲିକା ମେଣ୍ଟେନ କରାଯାଉଛି। ପୋଲିସ ଅଧିକାରୀମାନେ ସେମାନଙ୍କ ସମ୍ପତ୍ତି ତାଲିକା ରାଜ୍ୟ ପୋଲିସ ମୁଖ୍ୟାଳୟରେ ଦାଖଲ କରୁଛନ୍ତି। କିନ୍ତୁ ମୁଖ୍ୟାଳୟରେ ସମ୍ପତ୍ତି ତାଲିକା ଦାଖଲ କରୁ ନ ଥିବା ଅଧିକାରୀଙ୍କ ତାଲିକା ନାହିଁ। ଏହାସହ ୨୦୧୬ରୁ ଅନ୍‌ଲାଇନରେ ଏସବୁ କାର୍ଯ୍ୟ କରାଯାଉଥିବା ଚିଠିରେ ଦର୍ଶାଯାଇଥିଲା।

ଚିଠିରୁ ସ୍ପଷ୍ଟ ହେଉଛି ଯେ, ଗୃହବିଭାଗ ଓ ପୋଲିସ ମୁଖ୍ୟାଳୟ ମଧ୍ୟରେ ସମନ୍ୱୟର ଅଭାବ ରହୁଛି। ଅନ୍ୟପଟେ ସମ୍ପତ୍ତି ତାଲିକା ଦେଉ ନ ଥିବା ଅଧିକାରୀଙ୍କ ବିଷୟରେ ପୋଲିସ ମୁଖ୍ୟାଳୟ ତଥ୍ୟ ଲୁଚାଉଛି। ନିୟମ ଉଲ୍ଲଂଘନ କରୁଥିବା ପୋଲିସ ଅଧିକାରୀଙ୍କୁ ଘଣ୍ଟ ଘୋଡାଇ ରଖାଯାଉଥିବା ଅଭିଯୋଗ ହେଉଛି, ଯାହାଫଳରେ ଦୁର୍ନୀତିରେ ବୁଡ଼ି ରହିବା ପାଇଁ ସେମାନଙ୍କୁ ସୁଯୋଗ ମିଳୁଛି। ବିଭିନ୍ନ ସମୟରେ ଥାନା ଅଧିକାରୀମାନେ ଲାଞ୍ଚ ନେଇ ଗିରଫ ହେବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ।

ପୂର୍ବରୁ ଧଉଳି ଥାନା ଅଧିକାରୀ ଦେବୀ ପ୍ରସାଦ ଦାଶ, ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତି ଏବଂ ଉତ୍ତର ଫାଣ୍ଡିର ଦୁଇଜଣ ପୋଲିସ ଅଫିସର ଲାଞ୍ଚ ନେବା ସମୟରେ ଗିରଫ ହୋଇଛନ୍ତି। ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳକୁ ହିସାବକୁ ନେଲେ ଏଭଳି ଅଧିକାରୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହେବ। ଯଦି ପୋଲିସ ଅଧିକାରୀମାନେ ସମ୍ପତ୍ତି ତାଲିକା ଠିକ୍ ଭାବେ ଦାଖଲ କରନ୍ତେ, ତେବେ ସେମାନେ ଲାଞ୍ଚ ନେବାକୁ ଭୟ କରନ୍ତେ। ପୋଲିସ ଅଫିସରମାନଙ୍କୁ ସ୍ୱଚ୍ଛ ରଖିବା ପାଇଁ ସମ୍ପତ୍ତି ତାଲିକା ଦାଖଲ କରିବାକୁ ଉପରିସ୍ଥ ଅଧିକାରୀମାନେ ତାଗିଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ସୂଚନା ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ନିଜ ନିଜ ସମ୍ପତ୍ତି ତାଲିକା ଦେଉଥିବାବେଳେ ପୋଲିସ ବାବୁମାନେ ଦାଖଲ ନ କରିବା ଦୁର୍ଭାଗ୍ୟଜନକ। ଏଭଳି ଲାଞ୍ଚଖୋର ଅଧିକାରୀମାନଙ୍କ ନାମ ଡିଜି ଅଫିସ ଲୁଚାଉଛି। ମୋ ଆବେଦନ ଉପରେ ତଥ୍ୟ ଦିଆଯାଇ ନ ଥିବାରୁ ଏ ସମ୍ପର୍କରେ ମୁଁ କୋର୍ଟଙ୍କ ଦ୍ୱାରସ୍ଥ ହେବି ବୋଲି କାନୁନ୍‌ଗୋ କହିଛନ୍ତି।

ଏ ନେଇ ପୂର୍ବତନ ପୋଲିସ ଡିଜି ବିପିନି ବିହାରୀ ମିଶ୍ର କହିଛନ୍ତି, ସମ୍ପତ୍ତି ତାଲିକା ଦେବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱ। ଅନେକେ ଏହାକୁ ଠିକ୍ ଭାବେ ସମ୍ପନ୍ନ କରନ୍ତି ନାହିଁ। ଗତବର୍ଷ ଏକ ଅଭିଯୋଗ ଆସିଥିଲା ଯେ, କେତେଜଣ ଆଇପିଏସ୍ ଏବଂ ଆଇଏଏସ୍ ଅଧିକାରୀ ସମ୍ପତ୍ତି ତାଲିକା ଦେଇ ନ ଥିଲେ। ବର୍ତ୍ତମାନ ଡିଜି ଅଫିସରେ କୌଣସି ପୋଲିସ ଅଧିକାରୀ ସମ୍ପତ୍ତି ତାଲିକା ଦାଖଲ କରୁ ନ ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

ଡିଜିପି ଦାୟିତ୍ୱରେ ଥିବା କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟଙ୍କୁ ଏ ସଂକ୍ରାନ୍ତରେ ପଚାରିବାରେ ସେ କହିଲେ, ବର୍ଷକୁ ଥରେ ଥାନା ଅଧିକାରୀ ସମ୍ପତ୍ତି ତାଲିକା ଦେଉଛନ୍ତି। ଯେଉଁମାନେ ଦେଉନାହାନ୍ତି ସେମାନଙ୍କୁ ତାଲିକା ଦାଖଲ କରିବା ଲାଗି ତାଗିଦ କରାଯିବ।

### ବିଧାନସଭାରେ ତେଲ ...

ସରକାରଙ୍କ ଦାୟିତ୍ୱ ଗୃହ ଚଳାଇବା। ହଟ୍ଟଗୋଳ କରି ଗୃହକୁ ବନ୍ଦ କରିବା ଅତ୍ୟନ୍ତ ନିନ୍ଦନୀୟ। ଯିଏ ରକ୍ଷକ ସିଏ ଭକ୍ଷକ। ଆମେ ଗୁହାରି କରିବା କାହାକୁ। ବାଚସ୍ପତି ମଧ୍ୟ ନିର୍ବିକାର। ଶିକ୍ଷକମାନଙ୍କ ସମସ୍ୟା ଆଲୋଚନାକୁ ଚପାଇବା ପାଇଁ ଶାସକ ଦଳ ଚକ୍ରାନ୍ତ କରିଥିଲା। ଶିକ୍ଷକମାନେ ଯାହା ଦାବି କରୁଛନ୍ତି ତାହା ଯଥାର୍ଥ। ସରକାର ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଓଲଟା ଶିକ୍ଷକମାନଙ୍କୁ ଧମକ ଦେଲେଣି। ଅପରାହ୍ନ ୩ଟାରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ନେତା କହିଲେ, ରାଜରାସ୍ତାରେ ଶିକ୍ଷକ। ଓକିଲମାନେ ଆନ୍ଦୋଳନ ଚଳାଇଛନ୍ତି। ନ୍ୟାୟ ପାଇବାରୁ ସାଧାରଣ ଲୋକେ ବଞ୍ଚିତ ହୋଇଛନ୍ତି। ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏ ନେଇ ସରକାର ଗୃହରେ ବିବୃତି ଦିଅନ୍ତୁ। ପୋଲିସ ଓକିଲଙ୍କୁ ଦୁର୍ବ୍ୟବହାର କରିଛି। ହେଲେ ଏପର୍ଯ୍ୟନ୍ତ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଅଣ୍ଡା ପିଙ୍ଗିଲେ ୩୦୭ ଦଫାରେ ଗିରଫ କରାଯାଉଛି। ପୋଲିସ ନିଜେ ଅଭିଯୁକ୍ତ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଅନ୍ୟ ପଟେ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ନେଇ ଓକିଲମାନେ ଆନ୍ଦୋଳନ କରୁଛନ୍ତି। ଓକିଲମାନେ କୋର୍ଟ ବନ୍ଦ ନ କରି ଅନ୍ୟ ତରିକାରେ ମଧ୍ୟ ପ୍ରତିବାଦ କରିପାରିବେ ବୋଲି ନରସିଂହ କହିଛନ୍ତି। ବିଭିନ୍ନ ଦାବିରେ ହଜାର ହଜାର ଶିକ୍ଷକ ଆନ୍ଦୋଳନରେ ବସିଛନ୍ତି। ପ୍ରତିକୂଳ ପାଗ ସତ୍ତ୍ୱେ ସେମାନେ ଆନ୍ଦୋଳନ ଚଳାଇଛନ୍ତି। ଶିକ୍ଷକ ନ ଥିବାରୁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଲାଣି। ଶିକ୍ଷକ ଏବଂ ଆଇନଜୀବୀଙ୍କ ଆନ୍ଦୋଳନ ନେଇ ସରକାର କି ପଦକ୍ଷେପ ନେଇଛନ୍ତି ସେ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଛନ୍ତି। ତୈଳ ଦର ବୃଦ୍ଧିକୁ ନେଇ ବିଜେଡି କରିଥିବା ହଟ୍ଟଗୋଳ ସମ୍ପର୍କରେ ଉଲ୍ଲେଖ କରି ନରସିଂହ କହିଲେ ଯେ, ପ୍ରଥମ ଦିନ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇଥିଲା। କିନ୍ତୁ ଶାସକ ଦଳ ବିଧାୟକମାନେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଆସନ୍ତା ୧୦ ତାରିଖରେ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯିବ। ସେଦିନ ଗୃହକୁ ୩ଟା ଯାଏ ମୁଲତବୀ କରାଯିବ କି ବୋଲି ସେ ପ୍ରଶ୍ନ କରିଥିଲେ। ଶାସକ ଦଳ ମୁଖ୍ୟ ସଚେତକ ଅମର ଶତପଥୀ କହିଲେ, ତୈଳ ଦର ବୃଦ୍ଧିକୁ ବିଜେଡି ବିରୋଧ କରୁଛି। ଅତୀତରେ ମଧ୍ୟ ଆନ୍ଦୋଳନ କରାଯାଇଛି। ବିଜେଡି ଓ ଅନ୍ୟ ଛାମୁଆ ସଂଗଠନ ତୈଳ ଦର ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନ କରିଥିଲେ। କେବଳ ବିଜେଡି ବିଧାୟକ ନୁହନ୍ତି ବିରୋଧୀ ମଧ୍ୟ ଗୃହରେ ହଟ୍ଟଗୋଳ କରିଥିଲେ ବୋଲି ଅମର କହିଥିଲେ। ବିରୋଧୀ ସଭ୍ୟମାନେ ହଟ୍ଟଗୋଳ କରିବାରୁ ବାଚସ୍ପତି ଗୃହକୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଜଗନ୍ନାଥ ପ୍ରସାଦ ଜେନା**

ମା ଭଗବତୀ ଲଜ୍
ଅଶୋକ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୧।୦୮।୧୯୫୮
(ରଥଯାତ୍ରା)
ତିରୋଧାନ: ୧୫।୦୯।୨୦୧୨

ଆପଣଙ୍କର ଅମରାତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଚିର ଶାନ୍ତି ଲାଭ କରୁ, ଏହାହିଁ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ସୁରେଖା ଜେନା, ଦୁଇଝିଅ- ଟିନା, ମିନା ଓ ପରିବାରବର୍ଗ। ଧ-୬୩୮୩୭

### ୧୧ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଭାଗବତ ପ୍ରସାଦ ପାତ୍ର**

ଅବସରପ୍ରାପ୍ତ ପ୍ରଫେସର
ଭୂତତ୍ତ୍ୱ ବିଭାଗ, ବାଣୀବିହାର
ଆବିର୍ଭାବ: ୧୧।୧୨।୧୯୪୨
ତିରୋଧାନ: ୧୦।୦୯।୨୦୦୭
ମିଳନ ପାରାଡାଇଜ, ଶୈଳଶ୍ରୀ ବିହାର, ଭୁବନେଶ୍ୱର

ଆପଣ ଆରପାରିକୁ ଚାଲିଯିବା ଆଜକୁ ୧୧ ବର୍ଷ ବିତିଲାଣି। ଆପଣଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଛି ସତ ହେଲେ ଆଜି ବି ଆପଣ ଆମ୍ଭମାନଙ୍କ ମଧ୍ୟରେ ସଜୀବ ଅଛନ୍ତି। ଏହି ପବିତ୍ର ତିଥିରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର ପକ୍ଷରୁ ଭକ୍ତିପୂତ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ-୫୬୧୪୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଽ ରମେଶ ଚନ୍ଦ୍ର ସାମନ୍ତରାୟ**

DIRECTOR, State Jawahar Balbhavan, Bhubaneswar, Odisha
FOUNDER, D. P. Model Public School, Bhubaneswar, Odisha

ତିରୋଧାନ : ୨୦.୦୮.୨୦୧୭

ଚାହୁଁ ଚାହୁଁ ଏକ ବର୍ଷ ହୋଇଗଲା, ଆପଣ ଆମମାନଙ୍କୁ ଶୋକରେ ଭସାଇ ଦେଇ ଚାଲିଗଲେ। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ମାନଙ୍କ ମନଭିତରେ ସର୍ବଦା ପ୍ରତିଫଳିତ ହେଉ। ଆପଣଙ୍କର ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ।

ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ- ବନ୍ଧୁ ଓ ପରିବାର ବର୍ଗ। ଧ-୮୩୧୧

### ରତ୍ନଭଣ୍ଡାର ଚାବି ହଜିବା ଘଟଣା

## କମିଶନଙ୍କ କାର୍ଯ୍ୟକାଳ ୩ ମାସ ବୃଦ୍ଧି

କଟକ ଅଫିସ, ୭।୯

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ରଘୁବୀର ଦାସ କମିଶନଙ୍କ କାର୍ଯ୍ୟକାଳକୁ ସରକାର ୩ ମାସ ବୃଦ୍ଧି କରିଛନ୍ତି। ଜୁନ ୮ ତାରିଖରେ ଏହି କମିଶନ ଗଠନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କମିଶନଙ୍କ କାର୍ଯ୍ୟକାଳ ୩ ମାସ ରଖାଯାଇଥିଲା। ତେବେ ଶୁକ୍ରବାର କମିଶନଙ୍କ ୩ ମାସ ଅବଧି ପୂରୁଥିବାରୁ ଏହାକୁ ଆଉ ୩ ମାସ ବୃଦ୍ଧି କରାଯାଇଛି। ଏ ନେଇ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଚାବି ହଜିବା ଘଟଣାରେ କମିଶନଙ୍କ ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନକୁ ନୋଟିସ ଜାରି କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ରାଜ୍ୟ ସରକାର ନିଜର ପକ୍ଷ ରଖି ସାକ୍ଷ୍ୟ ଦେବାକୁ ମନା କରିଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମସ୍ଥାନ ପ୍ରତି ଚାରୋଟି ଗ୍ରହର ସମ୍ବନ୍ଧ କାରଣରୁ ଅଫିସରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ସମ୍ପର୍କୀୟ ଆପଣଙ୍କୁ ଅଣଦେଖା କରିପାରନ୍ତି।

**ବୃଷ** ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। କଳା, ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟାର ସମାଧାନ ହୋଇଯିବ। ସଭାସମିତି, ଆନୁଷ୍ଠାନିକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି କମ୍‌ଜୋର୍ ରହିବାର ସୂଚନା ରହିଛି।

**ମିଥୁନ** ସମ୍ପର୍କୀୟଙ୍କ ସହାୟତାରେ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ। ବିବାଦୀୟ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପରିବାରରେ ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରି ଉଚିତ ପଦେକ୍ଷପ ନିଅନ୍ତୁ। ପାଖରେ ପାଇ ପାରୁ ନ ଥିବା ଫାଇଲ୍ ପତ୍ର କିମ୍ବା କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** ଚନ୍ଦ୍ର ଓ ମଙ୍ଗଳଙ୍କ ଦୃଷ୍ଟିଭେଦରୁ ସବୁ କାମ ସମ୍ପନ୍ନ ହେବାରେ କୌଣସି ଅସୁବିଧା ହେବ ନାହିଁ। ବାଣିଜ୍ୟ, ବ୍ୟବସାୟରେ ଲାଭବାନ ହେବେ, ମାତ୍ର ଆଶାନୁରୂପ ନ ହୋଇପାରେ। ଆଲୋଚନା ପରିସରରେ ନ୍ୟାୟୋଚିତ ପରାମର୍ଶ ଦେଇ ପ୍ରଶଂସିତ ହେବେ। ନିର୍ମାଣ, ବାଣିଜ୍ୟ ତଥା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ସିଂହ** ଆପଣ ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ପାଇବା ଦୁଷ୍କର ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** କର୍ମସ୍ଥାନ ପାପଗ୍ରହ ଦୃଷ୍ଟ ହେତୁ ପ୍ରତ୍ୟେକ କାର୍ଯ୍ୟ ବିବାଦୀୟ ହେବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇପାରେ। ଶୁକ୍ରଙ୍କ ଶୁଭ ସମ୍ବନ୍ଧରୁ ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, କାରଣ କୌଣସି କାରଣ ନ ଥାଇ ଅନ୍ୟମାନେ ଆପଣଙ୍କୁ ଦୋଷ ଦେଇପାରନ୍ତି।

**ତୁଳା** ପରିବାରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅବଶ୍ୟ ଏହି ଦିଗରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ ସହଯୋଗ ଅବଶ୍ୟ କରିବେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ, ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଶୁକ୍ର ଦ୍ୱାଦଶରେ ଅବସ୍ଥାନ କରିଥିବାରୁ ଆଜିର ପ୍ରତ୍ୟୁଷ ଯାତ୍ରା ମନକୁ ଆହ୍ଲାଦିତ କରିବ। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯାଇପାରେ। ଆନୁଷ୍ଠାନିକ କାମରେ ସାହସିକତା ପ୍ରଦର୍ଶନ କରି ଉଚ୍ଚପ୍ରଶଂସିତ ହେବେ। କଳା, କ୍ରୀଡା, ସଙ୍ଗୀତ, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ସୁନାମ ଅର୍ଜନ କରିବେ।

**ଧନୁ** ଶାରୀରିକ ସୁସ୍ଥତା ମାନସିକ ଶାନ୍ତିର କାରଣ ହେବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ ଘଟଣା, ପରିବହନ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯଥାସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର** କର୍ମକ୍ଳାନ୍ତି ଜନିତ ସାମାନ୍ୟ ଅସୁସ୍ଥତା ଜନିତ କାରଣରୁ ମନଟା ଭଲ ଲାଗିବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ପୂର୍ବ ଶତ୍ରୁତାରେ ମନ ବିଚଳିତ ରହିପାରେ।

**କୁମ୍ଭ** କାମଗୁଡିକ ପୂର୍ଣ୍ଣାଙ୍ଗ କରିବା ସକାଶେ ଅନ୍ୟମାନଙ୍କ ସାହାଯ୍ୟର ଆବଶ୍ୟକତା ଅନୁଭବ କରିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ନିକଟ ସମ୍ପର୍କୀୟମାନଙ୍କ ସହାୟତା ନେବାକୁ ପଡିପାରେ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଦୂରଯାତ୍ରା କରିବାକୁ ପଡ଼ିପାରେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ବାଧ୍ୟବାଧକତାବଶତଃ ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ କାମରେ ବାହାରକୁ ଯିବାକୁ ପଡିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବନାହିଁ।

ଆଜି ଭାଦ୍ରବ କୃଷ୍ଣପକ୍ଷର ଅଘୋର ଚତୁର୍ଦ୍ଦଶୀ ଶନିବାର, ଶ୍ରୀମନ୍ଦିରରେ କୃଷ୍ଣବଳରାମ ବେଶ, ସାତପୁରୀ ତାଡ ବିଜେ, ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ରାଶି ନକ୍ଷତ୍ର-ଦିବା ଘ୧୧।୧୧ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୮ମି. ଗତେ ଘ୧୨।୨୮ମି. ମଧ୍ୟେ, ଘ୩।୦୦ମି. ଗତେ ଘ୪।୩୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୩ମି. ଗତେ ଘ୮।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୮।୪୦ମି. ଗତେ ଘ୧୦।୧୨ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୮ ସେପ୍ଟେମ୍ବର, ୨୦୧୮

ଭାଜପାର ଦୁଇଦିନିଆ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଶନିବାର ଆରମ୍ଭ ହେବ । ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଉଦ୍‌ଘାଟନୀ ଅଭିଭାଷଣ ପରେ ମୋଦି ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ନେଇ ଏଥିରେ ଆଲୋଚନା ହେବ।








# ପାର୍ବତୀ ଗିରି ଉଠା ଜଳସେଚନ ଯୋଜନାର ଶୁଭାରମ୍ଭ ଆଜି

**ଭୁବନେଶ୍ୱର, ୭।୯ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାର୍ବତୀ ଗିରି ବୃହତ ଉଠାଜଳସେଚନ ପ୍ରକଳ୍ପର ଶୁଭାରମ୍ଭ ଶନିବାର କରିବେ। ପୂର୍ବାହ୍ନ ୧୧ଟା ୩୦ରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହା କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ଏହି ଯୋଜନା ମାଧ୍ୟମରେ ୧୯୯ଟି ବୃହତ ଉଠାଜଳସେଚନ ପ୍ରକଳ୍ପ ଜରିଆରେ ୩ ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚନ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। ଆରମ୍ଭ କରାଯାଇଥିବା ୧୭୦ଟି ପ୍ରକଳ୍ପ ମଧ୍ୟରୁ ୪୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇ ୯ଟି ଜିଲାରେ ୫୦,୦୦୦ ହେକ୍ଟରରୁ ଅଧିକ ଅତିରିକ୍ତ ଜଳସେଚନ ସୁବିଧା କରାଯାଇଥିବା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ବିଜ୍ଞାପନରେ କୁହାଯାଇଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଅତିରିକ୍ତ ୯୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ୧ ଲକ୍ଷ ହେକ୍ଟରରୁ ଅଧିକ ଚାଷଜମିକୁ ଜଳସେଚନ ସୁବିଧା ଦିଆଯିବ ବୋଲି କୁହାଯାଇଛି।




## ■ ୨୩ ଦିନରେ ମିଳିତ ମଞ୍ଚର ଅହୋରାତ୍ର ଆନ୍ଦୋଳନ

# ୬ହଜାର ସ୍କୁଲ, କଲେଜରେ ପାଠପଢ଼ା ଠପ୍

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଅହୋରାତ୍ର ଆନ୍ଦୋଳନ ଶୁକ୍ରବାର ୨୩ ଦିନରେ ପହଞ୍ଚିଛି। ଏଥିରେ ହଜାର ହଜାର ଶିକ୍ଷକ ଏବଂ ଅଧ୍ୟାପକ ସାମିଲ ହୋଇଛନ୍ତି। ଫଳରେ ରାଜ୍ୟର ୬ହଜାର ସ୍କୁଲ, କଲେଜରେ ପାଠପଢ଼ା ଠପ୍ ହୋଇଯାଇଛି। ଏହାସତ୍ତ୍ୱେ ସରକାରୀ ସ୍ତରରେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ପଞ୍ଚାୟତ ସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ସବୁ ସ୍ଥାନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମିଳିତ ମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସନ୍ଧ୍ୟାରେ ମିଳିତ ମଞ୍ଚର ଏକ ଜରୁରୀ ବୈଠକ ବସିଥିଲା। ପଞ୍ଚାୟତରୁ ରାଜଧାନୀ ପର୍ଯ୍ୟନ୍ତ ଯେପରି ଆନ୍ଦୋଳନ କରିବାକୁ ପୂର୍ବରୁ ନିର୍ଦ୍ଧାରଣ କରାଯାଇଥିଲା ତାହାକୁ ବ୍ଲକ ଓ ଜିଲା ଷ୍ଟିୟରିଂ କମିଟି କଡ଼ାକଡ଼ି ପାଳନ କରିବାକୁ ଏଥିରେ ନିଷ୍ପତ୍ତି ହୋଇଛି। ସରକାର ବନ୍ଦ ରହିଥିବା ସ୍କୁଲ, କଲେଜକୁ ଖୋଲିବାର କୌଣସି ଅପକୌଶଳ ପ୍ରୟୋଗ କଲେ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା ପାଇଁ ୧୧ ତାରିଖରୁ ମିଳିତମଞ୍ଚ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ର ଓ ଅଭିଭାବକଙ୍କୁ ନେଇ ଯୋଜନା ଆରମ୍ଭ କରିବ। ଏଥିରେ ରାଜ୍ୟର ସାମଗ୍ରିକ ଶିକ୍ଷା ବ୍ୟବସ୍ଥାକୁ ଠପ୍ କରିଦିଆଯିବ ବୋଲି ମିଳିତମଞ୍ଚ ସଭାପତି ପ୍ରକାଶ ଚନ୍ଦ୍ର ଜେନା କହିଛନ୍ତି। ତେବେ ଆସନ୍ତା ସୋମବାର ରାଜ୍ୟ ସରକାର ଶିକ୍ଷକଙ୍କ ଦାବି ସମ୍ପର୍କରେ ଆଲୋଚନା କରିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।



ଧାରଣାସ୍ଥଳରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷକଙ୍କୁ ଅବହେଳା କରାଯାଉଥିବା ନେଇ ସରକାରଙ୍କୁ ସମାଲୋଚନା କରୁଛନ୍ତି।

### ■ ଧାରଣାସ୍ଥଳରେ ଶିକ୍ଷକଙ୍କୁ ଭେଟିଲେ ଧର୍ମେନ୍ଦ୍ର
### ■ ସୋମବାର ହୋଇପାରେ ଆଲୋଚନା

ଅନ୍ୟପଟେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଧାରଣାସ୍ଥଳକୁ ଯାଇ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ ଶିକ୍ଷକଙ୍କ ଦାବିକୁ ମାନିନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ମନ୍ତ୍ରୀ ଶିକ୍ଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ଏହି ଆନ୍ଦୋଳନ କେବଳ ଶିକ୍ଷକଙ୍କ ଦରମା ସହିତ ସଂଶ୍ଳିଷ୍ଟ ନୁହେଁ, ବରଂ ୩୦ରୁ ୩୫ଲକ୍ଷ ସାଧାରଣ ଓଡ଼ିଆ ଘରର ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ। ଯଦି ଥରେ ଅଗଷ୍ଟ ଓ ସେପ୍ଟେମ୍ବରରେ ପିଲାଙ୍କ ପାଠପଢ଼ା ବ୍ୟାହତ ହେବ, ତେବେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ। ରାଜ୍ୟ ସରକାର ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଭାଙ୍ଗି ଆମ ଗାଁ-ଆମ ବିକାଶ ନାଁରେ ୧୨୦୦ କୋଟି ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଜିତିବାକୁ ଚାହୁଁଛନ୍ତି। ୪୫୦ କୋଟି ଟଙ୍କା ଖର୍ଚ୍ଚ କରି ବିଜୁ ଯୁବ ବାହିନୀ ନାଁରେ ଦଳୀୟ କର୍ମୀଙ୍କ ପକେଟ୍‌ରେ ଟଙ୍କା ଦେବାପାଇଁ ଚାହୁଁଛନ୍ତି। କିନ୍ତୁ ଶିକ୍ଷକମାନଙ୍କୁ ଦରମା ଦେବା ବାବଦରେ ୭୦୦/୮୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ କାହିଁକି କୁଣ୍ଠିତ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ତେଲ ଦର ବୃଦ୍ଧିକୁ ପ୍ରତିବାଦ କରି ବିଜେଡି ଆନ୍ଦୋଳନ କରୁଥିବା ବେଳେ ୨୦୧୪ରେ ରାଜ୍ୟ ସରକାର ତେଲରୁ ଟିକସ ୩ ହଜାର କୋଟି ଟଙ୍କା ପାଇଛନ୍ତି। ୨୦୧୮ରେ ଏହା ୭ ହଜାର କୋଟିରେ ପହଞ୍ଚିଛି। ତେଲରୁ ଏତେ ଟିକସ ନେବା ପରେ ମଧ୍ୟ ଏଥିରୁ ୭୦୦/୮୦୦ କୋଟି ଟଙ୍କା ଶିକ୍ଷକଙ୍କୁ ଦରମା ଦେବାକୁ ସରକାର କୁଣ୍ଠାବୋଧ କରନ୍ତୁ ନାହିଁ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ ଜଣାଇଛନ୍ତି। ଅନ୍ୟପଟେ ଧର୍ମେନ୍ଦ୍ର ନିଜ ବିଭାଗ ଛାଡ଼ି ଅନ୍ୟଥିରେ ମୁଣ୍ଡ ପୂରାଉଥିବା ନେଇ ବିଜେଡି ଅଭିଯୋଗ କରିବା ସମ୍ପର୍କରେ ଖବରଦାତାମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟ ଶାସକ ଦଳର ଏପରି ଆପତ୍ତି ସେମାନଙ୍କର ଅହଂକାର। ଓଡ଼ିଶାର ସବୁବର୍ଗର ଲୋକଙ୍କ ସମସ୍ୟା ବିଜେଡିର ଏକଚାଟିଆ ଅଧିକାର ନୁହେଁ। ରାଜ୍ୟର ଶାସକ ଦଳ ଓଡ଼ିଶାକୁ ସେମାନଙ୍କ ଜାଗିର ଭାବୁଥିବାରୁ ଏପରି ଅଭିଯୋଗ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ବିହାରରେ ପିଲାଚୋରି ଅଭିଯୋଗ

# ତିନିଜଣଙ୍କୁ ପିଟି ହତ୍ୟା

**ବେଗୁସରାଇ,୭।୯(ପି.ଟି.)**

ପିଲାଚୋରି ଅଭିଯୋଗରେ ପୁଣି ଭିଡ଼ହିଂସାର ଶିକାର ହେଲା ୩ ଜୀବନ। ବିହାରର ବେଗୁସରାଇ ଅଞ୍ଚଳରେ ଜଣେ ୧୧ ବର୍ଷୀୟା ବାଳିକାଙ୍କୁ ଅପହରଣ କରି ନେଇ ଯାଉଥିବା ୩ ଜଣଙ୍କୁ ଲୋକେ ପିଟି ହତ୍ୟା କରିଛନ୍ତି। ବେଗୁସରାଇ ଏସ୍‌ପି ଆଦିତ୍ୟ କୁମାରଙ୍କ ସୂଚନା ମୁତାବକ ଜିଲାର ନାରାୟଣୀପୁର ଗ୍ରାମରେ ଶୁକ୍ରବାର ଅସ୍ତ୍ରଶସ୍ତ୍ର ସହ ୩ ଦୁର୍ବୃତ୍ତ ସ୍କୁଲ ଭିତରକୁ ପ୍ରବେଶ କରିଥିଲେ। ସ୍କୁଲର ଜଣେ ୧୧ ବର୍ଷୀୟା ବାଳିକାଙ୍କୁ ଅପହରଣ କରି ନେଇଯାଉଥିଲେ। ସ୍କୁଲର ଜଣେ ଶିକ୍ଷକ ପିଲାଟିକୁ ରକ୍ଷା କରିବାକୁ ଚେଷ୍ଟା କରୁଥିବାବେଳେ ଗୁଳିମାଡ଼ କରିବା ଲାଗି ଦୁର୍ବୃତ୍ତମାନେ ଧମକ ଦେଇଥିଲେ। ଏହାପରେ ସ୍କୁଲର ଅନ୍ୟ ପିଲାମାନେ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେବାରେ ସମର୍ଥ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ଅସ୍ତ୍ରଶସ୍ତ୍ର, ଲାଠି, ଟେକାପଥର ଧରି ଲୋକେ ଅଭିଯୁକ୍ତଙ୍କ ଉପରକୁ ଆକ୍ରମଣ କରିଥିଲେ। ଗୋଷ୍ଠୀବଦ୍ଧ ଆକ୍ରମଣ ଯୋଗୁ ଘଟଣାସ୍ଥଳରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଡାକ୍ତରଖାନା ନେବା ବାଟରେ ଆଉ ଦୁଇ ଜଣ ପ୍ରାଣ ହରାଇଥିଲେ ବୋଲି ଏସ୍‌ପି କହିଛନ୍ତି। ଏକ ମାମଲା ଦାଏର କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଆଇନକୁ ହାତମୁଠାକୁ ନେଇଥିବା ଲୋକଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।



ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭବ। -ଶ୍ରୀମା



# ସରକାର-କର୍ମୀ ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆରଟିଆଇ ଆଇନରେ ପ୍ରସ୍ତାବିତ ପରିବର୍ତ୍ତନକୁ ନେଇ ବିବାଦ ଚାଲିଥିବା ବେଳେ କେନ୍ଦ୍ର ସରକାର କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି)ରେ ଖାଲିଥିବା ସୂଚନା ଆୟୁକ୍ତ ପଦଗୁଡ଼ିକ ପୂରଣ କରିବା ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରିଛନ୍ତି। ବର୍ତ୍ତମାନ ସିଆଇସିରେ ୧୦ ସୂଚନା ଆୟୁକ୍ତ ସ୍ଥାନରେ ୬ ଜଣ କାମ କରୁଛନ୍ତି। ଚିଫ୍ ଇନ୍‌ଫର୍ମେଶନ୍ କମିଶନର ଆର୍.କେ. ମାଥୁର ସିଆଇସିର ମୁଖ୍ୟ ଅଛନ୍ତି। ଆରଟିଆଇ ଆଇନରେ ପ୍ରସ୍ତାବିତ ପରିବର୍ତ୍ତନକୁ ନେଇ ଅନେକ ସୂଚନା ଅଧିକାର କର୍ମୀ ଓ ସରକାରଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। କର୍ମୀମାନେ ଦାବି କରୁଛନ୍ତି ଯେ, ଏହି ପରିବର୍ତ୍ତନ ଆଇନକୁ ଦୁର୍ବଳ କରିଦେବ। ପ୍ରସ୍ତାବ ଅନୁସାରେ, ମୁଖ୍ୟ ସୂଚନା ଆୟୁକ୍ତ ତଥା ସୂଚନା ଆୟୁକ୍ତମାନଙ୍କୁ ଯେଉଁ ଦରମା, ଭତ୍ତା ଆଦି ଦିଆଯାଉଛି ଏବଂ ସେମାନଙ୍କ ପାଇଁ ଯେଉଁ ଚାକିରି ସର୍ତ୍ତାବଳୀ ରହିଛି, ତାହା କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବେ। କେନ୍ଦ୍ର ତଥା ରାଜ୍ୟଗୁଡ଼ିକରେ ନିଯୁକ୍ତ ସୂଚନା ଆୟୁକ୍ତମାନଙ୍କ କାର୍ଯ୍ୟକାଳ, ଯାହା ଏବେ ପାଞ୍ଚବର୍ଷ ରହିଛି, ତାହା କେନ୍ଦ୍ର ସରକାରଙ୍କ ସ୍ଥିରୀକୃତ ନୀତି ଅନୁସାରେ ପରିବର୍ତ୍ତନ କରାଯିବ। ସୂଚନା ଆୟୁକ୍ତମାନଙ୍କ ଦରମା, ଭତ୍ତା ଓ ଚାକିରି ସର୍ତ୍ତାବଳୀ ଇତ୍ୟାଦି ତାଙ୍କ ନିଯୁକ୍ତି ସମୟରେ ସ୍ଥିର କରାଯିବ। ବର୍ତ୍ତମାନ ଖାଲିଥିବା ସୂଚନା ଆୟୁକ୍ତ ପଦଗୁଡ଼ିକ ପୂରଣ ଲାଗି ଯେଉଁ ବିଜ୍ଞାପନ ଦିଆଯାଇଛି, ସେଥିରେ ସରକାର ତାଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ କରିଛନ୍ତି ଯେ, ଉକ୍ତ ପ୍ରସ୍ତାବିତ ପରିବର୍ତ୍ତନକୁ ସଂସଦରେ ଗୃହୀତ କରିନିଆଯାଇପାରେ।

### କେନ୍ଦ୍ରୀୟ ନିଯୁକ୍ତି ପ୍ରତି ଅନାଗ୍ରହ

କେନ୍ଦ୍ରରେ ନିଯୁକ୍ତି ପାଇବା ଲାଗି ଅନେକ ବାବୁ ଆଉ ପୂର୍ବ ଭଳି ଆଗ୍ରହ ଦେଖାଉ ନାହାନ୍ତି। ୪ ଜଣ କେନ୍ଦ୍ର ଯୁଗ୍ମ ସଚିବସ୍ତରୀୟ ପଦବୀ ଲାଗି ସରକାର ଯେଉଁ ଦରଖାସ୍ତ ଆହ୍ୱାନ କରିଥିଲେ ତା'ର ଶେଷ ତାରିଖକୁ ଅଗଷ୍ଟ ୨୪ ତାରିଖ ଯାଏ ଘୁଞ୍ଚାଇଥିଲେ। ଏହି ପଦବୀଗୁଡ଼ିକ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍, ବୟନ, ବାଣିଜ୍ୟ ଓ ଶିଳ୍ପ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଆସୁଛି। ସରକାର ଯଦିଓ ଶେଷ ତାରିଖ ଘୁଞ୍ଚାଇବାର କାରଣ କିଛି ଉଲ୍ଲେଖ କରିନାହାନ୍ତି, ତଥାପି ବିଶ୍ୱାସ କରାଯାଉଛି ଯେ, ଉପଯୁକ୍ତ ସଂଖ୍ୟକ ଯୋଗ୍ୟ ପ୍ରାର୍ଥୀ ଆବେଦନ କରି ନ ଥିବାରୁ ସରକାର ଏହା ଘୁଞ୍ଚାଇବାକୁ ବାଧ୍ୟ ହୋଇଥିଲେ। ଯେଉଁସବୁ ଯୁଗ୍ମ ସଚିବସ୍ତରୀୟ ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରାଯାଇଛି, ସେଗୁଡ଼ିକ ହେଉଛି ଭାରତର ହସ୍ତଶିଳ୍ପ ଓ ହସ୍ତତନ୍ତ ରପ୍ତାନି ନିଗମ (ଏଚ୍‌ଏଚ୍‌ଇସି), ନୋଇଡ଼ାର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ତୈଳ ଶିଳ୍ପ ଉନ୍ନୟନ ପରିଷଦ (ଓଆଇଡିବି)ର ସଚିବ, କୋଚିନ୍ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ସିଏସ୍‌ଇଜେଡ୍)ର ଉନ୍ନୟନ କମିଶନର ଏବଂ ଭାରତୀୟ ମେଡିକାଲ ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ବରିଷ୍ଠ ଉପମହାନିର୍ଦ୍ଦେଶକ (ପ୍ରଶାସନ), ନୂଆଦିଲ୍ଲୀ। ଅବଶ୍ୟ ସରକାର ପାର୍ଶ୍ୱପ୍ରବେଶ ମାଧ୍ୟମରେ ପବ୍ଲିକ୍ ଓ ଘରୋଇ କ୍ଷେତ୍ରରୁ ୧୦ ଜଣ ବିଶେଷଜ୍ଞଙ୍କୁ ଯୁଗ୍ମ ସଚିବ ପାହ୍ୟାରେ ନିଯୁକ୍ତି ଦେବାକୁ ଆଶା ରଖିଛନ୍ତି।

### ବଦଳିକୁ ନେଇ ଲଢ଼େଇ

ବିହାର କ୍ୟାଡର ଆଇଏଏସ୍ ଅଫିସର ଜିତେନ୍ଦ୍ର ଗୁପ୍ତା ଇଣ୍ଟର-କ୍ୟାଡର ବଦଳି ମାଧ୍ୟମରେ ହରିୟାଣା କ୍ୟାଡରକୁ ଯିବା ପାଇଁ ଯେଉଁ ଆବେଦନ କରିଥିଲେ ତାହା ଏକ ପ୍ରକାର ଲଢ଼େଇର ରୂପ ନେଇଛି। ବିହାରରେ ପରିବହନ ମାଫିଆଙ୍କଠାରୁ ଜୀବନ ପ୍ରତି ବିପଦ ଅଛି ଦର୍ଶାଇ ଗୁପ୍ତା ବଦଳି ପାଇଁ ଯେଉଁ ଆବେଦନ କରିଛନ୍ତି, ତାହା ବିରୋଧରେ ରାଜ୍ୟ ସରକାର ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ଜଣକ ୨୦୧୫ରେ କେତେକ ସଂଗଠିତ ଗ୍ୟାଙ୍ଗ୍ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରିଥିଲେ। ତାହାକୁ ନେଇ ମାଫିଆମାନେ ତାଙ୍କୁ ମାରିଦେବାକୁ ଧମକ ଦେଇଛନ୍ତି ବୋଲି ସେ ଦାବି କରୁଥିବା ବେଳେ ରାଜ୍ୟ ସରକାର ତାହାକୁ ଅଗ୍ରାହ୍ୟ କରିଆସୁଛନ୍ତି। କିନ୍ତୁ ନିକଟରେ ଏକ ଆରଟିଆଇ ଆବେଦନ ମାଧ୍ୟମରେ ବିହାର ପୋଲିସର ଏକ ଆଭ୍ୟନ୍ତରୀଣ ରିପୋର୍ଟ ପଦାକୁ ଆସିଛି, ଯେଉଁଥିରୁ ବାବୁଙ୍କ ଦାବିରେ ସତ୍ୟତା ଥିବା ଜଣାପଡ଼ିଛି। ପୋଲିସ ରିପୋର୍ଟ ଅନୁସାରେ, ଗୁପ୍ତା ମାଫିଆ ଗୋଷ୍ଠୀ ବିରୋଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, ତାହା ଫଳରେ ସେମାନେ ତାଙ୍କୁ ଏକ ମିଥ୍ୟା ଲାଞ୍ଚ ମାମଲାରେ ଫସାଇବା ସହ ମାରିଦେବାକୁ ଧମକ ଦେଇଥିଲେ। ଗୁପ୍ତାଙ୍କ ବିରୋଧରେ ଉକ୍ତ ଲାଞ୍ଚ ମାମଲା ରଦ୍ଦ କରିବାକୁ ଏବଂ ତାଙ୍କ ବିରୋଧରେ ଆରମ୍ଭ ହୋଇଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ପାଇଁ ହାଇକୋର୍ଟ ଯେଉଁ ରାୟ ଦେଇଥିଲେ ତାହା ବିରୋଧରେ ବିହାର ସରକାର ସୁପ୍ରିମ୍‌କୋର୍ଟ ଯାଇଥିଲେ। ବାବୁ ଜଣକ ବର୍ତ୍ତମାନ ପରିବେଶ ଓ ଜଙ୍ଗଲ ବିଭାଗରେ ସ୍ୱତନ୍ତ୍ର ଡ୍ୟୁଟିର ଅଫିସର ଭାବେ ନିୟୋଜିତ ଅଛନ୍ତି। ମାଫିଆଙ୍କ ଧମକ ଓ ରାଜ୍ୟରେ ନାନା ଜଟିଳତା ପରିପ୍ରେକ୍ଷୀରେ ହରିୟାଣାକୁ ଇଣ୍ଟର-କ୍ୟାଡର ବଦଳି ପାଇଁ ଗୁପ୍ତା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ସୁପ୍ରିମ୍‌କୋର୍ଟ ଗୁପ୍ତାଙ୍କ କଥା ବୁଝିବା ଓ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)କୁ ଆଦେଶ ଦେଇଥିଲେ। ଡିଓପିଟି ବଦଳି ପାଇଁ ଅନୁମତି ଦେବା ସହ ହରିୟାଣା ସରକାର ତାଙ୍କର କୌଣସି ଆପତ୍ତି ନାହିଁ ବୋଲି କହିଛନ୍ତି। କିନ୍ତୁ ବିହାର ସରକାର ଏ ବଦଳିକୁ ବିରୋଧ କରି ଆସୁଛନ୍ତି। ବିହାର ଓ କେନ୍ଦ୍ରର ଆଇଏଏସ୍ ଅଫିସର ସଂଘ ଗୁପ୍ତାଙ୍କ ବିରୋଧରେ ରାଜ୍ୟ ପ୍ରଶାସନର ବେଆଇନ କାର୍ଯ୍ୟାନୁଷ୍ଠାନକୁ ଦୃଢ଼ଭାବେ ବିରୋଧ କରିଛନ୍ତି।

Email: dilipcherian@gmail.com

# ପାକିସ୍ତାନ: ସେନା ହାତରେ ସରକାର



ଅରୁଣ କୁମାର ପଣ୍ଡା

ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ନିର୍ବାଚନରେ ବିଜୟ ପରେ ନିଜର ପ୍ରଥମ ଉଦ୍‌ବୋଧନରେ ଚାଇନାର ଯେଉଁଭଳି ପ୍ରଶଂସା କଲେ, ସେଥିରୁ ତାଙ୍କ ଭବିଷ୍ୟତ ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିଛି। ଦେଶବାସୀଙ୍କୁ ଉଦ୍‌ବୋଧନ ଦେବାବେଳେ ସେ କହିଲେ ଯେ, ଚାଇନାଠାରୁ ଆମକୁ ଅନେକ କିଛି ଶିଖିବାର ଅଛି। ବିଶେଷକରି ଦେଶର ବିକାଶ କିପରି କରାଯାଏ ତାହା ଆମକୁ ଆମର ପ୍ରିୟ ବନ୍ଧୁରାଷ୍ଟ୍ର ଚାଇନାଠାରୁ ଶିଖିବାକୁ ପଡ଼ିବ। ଚାଇନା ହିଁ ହେଉଛି ପାକିସ୍ତାନୀ ସେନାବଳର ପ୍ରେରଣା ସ୍ରୋତ।

କ୍ରିକେଟ ମଇଦାନରୁ ରାଜନୀତିକୁ ଓହ୍ଲାଇ ଉଭୟ କ୍ଷେତ୍ରରେ ସଫଳ ହୋଇଥିବା ଇମ୍ରାନଙ୍କ ଦଳ ପାକିସ୍ତାନର ଗତ ଜାତୀୟ ନିର୍ବାଚନରେ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା। ଇମ୍ରାନଙ୍କ ତେହେରିକ୍-ଏ-ଇନ୍‌ସାଫ ପାକିସ୍ତାନ କେନ୍ଦ୍ରୀୟ ବିଧାନସଭାରେ ୧୧୬ଟି ଆସନ ଅକ୍ତିଆର କରିଥିଲା। ବିଜୟ ପରେ ଦେଶବାସୀଙ୍କୁ ସମ୍ବୋଧନ କରି ସେ କହିଥିଲେ, ମୁଁ ପାକିସ୍ତାନକୁ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସ୍ୱପ୍ନର ଦେଶ କରିବାକୁ ଚାହୁଁଛି। ନିର୍ବାଚନ ପର ପ୍ରଥମ ଭାଷଣରେ ଇମ୍ରାନ ଦାରିଦ୍ର୍ୟ ଓ ଭ୍ରଷ୍ଟାଚାର ଦୂରୀକରଣ ଉପରେ ଜୋର୍ ଦେଇଥିବା ବେଳେ ବିଦେଶ ନୀତି ସମ୍ପର୍କରେ ମଧ୍ୟ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଭାରତୀୟ ଗଣମାଧ୍ୟମ ତାଙ୍କୁ ଗବ୍ବର ସିଂହ ସହ ତୁଳନା କରିଥିବାରୁ ସେ ନେଇ ନିଜର ଅସନ୍ତୋଷ ପ୍ରକାଶ କରି କହିଥିଲେ ଯେ, ସେ ଭାରତ ସହ ସୁସମ୍ପର୍କ ଚାହାନ୍ତି। ଭାରତ ଯଦି ଏ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ାଇବ ତେବେ ପାକିସ୍ତାନ ଦୁଇପାଦ ବଢ଼ାଇବା ପାଇଁ ପ୍ରସ୍ତୁତ ଅଛି।

ଆତଙ୍କବାଦ ଉପରେ ନିୟନ୍ତ୍ରଣ ଆଣିବା କ୍ଷେତ୍ରରେ ପାକିସ୍ତାନର ବିଫଳତା କାରଣରୁ ଆମେରିକା ପକ୍ଷରୁ ମିଳୁଥିବା ସହାୟତା ବନ୍ଦ କରାଯାଇପାରେ ଆଶଙ୍କା କରି ଇମ୍ରାନ କହିଥିଲେ ଯେ ଏହା ଦ୍ୱାରା ପାକିସ୍ତାନର ଆର୍ଥିକ ସ୍ଥିତି ଖରାପ ହେବ। ଏ ପରିସ୍ଥିତିରେ କେବଳ ଚାଇନା ହିଁ ପାକିସ୍ତାନକୁ ସାହାଯ୍ୟ କରିପାରିବ। ଭାରତର ବୃଦ୍ଧି ପାଉଥିବା ସାମରିକ ଓ ଆର୍ଥିକ ଶକ୍ତି ନେଇ ଚାଇନା ଏବେ ଚିନ୍ତିତ ଅଛି। ତେଣୁ ଭାରତକୁ ଚତୁର୍ଦ୍ଦିଗରୁ ଘେରିବା ପାଇଁ ଚାଇନା ଯୋଜନା କରୁଛି। ଏଥିରେ ପାକିସ୍ତାନ ସେନା ତାକୁ ସାହାଯ୍ୟ କରୁଛନ୍ତି। ଇମ୍ରାନ ଚାଇନାକୁ ପ୍ରଶଂସା କରିବା ଅର୍ଥ ଏହି ଦୁଇ ପଡ଼ୋଶୀ ଦେଶ ଏବେ ଭାରତ ବିରୋଧରେ ମିଳିତ ଭାବେ ଅଭିଯାନ ଆରମ୍ଭ କରିବା ସ୍ପଷ୍ଟ ହୋଇଯାଇଛି।

ଲୋକତନ୍ତ୍ରରେ ଇମ୍ରାନଙ୍କ ବିଜୟକୁ ଏତେ ସହଜରେ ଗ୍ରହଣ କରାଯାଇ ପାରୁନାହିଁ। ପାକିସ୍ତାନର ଦୁଇଟି ବଡ଼ ଦଳ ପାକିସ୍ତାନ ମୁସ୍‌ଲିମ ଲିଗ୍ (ନୱାଜ) ଏବଂ ପାକିସ୍ତାନ ପିପୁଲ୍ସ ପାର୍ଟି ପରି ଇମ୍ରାନଙ୍କ ନିକଟରେ ନା ବଡ଼ ରାଜନୈତିକ ଚେହେରା ଥିଲା ନା ଅନୁଭବ। ତାଙ୍କ ପାଖରେ ସେଭଳି ଆର୍ଥିକ ଶକ୍ତି ମଧ୍ୟ ନ ଥିଲା। ପ୍ରଶ୍ନ ଉଠୁଛି, ଇମ୍ରାନ କ'ଣ ବାସ୍ତବରେ ନିଜର ଶକ୍ତି ଓ ପାକିସ୍ତାନ ମତଦାତାଙ୍କ ବିପୁଳ ସମର୍ଥନ କାରଣରୁ ରାଜନୀତି ମଇଦାନରେ କ୍ୟାପ୍‌ଟେନ୍ ହୋଇପାରିଲେ ? ଏକଦା ଇମ୍ରାନଙ୍କ ପତ୍ନୀ ଥିବା ବ୍ରିଟିଶ୍ ଟେଲିଭିଜନ ପତ୍ରକାର ରେହମ୍ ଖାନ୍ ଏ ସମ୍ପର୍କରେ ଦେଇଥିବା ଭାଷଣ ପ୍ରଣିଧାନଯୋଗ୍ୟ। ରେହମ୍ କହନ୍ତି ଯେ, ପାକିସ୍ତାନ ସେନାକୁ ଏଭଳି ଜଣେ ପ୍ରଧାନମନ୍ତ୍ରୀ ଦରକାର, ଯିଏ ତାଙ୍କର ବୁଟ୍ ପଲିଶ୍ କରିବ ଏବଂ ଇମ୍ରାନଙ୍କଠାରୁ ଅଧିକ ବୁଟ୍ ପଲିଶ୍ କରିବା ବାଲା ମିଳିବେ ନାହିଁ।

କେବଳ ରେହମ୍ ନୁହନ୍ତି, ତାଙ୍କ ଭଳି ଅନେକଙ୍କ ବିଶ୍ୱାସ ଯେ ଇମ୍ରାନଙ୍କ ବିଜୟ ପଛରେ ପାକିସ୍ତାନୀ ସେନାର ହାତ ରହିଛି। ପାକିସ୍ତାନର ଅନେକ ବୁଦ୍ଧିଜୀବୀ ମତ ଦିଅନ୍ତି ଯେ, ଇମ୍ରାନ ବାହ୍ୟ ଦୃଷ୍ଟିରୁ ନିର୍ବାଚନରେ ଜିତିଥିଲେ ମଧ୍ୟ ଏହା ଏକପ୍ରକାର ଇଲେକ୍ସନ ନୁହେଁ ସିଲେକ୍ସନ। ଯେତେବେଳେ ପାକିସ୍ତାନ ନିର୍ବାଚନରେ ଇମ୍ରାନଙ୍କ ପାର୍ଟି ବହୁମତ ଆଡ଼କୁ ଅଗ୍ରସର ହେଉଥିବା ଖବର ଆସୁଥିଲା ସେ ସମୟରେ ଏକ ଭାରତୀୟ ଇଂଲିଶ ନ୍ୟୁଜ୍ ଚ୍ୟାନେଲରେ ଜଣେ ପାକିସ୍ତାନୀ ରାଜନୀତି ବିଶେଷଜ୍ଞ ତାଙ୍କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ତୁଳନା କରିଥିଲେ। ଇମ୍ରାନଙ୍କ ସମ୍ପର୍କରେ ଏଭଳି କାହିଁକି କୁହାଯାଉଛି ?

ଯୁବତୀମାନଙ୍କ ମଧ୍ୟରେ ଏକଦା ଅତ୍ୟନ୍ତ ଲୋକପ୍ରିୟ ଥିବା ସୁନ୍ଦର ବପୁଧାରୀ ଇମ୍ରାନ ନିୟମିତ ଡ୍ରଗ୍‌ସ ସେବନ କରନ୍ତି ବୋଲି ଅଭିଯୋଗ ହୋଇଥିଲା। ପତ୍ନୀ ରେହମ୍ ତାଙ୍କୁ ସମଲିଙ୍ଗୀ ଯୌନାଚାରରେ ଅଭ୍ୟସ୍ତ ବୋଲି କହିଥିଲେ। ନିର୍ବାଚନର ଠିକ୍ ପୂର୍ବରୁ ରେହମ୍‌ଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକରେ ବିସ୍ତୃତ ଭାବରେ ଇମ୍ରାନଙ୍କ ଯୌନ ଜୀବନ ସମ୍ପର୍କରେ ବର୍ଣ୍ଣନା ରହିଛି। ଇମ୍ରାନଙ୍କ ଏହି ଚତୁର୍ଥ ପତ୍ନୀଙ୍କୁ ତଲାକ୍ ଦେବା ପରେ ସେ ଜଣେ ପଞ୍ଜାବୀ ମୁସ୍‌ଲିମ ଯୁବତୀଙ୍କୁ ପଞ୍ଚମ ପତ୍ନୀ ରୂପେ ଗ୍ରହଣ କରିଛନ୍ତି। ପଞ୍ଚମ ବିବାହ କଲା ପରେ ହିଁ ସେ ପାକିସ୍ତାନର ପ୍ରଧାନମନ୍ତ୍ରୀ ହୋଇପାରିବେ ବୋଲି ଜଣେ ଜ୍ୟୋତିର୍ବିଦ୍ ମତ ଦେବା ପରେ ଇମ୍ରାନ ପଞ୍ଚମ ବିବାହ କରିଥିଲେ। ଏବେ ଜ୍ୟୋତିର୍ବିଦ୍‌ଙ୍କ ଭବିଷ୍ୟବାଣୀ ସତ ହେଲା। ତେବେ ଏହା ପ୍ରାୟୋଜିତ ହୋଇପାରେ।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସେନା ଶାସନ ସବୁଠାରୁ ଅଧିକ ବିପଦପୂର୍ଣ୍ଣ ବୋଲି ମନେ କରାଯାଏ। ପାକିସ୍ତାନର ଜନ୍ମଦାତା ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ମୃତ୍ୟୁ ପରେ ଦେଶରେ ସେନା ନିୟନ୍ତ୍ରଣରେ ବହୁବାର ଶାସନ ଚାଲିଛି। ଗଣତାନ୍ତ୍ରିକ ଢଙ୍ଗରେ ନିର୍ବାଚିତ ସରକାରକୁ ହଟାଇ ସେନା ଶାସନଭାର ଗ୍ରହଣ କରି ଏକଛତ୍ରବାଦ ଚଳାଇବା ପାକିସ୍ତାନର ପରମ୍ପରାରେ ପରିଣତ ହୋଇଛି। କ୍ରମାଗତ ଭାବରେ ପାକିସ୍ତାନୀ ସେନା ଶକ୍ତିଶାଳୀ ହେବାରେ ଲାଗିଛି ଏବଂ କୌଣସିମତେ ନିଜ ନିୟନ୍ତ୍ରଣରେ ସରକାରକୁ ରଖିବା ପାଇଁ ତାଙ୍କୁ ଏକ ପୋଷ୍ଟର ବୟର ଆବଶ୍ୟକତା ଥିଲା। ଇମ୍ରାନ ଏଥିପାଇଁ ସବୁଠାରୁ ଉପଯୁକ୍ତ ବୋଲି ବିଚାର କରି ପାକ୍ ସେନା ସୁପରିକଳ୍ପିତ ଭାବରେ ଇମ୍ରାନଙ୍କ ଦଳକୁ ଜିତାଇବା ପାଇଁ କାର୍ଯ୍ୟ କରୁଥିଲା ବୋଲି ସେଠାର ରାଜନୈତିକ ସମୀକ୍ଷକମାନେ ମତ ଦିଅନ୍ତି। ପାକିସ୍ତାନରେ ସେନା ଶାସନ କେତେ ଶକ୍ତିଶାଳୀ ତା'ର ପ୍ରମାଣ ମିଳିଥିଲା ଜେନେରାଲ ଜିଆ-ଉଲ-ହକ୍‌ଙ୍କ ସମୟରେ। ଗଣତାନ୍ତ୍ରିକ ଢଙ୍ଗରେ ନିର୍ବାଚିତ ପ୍ରଧାନମନ୍ତ୍ରୀ ଜୁଲ୍‌ଫିକର ଅଲ୍ଲୀ ଭୁଟ୍ଟୋଙ୍କୁ ଜିଆ ଗାଦିଚ୍ୟୁତ କରି ୭୦ ଦଶକରେ ଶାସନ କ୍ଷମତାକୁ ନିଜ ଅକ୍ତିଆରକୁ ନେଇଆସିବା ପରେ ୧୯୭୯ରେ ଭୁଟ୍ଟୋଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ଆଣି ଦୋଷୀ ସାବ୍ୟସ୍ତ କରି ଫାଶୀଖୁଣ୍ଟରେ ଚଢ଼ାଇ ଦେଇଥିଲେ। ସେହିପରି ଭୁଟ୍ଟୋଙ୍କ କନ୍ୟା ବେନଜୀରଙ୍କୁ ମଧ୍ୟ ନିର୍ବାଚନ ସଭା ବେଳେ ହତ୍ୟା କରାଗଲା। କିଛି ସମୟ ପାଇଁ ଅନୁକମ୍ପା ଭୋଟରେ ବେନଜୀରଙ୍କ ସ୍ୱାମୀ ଓ ପୁଅ କ୍ଷମତା ସିଂହାସନରେ ବସିଥିଲେ ମଧ୍ୟ ବେଶି ଦିନ ତିଷ୍ଠିପାରିଲେ ନାହିଁ। ଭୁଟ୍ଟୋଙ୍କ ପରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନୱାଜ ଶରିଫ୍ ଶାସନଭାର ସମ୍ଭାଳିଥିଲେ ମଧ୍ୟ ତାଙ୍କୁ କ୍ଷମତାଚ୍ୟୁତ କରି ଜେନେରାଲ ମୁଶରଫ ନିଜେ ରାଷ୍ଟ୍ରପତି ହେଲେ। ବରିଷ୍ଠତାକୁ ଅଣଦେଖା କରି ନିଜେ ନୱାଜ ଶରିଫ୍ ମୁଶରଫଙ୍କୁ ଜେନେରାଲ କରିଥିଲେ ଏବଂ ସେ ହିଁ ତାଙ୍କ ପାଇଁ କାଳ ହେଲେ। ବହୁ କାରଣରୁ ବଦନାମ ପାକ୍ ସେନା ତାଙ୍କ ଇଙ୍ଗିତରେ କାମ କରିବା ପାଇଁ ତଥା ଆଇଏସ୍‌ଆଇର ପସନ୍ଦ ହେବା ଭଳି ଇମ୍ରାନଙ୍କୁ ବାଛିଲେ। ଗତ ନିର୍ବାଚନରେ ବ୍ୟାପକ ଅନିୟମିତତା ଏବଂ ଭ୍ରଷ୍ଟାଚାର ହୋଇଛି ବୋଲି ପାକିସ୍ତାନ ମୁସ୍‌ଲିମ ଲିଗ୍ (ନୱାଜ) ଏବଂ ପାକିସ୍ତାନ ପିପୁଲ୍ସ ପାର୍ଟି ଖୋଲାଖୋଲି ଅଭିଯୋଗ କରିଥିଲେ ମଧ୍ୟ ତାହାକୁ ଅଣଶୁଣା କରାଯାଇଛି। ଏହି ନିର୍ବାଚନରେ ବ୍ୟାପକ ଜାଲ୍ ଭୋଟ ଓ ଅନିୟମିତତା ସମ୍ପର୍କରେ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହେଲା ପରେ ମଧ୍ୟ ପ୍ରତିକାର ହେଲାନାହିଁ।

ବିଜୟ ପରେ ଇମ୍ରାନ ଘୋଷଣା କରିଥିଲେ ଯେ, ସେ ପାକିସ୍ତାନକୁ ଜିନ୍ନାଙ୍କ ସ୍ୱପ୍ନର ଦେଶ ଭାବେ ଗଢିତୋଳିବାକୁ ଚାହାନ୍ତି। ଏହା ବିଦିତ ଯେ, ଜିନ୍ନା ପାକିସ୍ତାନକୁ ଇସ୍‌ଲାମୀ କାନୁନ୍‌ରେ ଶାସିତ ଏକ ଦେଶ କରିବାକୁ ଚାହୁଁଥିଲେ। କିନ୍ତୁ ଧାର୍ମିକ ସ୍ୱତନ୍ତ୍ରତା ଦିଆଯିବ ବୋଲି ଘୋଷଣା କରିଥିଲେ। ସରକାର ସେନା ନିୟନ୍ତ୍ରଣରେ ରହୁ, ଜିନ୍ନା ଏହା ଚାହୁଁ ନ ଥିଲେ। ଇମ୍ରାନ ଜଣେ ଭଲ କ୍ରିକେଟ୍ ଖେଳାଳି। ଭାରତର ଅନେକ ବ୍ୟକ୍ତି ତାଙ୍କୁ ପସନ୍ଦ କରନ୍ତି। ପରନ୍ତୁ ଭାରତ ସମ୍ପର୍କରେ ବିଶେଷକରି କଶ୍ମୀର ଓ ଆତଙ୍କବାଦ ନେଇ ସେ ତାଙ୍କ ପୂର୍ବ ଶାସନର ଅନୁସରଣ କରିବେ। କାରଣ ସେ ସେନା ହାତର ସଖିକଣ୍ଢେଇ ଭାବେ ସରକାର ଚଳାଇବା ପାଇଁ ବାଧ୍ୟ।

ମୋ-୯୪୩୭୨୭୦୬୦୫

## ଏଇ ଭାରତରେ

ମୁମ୍ବାଇ ବସ୍ତିର ବାସିନ୍ଦା ଆଦିତ୍ୟ ରାଫୁକିୟା (୧୬)କୁ ଗତ ସପ୍ତାହରେ ଗୁଜରାଟରେ ଠାବ କରାଯାଇଥିଲା। ନିଖୋଜ ବାଳକର ପିତା ବଂଶୀ ରାଫୁକିୟା ଜଣେ ମେକାନିକ୍। ପୁତ୍ର ନିଖୋଜ ହେବା ପରଠାରୁ ସେ ଅବିଶ୍ରାନ୍ତ ଅନ୍ୱେଷଣ ଜାରି ରଖିଥିଲେ। ସେ ପୁତ୍ରର ସନ୍ଧାନ କରିବାକୁ ଯାଇ ଶିଶୁ ଶ୍ରମିକ ବିରୋଧୀ ଅଭିଯାନ ଚଳାଇଥିଲେ। ସେ ରାସ୍ତାରେ ବୁଲୁଥିବା ଅସହାୟ ପିଲାଙ୍କୁ ସେମାନଙ୍କ ମାତାପିତାଙ୍କ ସହିତ ଭେଟ କରାଉଥିଲେ। ଆଦିତ୍ୟ ଭଲ ପାଠ ପଢୁ ନ ଥିଲେ। ଗାଳି ଖାଇବାରୁ ସେ ୨୦୧୫ରେ ଘର ଛାଡି ପଳାଇଥିଲେ। ପୁତ୍ରର ସନ୍ଧାନ କରିବା ପୂର୍ବରୁ ବଂଶୀ ରାଫୁକିୟା ଥାନାରେ ଏକ ମାମଲା ରୁଜୁ କରିଥିଲେ। ତାଙ୍କ ପୁତ୍ର କାଳେ କେଉଁଠି ଶିଶୁ ଶ୍ରମିକ ଭାବେ ଦିନ ବିତାଉଥିବ ଭାବି ସେ ଶିଶୁ ଶ୍ରମିକ ବିରୋଧୀ ସାମାଜିକ କର୍ମୀ ସାଜିଥିଲେ। ଏହାପରେ ସେ ଭେଟୁଥିବା ପ୍ରତ୍ୟେକ ଶିଶୁ ଶ୍ରମିକ ବିଷୟରେ ପୋଲିସ ଏବଂ ଚାଇଲ୍ଡଲାଇନ୍‌କୁ ସୂଚନା ଦେଉଥିଲେ। ଚଳିତବର୍ଷ ଜାନୁୟାରୀରେ ଜଣେ ବରିଷ୍ଠ ରାଜନେତା ଏକ ତମ୍ବୁ ତଳେ ରୋଷେଇ କରୁଥିବା ବେଳେ ସେଠାରେ ଆଦିତ୍ୟ ବସି ରହିଥିବାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। କିନ୍ତୁ କେଉଁଠିକାର ଭିଡିଓ ତାହା ଜାଣି ନ ପାରିବାରୁ ପ୍ରତିଟି ଦିନ ତାଙ୍କର ଦୁଃଖରେ କଟୁଥିଲା। ଗତ ସପ୍ତାହରେ ଗୁଜରାଟ୍‌ରୁ ଆସିଥିବା ଏକ କଲ୍ ତାଙ୍କର ସବୁ ସନ୍ଦେହ ଦୂରକରିଦେଲା। ଏହାପରେ ଆଦିତ୍ୟକୁ ଠାବ କରିବା ସମ୍ଭବ ହୋଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୯୩

- ଭାରତ-ଚାଇନା ମଧ୍ୟରେ ଐତିହାସିକ ସୀମା ରାଜିନାମା ସ୍ୱାକ୍ଷରିତ।
- ପାଲେଷ୍ଟାଇନକୁ ସ୍ୱାୟତ୍ତ ଶାସନ ଦେବା ପାଇଁ ଇସ୍ରାଏଲ ଓ ପାଲେଷ୍ଟାଇନମଧ୍ୟରେହୋଇଥିବାଗାଜାଜେରିକୋରାଜିନାମାକୁ ଇଜିପ୍ଟର ରାଷ୍ଟ୍ରପତି ହୋସନି ମୁବାରକ ସ୍ୱାଗତ କରିଛନ୍ତି।

## ଚିରନ୍ତନୀ

ଚୂତର ମୁକୁଳ ବାସେ ଆଗମନୀ ଆସିଲା
ଆସିଲା ସେ ପଥେ ଘାଟେ ପବନେ
ପୁଲକାଇ ଉଲସାଇ ଚରାଚର ବିଶ୍ୱ
ଆସିଲା ମୋ ଜରାଗତ ଜୀବନେ !
ଧରଣୀର ଧୂଳିରାଶି ମହକିଲା ସହସା
ଶୋଭେ ଦିଶ କୁସୁମିତ ବସନେ। (ଜୀବନ-ଦୋଳି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପତ୍ନୀ ଓ ଧର୍ମପତ୍ନୀ



## ମନ ମାନଚିତ୍ର

ଡ. ନରହରି ବେହେରା

ଗୃହସ୍ଥାଶ୍ରମରେ ନାରୀଙ୍କ ସ୍ଥାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିବାହ ସମୟରେ ଯଜ୍ଞାଗ୍ନି ଚାରିପାଖରେ ସାତଘେରା ବୁଲିବାବେଳେ ପତି-ପତ୍ନୀ ବେଦର ସାତଟି ମନ୍ତ୍ରରେ ଅଭିଷିକ୍ତ ହୋଇ ସାତୋଟି ଶପଥ ନେଇଥାନ୍ତି। ଏହା ଆଦର୍ଶ ଦାମ୍ପତ୍ୟ ଜୀବନ ଏବଂ ଆଦର୍ଶ ସମାଜ ପାଇଁ ପ୍ରଯୁଜ୍ୟ। ଏହି ଆଦର୍ଶ ଦମ୍ପତି ରାଷ୍ଟ୍ର ପାଇଁ ସୁସ୍ଥ ଓ ଗୁଣବନ୍ତ ନାଗରିକ ଉତ୍ପନ୍ନ କରି ରାଷ୍ଟ୍ରକୁ ସୁରକ୍ଷିତ କରିଥାନ୍ତି। ଗୃହସ୍ଥାଶ୍ରମରୁ ହିଁ ମୁନି, ଋଷି, ରାଷ୍ଟ୍ରନାୟକ ପ୍ରଭୃତି ସୃଷ୍ଟି ହୋଇଥାନ୍ତି। ସବୁ ଆଶ୍ରମ ଏହାକୁ ଆଶ୍ରୟ କରି ତିଷ୍ଠି ରହିଥାନ୍ତି ବୋଲି ମନୁ କହିଛନ୍ତି- ''ଯଥା ବାୟୁଂ ସମାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବଜନ୍ତବଃ। ତଥା ଗୃହସ୍ଥମାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବ ଆଶ୍ରମାଃ।''

ଗୃହସ୍ଥ ଧର୍ମର ମୂଳଭିତ୍ତି ହେଲେ ଗୃହିଣୀ। ଯେଉଁ ଘରେ ସୁଗୃହିଣୀ ନାହିଁ ତାକୁ ପ୍ରକୃତ ଘର କୁହାଯାଏ ନାହିଁ (ନ ଗୃହଂ ଗୃହମିତ୍ୟାହୁଃ ଗୃହିଣୀ ଗୃହମୁଚ୍ୟତେ)। ଏହି ଗୃହିଣୀଙ୍କର ଯେଉଁ ମୁଖ୍ୟ ଦୁଇଟି ରୂପ ଦେଖିବାକୁ ମିଳେ, ତାହା ହେଉଛି ଗୋଟିଏ ଧର୍ମପତ୍ନୀ ଓ ଆଉ ଗୋଟିଏ ମା'ର ରୂପ। ମାତୃତ୍ୱ ଲାଭ ପୂର୍ବରୁ ଅଗ୍ନିକୁ ସାକ୍ଷୀ ରଖି ଜଣେ ନାରୀ ପତ୍ନୀ ହୋଇଥାଏ। ପତ୍ନୀ କାମନା ପାଇଁ ନୁହେଁ, ଧର୍ମାନୁଷ୍ଠାନ ପାଇଁ ହିଁ ଉଦ୍ଦିଷ୍ଟ। ପତ୍ନୀର ବହୁ ପ୍ରତିଶବ୍ଦ ଅଛି। ସ୍ତ୍ରୀ, ଭାର୍ଯ୍ୟା, ଜାୟା ଇତ୍ୟାଦି। ଏ ଶବ୍ଦଗୁଡ଼ିକ ଆପାତତଃ ସମାନ ପରି ମନେହେଲେ ମଧ୍ୟ ଏହାର ଭାବଗତ ପାର୍ଥକ୍ୟ ଅଛି। ସ୍ତ୍ରୀ ଶବ୍ଦ ଆସିଛି ସ୍ତ୍ୟୈ ଧାତୁରୁ ଯାହାର ଅର୍ଥ ବେଷ୍ଟନ କରିବା। ସ୍ୱାମୀଙ୍କୁ ବେଷ୍ଟନ କରି ଯାହାଙ୍କ ସଂସାର ସେ ସ୍ତ୍ରୀ। ଭାର୍ଯ୍ୟା ମାନେ ଭରଣଯୋଗ୍ୟା, ଯିଏ ଭରଣ କରନ୍ତି ସେ ଭର୍ତ୍ତା। ଜାୟା ଶବ୍ଦଟି ଜନ୍ ଧାତୁରୁ ଆସିଛି, ଅର୍ଥ ଜନ୍ମ କରିବା। ଯିଏ ପତିଙ୍କୁ ସନ୍ତାନ ରୂପେ ଜନ୍ମ ଦେଇଥାଏ, ସେ ଜାୟା। ପତନାତ୍ ନୀୟତେ ଇତି ପତ୍ନୀ, ଅର୍ଥାତ୍ ଯିଏ ପତିଙ୍କୁ ପତନ (ନୈତିକ ସ୍ଖଳନ)ରୁ ରକ୍ଷା କରେ ସେ ପତ୍ନୀ।

ଆଜିକାଲି ତ ହିନ୍ଦୁ ବିବାହ ଆଇନ ଅନୁସାରେ ଏକରୁ ଅଧିକ ବିବାହ ବେଆଇନ। ମାତ୍ର ଆଗକାଳରେ ମୁନିଋଷି, ରାଜାମହାରାଜା, ସାମନ୍ତ, ଜମିଦାର, ଧନୀ ବ୍ୟକ୍ତିମାନେ ବହୁପତ୍ନୀ ଗ୍ରହଣ କରୁଥିଲେ। ଅସବର୍ଣ୍ଣ ବିବାହ ବ୍ୟବସ୍ଥା ମଧ୍ୟ ପ୍ରଚଳନ ଥିଲା। ଅସବର୍ଣ୍ଣ ବିବାହରେ ପୁରୁଷ ସବୁବେଳେ ଉଚ୍ଚବର୍ଣ୍ଣର ହେବା ବିଧି ଥିଲା। ପ୍ରଥମା ପତ୍ନୀ କିନ୍ତୁ ସବର୍ଣ୍ଣା ହେବାକୁ ବାଧ୍ୟ। କାରଣ ସେ ହେବ ଧର୍ମପତ୍ନୀ, ଯିଏ ସକଳ ଯଜ୍ଞକର୍ମ ଓ ଧର୍ମାନୁଷ୍ଠାନରେ ଅଂଶଗ୍ରହଣ କରିପାରିବ। ଦ୍ୱିତୀୟ, ତୃତୀୟ ବା ଚତୁର୍ଥ ପତ୍ନୀ ନିମ୍ନବର୍ଣ୍ଣର ହୋଇପାରିବେ। ଶାସ୍ତ୍ରରେ ଅଛି 'ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି', ଅର୍ଥାତ୍ ନୀଚକୁଳରୁ ମଧ୍ୟ ସ୍ତ୍ରୀରତ୍ନ ଗ୍ରହଣ କରାଯାଇପାରେ। ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ ପ୍ରଭୃତି ନିମ୍ନବର୍ଣ୍ଣରୁ ପତ୍ନୀ ଗ୍ରହଣ କରିଥିଲେ। ଧର୍ମପତ୍ନୀଙ୍କ ବିନା କୌଣସି ଗୃହସ୍ଥର ଧର୍ମାନୁଷ୍ଠାନ ପୂର୍ଣ୍ଣ ହୋଇ ନ ଥାଏ। ତେଣୁ ତାଙ୍କୁ ପତିଙ୍କର ଅର୍ଦ୍ଧାଙ୍ଗିନୀ (ଅର୍ଦ୍ଧଂ ଭାର୍ଯ୍ୟା ମନୁଷ୍ୟସ୍ୟ) ବୋଲି କୁହାଯାଏ।

ପରକୁ ଆପଣାର ବୋଲି ପରିଚୟ ଦେବା ପାଇଁ ଆମେ ଧର୍ମ ଶବ୍ଦ ଲଗାଇ ଧର୍ମବାପା, ଧର୍ମଭାଇ, ଧର୍ମଭଉଣୀ ଇତ୍ୟାଦି ସମ୍ବନ୍ଧ ଯୋଡ଼ିଥାଉ। ମାତ୍ର ପତ୍ନୀ ହେଉଛନ୍ତି ଏକମାତ୍ର ନିଜର ଲୋକ, ଯାହାଙ୍କ ପାଖରେ ଧର୍ମ ଶବ୍ଦ ସଂଯୋଗ କରାଯାଇ ତାଙ୍କର ଉତ୍କର୍ଷ ପ୍ରତିପାଦନ କରାଯାଇଥାଏ। ଧର୍ମପତ୍ନୀ ହେଉଛନ୍ତି ସୁଖସମୃଦ୍ଧିର କାରଣ। ସେ ହିଁ ନିଜର ସୁକର୍ମ ଦ୍ୱାରା ଧର୍ମ ପାଳନ କରି ପରିବାରରେ ସୁଖଶାନ୍ତି ଆଣିଥାନ୍ତି। ତେଣୁ ଯଜୁର୍ବେଦରେ କୁହାଯାଇଛି- 'ପତ୍ନୀ ସୁକୃତଂ ବିଭର୍ତ୍ତି।' ଗୋଟିଏ ସୁଖୀ ସଂସାର ପାଇଁ ନାରୀମାନଙ୍କୁ ଉପଦେଶ ପ୍ରଦାନ କରାଯାଇ ଅଥର୍ବବେଦରେ କୁହାଯାଇଛି- ''ହେ ବଧୂ, ତୁମେ ମଙ୍ଗଳମୟୀ, ଘର ସୁଖସମୃଦ୍ଧିର ବର୍ଦ୍ଧନକାରିଣୀ, ସ୍ୱାମୀଙ୍କ ପାଇଁ ସୁଖଦାୟିନୀ, ଶ୍ୱଶୁରଙ୍କ ପାଇଁ ଶାନ୍ତିଦାୟିନୀ ଏବଂ ଶାଶୁଙ୍କ ପାଇଁ ଆନନ୍ଦଦାୟିନୀ ହୋଇ ଗୃହକର୍ମରେ ପ୍ରବେଶ କର।'' ଗୋଟିଏ ପରିବାର ପାଇଁ ଜଣେ ଧର୍ମପତ୍ନୀର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଏହି ଉପଦେଶରୁ ହିଁ ଜଣାଯାଏ।

ଜଣେ ଭାଗ୍ୟଶାଳୀ ପୁରୁଷ ହିଁ ଉତ୍ତମ ଗୁଣସମ୍ପନ୍ନା ପତ୍ନୀ ଲାଭ କରିଥାଏ। କାରଣ ଜଣେ ସୁଗୃହିଣୀ ବିନା ସୁଖର ସଂସାର ଗଢ଼ିବା ସମ୍ଭବ ନୁହେଁ। ସେଥିପାଇଁ 'ସପ୍ତଶତୀ ଚଣ୍ଡୀ'ରେ ଦେବୀଙ୍କୁ ପ୍ରାର୍ଥନା କରାଯାଇଛି- ''ଭାର୍ଯ୍ୟାଂ ମନୋରମାଂ ଦେହି ମନୋବୃତ୍ୟନୁସାରଣୀମ୍।'' (ହେ ମା' ! ମୋତେ ମନୋରମା ଓ ମନୋବୃତ୍ତିର ଅନୁସାରିଣୀ ଭାର୍ଯ୍ୟାଟିଏ ଦେ।) ସ୍ତ୍ରୀ ବିନା ଗୃହ ଶୂନ୍ୟ ହୋଇଯାଏ। ପତ୍ନୀ ହେଉଛନ୍ତି ଗୋଟିଏ ଘରର ସୁଖ, ଶାନ୍ତି ଓ ସମୃଦ୍ଧିର କାରଣ। ସେ ଯଦି ଶାନ୍ତ, ସୁଶୀଳା, କର୍ମନିପୁଣା, ପତିପ୍ରାଣା ନ ହୋଇ କୁଭାଷିଣୀ ଓ ରୁଷ୍ଟ ସ୍ୱଭାବର ହୋଇଥାନ୍ତି, ତେବେ ସକଳ ଐଶ୍ୱର୍ଯ୍ୟ ସତ୍ତ୍ୱେ ସେ ଗୃହସ୍ଥ ସଂସାରରେ ସବୁଠାରୁ ଦୁଃଖୀ ହୋଇଥାନ୍ତି। ତେଣୁ କୁହାଯାଏ- ଏ ସଂସାରରେ ଦରିଦ୍ର, ଋଣଗ୍ରସ୍ତ ଓ ରୋଗଗ୍ରସ୍ତ ମଣିଷମାନଙ୍କଠାରୁ ବି ଅଧିକ ଦୁଃଖୀ ହୋଇଥାନ୍ତି ଜଣେ ଦୁଷ୍ଟ ଭାର୍ଯ୍ୟାର ସ୍ୱାମୀ।

ପତିପ୍ରାଣତା ହେଉଛି ଧର୍ମପତ୍ନୀଙ୍କର ପ୍ରମୁଖ ଧର୍ମ। ସକଳ ଅଭାବ ଅସୁବିଧା ସତ୍ତ୍ୱେ ସ୍ୱାମୀର ହାତ ଛାଡ଼ନ୍ତି ନାହିଁ ଧର୍ମପତ୍ନୀ। ସ୍ୱାମୀ ବିପଥଗାମୀ ହେଲେ ପତ୍ନୀ ନିଜର ଅସୀମ ଧୈର୍ଯ୍ୟ, ମିଷ୍ଟଭାଷଣ, ପ୍ରତ୍ୟୁତ୍ପନ୍ନମତିତାରେ ତାଙ୍କୁ ଫେରାଇ ଆଣିବାକୁ ସମର୍ଥ ହୋଇଥାନ୍ତି। ସାବିତ୍ରୀ ଯମଙ୍କଠାରୁ ସ୍ୱାମୀଙ୍କୁ ମୁକୁଳାଇ ପାରିଥିଲେ। ଅନସୂୟା ଲକ୍ଷହୀରା ପ୍ରତି ଆସକ୍ତ ସ୍ୱାମୀଙ୍କ ଇଚ୍ଛା ପୂରଣ ପାଇଁ ଗଣିକାର ଦାସୀ କାର୍ଯ୍ୟ କରିଥିଲେ। ସେ ନିଜର ଅସୀମ ଧୈର୍ଯ୍ୟ ଓ ନିଜ ଉପରେ ଥିବା ଅଗାଧ ବିଶ୍ୱାସ ବଳରେ ସ୍ୱାମୀଙ୍କୁ କୁମାର୍ଗରୁ ଫେରାଇ ଆଣିପାରିଥିଲେ। ସେହିପରି ଫକୀରମୋହନଙ୍କ ନାୟିକା ସୁଲୋଚନା ସ୍ୱାମୀ ଚନ୍ଦ୍ରମଣିଙ୍କୁ କୁପଥରୁ ଫେରାଇ ଆଣିବା ପାଇଁ ଖାଡୁର ସାହାଯ୍ୟ ନେଇଥିଲେ। ତେଣୁ ଧର୍ମପତ୍ନୀ ନିଜର ବିଚାରଶୀଳତାରେ ବିପଥଗାମୀ ସ୍ୱାମୀଙ୍କୁ କିପରି ସତ୍‌ମାର୍ଗକୁ ଫେରାଇ ଆଣିବେ, ସେ ବିଷୟରେ ଚିନ୍ତା କରିବା ଉଚିତ।

ଧର୍ମପତ୍ନୀଙ୍କୁ ସେବିକା, ପାଦତଳର ଦାସୀ ବୋଲି ବିବେଚନା କରି ଦୁଃଖ ଦେବା ଉଚିତ ନୁହେଁ। କାରଣ ପତ୍ନୀ ଓ ଲକ୍ଷ୍ମୀ ଏକ ଏବଂ ଅଭିନ୍ନ (ସ୍ତ୍ରିୟଃ ଶ୍ରିୟଶ୍ଚ ଗେହେଷୁ ନ ବିଶେଷୋଽସ୍ତି କଶ୍ଚନ)। ସେ ଦୁଃଖୀ ହେଲେ ଗୃହର ସୁଖସମ୍ପଦ ହ୍ରାସ ପାଏ। ଧର୍ମପତ୍ନୀ ହିଁ ସର୍ବଦା ସମ୍ମାନର ଅଧିକାରିଣୀ, ଆମଠାରୁ ଦୁଃଖକଷ୍ଟ ପାଇବା ପାଇଁ ସେ ଗୃହର ଦାୟିତ୍ୱ ମୁଣ୍ଡାଇ ନ ଥାନ୍ତି।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ୍, ଭଦ୍ରକ, ମୋ-୯୪୩୮୪୬୫୪୬୮

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | | | A | 3 | 0 | | | 7 | | | | E |
| | | E | C | 1 | | 7 | | 8 | | 6 | | 4 | 9 | |
| 3 | 1 | 9 | | 4 | | | | | | | C | | | |
| | B | | | | | E | | 9 | | 8 | 1 | | | |
| | | | D | | | | 6 | | 2 | 4 | | | | |
| | | 4 | 7 | | E | 6 | | A | | 0 | | | D | |
| | | | | | | C | 1 | | A | | | 9 | | |
| | | | | | C | | | | 4 | | 9 | 1 | | 7 |
| 8 | | | | 6 | | | | | | | D | | | |
| | | 5 | | 3 | | 2 | | D | | | 8 | B | | |
| | E | | | D | 7 | | | | | | 6 | 2 | 5 | |
| | 7 | C | | B | 2 | | | E | | | | | | |
| A | 9 | | 1 | | 4 | | 3 | C | D | | | | | |
| | | | | | | | | 2 | B | E | 5 | | | |
| | | | | | 5 | D | | | 8 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 4 | C | D | 1 | 7 | 0 | 8 | 6 | B | A | 5 | 2 | 9 | E |
| 9 | 1 | D | 8 | B | 3 | 5 | A | 4 | 6 | 2 | E | 0 | C | 7 |
| B | 8 | 6 | 0 | 2 | 4 | 9 | 1 | E | D | 7 | C | 5 | A | 3 |
| 0 | 2 | 5 | A | E | C | B | 7 | 3 | 9 | 1 | 4 | D | 8 | 6 |
| A | E | 7 | 9 | 6 | 5 | D | C | 2 | 3 | 8 | 0 | B | 1 | 4 |
| C | 3 | 8 | 7 | A | D | 2 | E | 9 | 5 | B | 1 | 6 | 4 | 0 |
| 5 | 9 | E | 6 | 4 | 2 | 1 | 3 | B | C | 0 | D | 8 | 7 | A |
| 2 | D | A | 1 | 8 | B | 6 | 5 | 0 | E | 4 | 7 | C | 3 | 9 |
| 4 | 0 | 1 | 3 | C | 9 | A | D | 7 | 8 | 6 | 2 | E | 5 | B |
| 7 | 6 | B | 5 | 0 | E | 8 | 4 | C | A | 3 | 9 | 1 | D | 2 |
| D | A | 2 | 4 | 9 | 0 | E | 6 | 1 | 7 | C | 8 | 3 | B | 5 |
| 8 | C | 0 | B | 3 | 1 | 7 | 2 | A | 4 | 5 | 6 | 9 | E | D |
| E | B | 9 | 2 | 7 | A | C | 0 | 5 | 1 | D | 3 | 4 | 6 | 8 |
| 1 | 5 | 3 | E | D | 6 | 4 | B | 8 | 0 | 9 | A | 7 | 2 | C |
| 6 | 7 | 4 | C | 5 | 8 | 3 | 9 | D | 2 | E | B | A | 0 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୂଜା ପୂର୍ବରୁ ରାସ୍ତା ଓ ନାଳ କାମ ସରୁ

ମହାଶୟ,

ଭୁବନେଶ୍ୱରର ରାସ୍ତାଘାଟ ଅବସ୍ଥା ଏବେ ଶୋଚନୀୟ। କେବୁଲ ବିଛା ଓ ନାଳକାମ ସରୁନି। ସବୁଆଡ଼େ ରାସ୍ତା ଖୋଳି ପକାଇଦେଇଛନ୍ତି। ଖରାଦିନେ ଆରମ୍ଭ ହୋଇଥିବା ନାଳସଫା କାମ ବର୍ଷାଦିନ ଯାଏ ଶେଷ ହୋଇପାରିଲା ନାହିଁ। କଟକ ରୋଡ୍ ଅବସ୍ଥା କହିଲେ ନ ସରେ। ବମିଖାଲ ଓଭରବ୍ରିଜ୍ ପାଖ ରାସ୍ତା ଖାଲଖମାରେ ପୂର୍ଣ୍ଣ ହୋଇଥିବାରୁ ଦୁଇଚକିଆ ଗାଡ଼ି ପଡ଼ି ଆରୋହୀ ଖଣ୍ଡିଆଖାବରା ହେଉଛନ୍ତି। ଆଗକୁ ପୂଜା ଆସୁଛି। ତା' ପୂର୍ବରୁ ନାଳକାମ, କେବୁଲ ବିଛା କାମ ଏବଂ ଓଭରବ୍ରିଜ୍ କାମ ଶେଷ କରାଯାଉ। ଖାଲଖମାରେ ପରିଣତ ହୋଇଥିବା ବମିଖାଲ ତଥା ଅନ୍ୟ ରାସ୍ତାକୁ ତୁରନ୍ତ ମରାମତି କରାଯାଉ।

ଗୋପାଳ ଦାସ, ବମିଖାଲ, ରସୁଲଗଡ଼, ଭୁବନେଶ୍ୱର

### ପୁରୀ ସହର ଜଳବନ୍ଦୀ ହେଉଛି କାହିଁକି

ଅସରାଏ ବର୍ଷାରେ ପୁରୀ ବଡ଼ଦାଣ୍ଡରେ ଡଙ୍ଗା ପଡିବା ପରିସ୍ଥିତି ସୃଷ୍ଟି ହୁଏ। ଆଜିଯାଏ ବଡ଼ଦାଣ୍ଡ ଚଉଡା ହେଲାନାହିଁ ଓ ପ୍ରକାଣ୍ଡ ଅଟ୍ଟାଳିକା ନିର୍ମାଣ ହେଲା। ନାଳ ଚଉଡା ହବ କହି ନଳାର ସ୍ଲାବ୍ ଭଙ୍ଗାଗଲା ଓ ଏପରି ଅବସ୍ଥାରେ ୨ ବର୍ଷ ପଡ଼ିଲା। ବର୍ଷା ହେଲେ ରାସ୍ତା ଉପରେ ବର୍ଷା ଓ ନଳା ପାଣି ଆଣ୍ଠୁଏ ହେଉଛି। କେହି ଚିନ୍ତା କରୁନାହାନ୍ତି ବର୍ଷା ପାଣି କିପରି ନିଷ୍କାସନ ହେବ। ଆମର ଅପାରଗ ସରକାର ଓ ଅପାରଗ ପୁରୀ ପୌରପାଳିକା। କାହାକୁ କହିବା ?

ଡା. ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ଭଉଣୀ ଶ୍ରଦ୍ଧା କପୁର ଭଲ ଅଭିନୟ କରୁଥିବାରୁ ମୁଁ ସୁପର ବ୍ରଦର ଭାବରେ ଗର୍ବ ଅନୁଭବ କରେ।
-ସିଦ୍ଧାନ୍ତ କପୁର, ବଲିଉଡ୍ ଅଭିନେତା

# ମସ୍ୟଜୀବୀଙ୍କୁ ଆଗୁଆ ସୂଚନା ଦେବ ‘ନାଭିକ୍ ସିଷ୍ଟମ’

ବେଙ୍ଗାଲୁରୁ



ଏଣିକି ମତ୍ସ୍ୟଜୀବୀମାନେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସତର୍କ ହେବା ସହିତ ଇଣ୍ଟରନ୍ୟାଶନାଲ ମେରିଟାଇମ୍ ବାଉଣ୍ଡରି ଲାଇନ୍‌ର ଅବସ୍ଥିତି ସମ୍ପର୍କରେ ଜାଣିପାରିବେ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଜିପିଏସ୍ (ନାଭିକ୍ ସିଷ୍ଟମ୍) ସେମାନଙ୍କୁ ସହାୟକ ହୋଇପାରିବ ବୋଲି ଇସ୍ରୋର ଜଣେ ବରିଷ୍ଠ ବୈଜ୍ଞାନିକ ସୂଚନା ଦେଇଛନ୍ତି। ୨୦୧୭ ଡିସେମ୍ବରରେ ଘୂର୍ଣ୍ଣିଝଡ଼ ‘ଓଖି’ରେ ଅନେକ ମତ୍ସ୍ୟଜୀବୀ ମୃତ୍ୟୁବରଣ କରିବାପରେ କେରଳ ସରକାରଙ୍କ ଅନୁରୋଧ କ୍ରମେ ଇସ୍ରୋ ଦ୍ୱାରା ଏଭଳି ଏକ ସିଷ୍ଟମ ବିକାଶ କରାଯାଇଛି। ଘୂର୍ଣ୍ଣିଝଡ ସମ୍ପର୍କରେ ଠିକ୍ ସମୟରେ ସୂଚନା ପାଇବା ଏଣିକି ସମ୍ଭବ ହୋଇପାରିବ। ସମୁଦ୍ରରେ ପ୍ରଚୁର ମାଛ ମିଳିବାର ସ୍ଥାନ ସମ୍ପର୍କରେ ମଧ୍ୟ ଏହି ସିଷ୍ଟମ୍ ସୂଚନା ଦେଇପାରିବ ବୋଲି ଅହମଦାବାଦ୍‌ସ୍ଥିତ ଇସ୍ରୋ ସ୍ପେସ୍ ଆପ୍ଲିକେଶନ୍ ସେଣ୍ଟରର ଉପନିର୍ଦ୍ଦେଶକ ନିଲେଶ ଦେଶାଇ କହିଛନ୍ତି। ଗଭୀର ସମୁଦ୍ରରେ ମୋବାଇଲ୍ ନେଟ୍‌ୱର୍କ ସୁବିଧା ମିଳେନାହିଁ। ଉକ୍ତ ସିଷ୍ଟମରେ ବ୍ଲୁଟୁଥ୍ ସଂଯୋଗ ଥିଲେ ନାଭିକ୍ ମିସେଜିଂ ଫିଚର ମାଧ୍ୟମରେ ଘୂର୍ଣ୍ଣିଝଡ ସମ୍ପର୍କରେ ଆଗୁଆ ସୂଚନା ମିଳିପାରିବ ବୋଲି ବେଙ୍ଗାଲୁରୁଠାରେ ଆୟୋଜିତ ସ୍ପେସ୍ ଏକ୍ସପୋ ବୈଠକରେ ସେ ପ୍ରକାଶ କରିଥିଲେ। ଏହି ସିଷ୍ଟମ ଦ୍ୱାରା ମତ୍ସ୍ୟଜୀବୀମାନେ ଅନ୍ତର୍ଜାତୀୟ ଜଳସୀମା ଅତିକ୍ରମ କରିପାରିବେ ନାହିଁ। ତାମିଲନାଡୁ ଏବଂ ଗୁଜରାଟ ସରକାର ମଧ୍ୟ ଏପରି ସହାୟତା ଯୋଗାଇଦେବାକୁ ଇସ୍ରୋକୁ ଅନୁରୋଧ କରିଛନ୍ତି। ଏହି ଦୁଇ ରାଜ୍ୟର ମତ୍ସ୍ୟଜୀବୀମାନେ ଭୁଲବଶତଃ ବାରମ୍ବାର ଅନ୍ତର୍ଜାତୀୟ ଜଳସୀମା ଅତିକ୍ରମ କରି ଶ୍ରୀଲଙ୍କା ଓ ପାକିସ୍ତାନ ନିରାପତ୍ତା ରକ୍ଷୀଙ୍କ ଦ୍ୱାରା ଗିରଫ ହେଉଥିବାର ଅନେକ ନଜିର ରହିଛି।

## ମହିଳାମାନେ ଆଜନ୍ମ ସଂଗ୍ରାମୀ

କରୀନା କପୁର ଖାନ୍



**ମୁମ୍ବାଇ:** ମହିଳାମାନେ ଆଜନ୍ମ ସଂଗ୍ରାମୀ। ଗର୍ଭଧାରଣ ସମୟରେ ଏବଂ ପ୍ରସବ ପରେ ବି ସେ କିପରି ନିଜର ଅଭିନୟ ଜାରି ରଖିଥିଲେ ତାହାର ଉଦାହରଣ ଦେଇ କରୀନା କପୁର ଖାନ୍ ଏହା ପ୍ରକାଶ କରିଛନ୍ତି। ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଅଭିନେତ୍ରୀ ଅଭିନେତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଆନ୍ତି। ତେଣୁ ଜନସାଧାରଣଙ୍କ ଉଦାହରଣ ଦେବା ଏଠାରେ ଯଥାର୍ଥ ବୋଲି ସେ ପ୍ରକାଶ କରିଛନ୍ତି। ଆମକୁ ରୋଲ୍ ମଡେଲ୍ ବିବେଚନା କରାଯାଏ। ତେଣୁ ଆମ ପକ୍ଷରେ ଜନସାଧାରଣଙ୍କ ଉଦାହରଣ ଦେବା ଯଥାର୍ଥ। ମୋ ମନରେ ଯେଉଁ ବିଶ୍ୱାସ ବସା ବାନ୍ଧେ, ତାହାକୁ ଅନୁସରଣ କରେ। ଏହା ହେଉଛି ମୋର ବ୍ୟକ୍ତିସତ୍ତା ଯାହା କି ମୋତେ ସ୍ୱତନ୍ତ୍ର କରିପାରିଛି। ଜୀବନରେ ସବୁକିଛି ପାଇଛି। ଦୀର୍ଘଦିନରୁ ମୁଁ ଏହା ଚାହିଁଥିଲି ଏବଂ ଏଥିପାଇଁ କଠିନ ପରିଶ୍ରମ କରୁଥିଲି ବୋଲି କରୀନା ପ୍ରକାଶ କରିଛନ୍ତି। ନିଜର ବ୍ୟକ୍ତିତ୍ୱ ଏବଂ ସ୍ୱତନ୍ତ୍ରତାକୁ ନେଇ ଅଭିନେତ୍ରୀମାନେ କିପରି ଜୀବନଯାପନ କରନ୍ତି ସେ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କରୀନା ଏହା ପ୍ରକାଶ କରିଥିଲେ।

## [ଇତିହାସର ଆଇନାରେ] ସେପ୍ଟେମ୍ବର ୮ର ପ୍ରମୁଖ ଘଟଣା

୧୯୭୮ ସେପ୍ଟେମ୍ବର ୮ରେ ଇରାନରେ ଘଟିଥିଲା ଭୟଙ୍କର ନରସଂହାର। ଏହାକୁ ଇରାନ କ୍ୟାଲେଣ୍ଡରରେ କଳା ଶୁକ୍ରବାର ବା ବ୍ଲାକ୍ ଫ୍ରାଇଡେ ବୋଲି ଗଣନା କରାଯାଏ। ଦେଶର ରାଜଧାନୀ ତେହେରାନ୍‌ର ଜାଲେହ ସ୍କୋୟାର୍‌ରେ ସରକାର ବିରୋଧୀ ବିଦ୍ରୋହକୁ ଦମନ କରିବାକୁ ଯାଇ ଦେଶର ସେନା ଆନ୍ଦୋଳନକାରୀଙ୍କ ଉପରେ ଚଳାଇଥିଲେ ଆଖିବୁଜା ଗୁଳିଚାଳନା।

୨୦୦୪ ସେପ୍ଟେମ୍ବର ୮ରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ମହାକାଶ ଯାନ ଜେନେସିସ୍ ପୃଥିବୀରେ ଅବତରଣ କରିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପାରାଶ୍ୟୁଟ୍ ଖୋଲି ନ ପାରିବାରୁ ଏଭଳି ଦୁର୍ଘଟଣା ଘଟିଥିଲା।

# ୧୬୬ ଦେହାବଶେଷ ଠାବ

କୋଟ୍‌ଜାକୋଲ୍‌କସ୍



ମେକ୍ସିକୋର ଭେରାକ୍ରୁଜ୍ ଷ୍ଟେଟ୍‌ରେ ମାଟିତଳୁ ୧୬୬ ଜଣଙ୍କ ଦେହାବଶେଷ ଉଦ୍ଧାର କରାଯାଇଛି। ଏଠାରେ ଏତେସଂଖ୍ୟକ ଲୋକଙ୍କୁ ସମୂହ ସମାଧି ଦିଆଯାଇଥିବା ଭେରାକ୍ରୁଜ୍ ପ୍ରସିକ୍ୟୁଟର୍ ଜର୍ଜ ୱିଙ୍କ୍‌ଲର ସୂଚନା ଦେଇଛନ୍ତି। ଷ୍ଟେଟ୍‌ର କେନ୍ଦ୍ରୀୟ ଭାଗରେ ଏହା ଠାବ ହୋଇଛି। କିନ୍ତୁ ପ୍ରକୃତ ସ୍ଥାନ ବିଷୟରେ କିଛି ସୂଚନା ଦିଆଯାଇନାହିଁ। ସରକାରଙ୍କ ପକ୍ଷରୁ କେବଳ ଏହାର କିଛି ଫଟୋ ରିଲିଜ୍ କରାଯାଇଛି। ସମାଧିସ୍ଥଳରେ ଫୋରେନ୍‌ସିକ୍ ଟିମ୍ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଚଳାଇଥିବା ଜଣାପଡ଼ିଛି। ୨୦୦ ଖଣ୍ଡ କପଡ଼ା ଅଂଶ, ୧୪୪ ପରିଚୟ ପତ୍ର ଏବଂ ଅନ୍ୟାନ୍ୟ ଜିନିଷ ମଧ୍ୟ ସେଠାରୁ ଉଦ୍ଧାର ହୋଇଛି। ଅଗଷ୍ଟ ୮ରୁ ଉକ୍ତ ସ୍ଥାନରେ ଖନନ କାର୍ଯ୍ୟ ଚାଲିଛି। ଏହା ଏକ ଗୋପନ ସମାଧିସ୍ଥଳ ଏବଂ ଦୁଇବର୍ଷ ପୂର୍ବେ ଏଠାରେ ଗଣସମାଧି ଦିଆଯାଇଥିବା ସୂଚନା ମିଳିଛି। ଉକ୍ତ ଅଞ୍ଚଳରେ ୩୨ଟି ଏଭଳି ସମାଧିସ୍ଥଳ ଥିବା ମଧ୍ୟ କୁହାଯାଉଛି। ଜେଲରେ ଥିବା ଭେରାକ୍ରୁଜ୍‌ର ପୂର୍ବତନ ଗଭର୍ନର ଜାଭିଅର ଡୁଆର୍ଟଙ୍କ ମାନବାଧିକାର ଉଲ୍ଲଂଘନ ଘଟଣାର ଏହା ବର୍ବର ଚିତ୍ର ବୋଲି ଅନେକେ ଅଭିଯୋଗ ଆଣିଛନ୍ତି। ଡୁଆର୍ଟ ଏବଂ ତାଙ୍କ ବିଶ୍ୱସ୍ତ ତଥା ଷ୍ଟେଟ୍‌ର ଦୁଇଜଣ ପୂର୍ବତନ ପୋଲିସ ମୁଖ୍ୟ ୨୦୧୦ରୁ ୨୦୧୬ ମଧ୍ୟରେ ବ୍ୟାପକ ମାନବାଧିକାର ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ବିକ୍ରମ କେଶରୀ ପ୍ରଧାନ,** ପିତା: ପ୍ରହ୍ଲାଦ ପ୍ରଧାନ, ପ୍ଲଟ୍ ନଂ.: ୫୮/୮୩(ବି), ଆରଡ଼ି-୩, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼ ନିକଟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ସମ୍ପତ୍ତିର ମାଲିକ: ଶ୍ରୀ ବିକ୍ରମ କେଶରୀ ପ୍ରଧାନ | ଶ୍ରୀ ବିକ୍ରମ କେଶରୀ ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଞ୍ଚିଲୋ, ତହସିଲ/ଥାନା: ବାଲିଅନ୍ତା, ଖାତା ନଂ.: ୫୫/୧୮, ପ୍ଲଟ୍ ନଂ.: ୧୧, କ୍ଷେତ୍ର: ଏକର୦.୦୩୪.୪୩ ଡିସିମିଲି (୧୫୦୦ ବର୍ଗଫୁଟ), ସବ୍-ପ୍ଲଟ୍ ଡୁପ୍ଲେକ୍ସ ହାଉସ୍ ନଂ. ୨୩, ଏହାର ଚାରିପାର୍ଶ୍ୱରେ- ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ସବ୍-ପ୍ଲଟ୍ ନଂ. ୨୪, ଦକ୍ଷିଣ: ସବ୍-ପ୍ଲଟ୍ ନଂ. ୨୨ | ୧୮.୦୫.୨୦୧୮ | ୦୬.୦୯.୨୦୧୮ | ଡିମାଣ୍ଡ ନୋଟିସ୍ ଅନୁଯାୟୀ: ୧୮.୦୫.୨୦୧୮ ସୁଦ୍ଧା ଟ.୪୩,୯୬,୧୮୯/- + ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ / ଦଖଲ ନୋଟିସ୍ ଅନୁଯାୟୀ: ୦୬.୦୯.୨୦୧୮ ସୁଦ୍ଧା ଟ.୪୬,୩୯,୦୨୦/- + ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୬.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ପ୍ରାନ୍ତରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୯ | ୨୨.୮ |
| ଚାନ୍ଦବାଲି | ୨୫.୮ | ୨୩.୬ |
| କଟକ | ୨୬.୪ | ୨୨.୦ |
| ପାରାଦ୍ୱୀପ | ୨୬.୫ | ୨୫.୫ |
| ଭୁବନେଶ୍ୱର | ୨୭.୧ | ୨୪.୦ |
| ଗୋପାଳପୁର | ୨୭.୯ | ୨୪.୫ |
| ପୁରୀ | ୨୭.୫ | ୨୫.୮ |
| ଅନୁଗୋଳ | ୨୯.୧ | ୨୦.୬ |
| ବାରିପଦା | ୨୭.୦ | ୨୪.୪ |
| ଝାରସୁଗୁଡ଼ା | ୩୦.୨ | ୨୪.୩ |
| କେନ୍ଦୁଝର | ୨୫.୬ | ୨୩.୪ |
| ସମ୍ବଲପୁର | ୩୦.୪ | ୨୧.୫ |
| ସୁନ୍ଦରଗଡ଼ | ୩୨.୦ | ୧୮.୫ |
| ହୀରାକୁଦ | ୩୦.୧ | ୨୦.୨ |
| ତାଳଚେର | ୩୦.୧ | ୨୪.୩ |
| ଭବାନୀପାଟଣା | ୨୫.୫ | ୨୩.୦ |
| ବଲାଙ୍ଗୀର | ୨୬.୬ | ୨୩.୨ |
| କୋରାପୁଟ | ୨୨.୦ | ୧୯.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୨୭.୦ | ୨୦.୫ |
| ମାଲକାନଗିରି | ୨୯.୦ | ୨୩.୪ |
| ସୋନପୁର | ୨୬.୪ | ୨୧.୬ |
| ଦାରିଙ୍ଗିବାଡ଼ି | ୨୧.୦ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍









**ନିଜର ପାସୱାର୍ଡ, ଓଟିପି, ପିନ, ସିଭିଭି, ୟୁପିଆଇ-ପିନ ଇତ୍ୟାଦି କାହାକୁ ବି ଜଣାନ୍ତୁ ନାହିଁ**

• ନିଜର ଏଟିଏମ କାର୍ଡ଼, ଡେବିଟ କାର୍ଡ଼, କ୍ରେଡିଟ କାର୍ଡ଼, ପ୍ରିପେଡ କାର୍ଡ ଚୋରି ହୋଇଗଲେ କିମ୍ବା ହଜିଗଲେ, ତାକୁ ତୁରନ୍ତ ବ୍ଲକ କରିଦିଅନ୍ତୁ

ମେଘନା ଜକ୍କମପୁଡି
ଭାରତୀୟ ବ୍ୟାଡମିଣ୍ଟନ ଖେଳାଳୀ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ



ଆରବିଆଇ କହେ! ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ!

ଆଉ ଅଧିକ ଜାଣିବା ପାଇଁ 14440 ରେ ଏକ ମିସ୍‌ଡ଼ କଲ ଦିଅନ୍ତୁ କିମ୍ବା www.rbi.org.in/digitalbanking ୱେବସାଇଟ ଭିଜିଟ କରନ୍ତୁ
ଏହି ବିଜ୍ଞାପନ ବାବଦରେ ଆପଣଙ୍କ ମତାମତ ଦେବା ପାଇଁ rbikehtahai@rbi.org.in ରେ ଲେଖି ପଠାନ୍ତୁ

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୮ ସେପ୍ଟେମ୍ବର, ୨୦୧୮

ପୁଣି ନାଲ୍‌କୋ କଲୋନୀରେ ମାତିଲେ ଲୁଟେରା। ସ୍ପଷ୍ଟ ଦିବାଲୋକରେ ଅତି ସହଜରେ ଘରେ ପଶି ନେଇଗଲେ ସୁନାଗହଣା, ଟଙ୍କା। ଏଥର ଲୁଟ୍‌ର ଶିକାର ହୋଇଛନ୍ତି କ୍ୱାର୍ଟର୍ସ ନଂ. ବି ୧୦୯୮ରେ ରହୁଥିବା ଗୋଲାପ ଲେଙ୍କା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିଛି।





## ସଂକ୍ଷେପରେ

### ଗ୍ୟାସ୍ ନିଆଁରୁ ଅଗ୍ନିକାଣ୍ଡ: ମା’, ଝିଅ ଜୀବନ୍ତ ଦଗ୍ଧ

ଭୁବନ, ୭।୯(ଡି.ଏନ.ଏ.): ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅଧୀନ ୩ନଂ. ୱାର୍ଡ ଗୋଡ଼ିପାଟଣାରେ ଶୁକ୍ରବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଲିକ୍ ହୋଇଥିବା ଗ୍ୟାସ୍ ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ମା’, ଝିଅ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକ ହେଲେ ଦୁର୍ଯ୍ୟୋଧନ ପୋଥାଲଙ୍କ ସ୍ତ୍ରୀ ମମତା ଏବଂ ଝିଅ ଜ୍ୟୋସ୍ନାମୟୀ। ସ୍ତ୍ରୀ ଏବଂ ଝିଅକୁ ଉଦ୍ଧାର କରିବାକୁ ଯାଇ ଦୁର୍ଯ୍ୟୋଧନ ମଧ୍ୟ ପୋଡ଼ିଯାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଭୋରରେ ଦୁର୍ଯ୍ୟୋଧନ ଶୌଚ ହେବା ଲାଗି ପୋଖରୀକୁ ଯାଇଥିଲେ। ଝିଅ ଜ୍ୟୋସ୍ନାମୟୀ ଚା’ କରିବାକୁ ଗ୍ୟାସ୍ ଲଗାଇବାବେଳେ ହଠାତ୍ ନିଆଁ ଲାଗି ଚାରିଆଡ଼କୁ ବ୍ୟାପି ଯାଇଥିଲା। ଏହା ଦେଖି ମା’ ମମତା ତାଙ୍କୁ ଉଦ୍ଧାର କରିବାକୁ ରୋଷେଇ ଘରକୁ ଦୌଡ଼ି ଆସିଥିବା ବେଳେ ସେ ମଧ୍ୟ ନିଆଁ ଘେରରେ ରହିଯାଇଥିଲେ। ଘଟଣାସ୍ଥଳରେ ହିଁ ଦୁଇଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଦୁର୍ଯ୍ୟୋଧନଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ପ୍ରତିରକ୍ଷା ନିର୍ମାଣ ପାଇଁ ଚେକ୍ କମ୍ପାନୀଗୁଡ଼ିକୁ ଭାରତର ଆହ୍ୱାନ

ପ୍ରାଗ,୭।୯(ପି.ଟି.): ତ୍ରିରାଷ୍ଟ୍ରୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଚେକ୍ ରିପବ୍ଲିକ୍‌ରେ ପହଞ୍ଚିଛନ୍ତି। ଭାରତୀୟ ପ୍ରତିରକ୍ଷା ନିର୍ମାଣ କ୍ଷେତ୍ରରେ ଭାଗିଦାର ହେବା ଲାଗି ଏଠାକାର ପ୍ରତିରକ୍ଷା ନିର୍ମାଣକାରୀ କମ୍ପାନୀଗୁଡ଼ିକୁ ରାଷ୍ଟ୍ରପତି ଶୁକ୍ରବାର ଆହ୍ୱାନ ଦେଇଛନ୍ତି। କେବଳ ଭାରତ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ଲାଗି ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରିବାର ସୁଯୋଗ ଲାଭ କରିବାକୁ ସେ ଯୁକ୍ତି ବାଢ଼ିଛନ୍ତି। ଭାରତ-ଚେକ୍ ପ୍ରତିରକ୍ଷା ଭାଗୀଦାରି ନୂଆଦିଲ୍ଲୀ ପ୍ରତିରକ୍ଷା ଚାହିଦାକୁ ପୂରଣ କରିବ ବୋଲି ସେ କହିଛନ୍ତି। ‘ମେକ୍ ଇନ୍ ଇଣ୍ଡିଆ’ ଅଭିଯାନରେ ଭାରତ ପ୍ରତିରକ୍ଷା ନିର୍ମାଣ କ୍ଷେତ୍ର ପାଇଁ ବିଦେଶୀ କମ୍ପାନୀଗୁଡ଼ିକ ଲାଗି ଦ୍ୱାର ଖୋଲି ଦେଇଛି ବୋଲି କୋବିନ୍ଦ କହିଛନ୍ତି। ଚେକ୍ ପ୍ରତିପକ୍ଷ ମିଲସ୍ ଜମିନ୍‌ଙ୍କ ସହ କୋବିନ୍ଦ ବିସ୍ତୃତ ଦ୍ୱିପାକ୍ଷିକ ଆଲୋଚନା ପରେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ବିକାଶ କ୍ଷେତ୍ରରେ ୫ଟି ରାଜିନାମା ସ୍ୱାକ୍ଷର ହୋଇଛି।

### ରାଜ୍ୟପାଳଙ୍କ ମୁହଁରେ ମିଛ କୁହାଇଛନ୍ତି ସରକାର: କଂଗ୍ରେସ

ଭୁବନେଶ୍ୱର,୭।୯(ବ୍ୟୁରୋ): ୧୮ ବର୍ଷର ଶାସନର ଧାରାବାହିକ ବିଫଳତାକୁ ନେଇ ବିବ୍ରତ ହୋଇପଡ଼ିଛନ୍ତି ରାଜ୍ୟ ସରକାର। ସରକାରଙ୍କ ଭାବମୂର୍ତ୍ତିକୁ ଅକ୍ଷୁଣ୍ଣ ରଖିବା ପାଇଁ ରାଜ୍ୟପାଳଙ୍କୁ ବ୍ୟବହାର କରାଯାଇଥିବା ପ୍ରଦେଶ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଗଣତନ୍ତ୍ରର ପବିତ୍ର ମନ୍ଦିର ବିଧାନସଭାରେ ରାଜ୍ୟପାଳଙ୍କ ମୁହଁରେ ସରକାର ନିଜର ମିଛ ଗୁଣଗାନ କରାଇଥିବା ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ସତ୍ୟ ନାୟକ ଶୁକ୍ରବାର ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟ କହିଛନ୍ତି ଯେ, ଚଳିତବର୍ଷ ବଜେଟ୍ ଅଧିବେଶନରେ ତତ୍କାଳୀନ ରାଜ୍ୟପାଳ ଏସ୍.ସି ଜମିର ଓଡ଼ିଶା ଦୁଗ୍ଧ ଉତ୍ପାଦନରେ ସ୍ୱାବଲମ୍ବୀ ହେବାସହ ଏକ ବଳକା ରାଜ୍ୟ ବୋଲି ନିଜ ଅଭିଭାଷଣରେ କହିଥିଲେ। ଏହାର କିଛିଦିନ ପରେ ଏପ୍ରିଲ ୨୪ରେ ମତ୍ସ୍ୟ ପଶୁ ସମ୍ପଦ ମନ୍ତ୍ରୀ ପ୍ରଦୀପ ମହାରଥୀ ସମାନ ପ୍ରଶ୍ନର ଭିନ୍ନ ଉତ୍ତର ରଖିଥିଲେ। ପ୍ରଦୀପ କହିଥିଲେ ଯେ, ରାଜ୍ୟରେ ବାର୍ଷିକ ହାରାହାରି ୩୩୨୮ ହଜାର ମେଟ୍ରିକ ଟନ ଦୁଗ୍ଧର ଆବଶ୍ୟକତା ରହିଛି। ରାଜ୍ୟରେ ୨୦୦୨ ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦନ ହେଉଥିବା ମହାରଥୀ ତଥ୍ୟ ରଖିଥିଲେ। ରାଜ୍ୟପାଳ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତରରେ ତାଳମେଳ ନ ରହିବା ଦୁର୍ଭାଗ୍ୟଜନକ ବୋଲି ସତ୍ୟ କହିଛନ୍ତି। ସେହିପରି ରାଜ୍ୟ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରିବା ଦାବି କଥା କହୁଛନ୍ତି। ହେଲେ ଚାଷୀ କୁଇଣ୍ଟାଲ ପିଛା କେତେ ଖର୍ଚ୍ଚ କରୁଛି, ତାହାର ହିସାବ ଠିକ୍ ଭାବେ ରଖୁ ନ ଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। କୃଷକର ଆୟବୃଦ୍ଧି ନେଇ ବିଜ୍ଞାପନରେ ଦିଆଯାଇଥିବା ତଥ୍ୟ ସତ୍ୟ ଉପରେ ଆଧାରିତ ନୁହେଁ ବୋଲି ସତ୍ୟ କହିଛନ୍ତି।

## ■ ଦୁର୍ଦ୍ଦିନରେ ସରକାରୀ ଖଣି, ଶିଳ୍ପସଂସ୍ଥା

# ରୋଇଡା-ସି ଖଣିରେ ଲମ୍ପ୍ସ ବିକ୍ରି ବନ୍ଦ ନିର୍ଦ୍ଦେଶ

ହର୍ଷବର୍ଦ୍ଧନ ବେହେରା

ଯାଜପୁର ଅଫିସ,୭।୯

- ■ ସ୍ୱାର୍ଥ ପାଇଁ ଶ୍ରମିକ, କର୍ମଚାରୀଙ୍କ ଜୀବନଜୀବିକାକୁ ଉପେକ୍ଷା
- ■ ଫେରୋକ୍ରୋମ କାରଖାନାରେ ବ୍ୟାପକ ଦୁର୍ନୀତି, ଠିକାଦାର ପ୍ରୀତି

ଯାଜପୁର ଜିଲାରେ ସରକାରଙ୍କ ଅଧୀନରେ ପରିଚାଳିତ କୌଣସି ଶିଳ୍ପ ତିଷ୍ଠି ପାରୁନାହିଁ। କ୍ଷତିରେ ଚାଲିଥିବା ଦର୍ଶାଇ ଅନେକ ଶିଳ୍ପକୁ ପୂର୍ବରୁ ବନ୍ଦ କରିଦିଆଯାଇଥିବା ନଜିର ରହିଛି। ଧାନମଣ୍ଡଳର ଝୋଟକଳ ହେଉ କି କୃଷ୍ଣନଗର ଚିନିକଳ ଏହାର ଜ୍ୱଳନ୍ତ ଉଦାହରଣ। ଏବେ କଳିଙ୍ଗନଗରରେ କାର୍ଯ୍ୟକ୍ଷମ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ଏମ୍‌ଟିସି, ଓଡିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍‌ସିର ଯୌଥ ପରିଚାଳନାରେ ଥିବା ନୀଳାଚଳ ଇସ୍ପାତ ନିଗମ ଲିଃ ଦୁର୍ଦ୍ଦିନରେ ଗତି କରୁଛି। ସେହିପରି ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ (ଆଇଡିସି) ପରିଚାଳିତ ଯାଜପୁରରୋଡ ଫେରୋକ୍ରୋମ ଆଲଏଜ କାରଖାନା ବାର୍ଷିକ କୋଟି କୋଟି ଟଙ୍କା କ୍ଷତିରେ ଚାଲିଛି। ବ୍ୟାପକ ଦୁର୍ନୀତି, ପ୍ରିୟାପ୍ରୀତିତୋଷଣ ଓ ଠିକାଦାରଙ୍କୁ ଅନୁକମ୍ପା ଏହାର ପ୍ରମୁଖ କାରଣ ବୋଲି ସ୍ପଷ୍ଟ ହୋଇଛି। ଏଥିଯୋଗୁ ଉଚ୍ଚ ପଦାଧିକାରୀଙ୍କର କୌଣସି କ୍ଷତି ହେଉ ନ ଥିବାବେଳେ ବିଶେଷ ଭାବେ ଗରିବ ଶ୍ରମିକ ଓ କର୍ମଚାରୀ ପ୍ରଭାବିତ ହେଉଛନ୍ତି। ଏ ନେଇ ଧରିତ୍ରୀରେ ନିୟମିତ ଭାବେ ଖବର ପ୍ରକାଶ ପାଉଛି। ଏହାପରେ ଆଇଡିସି ପରିଚାଳିତ ଖଣି ଓ ଫେରୋକ୍ରୋମ କାରଖାନାରେ ଦୁର୍ନୀତି ରୋକିବାକୁ ସିଏମ୍‌ଡି ତଥା ଅତିରିକ୍ତ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ତତ୍ପରତା ପ୍ରକାଶ କରିଛନ୍ତି। ଏହିକ୍ରମରେ ଇଡକଲ ରୋଇଡା-ସି ଖଣିରେ ଲମ୍ପ୍ସ ବିକ୍ରି ବନ୍ଦ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି।

ବ୍ୟାପକ ଦୁର୍ନୀତି ପାଇଁ ଆଇଡିସି ଅଧୀନ ଗୋଟିଏ ପରେ ଗୋଟିଏ କାରଖାନା ବନ୍ଦ ହୋଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବଡବିଲର କଳିଙ୍ଗ ଆଇରନ ୱାର୍କ୍ସକୁ ଦାନ କରି ହୀରାକୁଦ ଡ୍ୟାମ ପ୍ରୋଜେକ୍ଟର ବଳକା ଯନ୍ତ୍ରାଂଶ ଆଣି ଆଇଡିସି ଗଠନ କରିଥିଲେ। ଦୁର୍ଭାଗ୍ୟବଶତଃ ବଡ଼ବିଲର ଏହି କାରଖାନା ଏବେ ବନ୍ଦ ହୋଇପଡିଛି। ଶ୍ରମିକ ଓ କର୍ମଚାରୀଙ୍କ ଶେଷ ଆଶା ଟିକକ ରୋଇଡ଼ା-ସି ଖଣି ଥିଲା, ତାହାକୁ ଦୁର୍ନୀତିଖୋର ଓ ମାଫିଆଙ୍କ ହାତରେ ଟେକି ଦେଇ ପୂର୍ବତନ ସିଏମଡି ଏକ ପ୍ରକାରର ସତ୍ୟାନାଶ କରି ଦେଇଛନ୍ତି ବୋଲି ଶ୍ରମିକ ମହଲରେ ଅଭିଯୋଗ ହୋଇଛି। ରୋଇଡ଼ା-ସି ଖଣିରେ ଅବାଧ ଲମ୍ପ୍ସ ବିକ୍ରି ଓ ଖଣି ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ସମ୍ପର୍କରେ ଧରିତ୍ରୀରେ ଗତ ୪।୯।୨୦୧୮ରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହାର ମାତ୍ର ଦିନକ ପରେ ଆଇଡିସିର ସିଏମ୍‌ଡି ମହାପାତ୍ର ତୁରନ୍ତ ପଦକ୍ଷେପ ଗ୍ରହଣ କରି ଲମ୍ପ୍ସ ବିକ୍ରି ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟୋଚିତ ତଥା ଦୃଷ୍ଟାନ୍ତମୂଳକ ପଦକ୍ଷେପ ପାଇଁ ବଡ଼ବିଲ, ଭଦ୍ରାସାହି, କେନ୍ଦୁଝର, ଯାଜପୁରରୋଡ ପ୍ରଭୃତି ଅଞ୍ଚଳରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ଯେପରି ଲମ୍ପ୍ସ ବିକ୍ରି ଅବାଧରେ ଚାଲିଥିଲା, ସେହି ଧାରାରେ ଚାଲିଥିଲେ ତେବେ ଆଉ ମାତ୍ର ୬ମାସରୁ ୧ବର୍ଷ ମଧ୍ୟରେ ରୋଇଡ଼ା ଖଣି ବନ୍ଦ ଯାଇଥାନ୍ତା ବୋଲି ଶ୍ରମିକ ଓ କର୍ମଚାରୀ ମହଲରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ରୋଇଡ଼ା-ସି ଖଣି ଠିକାଦାର ମେସର୍ସ ପି.କେ ୱାର୍କସକୁ ବଡ଼ବିଲର କଳିଙ୍ଗ କଲୋନିରେ ୨ଟା ଅଧିକାରୀ ଓ ୩ଟି କର୍ମଚାରୀଙ୍କ କ୍ୱାର୍ଟର ଯୋଗାଇ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ପୁନଶ୍ଚ, ପୂର୍ବତନ ସିଏମଡି ଆଶ୍ଚର୍ଯ୍ୟଜନକ ଭାବେ ପି.କେ. ୱାର୍କସ ସଂସ୍ଥାର ଅଫିସ ପାଇଁ କୁଆଡ଼େ ମାସିକ ୭୦ ହଜାର ଟଙ୍କାରେ ତାଙ୍କର ଭୁବନେଶ୍ୱରରେ ଥିବା ୩ଟି ଅଟ୍ଟାଳିକା ମଧ୍ୟରୁ ଏକ ଘରକୁ ଭଡା ଦେଇଛନ୍ତି। ଏହି ଖଣି ଠିକାଦାରଙ୍କ ଅଫିସକୁ ପୂର୍ବତନ ସିଏମଡି ବେଆଇନ ଭାବେ ଅନୁକମ୍ପା ଦେଖାଇ ଆଇଡ଼ିସି ତରଫରୁ ସିକ୍ୟୁରିଟି ଦେଇଥିଲେ। ଯାହାକୁ ସେ ଅବସର ନେବା ପରେ ଆଇଡ଼ିସି ହଟାଇ ଆଣିଛି। ଧରିତ୍ରୀରେ ଖଣି ସଂକ୍ରାନ୍ତରେ ଏକ ଖବର ପ୍ରକାଶ ପାଇବା ପରେ ଓ ଅଭିଯୋଗକାରୀ ଶ୍ରମିକ ନେତା ଦୁଷ୍ମନ୍ତ ରାଉତ ଏ ବାବଦରେ ମୁଖ୍ୟମନ୍ତ୍ରୀ, ସିଏମଡି ପ୍ରମୁଖଙ୍କୁ ଲିଖିତ ଓ ଇ-ମେଲ ଯୋଗେ ଅଭିଯୋଗ କରିବା ପରେ ବଡ଼ବିଲ ଖଣି ଅଧିକାରୀଙ୍କ ମଧ୍ୟରେ କାଦୁଅ ଫିଙ୍ଗା ଚାଲିଛି। ଏହାଛଡ଼ା ଗତ କିଛି ଦିନ ହେଲା ଯାଜପୁରରୋଡସ୍ଥିତ ଇଡ଼କଲ ଫେରୋକ୍ରୋମ କାରଖାନାର କାଳିଆପାଣି କ୍ରୋମ ଉପତ୍ୟକାରେ ଥିବା କ୍ୟାପଟିଭ ତଳଙ୍ଗୀ ଖଣି ଆସନ୍ତା ନଭେମ୍ବର ୧୧ରୁ ବନ୍ଦ ହେବା ନେଇ କୋକୁଆ ଭୟ ସୃଷ୍ଟି ହୋଇଛି। ଖଣି ବନ୍ଦ ହେଲେ ଏହା ଉପରେ ନିର୍ଭରଶୀଳ ପ୍ରାୟ ୮୦୦ ଶ୍ରମିକ ନିଜର ଜୀବିକା ହରାଇବା ଏକ ପ୍ରକାର ସୁନିଶ୍ଚିତ ହୋଇଛି। ଏ ସଂକ୍ରାନ୍ତରେ ଫେରୋକ୍ରୋମ କାରଖାନାର ଏମ୍‌ଡି ବୀରକିଶୋର ସାହୁଙ୍କୁ ପଚାରିବାରୁ, ଆଇଡିସି ପରିଚାଳିତ ଫେରୋକ୍ରୋମ ଓ ଖଣିରେ କୌଣସି ପ୍ରକାର ସମସ୍ୟା ହୋଇନାହିଁ। ସବୁ ଠିକ ଚାଲିଛି। ଦୁର୍ନୀତି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। କାରଖାନାର ଉନ୍ନତି ପାଇଁ ସବୁପ୍ରକାର ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

### ହାତୀ ମୃତ୍ୟୁ ଘଟଣା: ଜଣେ ଗିରଫ, ଫରେଷ୍ଟର ନିଲମ୍ବିତ

ଛତିଆ,୭।୯(ଡି.ଏନ୍.ଏ)

ହାତୀ ମୃତ୍ୟୁ ଘଟଣାରେ ବରୀ ବନାଞ୍ଚଳ ପକ୍ଷରୁ ଶୁକ୍ରବାର ଜଣଙ୍କୁ ଗିରଫ କରାଯିବା ସହ ଫରେଷ୍ଟରଙ୍କୁ ନିଲମ୍ବିତ କରାଯାଇଛି। ଅଭିଯୁକ୍ତ ହେଲେ ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ସମ୍ପାରୁ ଗ୍ରାମର ଗଣେଶ୍ୱର ଖଟୋଇ(୪୨)। ସେ ଫାର୍ମ ହାଉସ୍ ଜଗୁଆଳୀ ଭାବେ କାମ କରୁଥିଲେ। ଏଥିସହ କାର୍ଯ୍ୟରେ ଅବହେଳା ଯୋଗୁ ସଫା ଜଙ୍ଗଲ ବିଭାଗ ଫରେଷ୍ଟର ରଞ୍ଜନ ମିଶ୍ରଙ୍କୁ ନିଲମ୍ବିତ କରାଯାଇଛି। ଏହି ଘଟଣାର ତଦନ୍ତ ଜାରି ରହିବା ସହ ଖୁବ୍‌ଶୀଘ୍ର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ବନ ସଂରକ୍ଷକ ମନୋରଞ୍ଜନ ସ୍ୱାଇଁ କହିଛନ୍ତି। ପ୍ରକାଶ ଯେ, ଡାଳିଯୋଡା ବନାଞ୍ଚଳ ଅଧୀନ ସଫା ସେକ୍ସନ ଅନ୍ତର୍ଗତ ୪ ଘରିଆସ୍ଥିତ ଗ୍ରୀନ୍ ପଏଣ୍ଟ ଫାର୍ମ ହାଉସ୍‌ରେ ଗତ ୧ ତାରିଖ ରାତିରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା।

## ■ ୨୨ରେ ଫର୍ଟିଲାଇଜର, ଥର୍ମାଲ ନୂତନ ପ୍ଲାଣ୍ଟର ଶିଳାନ୍ୟାସ

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସମୀକ୍ଷା



ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ତାଳଚେର,୭।୯(ନି.ପ୍ର.)

ତାଳଚେର ସାର କାରଖାନାର ପୁନରୁଦ୍ଧାର ହେବ। ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶିଳାନ୍ୟାସ କରିବେ। ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ପୂର୍ବରୁ ଶୁକ୍ରବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଳଚେର ଆସି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ତାଳଚେର ସାର କାରଖାନାର ନୂତନ ନାମ ରହିଛି ତାଳଚେର ଫର୍ଟିଲାଇଜର ଲିମିଟେଡ। ଗେଲ୍, କୋଲ୍ ଇଣ୍ଡିଆ, ଆର୍‌ସିଏଫ୍ ଓ ଏଫ୍‌ସିଆଇଏଲ୍‌ର ମିଳିତ ଉଦ୍ୟୋଗରେ ଏହା ନିର୍ମାଣ ହେବ। ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଇ ଏଠାରୁ ସାର ଉତ୍ପାଦନ କରାଯିବ। ଏଥିପାଇଁ ୧୩ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ତାଳଚେର ଥର୍ମାଲର ୧୩ ଶହ ମେଗାୱାଟ୍ ବିଶିଷ୍ଟ ନୂତନ ପ୍ଲାଣ୍ଟର ଶିଳାନ୍ୟାସ ମଧ୍ୟ ଉକ୍ତ ଦିନ ପ୍ରଧାନମନ୍ତ୍ରୀ କରିବେ। ଏହି ପ୍ଲାଣ୍ଟ ନିମନ୍ତେ ୭ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ତେଣୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରାଯିବା ସହ ରାସ୍ତା ମରାମତି, ସୁରକ୍ଷା, ପାର୍କିଂ, ହେଲିପ୍ୟାଡ୍ ନିର୍ମାଣ ଆଦି ସମ୍ପର୍କରେ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଗେଲ୍ ସିଏମ୍‌ଡି ବି.ସି. ତ୍ରିପାଠୀ, ଡାଇରେକ୍ଟର ପ୍ରୋଜେକ୍ଟ ଆଶୁତୋଷ କର୍ଣ୍ଣାଟକ, ଆର୍‌ସିଏଫ୍ ସିଏମ୍‌ଡି ୟୁ.ବି. ଧତ୍ରକ, ତାଳଚେର ଫର୍ଟିଲାଇଜର ଲିମିଟେଡର ସିଇଓ ଜେ. ସାଇନି, ଆଇଜି ଏସ୍‌ପିଜି ଯଶୋବନ୍ତ ଜେଠୁଆ, ଡିଆଇଜି ନରସିଂହ ଭୋଳ, ଜିଲାପାଳ ଅନିଲ କୁମାର ସାମଲ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଏମ୍‌ସିଏଲ୍ ଡାଇରେକ୍ଟର (ଟେକ୍ନିକାଲ) ଜେ.ପି. ସିଂହ, ଡାଇରେକ୍ଟର (ପର୍ସୋନେଲ) ଏଲ.ଏନ. ମିଶ୍ର, ଏନ୍‌ଟିପିସି ଆର୍‌ଇଡି ଏମ୍.ପି. ସିହ୍ନା, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

#### ଏସ୍‌ସି/ଏସ୍‌ଟି ସଂଶୋଧିତ ଆଇନକୁ ବିରୋଧ

### କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୭।୯(ପି.ଟି.)

ପାର୍ଲାମେଣ୍ଟରେ ସଦ୍ୟ ଗୃହୀତ ସଂଶୋଧିତ ଅନୁସୂଚିତ ଜାତି/ଜନଜାତି (ଏସ୍‌ସି/ଏସ୍‌ଟି) ବିଲ୍‌ର କେତେକ ବ୍ୟବସ୍ଥାକୁ ବିରୋଧକରି ସୁପ୍ରିମକୋର୍ଟରେ ଏକାଧିକ ମାମଲା ଦାଏର ହୋଇଛି। ଏହାର ଶୁଣାଣିକରି ସର୍ବୋଚ୍ଚ ଅଦାଲତ ଶୁକ୍ରବାର କେନ୍ଦ୍ର ସରକାରଙ୍କଠାରୁ ପ୍ରତିକ୍ରିୟା ଲୋଡ଼ିଛନ୍ତି। ୬ ସପ୍ତାହ ମଧ୍ୟରେ ପ୍ରତିକ୍ରିୟା ଦାଖଲ କରିବା ଲାଗି ଅଦାଲତ କହିଛନ୍ତି। କିନ୍ତୁ ଆଇନ ଉପରେ ସ୍ଥଗିତାଦେଶ ଜାରି କରିବା ଲାଗି ଆବେଦନକାରୀଙ୍କ ଦାବିକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ଏବେ ଏହା ଆଇନରେ ପରିଣତ ହୋଇସାରିଲାଣି। ବର୍ତ୍ତମାନ ସ୍ଥିତିରେ ଆଇନ ଉପରେ ସ୍ଥଗିତାଦେଶ ଜାରି କରାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ଏସ୍‌ସି/ଏସ୍‌ଟିଙ୍କ ନିର୍ଯାତନାକାରୀଙ୍କୁ ଅଭିଯୋଗ ହେବା କ୍ଷଣି ଗିରଫ କରାଯିବା ବିରୋଧରେ ମାର୍ଚ୍ଚ ୨୦ରେ ସୁପ୍ରିମକୋର୍ଟ ଏକ ରାୟ ଦେଇଥିଲେ। ରାୟକୁ ଅକାମୀ କରିବା ଲାଗି ପାର୍ଲାମେଣ୍ଟରେ ନୂଆ ବିଲ୍ ଅଣାଯାଇଥିଲା ଏବଂ ଅଗଷ୍ଟ ୯ରେ ଏହା ପାସ୍ ମଧ୍ୟ ହୋଇଛି। ତେବେ ଏହାର କେତେକ ବ୍ୟବସ୍ଥାକୁ ବିରୋଧକରି ପୃଥ୍ୱୀରାଜ ଚୌହାନ ନାମକ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣିକରି ଅଦାଲତ କେନ୍ଦ୍ରକୁ ନୋଟିସ କରିଛନ୍ତି।

# ଆଗୁଆ ନିର୍ବାଚନ ନେଇ ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର,୭।୯(ବ୍ୟୁରୋ)

ତେଲେଙ୍ଗାନା ସରକାର ଆଗୁଆ ନିର୍ବାଚନ ପାଇଁ ନିର୍ଦ୍ଧାରିତ ସମୟ ଆଗରୁ ବିଧାନସଭା ଭାଙ୍ଗିବା ପରେ ଓଡ଼ିଶା ସରକାର ସମାନ ରାସ୍ତା ଆପଣାଇ ପାରନ୍ତି ବୋଲି କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଶାସକ ଦଳ ନେତାଙ୍କ ଗତିବିଧିରୁ ମଧ୍ୟ ଏନେଇ ଆଭାସ ହେଉଛି। ଆଗୁଆ ନିର୍ବାଚନ ହେବ ବୋଲି ବିଜେଡି କହିଥିବାବେଳେ ଭାଜପା ଯେତେବେଳେ ନିର୍ବାଚନ ହେଲେ ପ୍ରସ୍ତୁତ ବୋଲି ପ୍ରତିକ୍ରିୟା ରଖିଛି। ଅନ୍ୟପଟେ ଭାଜପାର ବିପଦ ସମୟରେ ବିଜେଡି ସହଯୋଗ କରିବା ନୂଆ କଥା ନୁହେଁ ବୋଲି କଂଗ୍ରେସ ଅଭିଯୋଗ କରିଛି।

ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ବିଧାନସଭା ସହ ଲୋକ ସଭା ନିର୍ବାଚନ ହେଉ ବୋଲି ବିଜେଡି ସବୁବେଳେ ଚାହିଁଛି। ଯେଉଁଭଳି ଭାବେ ଚର୍ଚ୍ଚା ହେଉଛି ସେଥିରୁ ଆମେ ଅନୁମାନ କରୁଛୁ ଆଗୁଆ ନିର୍ବାଚନ ହୋଇପାରେ। ନିର୍ବାଚନ କମିଶନଙ୍କ ପ୍ରସ୍ତୁତି ଦେଖିଲେ ମଧ୍ୟ ସେହିପରି ଲାଗୁଛି। ସେଥିପାଇଁ ବିଜେଡି ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସ୍ୱାଭାବିକ ଭାବେ ଓଡ଼ିଶାରେ ୨୦୦୪ରୁ ଏକାଠି ନିର୍ବାଚନ ଆରମ୍ଭ ହୋଇଛି। ଲୋକ ସଭା ନିର୍ବାଚନ ୨୦୧୯ରେ ଠିକ୍ ସମୟରେ ହେବ। ଯଦି ରାଜ୍ୟ ସରକାର ଆଗୁଆ ନିର୍ବାଚନ କରାଇବେ ଭଲ କଥା। ଯେତେବେଳେ ନିର୍ବାଚନ ହେଲେ ଭାଜପା ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, କେନ୍ଦ୍ରରେ ଭାଜପା ଆଗୁଆ ନିର୍ବାଚନ କରିବାକୁ ଚାହୁଁଛି। ରାଜସ୍ଥାନ, ଛତିଶଗଡ ଏବଂ ମଧ୍ୟପ୍ରଦେଶରେ ହେବାକୁ ଥିବା ନିର୍ବାଚନ ପାଇଁ ସେମାନେ ଭୟଭୀତ ଅଛନ୍ତି। କେନ୍ଦ୍ରରେ ଭାଜପା ସରକାର ଯେତେବେଳେ ଅସୁବିଧାରେ ପଡିଛି ସବୁବେଳେ ରାଜ୍ୟ ସରକାର ସେମାନଙ୍କ ପାଖରେ ଠିଆ ହୁଅନ୍ତି। ସେଥିପାଇଁ ହୁଏତ ଓଡିଶାରେ ଆଗୁଆ ନିର୍ବାଚନ ହୋଇପାରେ। ନିର୍ବାଚନ କମିଶନ ଚାହିଁଲେ ଏହା ସମ୍ଭବ ହେବ। ଆସନ୍ତା ଡିସେମ୍ବର ପରେ ନିର୍ବାଚନ କମିଶନ ଯେତେବେଳେ ଚାହିଁବେ ବିଧାନସଭା ଓ ଲୋକ ସଭା ନିର୍ବାଚନ କରାଇପାରିବେ। ମୋ ପାଖରେ ଥିବା ନିର୍ଦ୍ଦିଷ୍ଟ ଖବର ଅନୁଯାୟୀ, ଦେଶର ୧୨ ରାଜ୍ୟରେ ଏକକାଳୀନ ବିଧାନସଭା ଓ ଲୋକ ସଭା ନିର୍ବାଚନ କରାଇବା ପାଇଁ ଭାଜପା ଚାହୁଁଛି। ତେଲେଙ୍ଗାନାରେ ସେମାନେ ସଫଳ ହୋଇଥିବାବେଳେ ଓଡିଶାରେ କରିବାକୁ ଚାହୁଁଛନ୍ତି। ଏମିତି ଆଉ ୪ ରାଜ୍ୟ ଥିବାବେଳେ ବାକି ୬ ରାଜ୍ୟରେ ଏଭଳି କରିବାକୁ ସେମାନେ ଚେଷ୍ଟା କରୁଥିବା ସେ କହିଛନ୍ତି।

# ସ୍ତ୍ରୀଙ୍କ ମୃତଦେହ ଦେଖି ଟଳିପଡ଼ିଲେ ସ୍ୱାମୀ

ନୂଆଗାଁ,୭।୯ (ଡି.ଏନ.ଏ.)

ସ୍ତ୍ରୀଙ୍କ ମୃତଦେହ ଦେଖି ଟଳିପଡିଲେ ସ୍ୱାମୀ। ଏଭଳି ଏକ ଅଭାବନୀୟ ଘଟଣା ଶୁକ୍ରବାର ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତର ରଗଡିମଡା ଗ୍ରାମରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ରଗଡିମଡାର ବାଉରିବନ୍ଧୁ ମଳିକ (୬୨)। ଦୁଇ ଝିଅଙ୍କୁ ବାହା ଦେବା ପରେ ବାଉରିବନ୍ଧୁ ଓ ସ୍ତ୍ରୀ ତୁଳସୀ ମଳିକ (୪୮) ମୂଲମଜୁରି ଲାଗି ଦୁଃଖେକଷ୍ଟେ ଚଳିଯାଉଥିଲେ। ମୂଲରୁ ଫେରି ସ୍ୱାମୀ ସ୍ତ୍ରୀ ସବୁଦିନ ପରି ଗୁରୁବାର ରାତିରେ ଶୋଇଯାଇଥିଲେ। ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ତୁଳସୀଙ୍କୁ କ’ଣ ଗୋଟେ କାମୁଡିବା ପରି ଲାଗିଥିଲା। ସ୍ୱାମୀଙ୍କୁ ନିଦରୁ ଉଠାଇ ସେ ଏ ବିଷୟରେ କହିଥିଲେ। ବାଉରିବନ୍ଧୁ ଉଠିପଡି ଶୋଇବା ଘର ଭିତରୁ ସାପଟିଏ ପଳାଇ ଯାଉଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ଏ ବିଷୟରେ ଗାଁ ଲୋକଙ୍କୁ ଜଣାଇଥିଲେ। ଗ୍ରାମକୁ ଯାନବାହନ ଯିବା ସୁବିଧା ନ ଥିବାରୁ ଗ୍ରାମବାସୀଙ୍କ ସହାୟତାରେ ତୁଳସୀଙ୍କୁ ଖଟିଆରେ କିଛିବାଟ ଅଣାଯାଇ ସେଠାରୁ ଅଟୋ ସାହାଯ୍ୟରେ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ସମୟରେ ତୁଳସୀଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଶୁକ୍ରବାର ଅପରାହ୍ନ ୫ଟା ସମୟରେ ରଗଡିମଡାକୁ ଅଣାଯାଇଥିଲା। ବ୍ୟବଚ୍ଛେଦ ହୋଇଥିବା ସ୍ତ୍ରୀଙ୍କ ମୃତଦେହ ଦେଖି ବାଉରିବନ୍ଧୁ ହଠାତ୍ ସେଠାରେ ଟଳି ପଡିଥିଲେ। ଏକ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଦମ୍ପତିଙ୍କ ଜୁଇ ଜଳିଥିଲା। ଗାଁକୁ ଭଲରାସ୍ତା ଥିଲେ ତୁଳସୀଙ୍କୁ ଶୀଘ୍ର ଡାକ୍ତଖାନାରେ ପହଞ୍ଚାଯାଇ ଚିକିତ୍ସା କରାଯାଇଥିଲେ ଦୁଇଟି ଜୀବନ ରକ୍ଷା ପାଇଯାଇଥାନ୍ତା ବୋଲି ଏଠାରେ ଆଲୋଚନା ହେଉଛି।

## ■ ରାଜପଥରେ ଗ୍ୟାସ୍ ଲିକ୍ ଆତଙ୍କ

# ୨ ଘଣ୍ଟାରେ ଖେଳିଗଲା ୨ କି.ମି.

ଅନୁଗୋଳ ଅଫିସ/ବନ୍ତଳା, ୭।୯ (ଡି.ଏନ.ଏ)



କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ରନ୍ତଲେଇ ପଞ୍ଚାୟତ ଚନ୍ଦ୍ରବାହାଳ ଗ୍ରାମ ନିକଟରେ ପାରାଦୀପରୁ ଝାରସୁଗୁଡ଼ା ଯାଉଥିବା ଏକ ଟ୍ୟାଙ୍କର (ନଂ. ଏନ୍‌ଏଲ୍୦୧ଏନ୍-୫୮୯୨) ରୁ ଗ୍ୟାସ୍ ଲିକ୍ ନେଇ ଶୁକ୍ରବାର ଅପରାହ୍ନରେ ଆତଙ୍କ ଖେଳିଯାଇଥିଲା। ଦୀର୍ଘ ୨ ଘଣ୍ଟା ଧରି ଏହି ଲିକେଜ ଯୋଗୁ

- ■ ନିକଟସ୍ଥ ଗ୍ରାମବାସୀ, ଯାତ୍ରୀ ଆତଙ୍କିତ
- ■ ପରିସ୍ଥିତି ନିୟନ୍ତ୍ରଣ କଲା ଅଗ୍ନିଶମ ବିଭାଗ
- ■ ପାରାଦୀପରୁ ଝାରସୁଗୁଡ଼ା ଯାଉଥିଲା ଟ୍ୟାଙ୍କର

ଆଖପାଖ ଅଞ୍ଚଳର ୨ କିଲୋମିଟର ଯାଏ ଏହା ବ୍ୟାପିଯାଇ ଥିଲା। ଫଳରେ ନିକଟସ୍ଥ ଗ୍ରାମବାସୀ ଓ ରାଜପଥରେ ଅଟକି ରହିଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଲିକେଜ ବନ୍ଦ କରିବା ପରେ ଆତଙ୍କ ସାମାନ୍ୟ ଥମିଥିଲା। ହେଲେ ବାୟୁମଣ୍ଡଳରେ ଗ୍ୟାସ ଖେଳିଯାଇଥିବାରୁ ପ୍ରଶାସନ ପକ୍ଷରୁ ଏମର୍ଜେନ୍ସି ଜାରି କରାଯିବା ସହ ୨ କିମି ମଧ୍ୟରେ କେହି ଚୁଲା ନ ଲଗାଇବା ଓ ଧୂମପାନ ନ କରିବାକୁ ପ୍ରଚାର କରାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଲୋକମାନଙ୍କୁ ବୁଝାଶୁଝା କରିବା ସହ ଦୂର ଓ ଖୋଲାସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଟ୍ୟାଙ୍କରକୁ ୪ କିମି ଦୂର ଜିନ୍ଦଲ ରୋଡ୍‌କୁ ସୁରକ୍ଷିତ ଭାବେ ନିଆଯିବା ପରେ ଲୋକେ ଆଶ୍ୱସ୍ତ ହୋଇଥିଲେ। କଟକ ମୁଣ୍ଡୁଳୀରୁ ଓଡ୍ରାଫ୍ଟ ଟିମ୍, ଝାରସୁଗୁଡ଼ାରୁ ଆଇଓସିଏଲ୍ ଅଧିକାରୀମାନେ ଘଟଣାସ୍ଥଳକୁ ଆସୁଥିବା ଖବର ମିଳିଛି। ସେମାନେ ଲିକେଜ ହୋଇଥିବା ଗ୍ୟାସ୍‌ର ପ୍ରଭାବ ଓ ଉକ୍ତ ଟ୍ୟାଙ୍କର ଯାଞ୍ଚ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଟାଟା ଷ୍ଟିଲ୍ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଟୁର୍ନାମେଣ୍ଟ, ପ୍ରାକ୍ଟିସ୍ ଫୁଟବଲ୍ ଗ୍ରାଉଣ୍ଡ, କଳିଙ୍ଗ ଷ୍ଟାଡିୟମ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ସକାଳ ୮ଟା।
- 'ମୂର୍ଚ୍ଛନା'ର ବାଦ୍ୟ ଯନ୍ତ୍ର ପ୍ରତିଯୋଗିତା, ଭୁବନେଶ୍ୱର କଳାକେନ୍ଦ୍ର, ସକାଳ ୯ଟା।
- ସିଏସ୍ଆର୍ କମ୍ୟୁନିଟି ଇନିସିଏଟିଭ୍ ଆୱାର୍ଡସ୍ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ସମ୍ପର୍କିତ ଆଲୋଚନାଚକ୍ର, ହୋଟେଲ ନ୍ୟୁ ମାରିଅନ୍, ପୂର୍ବାହ୍ନ ୧୦ଟା।
- କବି ଶ୍ରୀଜୟଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ଜୟଦେବ ବିହାର ଛକ, ପୂର୍ବାହ୍ନ ୧୦ଟା।
- ଷଷ୍ଠ ଜାତୀୟ ପାଠଚକ୍ର, ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ବିଶ୍ୱ ସ୍ୱାକ୍ଷରତା ଦିବସ ପାଳନ, ରୋଟାରୀ ଭବନ, ୟୁନିଟ୍-୯, ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ପଡ଼ିଆ, ୟୁନିଟ୍-୯, ପୂର୍ବାହ୍ନ ୧୦ଟା।
- କଟନଫାବ୍, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଲେଖକ ତଥା ବିଶିଷ୍ଟ ରାଜନୀତିଜ୍ଞ ସ୍ୱର୍ଗତ ଯଦୁନାଥ ଦାଶ ମହାପାତ୍ରଙ୍କ ସ୍ମୃତିଚାରଣ ସଭା, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଅରଭାନୀ ସମୟ ପକ୍ଷରୁ ବିଶ୍ୱ ସାକ୍ଷରତା ଦିବସ, ଗୋଦାବରୀଶ ସାହିତ୍ୟ ସଂସଦ, ମାଷ୍ଟରକ୍ୟାଣ୍ଟିନ ନିକଟ, ପୂର୍ବାହ୍ନ ୧୧ଟା।
- ଆଚାର୍ଯ୍ୟା, ଆଚାର୍ଯ୍ୟ ଓ ପରିଚାଳନା ସମିତି ସମ୍ମିଳନୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘାଟିକିଆ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ପକ୍ଷରୁ ଆଲୋଚନାଚକ୍ର, ସାଇନ୍ସ ଇନ୍‌ଷ୍ଟିଚ୍ୟୁଟ, ରେଡ୍‌କ୍ରସ ଭବନ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଦେବସଂସ୍କୃତି ଯୋଗ ବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ସାର୍ବଜନୀନ ପ୍ରାର୍ଥନାସଭା ଓ ଆଲୋଚନାଚକ୍ର, ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ର, ପଟିଆ, ଅପରାହ୍ନ ୨ଟା।
- ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବିକ୍ଷୋଭ, ଲୋୟର୍ ପିଏମ୍‌ଜି, ଅପରାହ୍ନ ୩ଟା ୩୦।
- ଶ୍ରୀଶ୍ରୀ ଲକ୍ଷ୍ମୀ ମା'ଙ୍କ ୧୨୫ତମ ଜନ୍ମ ମହୋତ୍ସବ ଅବସରରେ ସନ୍ଧ୍ୟା ବିନତି ପ୍ରାର୍ଥନା, ଏକ ନମ୍ବର ହାଇସ୍କୁଲ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୫ଟା ୪୬। ସାଧାରଣ ସଭା, ରାତି ୭ଟା।
- ଜେଡିସିଏ ପକ୍ଷରୁ 'ଚିତ୍ରକାରଙ୍କ ସାଙ୍ଗେ' କାର୍ଯ୍ୟକ୍ରମରେ 'ଦି ଷ୍ଟୋରୀ ଅଫ୍ ଓଡ଼ିଆ ଟାଇପୋଗ୍ରାଫି' ଉପରେ ସ୍ୱତନ୍ତ୍ର ଉପସ୍ଥାପନା, ଜେଡିସିଏ କ୍ୟାମ୍ପ୍ ଅଫିସ, ଭିଆଇପି କଲୋନୀ, ନୟାପଲ୍ଲୀ, ସନ୍ଧ୍ୟା ୬ଟା।
- ମିଡିଆ ଏକାଡେମୀ ବାର୍ଷିକ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ସନ୍ଧ୍ୟା ୬ଟା।
- ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ପକ୍ଷରୁ 'ମୋ ଦୃଷ୍ଟିରେ' କାର୍ଯ୍ୟକ୍ରମ, ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।
- ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ୧୩୧ତମ ଜୟନ୍ତୀ ମହୋତ୍ସବ ଅବସରରେ ଭଜନ କୀର୍ତ୍ତନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ସନ୍ଧ୍ୟା ୬ଟା।
- ଓଡ଼ିଶା ଖଣି ନିଗମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀର ମିଳିତ ସହଯୋଗରେ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଶିବିରର ଉଦ୍‌ଯାପନୀ ପର୍ବ ଏବଂ ଚିତ୍ର ପ୍ରଦର୍ଶନୀ, ପାନ୍ଥନିବାସ କଳିଙ୍ଗ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା ୩୦।
- ଦି ହେଭେନ୍ସ ଗ୍ରୁପ୍ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସ୍ମୃତିରେ ଶିବବ୍ରତ', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ରେନନ୍‌ସା ୟୁନିଭର୍ସାଲ ପକ୍ଷରୁ 'ସାହିତ୍ୟ ଓ ସମାଜ' ଶୀର୍ଷକ ଆଲୋଚନାଚକ୍ର, ହୋଟେଲ ଏମ୍ପାୟାର୍, ଶହୀଦନଗର, ସନ୍ଧ୍ୟା ୬ଟା ୩୦।
- ସୃଜନ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାବାସର ମିଳିତ ଆନୁକୂଲ୍ୟରେ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ-୨୦୧୮ର ଚତୁର୍ଥ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ରାତି ୭ଟା।
- ପ୍ରିନ୍ସ ପ୍ରଡକ୍ସନ ପିକ୍ଚର ପକ୍ଷରୁ 'କ୍ରିଷ୍ଣା'ର ଅଡିଓ ରିଲିଜ୍, ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ୍, ରାତି ୭ଟା ୩୦।

### କଟକ

- ସାହିତ୍ୟ ଏକାଡେମୀ ଓ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସ ସମ୍ମାନ, ମହାବିଦ୍ୟାଳୟ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା ୩୦।
- ଏକଦିବସୀୟ କର୍ମଶାଳା, ଆନେକ୍ସ-୧, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ରିସର୍ଚ୍ଚ ସୋସାଇଟି ଫର୍ ଦି ଷ୍ଟଡି ଡାଇବେଟିସ୍ ଇନ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟ ଶାଖାର ଷଷ୍ଠ ବାର୍ଷିକ ସମ୍ମିଳନୀ, ପ୍ରମୋଦ କନ୍‌ଭେନଶନ, ପୂର୍ବାହ୍ନ ୧୧ଟା ୩୦।
- ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍‌ର ଅଷ୍ଟମ ସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।
- ପୌରାଣିକ ଲୋକନାଟ୍ୟ 'ସୀତାଠାବ' ପରିବେଷଣ, ମୋହନ ମଣ୍ଡପ, ମଙ୍ଗଳାବାଗ, ରାତି ୭ଟା।

### ପୁରୀ

- ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ଅପରାହ୍ନ ୩ଟା।

### ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ତୃତୀୟ ସନ୍ଧ୍ୟା

# ପାରମ୍ପରିକ, ରକ୍ ମ୍ୟୁଜିକ୍‌ର ଫ୍ୟୁଜନ୍

ଭୁବନେଶ୍ୱର,୭।୯(ବ୍ୟୁରୋ)

ଗିଟାର୍, ଡ୍ରମ୍, କିବୋର୍ଡ, ଭାଓଲିନ୍, ମର୍ଦ୍ଦଳ, ତବଲା ଏବଂ କଣ୍ଠଶିଳ୍ପୀଙ୍କ ମନଛୁଆଁ ଗୀତ, ଯାହାର ସମନ୍ୱୟରେ ସୃଷ୍ଟି ହୋଇଥିଲା ଏକ ନିଆରା ସଙ୍ଗୀତ। ପ୍ରତ୍ୟେକ ବାଦ୍ୟଯନ୍ତ୍ର ନିଜ ନିଜର ସ୍ୱତନ୍ତ୍ରତାକୁ ବଖାଣିଥିଲେ। ଧୁନ୍‌ରୁ ବି ବାରି ହୋଇପଡ଼ିଥିଲା ସ୍ୱଷ୍ଟତା। ନିର୍ଦ୍ଦିଷ୍ଟ ନିୟମରେ ପରସ୍ପର ସହ ବାନ୍ଧିହୋଇ ସୃଷ୍ଟି କରିଥିଲେ ମନଛୁଆଁ ଓ ହୃଦୟସ୍ପର୍ଶୀ ସଙ୍ଗୀତର ଧାରା। ବାଦ୍ୟ ବାଦନର ସୂକ୍ଷ୍ମ କୌଶଳ ମାଧ୍ୟମରେ ଅଲଗା ବାଦ୍ୟ ସହ ଯୋଡ଼ିହୋଇ ମଧୁର ଭାବ ତିଆରି କରିଥିଲେ, ଯାହାକି ଶ୍ରୋତାମଣ୍ଡଳୀକୁ ମନ୍ତ୍ରମୁଗ୍ଧ କରିଥିଲା। ଏଭଳି ଅବସର ଆଣିଦେଇଥିଲା ନୃତ୍ୟାନୁଷ୍ଠାନ ସୃଜନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୧୮। ଶୁକ୍ରବାର ଉତ୍ସବର ତୃତୀୟ ସନ୍ଧ୍ୟାରେ ବେଙ୍ଗାଲୁରର ଅଗମ୍ ମ୍ୟୁଜିକାଲ୍ ବ୍ୟାଣ୍ଡ୍ ଦ୍ୱାରା ପ୍ରସ୍ତୁତ ମ୍ୟୁଜିକାଲ୍ ଫ୍ୟୁଜନ୍ ଆରମ୍ଭରୁ ଶେଷ ଯାଏ ଶ୍ରୋତାଙ୍କର ଭରପୂର ମନୋରଞ୍ଜନ କରିଥିଲା।

ପ୍ରଗତିଶୀଳ ସମକାଳୀନ କର୍ଣ୍ଣାଟକୀ ସଙ୍ଗୀତ ଉପରେ ଅଗମ୍ ମ୍ୟୁଜିକାଲ୍ ବ୍ୟାଣ୍ଡ୍‌ର ଫ୍ୟୁଜନ୍ ପରିବେଷଣ ବେଶ୍ ଚମତ୍କାର ଥିଲା। ଦକ୍ଷିଣ ଭାରତର ଶାସ୍ତ୍ରୀୟ ସଙ୍ଗୀତକୁ ନୂଆ ଓ ଆଧୁନିକ ଶୈଳୀରେ ଦର୍ଶକମାନଙ୍କ ଆଗରେ ପ୍ରତିପାଦିତ କରିଥିଲା ଏହି ବ୍ୟାଣ୍ଡ୍। ଏହାକୁ ପ୍ରସ୍ତୁତ କରିଥିଲେ ହରିଶ ଶିବରାମକ୍ରିଷ୍ଣନ, ସ୍ୱାମୀ ସେଥାରମଣ, ଟି. ପ୍ରବିନ କୁମାର, ଆଦିତ୍ୟ କଶ୍ୟପ, ଶିବକୁମାର ନାଗାର୍ଜ୍ଜୁନ, ଜଗଦୀଶ ନଟରାଜନ ଓ ଯଦୁନାନନ୍ଦନ। ଦ୍ୱିତୀୟ ଥର ପାଇଁ ରବୀନ୍ଦ୍ର ମଣ୍ଡପରେ ଏଭଳି ଏକ ମ୍ୟୁଜିକାଲ୍ ଫ୍ୟୁଜନ୍‌କୁ ଉପଭୋଗ କରିଥିଲେ ଭୁବନେଶ୍ୱରବାସୀ। ବିଶେଷକରି ଅଧିକାଂଶ ଯୁବ ଶ୍ରୋତାଙ୍କୁ ପ୍ରେକ୍ଷାଳୟରେ ଦେଖିବାକୁ ମିଳିଥିଲା। ଉତ୍ସବର ତୃତୀୟ ସନ୍ଧ୍ୟାରେ ଅତିଥି ଭାବେ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ, ଏସ୍‌ବିଆଇ, ଓଡ଼ିଶାର ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣା କାଲା ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ପ୍ରଫେସର ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବୀପ୍ରସାଦ ମିଶ୍ର ଏହାକୁ ସଂଚାଳନ କରିଥିଲେ।



ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଶୁକ୍ରବାର ୩ୟ ସନ୍ଧ୍ୟାକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।



ବାଙ୍ଗାଲୋରର ଅଗମ୍ ମ୍ୟୁଜିକାଲ ବ୍ୟାଣ୍ଡ ପକ୍ଷରୁ ମ୍ୟୁଜିକାଲ୍ ଫ୍ୟୁଜନ୍ ପ୍ରଦର୍ଶନ।

### ଆଜିର ଆକର୍ଷଣ

ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୪ର୍ଥ ସନ୍ଧ୍ୟାରେ ଶାସ୍ତ୍ରୀୟ ନୃତ୍ୟ କଥକ ସହ କର୍ଣ୍ଣାଟକୀ ଇନ୍‌ଷ୍ଟ୍ରୁମେଣ୍ଟାଲ ଭାଓଲିନ୍ ମୁଖ୍ୟ ଆକର୍ଷଣ ରହିବ। ଦେଶର ଜଣାଶୁଣା କଥକ ନୃତ୍ୟଶିଳ୍ପୀ ପଣ୍ଡିତ ରାଜେନ୍ଦ୍ର ଗଙ୍ଗାନୀ କଥକ ନୃତ୍ୟ ପରିବେଷଣ କରିବେ। ସେହିଭଳି କିଶୋର ଭାଓଲିନ୍ ବାଦକ ଅମ୍ବି ସୁବ୍ରମଣିୟମ୍ ଏକକ ଭାବେ ଭାଓଲିନ୍ ବାଦନ କରିବେ, ଯାହାକି କର୍ଣ୍ଣାଟକୀ ସଙ୍ଗୀତ ଉପରେ ଆଧାରିତ ହେବ।

### କର୍ଣ୍ଣାଟକୀ ପ୍ରୋଗ୍ରେସିଭ୍ ରକ୍ ବ୍ୟାଣ୍ଡ୍ 'ଅଗମ୍'

୨୦୦୩ରେ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସର କେତେଜଣ ଛାତ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା କର୍ଣ୍ଣାଟକୀ ପ୍ରୋଗ୍ରେସିଭ୍ ରକ୍ ବ୍ୟାଣ୍ଡ୍ 'ଅଗମ୍'। ଏକ ଛୋଟ ଆପାର୍ଟମେଣ୍ଟ ଷ୍ଟୁଡିଓରେ ପାରମ୍ପରିକ କର୍ଣ୍ଣାଟକୀ ସଙ୍ଗୀତ ସହ ଡ୍ରିମ୍ ଥିଏଟର ଭଳି ପ୍ରୋଗ୍ରେସିଭ୍ ରକ୍ ଆକ୍ଟକୁ ଫ୍ୟୁଜନ୍ କରି 'ଅଗମ୍' ସୃଷ୍ଟି କରିଥିଲା ଏକ ନୂଆ ମ୍ୟୁଜିକ୍ ଫର୍ମ 'କର୍ଣ୍ଣାଟକୀ ପ୍ରୋଗ୍ରେସିଭ୍ ରକ୍'। ପାରମ୍ପରିକ ସହ ରକ୍ ମ୍ୟୁଜିକ୍‌ର ଏହି ଫ୍ୟୁଜନ୍ ପରବର୍ତ୍ତୀ ସମୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ମ୍ୟୁଜିକ୍ ରିୟାଲିଟି ଶୋ' 'ଓ ଲା ଲା ଲା' ଜିତିବା ସହ ଏହା କୋକ୍ ଷ୍ଟୁଡିଓର ଦ୍ୱିତୀୟ ସିଜିନ୍‌ରେ ଅଂଶଗ୍ରହଣ କରିଥିଲା। ସେହିଭଳି ମାଲେସିଆନ୍ ଇଣ୍ଡିପେଣ୍ଡେଣ୍ଟ ଲାଇଭ୍ ଫ୍ୟୁଜନ୍ ଫେଷ୍ଟିଭାଲ ଏବଂ ରୋଜ୍‌ବାଓଲ୍ ଏଣ୍ଟରଟେନ୍‌ମେଣ୍ଟ ଚ୍ୟାନେଲରେ ମଧ୍ୟ ଅଗମ୍ ଭାଗନେଇ ବହୁ ପ୍ରଶଂସା ସାଉଁଟିଥିଲା। ଏହି ୭ଜଣିଆ ଗ୍ରୁପ୍‌ରେ ଏବେ ୮ରୁ ଅଧିକ ବାଦ୍ୟଯନ୍ତ୍ର ବ୍ୟବହାର କରାଯାଉଛି।

### ଶ୍ରୀମନ୍ଦିର ହୁଣ୍ଡି ସୁନା ପ୍ରସଙ୍ଗ

# ଖାମଖିଆଲ ତଥ୍ୟରୁ ଦ୍ୱନ୍ଦ୍ୱ

ପୁରୀ ଅଫିସ, ୭।୯

ଗୋଟିଏ ଶବ୍ଦ ପ୍ରସଙ୍ଗକୁ ବଦଳାଇ ଦେଇପାରେ। ସେହିପରି ସାମାନ୍ୟ ତ୍ରୁଟି ବଡ଼ ବିଭ୍ରାଟ ସୃଷ୍ଟି କରିପାରେ। ନିକଟରେ ଶ୍ରୀମନ୍ଦିର କ୍ଷେତ୍ରରେ ଘଟିଛି ଏମିତି ଅନେକ ଘଟଣା। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ଚାବି ହଜିଯାଇଛି କୁହାଯାଇଥିଲା। ଏହି ହଜିବା ଶବ୍ଦକୁ ନେଇ ତୁମ୍ବିତୋଫାନ ସୃଷ୍ଟି ହେଲା। ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ଉଠିଲା ପ୍ରଶ୍ନ। ଦାୟିତ୍ୱହୀନତାର କଥା ବି ଉଠିଲା। ହେଲେ ପରବର୍ତ୍ତୀ ସମୟରେ ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି ମିଳିଛି ବୋଲି କୁହାଗଲା। ପୁନଶ୍ଚ ପରିଚାଳନା କମିଟି ବୈଠକରେ ହଜିଯିବା ଶବ୍ଦ ବ୍ୟବହାର ଠିକ୍ ନ ଥିଲା ବୋଲି ଆଲୋଚନା ହେଲା। ପରବର୍ତ୍ତୀ ସମୟରେ ପରିଚାଳନା କମିଟି ବିବରଣୀରେ ହଜିଯିବା ଶବ୍ଦ ସ୍ଥାନରେ ମିଳୁନାହିଁ ବୋଲି ଉଲ୍ଲେଖ କରାଯାଇ ଏହାକୁ ସଂଶୋଧନ କରାଗଲା। କେବଳ ଖାମଖିଆଲ ଢଙ୍ଗରେ ଉପସ୍ଥାପିତ ଗୋଟିଏ ଶବ୍ଦ ପାଇଁ ସୃଷ୍ଟି ହେଲା ଆଲୋଡ଼ନ। ଏବେ ପୁଣି ଶ୍ରୀମନ୍ଦିର କ୍ଷେତ୍ରରେ ସେହିଭଳି ଏକ ବିବାଦ ଉପୁଜିବାକୁ ଯାଉଛି। ଏଥର ବି ସେହି ଖାମଖିଆଲ ଢଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ରାଜ୍ୟ ସରକାରଙ୍କୁ ତଥ୍ୟ ଦେଇଛି। ଶ୍ରୀମନ୍ଦିରକୁ ମିଳିଥିବା ସୁନା ତଥ୍ୟକୁ ଏଭଳି ଢଙ୍ଗରେ ଉପସ୍ଥାପିତ କରାଯାଇଛି, ଯାହାକି ବୁଝିବା ମୁସ୍କିଲ। ଏହି ତଥ୍ୟକୁ ବିଧାନସଭାରେ ଆଇନମନ୍ତ୍ରୀ ପ୍ରତାପ ଜେନା ଉପସ୍ଥାପନ କରିଥିବା ବେଳେ ଏହାକୁ ନେଇ ଉପୁଜିଛି ଦ୍ୱନ୍ଦ୍ୱ।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସରକାରଙ୍କୁ ଶ୍ରୀମନ୍ଦିରକୁ ମିଳିଥିବା ସୁନାର ତଥ୍ୟ ଦିଆଯାଇଛି। ୧୯୮୩ ଅଗଷ୍ଟ ୨୩ରେ ଶ୍ରୀମନ୍ଦିରରେ ହୁଣ୍ଡି ସ୍ଥାପନ ହୋଇଥିଲା। ଏହା ପରଠାରୁ ୨୦୧୮ ଅଗଷ୍ଟ ୩୧ ସୁଦ୍ଧା କେତେ ସୁନା ମିଳିଛି ତାହାର ତାଲିକା ଦିଆଯାଇଛି। ସେହିପରି ପ୍ରତିବର୍ଷ ପିଣ୍ଡିକା ଏବଂ ଅନ୍ୟାନ୍ୟ ବାବଦରେ କେତେ ସୁନା ମିଳିଛି ତାହା ମଧ୍ୟ ଦର୍ଶାଯାଇଛି। କେତେ ସୁନା ଖର୍ଚ୍ଚ ହୋଇଛି ତାହା ଉଲ୍ଲେଖ ଅଛି। କିନ୍ତୁ ତଥ୍ୟ ଏଭଳି ଢଙ୍ଗରେ ଦିଆଯାଇଛି ତାହା ସାଧାରଣରେ ବିଭ୍ରାନ୍ତି ସୃଷ୍ଟି କରୁଛି। ପିଣ୍ଡିକା ଓ ଅନ୍ୟାନ୍ୟ ବାବଦରେ ମିଳିଥିବା ସୁନାର ତାଲିକା ଦିଆଯାଇଥିଲେ ହେଁ ସମୁଦାୟ କେତେ ମିଳିଛି ତାହା ଦର୍ଶାଯାଇନାହିଁ। ହୁଣ୍ଡି ସୁନା ଏବଂ ଖର୍ଚ୍ଚ ସୁନା ତଥ୍ୟରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଏପରି କି ଆରମ୍ଭରୁ ୨୦୦୦ ମସିହା ପର୍ଯ୍ୟନ୍ତ ପିଣ୍ଡିକାରୁ ବାହାରିଥିବା ଏବଂ ଖର୍ଚ୍ଚ କରାଯାଇଥିବା ସୁନା ଭରି, ଅଣା, ପଇସା ଓ ପାହୁଲା ହିସାବରେ ଦିଆଯାଇଛି। ଏହା ପରଠାରୁ ଗ୍ରାମ୍ ହିସାବରେ ତଥ୍ୟ ପ୍ରଦାନ କରାଯାଇଛି। ଏହି ତଥ୍ୟ ବୁଝିବା ସାଧାରଣରେ ସମ୍ଭବ ହେଉ ନ ଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଶ୍ରୀମନ୍ଦିରକୁ ମିଳିଥିବା ୧୬ କେଜି ୧୫ ଗ୍ରାମ୍ ସୁନା ମଧ୍ୟରୁ ୧୪ କିଗ୍ରା ୫୬୦ ଗ୍ରାମ୍ ଏସ୍‌ବିଆଇ ଲକରରେ ରଖାଯାଇଥିବା ତଥ୍ୟରେ ଉଲ୍ଲେଖ ରହିଛି। ଖର୍ଚ୍ଚରେ ବାର୍ଷିକ ଯେଉଁ ତଥ୍ୟ ରହିଛି ବର୍ଷେ, ଦୁଇବର୍ଷକୁ ବାଦ୍ ଦେଲେ ପ୍ରତିବର୍ଷ ସୁନା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ତେବେ ସମୁଦାୟ କେତେ ସୁନା କେଉଁ ବାବଦରେ ଖର୍ଚ୍ଚ ହୋଇଛି ତାହା ଉଲ୍ଲେଖ କରାଯାଇନାହିଁ। ଏଠାରେ ସ୍ୱଷ୍ଟ ସୂଚନା ନ ଥିବାରୁ ଏହି ହିସାବ ଏବେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟକୁ ଦେଖିଲେ ଯେ କେହି ଦ୍ୱନ୍ଦ୍ୱରେ ପଡିବା ସ୍ୱାଭାବିକ। ତଥ୍ୟ ଅନୁଯାୟୀ, ହୁଣ୍ଡି ସ୍ଥାପନଠାରୁ ଗତ ଜାନୁୟାରୀ ୩୧ ସୁଦ୍ଧା ହୁଣ୍ଡିରେ ମୋଟ ୧୮ କେଜି ୨୬୧ ଗ୍ରାମ୍ ୫୩୬ ମିଲିଗ୍ରାମ୍ ସୁନା ମିଳିଥିଲା। କିନ୍ତୁ ମନ୍ତ୍ରୀ ବିଧାନସଭାରେ ରଖିଥିବା ଉତ୍ତରରେ ୧୬ କିଗ୍ରାରୁ ଅଧିକ ସୁନା ରହିଥିବା ସୂଚନା ଦେଇଛନ୍ତି। ତେବେ ଏହି ସୁନା କେବଳ ହୁଣ୍ଡିରୁ ମିଳିଛି ନା ଶ୍ରୀମନ୍ଦିରରେ ଖର୍ଚ୍ଚ ଯାଇ ଗଚ୍ଛିତ ସୁନା ତାହା ସ୍ୱଷ୍ଟ ଭାବେ ଉଲ୍ଲେଖ କରାଯାଇନାହିଁ, ଯାହାକୁ ନେଇ ଏହି ଦ୍ୱନ୍ଦ୍ୱ ଉପୁଜିଛି। ଶ୍ରୀମନ୍ଦିର ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ସରକାରଙ୍କୁ ଦିଆଯାଇଥିବା ତଥ୍ୟରେ କୌଣସି ତ୍ରୁଟି ନାହିଁ। ଉପସ୍ଥାପନାରେ ଆଉ ଟିକେ ସ୍ୱଷ୍ଟ କରାଯାଇଥିଲେ ସହଜରେ ବୁଝି ହୋଇପାରିଥାନ୍ତା।



ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ବିଶାଳ ସମାବେଶ।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ମୀର ଅହମ୍ମଦ



@ ରାନୀ



@ ଶୁଭସ୍ମିତା



@ ପବିତ୍ର



@ ପ୍ରିୟରଞ୍ଜନ



@ ନିହାର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଅନ୍ୟର ଦୋଷ ଦେଖିଲା ମାତ୍ରେ ତାକୁ ସମାଲୋଚନା କରିବା ପୂର୍ବରୁ ନିଜର ସେହି ଦୋଷ କେତେଦୂର ଅଛି ପ୍ରଥମରୁ ବିଚାର କରିନିଅ।
- ଟମାସ୍ କାର୍ଲାଇଲ



## ୩.୩ କୁଇଣ୍ଟାଲ ଗଞ୍ଜେଇ ଜବତ ମାମଲା
# ୨ ବ୍ୟବସାୟୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର, ୭।୯(ବ୍ୟୁରୋ)

କଳିଙ୍ଗବିହାର ଛକରୁ ଏକ ଟାଟା ଏସିଇ ଗାଡ଼ିରୁ ୩ କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ ମାମଲାର ରାୟ ଶୁକ୍ରବାର ଭୁବନେଶ୍ୱର ଜିଲା ଦୌରାଜଜ କୋର୍ଟରେ ପ୍ରକାଶ ପାଇଛି। ଏହି ମାମଲାରେ କୋର୍ଟ ୨ ଗଞ୍ଜେଇ ବେପାରୀ କେଦାର ପ୍ରଧାନ ଓ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ୧୦ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଉଭୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଶୁଣାଇଛନ୍ତି।

ମାମଲା ବିବରଣୀରୁ ମିଳିଥିବା ସୂଚନା ମୁତାବକ, ୨୦୧୬ ଜାନୁୟାରୀ ୨୦ରେ ଏକ ଟାଟା ଏସିଇ(ଓଆର-୦୭ଜେଡ୍-୩୬୩୮)ରେ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରାଯାଉଥିଲା। କେଦାର ଏବଂ ମୃତ୍ୟୁଞ୍ଜୟ ଉକ୍ତ ଗଞ୍ଜେଇ ଫୁଲବାଣୀରୁ ଭୁବନେଶ୍ୱର ଆଣୁଥିଲେ। କଳିଙ୍ଗବିହାର ଛକରେ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଗାଡ଼ିକୁ ଅଟକାଯାଇ ଯାଞ୍ଚ କରାଯିବାବେଳେ ୧୦ଟି ବସ୍ତାରେ ଭର୍ତ୍ତି ହୋଇଥିବା ୩କୁଇଣ୍ଟାଲ ୩୦ କି.ଗ୍ରା. ଗଞ୍ଜେଇ ମିଳିଥିଲା। ସେଗୁଡ଼ିକୁ ଜବତ କରାଯିବା ସହିତ ଗାଡ଼ିର ଡ୍ରାଇଭର ଏବଂ ଅନ୍ୟ ଦୁଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା। ଡ୍ରାଇଭର ଜଣକ ନାବାଳକ ହୋଇଥିବାରୁ ତାଙ୍କୁ ସ୍ୱଧାର ଗୃହକୁ ପଠାଇ ଦିଆଯାଇଥିଲା। ଅନ୍ୟ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

# ଲାଞ୍ଚ: ପୋଲିସ ଏଏସ୍ଆଇଙ୍କୁ ୨ବର୍ଷ ଜେଲଦଣ୍ଡ

କଟକ ଅଫିସ, ୭।୯

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଧୀନ ବେଲଗୁଣ୍ଠା ଆଉଟପୋଷ୍ଟର ପୂର୍ବତନ ଏଏସ୍ଆଇ ଚୈତନ୍ୟ ମଲିକଙ୍କୁ ୨ ବର୍ଷ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। ମଲିକଙ୍କ ବିରୋଧରେ ଆଗତ ଏକ ଲାଞ୍ଚ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଏଭଳି ରାୟ ଦେଇଛନ୍ତି। ସୂଚନାଥାଉକି, ଏକ ଜମି ବିବାଦର ସମାଧାନ ପାଇଁ ଭଞ୍ଜନଗର ଥାନା ଅଧୀନ ଇଙ୍ଗିନାଟି ଗ୍ରାମର କାଲୁଚରଣ ସାବତିଙ୍କଠାରୁ ଏଏସ୍ଆଇ ମଲିକ ଅଢେଇ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୭/୨୦୦୮ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ଚାର୍ଜଶିଟ ହେବା ପରେ ତାହା କୋର୍ଟଙ୍କ ବିଚାରାଧୀନ ଥିଲା। ଶୁକ୍ରବାର ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ହୋଇଥିଲା। ଗୋଟିଏ ଦଫାରେ ଅଭିଯୁକ୍ତଙ୍କୁ ୧ ବର୍ଷ ସଶ୍ରମ ଜେଲ୍ ଓ ୨ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଅନ୍ୟ ଏକ ଦଫାରେ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଉଭୟ ଦଫାର ଜରିମାନା ଆଦାୟ ନ ହେଲେ ଅଭିଯୁକ୍ତଙ୍କୁ ଯଥାକ୍ରମେ ୧ ମାସ ଓ ୨ ମାସ ଅଧିକ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ରାୟରେ ସ୍ପଷ୍ଟ କରାଯାଇଛି। ସ୍ୱତନ୍ତ୍ର ପିପି ତପନ କୁମାର ଦାସ ଓ ଅତିରିକ୍ତ ସ୍ୱତନ୍ତ୍ର ପିପି ପି.କେ. ଦୋରା ଭିଜିଲାନ୍ସ ପକ୍ଷରୁ ଏହି ମାମଲା ପରିଚାଳନା କରୁଥିଲେ।

## ପୋଲିସ-ଓକିଲ ବିବାଦ
# ଜିଲା ଜଜ୍‌ଙ୍କ ଫାଟକରେ ତାଲା ପକାଇ ବିକ୍ଷୋଭ



କଟକ ଅଫିସ, ୭।୯

କଟକରେ ପୋଲିସ-ଓକିଲଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଅଧିକ ଜଟିଳ ହେବାରେ ଲାଗିଛି। ଉକ୍ତ ଘଟଣା ଇତିମଧ୍ୟରେ ରାଜନୈତିକ ମୋଡ଼ ନେଇଥିବା ବେଳେ ଓକିଲମାନେ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ଆସନ୍ତା ସୋମବାର ପର୍ଯ୍ୟନ୍ତ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଓକିଲମାନେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲାଜଜ୍‌ଙ୍କ ଅଦାଲତର ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ କରିଥିଲେ। ଏପରି କି ଆନ୍ଦୋଳନକାରୀ ଓକିଲମାନେ ଜିଲା ଜଜ୍ ସତ୍ୟନାରାୟଣ ମିଶ୍ରଙ୍କୁ ଅଦାଲତ ମଧ୍ୟକୁ ଛାଡି ନ ଥିଲେ। ଶେଷରେ ହାଇକୋର୍ଟ ବାର୍ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଜିଲାଜଜ୍‌ଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଶନିବାର ରାଜ୍ୟର ୧୬୭ ବାର୍‌ର ପ୍ରତିନିଧିମାନେ କଟକରେ ଏକଜୁଟ ହେବେ। ହାଇକୋର୍ଟ ବାର୍ ସମ୍ମିଳନୀ କକ୍ଷରେ ଏ ନେଇ ଏକ ବୈଠକର ଆୟୋଜନ କରାଯାଇଛି। ବୈଠକରେ ଓକିଲମାନଙ୍କର ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯିବ।

# କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ

କଟକ ଅଫିସ, ୭।୯

ଆଇନଜୀବୀଙ୍କୁ ପୋଲିସର ମାଡ଼ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର କ୍ରାଇମବ୍ରାଞ୍ଚର ଡିଏସ୍‌ପି ଏସ୍. ଏଲ. ପଟ୍ଟନାୟକ ଓ ଡି. ବି. ମିଶ୍ରଙ୍କ ନେତୃତ୍ୱରେ ୪ଜଣିଆ ଟିମ୍ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପଚରାଉଚରା କରିଛନ୍ତି। ଏଥିସହିତ ସେମାନେ ଚାଉଳିଆଗଞ୍ଜ ଥାନାକୁ ଯାଇ ଥାନା ଅଧିକାରୀ ଏବଂ ସେଦିନ ଘଟଣାସ୍ଥଳରେ ଥିବା କିଛି ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୮ ତାରିଖରେ କଟକ ଚାଉଳିଆଗଞ୍ଜ ନିକଟରେ ଆଇନଜୀବୀ ପଟ୍ଟନାୟକଙ୍କୁ ପୋଲିସର ମାଡ଼ ଘଟଣାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ଓକିଲମାନେ ଆନ୍ଦୋଳନ ଜାରି ରଖିଛନ୍ତି।

# ଟ୍ରକ୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ହଂସପାଳ ଛକ ନିକଟରେ ଗୁରୁବାର ରାତିରେ ଏକ ଟ୍ରକ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଣ୍ଡଗିରି ଥାନା ଅଧୀନ ଡୁମଡୁମା ହାଉସିଂ ବୋର୍ଡ କଲୋନୀ ଅଞ୍ଚଳର ଅରୁଣ କୁମାର ରାଉଳ(୪୨)। ଦୁର୍ଘଟଣା ଘଟାଇଥିବା ଟ୍ରକ(ଏପି ୨୭ ଟିଟି ୨୬୬୯)କୁ ପୋଲିସ ଜବତ କରିବା ସହ ଡ୍ରାଇଭର ଆନ୍ଧ୍ରପ୍ରଦେଶର ଏମ୍. ସୁବା ରେଡ୍ଡୀଙ୍କୁ ଗିରଫ କରିଛି।

ସୂଚନା ମୁତାବକ, ଗୁରୁବାର ରାତିରେ ଅରୁଣ ତାଙ୍କ ସ୍କୁଟି(ଓଡି ୦୨ଏକ୍ସ୮ ୨୩୫)ରେ ନହରକଣ୍ଟାସ୍ଥିତ କମ୍ପାନୀରୁ କାମ ସାରି ଘରକୁ ଫେରୁଥିଲେ। ହଂସପାଳ ଛକ ନିକଟରେ କଟକ ପଟୁ ଆସୁଥିବା ଟ୍ରକଟି ସ୍କୁଟିକୁ ପଛପଟୁ ଧକ୍କା ଦେବା ପରେ ଅରୁଣଙ୍କ ଉପରେ ଚଢିଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅରୁଣଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଡ୍ରାଇଭର ସୁବା ରେଡ୍ଡୀଙ୍କୁ କୋର୍ଟ ଚାଲାଣ କରିଛି।

# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ




ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ପୁରୀ ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ।




ଭୁବନେଶ୍ୱରସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଏନ୍ଏସ୍ଏସ୍ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ବର୍ଜନ ବାର୍ତ୍ତା ଦେଉଛନ୍ତି।




ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ସଚେତନତା ଶୋଭାଯାତ୍ରାରେ ବାହାରିଥିବା ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର।




ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନକୁ ସମର୍ଥନ ଜଣାଉଛନ୍ତି ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ।



ସମ୍ବଲପୁରସ୍ଥିତ ଭୀମ ଭୋଇ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ର, ଶିକ୍ଷକ।

## ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ହେବ
# ବିଶ୍ୱବ୍ୟାଙ୍କରୁ ଆସିବ ୧୦୭୧ କୋଟି ଟଙ୍କା ଋଣ

- ପ୍ରଥମ ପର୍ଯ୍ୟାୟରେ ୬ ବିଶ୍ୱବିଦ୍ୟାଳୟକୁ ୧୫୦ କୋଟି
- ୭୦ କଲେଜରେ ଦିଆଯିବ ୪୪୦ କୋଟି

ଭୁବନେଶ୍ୱର, ୭।୯ (ବ୍ୟୁରୋ)

ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ରାଜ୍ୟର ଉଚ୍ଚଶିକ୍ଷାରେ ଗୁଣାତ୍ମକ ମାନ ବୃଦ୍ଧି ସହ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ କରାଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ବିଶ୍ୱବ୍ୟାଙ୍କ ପାଖରୁ ୧୦୭୧ କୋଟି ଟଙ୍କା ଋଣ ଆଣିବ। ଉକ୍ତ ଟଙ୍କାରେ ଡିଗ୍ରୀ କଲେଜ, ସରକାରୀ ସ୍ୱୟଂଶାସିତ କଲେଜ ଏବଂ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ କରାଯିବ। ତା'ସହିତ ଗବେଷଣା, ଦକ୍ଷତା ବିକାଶ ଏବଂ ବିଶ୍ୱବିଦ୍ୟାଳୟର ଗୋଟିଏ କିମ୍ବା ଦୁଇଟି ବିଭାଗରେ ଉତ୍କର୍ଷ କେନ୍ଦ୍ର ପରିଚାଳନା କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ଉକ୍ତ ଋଣ ଟଙ୍କାକୁ ବିଭାଗ ୧୫ ବର୍ଷ ଭିତରେ ଶୁଝିବ ବୋଲି ଜଣାପଡିଛି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଶୁକ୍ରବାର ଓଡ଼ିଶା ଉଚ୍ଚଶିକ୍ଷାର ଉତ୍କର୍ଷ ଓ ସମାନତା କାର୍ଯ୍ୟକ୍ରମ ସମ୍ପର୍କିତ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ଦାସ ଯୋଗଦେଇ କହିଲେ, ଓଡ଼ିଶା ସରକାର, ଭାରତ ସରକାର ଏବଂ ବିଶ୍ୱବ୍ୟାଙ୍କ ମଧ୍ୟରେ ୨୦୧୭ ନଭେମ୍ବରରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଚୁକ୍ତିନାମା ଅନୁଯାୟୀ, ଓଡ଼ିଶା ସରକାର ବିଶ୍ୱବ୍ୟାଙ୍କରୁ ୧୦୭୧ କୋଟି ଟଙ୍କାର ସହାୟତା ରାଶି ଆଣିବେ। ଉକ୍ତ ଟଙ୍କା ଉଚ୍ଚଶିକ୍ଷାର ଉତ୍କର୍ଷ ଓ ଭିତ୍ତିଭୂମିର ବିକାଶ ପାଇଁ ଖର୍ଚ୍ଚ କରାଯିବ। ପ୍ରଥମ ପର୍ଯ୍ୟାୟରେ ୬ ବିଶ୍ୱବିଦ୍ୟାଳୟ ଏବଂ ୭୦ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜକୁ ସାମିଲ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଅନୁଷ୍ଠାନର ଗୁଣାତ୍ମକ ମାନ ଆଧାରରେ ବିଶ୍ୱବିଦ୍ୟାଳୟ ଏବଂ କଲେଜକୁ ଚିହ୍ନଟ କରାଯିବାର ପ୍ରସ୍ତାବ ରହିଛି।

ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ୭୦ କଲେଜକୁ ୪୪୦ କୋଟି ଏବଂ ୬ ବିଶ୍ୱବିଦ୍ୟାଳୟକୁ ୧୫୦ କୋଟି ଆର୍ଥିକ ସହାୟତା ପ୍ରଦାନ କରାଯିବ। କଲେଜଗୁଡିକୁ ପ୍ରଦାନ କରାଯିବାକୁ ଥିବା ଟଙ୍କାରୁ ୬୦% ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଖର୍ଚ୍ଚ କରିବେ। ୪୦% ଅଧ୍ୟାପକ ନିଯୁକ୍ତି, ପ୍ରଶିକ୍ଷଣ, ବୃତ୍ତିଗତ ପରାମର୍ଶ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆବଶ୍ୟକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ ଖର୍ଚ୍ଚ କରିବେ। ସେହିପରି ୬ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ କଲେଜଗୁଡିକୁ ସର୍ବାଧିକ ୪୦% ଅର୍ଥ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଅବଶିଷ୍ଟ ଅର୍ଥକୁ ବିଶ୍ୱବିଦ୍ୟାଳୟ ନିଜର ନିର୍ମାଣ କାର୍ଯ୍ୟ ଏବଂ ଉତ୍କର୍ଷ କେନ୍ଦ୍ର ପରିଚାଳନା ନିମନ୍ତେ ଖର୍ଚ୍ଚ କରିପାରିବେ। ଉଚ୍ଚଶିକ୍ଷାକୁ ଉତ୍କର୍ଷ ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ଦାସ କହିଛନ୍ତି।

ଉତ୍ସବରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ବିଷ୍ଣୁପଦ ସେଠୀ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଅଶୋକ ଦାଶ, ବିଭାଗୀୟ ଯୁଗ୍ମ ସଚିବ ପରମେଶ୍ୱରନ୍ ବି. ଙ୍କ ସହିତ ୭୦ କଲେଜ ଏବଂ ୬ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଉପସ୍ଥିତ ଥିଲେ।



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ସେବାୟତଙ୍କୁ ହାଣିଲେ ସେବାୟତ

**ପୁରୁଣା ଭୁବନେଶ୍ୱର,୭।୯( ଡି.ଏନ.ଏ.):** ଶ୍ରୀଲିଙ୍ଗରାଜ ଥାନା ଗେଟ ଅର୍ଥାତ୍ ଶ୍ରୀଲିଙ୍ଗରାଜ ମନ୍ଦିର ମୁଖ ଶାଳା ରାସ୍ତାରେ ଶୁକ୍ରବାର ରକ୍ତ ଛିଟା ପିଡିଛି। ଶୁକ୍ରବାର ସନ୍ଧ୍ୟାରେ ଦୁଇ ସେବାୟତଙ୍କ ମଧରେ ଗଣ୍ଡଗୋଳରୁ ମରଣାନ୍ତକ ଆକ୍ରମଣ ହୋଇଛି। ସୂର୍ଯ୍ୟକାନ୍ତ ଗରାବଡୁଙ୍କୁ ସନୀଲ ବଟୁ (ସନୁ) କଟୁରିରେ ଗୋଡେଇ ଗୋଡେଇ ଆକ୍ରମଣ କରିଥିଲେ। ଆକ୍ରମଣରେ ସୂର୍ଯ୍ୟକାନ୍ତଙ୍କ ହାତରେ ଗଭୀର କ୍ଷତ ହେବା ସହ ରକ୍ତସ୍ରାବ ହୋଇଥିଲା। ଏହା ଦେଖି ସେଠରେ ଉପସ୍ଥିତ ପର୍ଯ୍ୟଟକମାନେ ଚିତ୍କାର କରିଥିଲେ। ପୋଲିସ ପହଞ୍ଚି ଆହତ ସୂର୍ଯ୍ୟକାନ୍ତଙ୍କୁ ଚିକିତ୍ସା ଲାଗି ବିଏମ୍ସି ହସ୍ପିଟାଲକୁ ପଠାଇଥିଲା। ଆକ୍ରମଣ କାରଣ ଅସ୍ପଷ୍ଟ ରହିଛି। ଏହି ଘଟଣାରେ ପୋଲିସ ସନୁଙ୍କୁ ଗିରଫ କରିବା ସହ କେସ୍ ନଂ. ୧୭୩/୧୮ରେ ରୁଜୁ କରିଛି।

### ଅନ୍‌ଲାଇନରେ ସମସ୍ତ ଟିକସ ଆଦାୟ କରିବ ବିଏମ୍ସି

**ଭୁବନେଶ୍ୱର,୭।୯(ବ୍ୟୁରୋ):** ବିଏମ୍ସି ସମସ୍ତ ପ୍ରକାର ଟ୍ୟାକ୍ସ ଅନଲାଇନ୍‌ରେ ଆଦାୟ କରିବ। ଅନଲାଇନ୍‌ରେ ଟ୍ରେଡ୍ ଲାଇସେନ୍ସ ଆଦାୟ ଶତପ୍ରତିଶତ ସଫଳ ହୋଇଥିବାବେଳେ ଆଗକୁ ଇ-ମ୍ୟୁନିସିପାଲଟି ପ୍ଲାଟଫର୍ମ ସର୍ଭିସ ମାଧମରେ ହୋଲ୍‌ଡିଂ ଟ୍ୟାକ୍ସ, ଟ୍ରେଡ ଲାଇସେନ୍ସ, ଜନ୍ମ ଏବଂ ମୃତ୍ୟୁ ପ୍ରମାଣପାତ୍ର, ପାଣି ବିଲ୍ ଭଳି ଟ୍ୟାକ୍ସ ବିଏମ୍ସି ଅନ୍‌ଲାଇନ୍‌ରେ ଆଦାୟ କରିବ। ଏ ନେଇ ବିଏମ୍ସି ଅତିରିକ୍ତ କମିଶନର ଶ୍ରୀମନ୍ତ ମିଶ୍ର କୁହନ୍ତି, ସହରରେ ୧,୦୨,୫୦୨ ଘର ରହିଛି। ହୋଲ୍‌ଡିଂ ଟ୍ୟାକ୍ସ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ମଧରୁ ଖୁବ୍ କମ୍ ଅନ୍‌ଲାଇନ୍‌ରେ ପ୍ରଦାନ କରୁଛନ୍ତି। ଆଗକୁ ଅନ୍‌ଲାଇନ୍‌ରେ ବିଏମ୍ସି ସମସ୍ତ ପ୍ରକାର ଟ୍ୟାକ୍ସ ଆଦାୟ କରିବ ବୋଲି ମିଶ୍ର କହିଛନ୍ତି। ଏଥିପାଇଁ ବିଏମ୍ସି କମନ ପେମେଣ୍ଟ କାର୍ଡ ସିଷ୍ଟମ୍ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛି। ଟ୍ୟାକ୍ସ ପ୍ରଦାନକାରୀଙ୍କୁ ଏହି କାର୍ଡ ଦିଆଯିବ। ସେମାନେ କାର୍ଡ ମାଧମରେ ବିଏମ୍ସିକୁ ସମସ୍ତ ପ୍ରକାର ଟ୍ୟାକ୍ସ ଅନ୍‌ଲାଇନ୍‌ରେ ପେମେଣ୍ଟ କରିବେ ବୋଲି ବିଏମ୍ସିରୁ ସୂଚନା ମିଳିଛି।

### ଲିଙ୍ଗଭିତ୍ତିକ ହିଂସା ରୋକିବା ଯୁବ ସମାଜ ପାଇଁ ବଡ଼ ଆହ୍ୱାନ

**ଭୁବନେଶ୍ୱର,୭।୯(ବ୍ୟୁରୋ):** ଲିଙ୍ଗଭିତ୍ତିକ ହିଂସା ରୋକିବା ବର୍ତ୍ତମାନର ଯୁବସମାଜ ପାଇଁ ଏକ ବଡ଼ ଆହ୍ୱାନ। ଶିକ୍ଷା, ନୈତିକତା ଓ ସାମାଜିକ ଦାୟିତ୍ୱବୋଧକୁ ପାଥେୟ କରି ଯୁବପିଢ଼ି ଏହି ସାମାଜିକ କଳଙ୍କକୁ ଦୂର କରିପାରିବେ ବୋଲି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କମଳକାନ୍ତ ମିଶ୍ର କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟର ମଦନପୁରସ୍ଥିତ କ୍ୟାମ୍ପସ୍‌ରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଡ. ମିଶ୍ର ଏହା କହିଥିଲେ। ସାମାଜିକ ବିକାଶ ଓ ଯୁବ ସହଭାଗିତା କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଆଲୋଚନାତ୍ମକ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ରିଭ୍ୟୁ ସମ୍ପାଦକ ଲେନିନ୍ ମହାନ୍ତି ସମସାମୟିକ ସମାଜରେ ଲିଙ୍ଗବୈଷମ୍ୟ ଏବଂ ଲିଙ୍ଗଭିତ୍ତିକ ହିଂସା ଉପରେ ବକ୍ତବ୍ୟ ରଖିଥିଲେ। ଲିଙ୍ଗଭିତ୍ତିକ ହିଂସା କିପରି ସାମାଜିକ ଶୃଙ୍ଖଳା ପ୍ରତି ବିପଦ ସୃଷ୍ଟି କରିଚାଲିଛି, ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ସୁମନ ଦାସ ତାଙ୍କ ବକ୍ତବ୍ୟରେ ଯୁବପିଢ଼ି ସମାଜରୁ ଲିଙ୍ଗଭିତ୍ତିକ ହିଂସା ରୋକିବାରେ କେଉଁଭଳି ଦାୟିତ୍ୱ ନିର୍ବାହ କରିବା ଉଚିତ, ସେ ସମ୍ପର୍କରେ ଗଠନମୂଳକ ପରାମର୍ଶ ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଡ. ଜଗନ୍ନାଥ କୁଅଁର ସ୍ୱାଗତ ଭାଷଣ ଦେଇଥିବା ବେଳେ ଏନ୍‌ଏସ୍‌ଏସ୍ ସଂଯୋଜକ ଅଧାପକ ଡ. ସନ୍ଦୀପ କୁମାର ରାଉତ ଓ ପ୍ରବୀର କୁମାର ଦଳାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

■ ବିଜେଡିର ତୈଳ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

# ଗୁଳିମାଡ଼ରୁ ଅଳ୍ପକେ ବର୍ତ୍ତିଲେ କର୍ମୀ

- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାଜପଥ ଅବରୋଧ
- ପାଲଟା ଅଭିଯୋଗ ଆଣିଲେ ଗଳିମାଡ଼ କରିଥିବା ଯୁବକମାନେ



ଗୁଳିମାଡ଼ ପରେ ଗ୍ରାମବାସୀ ଓ ବିଜେଡି କର୍ମୀମାନେ ୩୧୬ ନମ୍ବର ପୁରୀ-ଭୁବନେଶ୍ୱର ରାଜପଥକୁ ଟାୟାର ଜାଳି ଅବରୋଧ କରିଛନ୍ତି।

**ପୁରୁଣା ଭୁବନେଶ୍ୱର, ୭।୯( ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରେ ବିଜେଡି ପକ୍ଷରୁ ଶୁକ୍ରବାର ବିକ୍ଷୋଭ କରାଯାଉଥିଲା। ଏହି ସମୟରେ ପୂର୍ବାହ୍ନ ୧୧ଟା୧୦ ମିନିଟ୍‌ରେ ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଧଉଳି ଥାନା ଅଧୀନ ଲିଙ୍ଗିପୁର ଜଗନ୍ନାଥ ପେଟ୍ରୋଲ ପମ୍ପ ସମ୍ମୁଖରେ ତୈଳଦର ହ୍ରାସ ଲାଗି ବିଜେଡି କର୍ମୀମାନଙ୍କ ବିକ୍ଷୋଭ ଚାଲିଥିଲା। ଶିଶୁପାଳଗଡ ଗାଁର ବିଜେଡି କର୍ମୀ ରବୀନ୍ଦ୍ର ପାତ୍ର(୪୩) ବିକ୍ଷୋଭରେ ସାମିଲ ହୋଇଥିଲେ। ଏହି ସମୟରେ ତାଙ୍କ ଉପରକୁ ୩ ଯୁବକ ୨ ରାଉଣ୍ଡ ଗୁଳି କରିଥିଲେ। ସୌଭାଗ୍ୟ ବଶତଃ ରବୀନ୍ଦ୍ରଙ୍କ ଦେହରେ ଗୁଳି ନ ବାଜିବାରୁ ସେ ବର୍ତ୍ତୀ ଯାଇଥିଲେ। ଏହାକୁ ନେଇ ରାଜପଥକୁ ଗାଁ ଲୋକଙ୍କ ସହ ବିଜେଡି କର୍ମୀମାନେ ୪୦ ମିନିଟ୍ ଧରି ଅବରୋଧ କରିଥିଲେ। ଅପରପକ୍ଷରେ ଗୁଳିମାଡ କରିଥିବା ଯୁବକମାନେ ପାଲଟା ଅଭିଯୋଗ କରିଛନ୍ତି ଯେ, ସେମାନଙ୍କୁ ବିଜେଡି କର୍ମୀମାନେ ମାଡ ମାରି ଆହତ କରିଛନ୍ତି। ଆଇଆଇସି ବିଶ୍ୱଜିତ୍ ଜୟଦୀପ୍‌ଙ୍କୁ ପଚାରିବାରେ ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ଆମେ ଅଭିଯୁକ୍ତ ଦୁଇ ଜଣଙ୍କୁ ପୋଲିସ ହେପାଜତରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ କରାଉଛୁ।

ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ବିଜେଡି କର୍ମୀମାନେ ପେଟ୍ରୋଲ ପମ୍ପରେ ବିକ୍ଷୋଭ କରୁଥିଲେ। ଶିଶୁପାଳଗଡ ଗାଁର ରବୀନ୍ଦ୍ର ସେଠାରେ ଉପସ୍ଥିତ ଥିଲେ। ହଠାତ୍ ସେହିବାଟ ଦେଇ ଏକ ବୋଲେରୋ ନଂ. ଓଡି ୦୨ ଏଲ୪୦୧୦ ପହଞ୍ଚିଲା। ଗାଡିରୁ ୩ ଜଣ ଯୁବକ ଓହ୍ଲାଇଥିଲେ। ସେମାନେ ହଠାତ୍ ରବୀନ୍ଦ୍ରଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳିମାଡରୁ ଅଳ୍ପକେ ରବୀନ୍ଦ୍ର ବର୍ତ୍ତୀ ଯାଇଥିଲେ। ଗୁଳିମାଡ ଶବ୍ଦ ଶୁଣି ଗାଁ ଲୋକ ଓ କର୍ମୀମାନେ ଦୌଡି ଆସିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନୂଆଗାଁର କେତେଜଣ ଯୁବକ ଗୁଳିମାଡ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏଥିସହ ରବୀନ୍ଦ୍ରଙ୍କ ଜୀବନ ପ୍ରତି ବିପଦ ଥିବା ସେ ମଧ ଏତଲାରେ ଦର୍ଶାଇଛନ୍ତି। ଗୁଳିମାଡ ପରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗାଁ ଲୋକ ଓ କର୍ମୀମାନେ ରାଜପଥକୁ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ଅପରାଧୀଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଏ ନେଇ ଥାନାରେ କେସ୍ ନଂ. ୧୨୩/୧୮ରେ ମାମଲା ରୁଜୁ ହୋଇଛି।

# ରାଜଧାନୀରେ ୫ଫୁଟ ତଳକୁ ଦବିଲା ରାସ୍ତା

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

- ନିମ୍ନମାନର କାମ ହୋଇଥିବା ନେଇ ଅଭିଯୋଗ
- ୨ଘଣ୍ଟା ରାସ୍ତା ଅବରୋଧ

ଅଳ୍ପ ଦିନ ତଳେ ଲଗାଣ ବର୍ଷା ଯୋଗୁ ରାଜଧାନୀ ଜଳମଗ୍ନ ହୋଇଥିବାବେଳେ ଶୁକ୍ରବାର ରାଜଧାନୀର ଅନ୍ୟତମ ବ୍ୟସ୍ତବହୁଳ ତଥା ମୁଖ୍ୟ ରାସ୍ତା ଦବିବା ଭଳି ଘଟଣା ସାମ୍ନାକୁ ଆସିଛି। କଳିଙ୍ଗ ଷ୍ଟାଡିୟମ୍ ଟ୍ରାଫିକ୍ ଛକରୁ ନିକୋପାର୍କ ଛକକୁ ସଂଯୋଗ କରୁଥିବା ରାସ୍ତାର ସୁନାଦେଇ ମନ୍ଦିର ପାଖରେ ରାସ୍ତା ୨ଫୁଟ୍ ଓସାର ଏବଂ ୫ଫୁଟ ତଳକୁ ଦବି ଯାଇଛି। ରାସ୍ତା ଦବି ଯାଇଥିବା ସ୍ଥାନରୁ ୨୦ଫୁଟ ପଛକୁ ଏକ ସୁଡଙ୍ଗ ସୃଷ୍ଟି ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱକୁ ଅବରୋଧ କରିଥିଲେ। ରାସ୍ତା ଦବି ବାର ଦୁଇ ଘଣ୍ଟା ପର୍ଯ୍ୟନ୍ତ କୌଣସି ଅଧିକାରୀ ଘଟଣାସ୍ଥଳକୁ ନ ଆସିବାରୁ ସେଠାରେ ଉତ୍ତେଜନା ଦେଖା ଦେଇଥିଲା।

ସନ୍ଧ୍ୟା ୬ଟାରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ନିର୍ମଳ ନାୟକ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତାଙ୍କୁ ସ୍ଥାନୀୟ ଲୋକ ବିରୋଧ କରି ଘେରିବା ସହ ନିମ୍ନମାନର କାମ ହୋଇଥିବା କହିଥିଲେ। ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଯାଞ୍ଚ କରି ଆଉଥରେ କାମ କରିବାକୁ ଦାବି କରିଥିଲେ। ଦବି ଯାଇଥିବା ସ୍ଥାନକୁ ଯାଞ୍ଚ କରିବା ପରେ ନାୟକ କହିଥିଲେ ଯେ, କାମ ଠିକ୍ ହୋଇଛି। ସ୍ୱରେଜ୍ ଲାଇନ୍‌ରେ କେଉଁଠାରେ ଫାଟ ସୃଷ୍ଟି ହୋଇଛି। ସେଠାରୁ ପାଣି ବାହାରି ବାଲି ଧୋଇ ହୋଇ ତଳକୁ ଦବିଯାଇଛି। ଫଳରେ ସ୍ୱରେଜକୁ ଲାଗି ପଡିଥିବା ବାଲି ଛାଡି ଯାଇଥିବାରୁ ଆଗକୁ ସୁଡ଼ଙ୍ଗ ସୃଷ୍ଟି ହୋଇଛି। ତେବେ ଜେସିପି ଆଣି ଦବି ଥିବା ସ୍ଥାନଠାରୁ ଖୋଳାଯାଇ କାମ କରାଯିବ ବୋଲି ସହକାରୀ ଯନ୍ତ୍ରୀ ନାୟକ ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇବାରୁ ଅବରୋଧ ହଟିଥିଲା। ପରେ ଅଫିସରୁ ଜେସିବି ମାଗି କାମ କରିଥିଲେ। କଂଗ୍ରେସ ନେତା ସୁରେଶ ଚନ୍ଦ୍ର ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ସରକାର, ବିଭାଗୀୟ ସଚିବ, ମୁଖ୍ୟ ଯନ୍ତ୍ରୀ, ସ୍ଥାନୀୟ ଲୋକପ୍ରତିନିଧି ଏବଂ ଠିକା ସଂସ୍ଥାକୁ ଦାୟୀ କରିଥିଲେ। ପିସି କାରବାର ଯୋଗୁ ଏଭଳି ନିମ୍ନମାନର କାମ ହୋଇଛି। ହକି ବିଶ୍ୱ କପ୍ ପାଇଁ ଷ୍ଟାଡିୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଷ୍ଟାଡିୟମ୍ ପାଖ ରାସ୍ତାକୁ କିପରି ସରକାର ଅଣଦେଖା କରୁଛନ୍ତି ତାହାକୁ ନେଇ ସରକାରଙ୍କୁ ସେ ସମାଲୋଚନା କରିଥିଲେ ରାଉତରାୟ।



ସୁନାଦେଇ ମନ୍ଦିର ପାଖରେ ଦବି ଯାଇଥିବା ରାସ୍ତା।

# ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



ସଚିବାଳୟଠାରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶ ମିଶ୍ରଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ଜୟପୁର ହାଇସ୍କୁଲର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶ ମିଶ୍ରଙ୍କୁ ଶୁକ୍ରବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ଶିକ୍ଷାଦାନରେ ଉତ୍କର୍ଷ ପାଇଁ ଓମ୍ ପ୍ରକାଶ ୨୦୧୭ ମସିହା ଲାଗି ଜାତୀୟ ପୁରସ୍କାର ପାଇଛନ୍ତି। ଗଣିତ ଓ ବିଜ୍ଞାନ ପରି ଜଟିଳ ବିଷୟକୁ ପିଲାଙ୍କୁ ଅତି ସହଜରେ ବୁଝାଇବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କୁ ରୁପା ତାରକସିର ଏକ ଉପହାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରି ତାଙ୍କର ଶିକ୍ଷାଦାନ ପଦ୍ଧତି ଅନ୍ୟ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଶିକ୍ଷାଦାନରେ ଓମ୍ ପ୍ରକାଶଙ୍କ ୨୦ବର୍ଷର ଅଭିଜ୍ଞତା ରହିଛି। କୋରାପୁଟ ଜିଲାର ବିଭିନ୍ନ ସ୍କୁଲରେ ସେ ଶିକ୍ଷାଦାନ କରିଛନ୍ତି। ବର୍ତ୍ତମାନ ସେ ଜୟପୁର ହାଇସ୍କୁଲରେ ଗଣିତ ଓ ବିଜ୍ଞାନ ବିଷୟରେ ଶିକ୍ଷାଦାନ କରୁଛନ୍ତି। ୨୦୧୫ରେ ସେ ଏକ୍ସପେରିମେଣ୍ଟସ ନାମକ ଏକ ପୁସ୍ତକ ରଚନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ବିଭିନ୍ନ ପଦାର୍ଥକୁ ବ୍ୟବହାର କରି ଗଣିତର ବିଭିନ୍ନ ମଡେଲ ଓ ବିଜ୍ଞାନର ବିଭିନ୍ନ ପରୀକ୍ଷାକୁ କିପରି ସରଳ ଭାବରେ ବୁଝାଇହେବ ସେ ବିଷୟରେ ବର୍ଣ୍ଣନା କରିଛନ୍ତି। ଏଥିସହିତ ସେ କୋରାପୁଟ ପରି ପଛୁଆ ଅଞ୍ଚଳର ପିଲାମାନେ କିପରି ଜାତୀୟ ମେରିଟ ସ୍କଲାରଶିପ୍ ପାଇପାରିବେ ସେଥିପାଇଁ ଏକ ମଡ୍ୟୁଲ ମଧ ତିଆରି କରିଛନ୍ତି। ଏହାଛଡ଼ା ବିଭିନ୍ନ ଜାତୀୟ, ଅନ୍ତର୍ଜାତୀୟ ଜର୍ନାଲରେ ମଧ ତାଙ୍କ ଗବେଷଣାତ୍ମକ ରଚନା ପ୍ରକାଶ ପାଇଛି। ଓମ୍ ପ୍ରକାଶ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ସ୍କୁଲର ବିକାଶ ପାଇଁ ମଧ ଅନେକ ଦିନ ଧରି କାମ କରିଆସୁଛନ୍ତି। ଜୟପୁର ହାଇସ୍କୁଲର ବିକାଶ ପାଇଁ ସେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅନେକ କାର୍ଯ୍ୟକ୍ରମ କରିଛନ୍ତି। ମୋ ସ୍କୁଲ ଅଭିଯାନ ଆରମ୍ଭ ପରେ ସେ ଏଥିରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି।

# ଚନ୍ଦକା ଥାନା ପରିସରରେ ବୃକ୍ଷରୋପଣ

**ବାରଙ୍ଗ,୭।୯(ଡି.ଏନ୍.ଏ.):** ଚନ୍ଦକା ଥାନା ପରିସରରେ ଶୁକ୍ରବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତ୍ରିସ୍ତରୀୟ ପଞ୍ଚାୟତ ସଙ୍ଗଠନର ଖୋର୍ଦ୍ଧା ଜିଲା ସଂଯୋଜିକା କୌଶଲ୍ୟାବଳିୟାରସିଂଙ୍କସଂଯୋଜନାରେସ୍ଥାନୀୟଅଞ୍ଚଳରମୁରବିମାନେଯୋଗଦେଇଥିଲେ। ଥାନା ଅଧିକାରୀ ସୁନୀଲ କୁମାର ବେହେରା, ସମିତି ସଭ୍ୟା ସୁଶାନ୍ତି ସେଠୀ ଓ ବାୟୁସେନାର ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରଭାତ କୁମାର ରାଉତରାୟଙ୍କ ସହ ଘଙ୍ଗାପାଟଣା ଗ୍ରାମ ଏବଂ ବାସୁଦେବ ଅନୁଷ୍ଠାନର ଯୁବକମାନେ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ।

**ଶ୍ରୀଲିଙ୍ଗରାଜ ମନ୍ଦିର**

### ସପ୍ତପୁରୀ ଅମାବାସ୍ୟା ଲାଗି ପ୍ରସ୍ତୁତି

**ପୁରୁଣା ଭୁବନେଶ୍ୱର, ୭।୯(ଡି.ଏନ.ଏ.)** ଆସନ୍ତା ରବିବାର ପବିତ୍ର ସପ୍ତପୁରୀ ଅମାବାସ୍ୟା। ଏହିଦିନ ଶ୍ରୀଲିଙ୍ଗରାଜ ମନ୍ଦିରରେ ପରମ୍ପରା ଅନୁସାରେ ଠାକୁରଙ୍କୁ ସପ୍ତପୁରୀ ପିଠା ଲାଗି ହେବ। ଏଥିପାଇଁ ସେବାୟତଙ୍କୁ ପାଉଣା ମଧ ଦିଆଯାଇଥାଏ। ଚଳିତବର୍ଷ ସପ୍ତପୁରୀ ଅମାବାସ୍ୟା ନେଇ ଶ୍ରୀଲିଙ୍ଗରାଜ, ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ବୋର୍ଡ ପକ୍ଷରୁ ସେବାୟତମାନଙ୍କୁ ଚିଠି ମାଧମରେ ଜଣାଯାଇଛି। ପ୍ରାୟ ୩୦୦ ସପ୍ତପୁରୀ ପିଠା ପ୍ରସ୍ତୁତ ହେବ। ସେବାୟତଙ୍କୁ ପାଉଣା ସହ ନଡିଆ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବାକୁ ବୋର୍ଡ ପକ୍ଷରୁ କୁହାଯାଇଛି। ନିର୍ଦ୍ଧାରିତ ନୀତି ପରେ ପ୍ରଥମେ ଶ୍ରୀଲିଙ୍ଗରାଜଙ୍କୁ ପରେ ଦେବଦେବୀଙ୍କୁ ସପ୍ତପୁରୀ ପିଠା ଲାଗି ହୋଇଥାଏ।

# ପଣ୍ଡିତ ନୀଳକଣ୍ଠ ଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷଣାର ଅଗ୍ରସାରଥି

**ଭୁବନେଶ୍ୱର, ୭।୯(ବ୍ୟୁରୋ)**



ପଣ୍ଡିତ ନୀଳକଣ୍ଠଙ୍କ ପୁଣ୍ୟତିଥି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନୀଳକଣ୍ଠ ଓଡ଼ିଆ ସାହିତ୍ୟ ସମାଲୋଚନାରେ ଗୋଟିଏ ବିଶେଷ ଭଙ୍ଗୀର ପ୍ରବକ୍ତା। ତାଙ୍କର ଅନନ୍ୟ ଦୃଷ୍ଟିଭଙ୍ଗୀ, ସମାଲୋଚନାର ବୈଚିତ୍ର୍ୟ, ଓଡ଼ିଆ ସଂସ୍କୃତି ସମ୍ପର୍କିତ ଗଭୀର ମନନ ଏବଂ ଛଳ ପରମ୍ପରାର ବିରୋଧ ଯୋଗୁ ସେ ଓଡ଼ିଶା ଇତିହାସରେ ସ୍ମରଣୀୟ ହୋଇ ରହିବେ ବୋଲି ଶିକ୍ଷାବିତ୍ ପ୍ରଫେସର ଡ. ନିତ୍ୟାନନ୍ଦ ଶତପଥୀ କହିଛନ୍ତି। ପଣ୍ଡିତ ନୀଳକଣ୍ଠଙ୍କ ପୁଣ୍ୟତିଥି ଅବସରରେ ଶୁକ୍ରବାର ପାନ୍ଥନିବାସଠାରେ ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ପଣ୍ଡିତ ନୀଳକଣ୍ଠ ସ୍ମାରକୀ ବକ୍ତୃତା ପ୍ରଦାନ କରି ଶତପଥୀ ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଗବେଷଣାରେ ଜଣେ ଅଗ୍ରସାରଥି ଥିଲେ ବୋଲି କହିଥିଲେ। 'ପଣ୍ଡିତ ନୀଳକଣ୍ଠ ଦାସ: ଭାଷା, ସାହିତ୍ୟ, ସଂସ୍କୃତି' ଶୀର୍ଷକ ବକ୍ତବ୍ୟ ପ୍ରଦାନ କରି ଶତପଥୀ ପଣ୍ଡିତ ନୀଳକଣ୍ଠଙ୍କ ସହିତ ତାଙ୍କ ବ୍ୟକ୍ତିଗତ ସମ୍ପର୍କର ସ୍ମୃତିଚାରଣ କରିବା ସହିତ ଓଡ଼ିଆ ଅସ୍ମିତାର ଅନ୍ୱେଷଣରେ ପଣ୍ଡିତ ନୀଳକଣ୍ଠ ଆଜୀବନ ବ୍ରତୀ ଥିଲେ ବୋଲି ଉଲ୍ଲେଖ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି କବି ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପଣ୍ଡିତ ନୀଳକଣ୍ଠଙ୍କ ପୌତ୍ର ଡ. ପୂର୍ଣ୍ଣେନ୍ଦୁ କୁମାର ଦାସ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଏକାଡେମୀର ସଚିବ ଡ. ଜୟନ୍ତୀ ରଥ ସ୍ୱାଗତ ଭାଷଣ, ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସୁନା ବିସ୍କୁଟ କାରବାର ଆଳରେ ଲକ୍ଷାଧିକ ଟଙ୍କା ଲୁଟ୍

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

**ଅଭିଯୁକ୍ତ ଗିରଫ**



ଚୋରା ସୁନା ବିସ୍କୁଟକୁ ଅଧାଦାମରେ ବିକ୍ରି କରିବାର ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖରପୁର ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଜଟଣୀ ଥାନା ଅଧୀନ ହାଟବଜାର ଅଞ୍ଚଳର ୟୁ. ଶଙ୍କର ରାଓ(୩୮)। ସୂଚନା ମୁତାବକ, ଝାରସୁଗୁଡା ଜିଲା ଆଇଟାପଲ୍ଲୀ ଅଞ୍ଚଳର ଭୋଳା ବେହେରା(୪୨)ଙ୍କୁ ଭୁବନେଶ୍ୱରରୁ ମନୋଜ ଏବଂ ଶଙ୍କର ରାଓ ଫୋନ କରି ଯୋଗାଯୋଗ କରିଥିଲେ। ସେମାନେ ଭୋଳାଙ୍କୁ ଚୋରା ସୁନା ବିସ୍କୁଟକୁ ଅଧା ଦାମରେ ଯୋଗାଇଦେବାର ପ୍ରଲୋଭନ ଦେଖାଇଥିଲେ। ପରେ ଏ ନେଇ ଡିଲ୍ କରିବାକୁ ଗତ ୧ରେ ଭୋଳାଙ୍କୁ ଭୁବନେଶ୍ୱର ଡକାଇଥିଲେ। ଭୋଳା ୧ ତାରିଖରେ ଭୁବନେଶ୍ୱର ପହଞ୍ଚି ରାଜମହଲ ଛକରେ ଏକ ହୋଟେଲରେ ରୁମ ନେଇ ରହିଥିଲେ। ମନୋକ ଏକ କାମରେ ପାରାଦୀପ ଯାଇଥିବା କହି ଶଙ୍କରଙ୍କୁ ତାଙ୍କ ନିକଟକୁ ପଠାଇଥିଲେ। ଶଙ୍କର ଚୋରା ସୁନା ବିସ୍କୁଟ ଡିଲ୍ କରିବା ଲାଗି ଜୟଦେବ ବିହାରସ୍ଥିତ ଏକ ତାରକା ହେଟେଲରେ ଅପେକ୍ଷା କରିଥିବା ଦାସବାବୁଙ୍କ ନିକଟକୁ ଭୋଳାଙ୍କୁ ନେଇ ଯାଇଥିଲେ। ସେଠାରେ ଦାସବାବୁ ୧୦୦ଗ୍ରାମ ଓଜନର ସୁନା ବିସ୍କୁଟ ଦେଖାଇବା ସହ ସୁନାର ମାନ ପରୀକ୍ଷା ପରେ ଭୋଳା ଦେଢ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିଲେ। ଭୋଳା ଟଙ୍କା ଗଣୁଥିବା ବେଳେ ରୁମ ଭିତରକୁ ୫ ଯୁବକ ହଠାତ୍ ପଶିଆସି ଟଙ୍କା ଓ ସୁନା ବିସ୍କୁଟ ନେଇ ଫେରାର ହୋଇଯାଇଥିଲେ। ପରେ ଶଙ୍କର ଓ ଦାସ ବାବୁ ମଧ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ଗତ ୪ ତାରିଖରେ ଭୋଳା ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (୩୭୧/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ପୋଲିସ ଖୋର୍ଦ୍ଧା ଅଞ୍ଚଳରେ ଚଢାଉ କରି ଶଙ୍କରଙ୍କୁ ଗିରଫ କରିଥିଲା। ଠକେଇରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ଶଙ୍କରଙ୍କୁ ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରାଯାଇଛି।

## ଫଟୋରେ ଖବର




ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ୧୮ ହଜାର ଟଙ୍କା ମଜୁରି ପ୍ରଦାନ ଆଦି ଦାବି ନେଇ ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୁକ୍ରବାର ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି।




ସମସ୍ତ ଘରୋଇ ସ୍କୁଲକୁ ଏନ୍‌ଓସି ପ୍ରଦାନ ଓ ଅନ୍ୟାନ୍ୟ ଦାବି ନେଇ ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ପ୍ରତିବାଦ ସଭା।



ମୁଁ ଅନ୍ୟକୁ ଥଟ୍ଟା କରେ ସତକଥା କହି, କାରଣ ସତ୍ୟ ହେଉଛି ସବୁଠାରୁ ବଳି ଆମୋଦଦାୟକ ଥଟ୍ଟା।
-ଜର୍ଜ ବର୍ନାଡ ଶ



## ସଂକ୍ଷେପରେ

### ଲୁଗା ଶୁଖେଇବାକୁ କେନ୍ଦ୍ରକରି ଯୁବକଙ୍କୁ ଛୁରାମାଡ଼

ଭୁବନେଶ୍ୱର, ୭।୯(ବ୍ୟୁରୋ): ନୟାପଲ୍ଲୀ ଥାନା ଅଧୀନ ସାଲିଆସାହି ଏକାମ୍ର ବିହାର ଅଞ୍ଚଳରେ ଲୁଗା ଶୁଖେଇବାକୁ କେନ୍ଦ୍ରକରି ଛୁରାମାଡ଼ ହୋଇଛି। ଏଥିରେ ବିକ୍ରମ ସ୍ୱାଇଁ ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ବିକ୍ରମ ଓ ତାଙ୍କ ପଡ଼ୋଶୀଙ୍କ ଘର ନିକଟରେ ଲୁଗା ଶୁଖାଇବା ପାଇଁ ଏକ ତାର ରହିଛି। ଶୁକ୍ରବାର ସକାଳେ ବିକ୍ରମଙ୍କ ସ୍ତ୍ରୀ ଉକ୍ତ ତାରରେ ଲୁଗା ଶୁଖାଉଥିଲେ। ଏହାକୁ ତାଙ୍କ ପଡ଼ୋଶୀ ବିରୋଧ କରିଥିଲେ। ଏହାକୁ ନେଇ ପରେ ବିକ୍ରମଙ୍କ ସ୍ତ୍ରୀଙ୍କ ସହ ପଡ଼ୋଶୀ ବ୍ୟକ୍ତିଙ୍କର ଝଗଡ଼ା ହୋଇଥିଲା। ପାଟି ଶୁଣି ବିକ୍ରମ ଘରୁ ବାହାରି ଆସିଥିଲେ। ଉଭୟଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇଥିଲା। ଏହାପରେ ଦୁହିଁଙ୍କ ମଧ୍ୟରେ ହାତାହାତି ହୋଇଥିଲା। ପଡ଼ୋଶୀ ଜଣକ ଘରୁ ଏକ ଛୁରି ଆଣି ବିକ୍ରମଙ୍କ ପେଟକୁ ଭୁସି ଦେଇଥିଲେ।

### ନଭେମ୍ବର ୧୩ରେ 'ସ୍ମାର୍ଟ ଓଡିଶା ହାକାଥନ୍'

ଭୁବନେଶ୍ୱର, ୭।୯(ବ୍ୟୁରୋ)- ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବିପିୟୁଟି ଆନୁକୂଲ୍ୟରେ ଓଡିଶାରେ ପ୍ରଥମ ଥର ପାଇଁ ସ୍ମାର୍ଟ ଓଡିଶା ହାକାଥନ୍-୨୦୧୮ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ଇଡ୍‌କଲ ଅଡିଟୋରିୟମ୍‌ଠାରେ ସ୍ମାର୍ଟ ଓଡିଶା ହାକାଥନ୍ ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ହାକାଥନ୍ କ'ଣ ସେନେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯାଇଥିଲା। ଆସନ୍ତା ନଭେମ୍ବର ୧୩ ଏବଂ ୧୪ରେ ଦୁଇଦିନ ଧରି ସିଇଟିଠାରେ ଏହା ଅନୁଷ୍ଠିତ ହେବ। ସେପ୍ଟେମ୍ବର ୯ରୁ ୩୦ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଏଥିପାଇଁ ପଞ୍ଜୀକରଣ କରିପାରିବେ। ଅକ୍ଟୋବର ୫ରୁ ୨୧ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କ ଅଭିନବ ପ୍ରୋଜେକ୍ଟଗୁଡିକୁ ଅନୁଶୀଳନ କରାଯିବ। ଶ୍ରେଷ୍ଠ ପ୍ରୋଜେକ୍ଟ ପ୍ରସ୍ତୁତ କରିଥିବା ଛାତ୍ରୀଛାତ୍ରମାନଙ୍କୁ ନଭେମ୍ବର ୧୫ରେ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ପୁରସ୍କୃତ କରାଯିବ। ସ୍ମାର୍ଟ ଓଡିଶା ହାକାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଜୀବନରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଛାତ୍ରୀଛାତ୍ରଙ୍କୁ ଷ୍ଟାର୍ଟଅପ୍ ଦିଗକୁ ଆକର୍ଷିତ କରିବା, ପ୍ରତିଭାବାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ଏବଂ ଔଦ୍ୟୋଗିକ ମନୋଭାବ ସୃଷ୍ଟି କରିବା। ଏହି ହାକାଥନ୍‌ରେ ରାଜ୍ୟର ୯୭ଟି ଇଞ୍ଜିନିୟରିଂ କଲେଜ, ୫୦ରୁ ଅଧିକ ମ୍ୟାନେଜମେଣ୍ଟ ଓ ଫାର୍ମାସୀ କଲେଜ, ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ବାହାର ରାଜ୍ୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ।

### ୧୫୭ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ବାଲକାଟୀ,୭।୯(ଡି.ଏନ୍.ଏ.): ବାଲକାଟୀସ୍ଥିତ ଜ୍ଞାନଦେବୀ କଲ୍ୟାଣ ମଣ୍ଡପରେ ଶୁକ୍ରବାର ପୂର୍ବାହ୍ନରେ ବ୍ଲକସ୍ତରୀୟ ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରଶ୍ମୀରେଖା ପ୍ରଧାନ ଉତ୍ସବରେ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ଶଶିଭୂଷଣ ବେହେରା ବ୍ଲକର ୧୫୭ଜଣ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଅକ୍ଷୟ କୁମାର ରାଉତ, ବ୍ଲକ ବିଜେଡି ସଭାପତି ଅଚ୍ୟୁତାନନ୍ଦ ପାତ୍ର, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

■ ୧୦ରେ କଂଗ୍ରେସର ଭାରତ ବନ୍ଦ

# ଟ୍ୱିନ୍ ସିଟିରେ ମୁତୟନ ହେବେ ୭୧ ପ୍ଲାଟୁନ ପୋଲିସ

■ ତୈଳ ଦର ବୃଦ୍ଧି ପ୍ରତିବାଦ
■ ଆଇନକୁ ହାତକୁ ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ସିପି

ଭୁବନେଶ୍ୱର, ୭।୯(ବ୍ୟୁରୋ)

ତୈଳ ଦରର ଅହେତୁକ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଆସନ୍ତା ୧୦ ତାରିଖରେ ଭରତ ବନ୍ଦ ଡାକରା ଦେଇଛି। ଏହି ବନ୍ଦ ଡାକରାକୁ ସିପିଆଇଏମ୍ ଓ ସିପିଆଇ(ଏମଏଲ୍) ଭଳି ଅନ୍ୟ ସଙ୍ଗଠନଗୁଡ଼ିକ ମଧ୍ୟ ସମର୍ଥନ ଜଣାଇଛନ୍ତି।
ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏଥର ଶାନ୍ତି ଶୃଙ୍ଖଳାର ସହ ବନ୍ଦ ପାଳନ କରାଯିବ। ଏହି ବନ୍ଦକୁ ସଫଳ କରିବା ଲାଗି ଜନସାଧାରଣଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ବନ୍ଦ ଦିନ ଆମ୍ବୁଲାନ୍ସ, ଦମକଳ, ପରୀକ୍ଷାର୍ଥୀ ଓ ଅତି ଜରୁରୀ ସେବା ଯୋଗାଉଥିବା ଗାଡିଗୁଡ଼ିକୁ ଛଡାଯିବ। ଯେଭଳି ଲୋକଙ୍କୁ ହଇରାଣ ହରକତ କରା ନ ଯାଏ ସେଥିପାଇଁ କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯିବ। ଏ ନେଇ ଶନିବାର କଂଗ୍ରେସ ଭବନରେ ଏକ ବୈଠକ ବସିବ। ଏହି ବୈଠକରେ ବନ୍ଦ ଦିନ କ'ଣ କାର୍ଯ୍ୟକ୍ରମ ରହିବ ତାହା ଆଲୋଚନା କରାଯିବା ପରେ ନିଷ୍ପତ୍ତି ନିଆଯିବ ବୋଲି ନିରଞ୍ଜନ କହିଛନ୍ତି।

ଅନ୍ୟପଟେ ବନ୍ଦକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଟ୍ୱିନ୍ ସିଟିରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଟ୍ୱିନ୍ ସିଟିରେ ୭୧ ପ୍ଲାଟୁନ ପୋଲିସ ଫୋର୍ସ ଓ ୩ ଶହ ଅଫିସର ନିୟୋଜିତ ରହିବେ। ଭୁବନେଶ୍ୱରରେ ୫୫ ପ୍ଲାଟୁନ, କଟକରେ ୧୬ ପ୍ଲାଟୁନ ପୋଲିସ ଫୋର୍ସ ରହିବେ। ଭୁବନେଶ୍ୱରରେ ୨ଶହ ଅଫିସର ରହିବା ବେଳେ କଟକରେ ୧୦୦ଜଣ ଅଫିସର ନିୟୋଜିତ ହେବେ ବୋଲି ପୋଲିସ କମିଶନର (ସିପି) ସତ୍ୟଜିତ୍ ମହାନ୍ତି କହିଛନ୍ତି। ଏଥିସହ ସରକାରୀ କାର୍ଯ୍ୟାଳରେ ପୋଲିସ ଫୋର୍ସ ମୁତୟନ ହେବେ। ଏହାସହ ବିଧାନସଭା ଚାଲୁଥିବାରୁ କିଭଳି ବିଧାୟକ ଓ ମନ୍ତ୍ରୀମାନେ ଶାନ୍ତି ଶୃଙ୍ଖଳାରେ ବିଧାନସଭାକୁ ଯିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଯଦି ବିକ୍ଷୋଭକାରୀ ଆଇନକୁ ହାତକୁ ନିଅନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି।

■ ପୁଣି ହଳଦୀପଡ଼ିଆ ବସ୍ତିରେ ଚଢ଼ାଉ

# ୨୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

କଟକ ରୋଡ,୭।୯(ଡି.ଏନ୍.ଏ.):

କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପୁଣି ରାଜଧାନୀର ଲକ୍ଷ୍ମୀସାଗର ଥାନା ଅଧୀନ ହଳଦୀପଡ଼ିଆ ବସ୍ତିରେ ଶୁକ୍ରବାର ଚଢ଼ାଉ କରି ଜଣେ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଇନା ରାଉତରାୟ(୩୮)। ତାଙ୍କ ଠାରୁ ୨୦୦ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଜବତ ନିଶା ସାମଗ୍ରୀର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଗୋଇନ୍ଦା ବିଭାଗ ପକ୍ଷରୁ କୁହାଯାଇଛି। ଗୋଇନ୍ଦା ବିଭାଗ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ମଇନା ହଳଦୀପଡିଆ ବସ୍ତିରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ନେଇ ଅବକାରୀ କମିଶନରଙ୍କ ନିକଟରେ ସୂଚନା ରହିଥିଲା। ଏ ନେଇ ସକାଳ ପ୍ରାୟ ୭ଟାରେ ଏକ ଟିମ୍ ମଇନାଙ୍କୁ ପିଛା କରି ତାଙ୍କୁ ହଳଦୀପଡିଆରେ ଥିବା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ନିକଟରୁ କାବୁ କରିଥିଲା। ତେବେ ଅଭିଯୁକ୍ତଙ୍କୁ କିଏ ବ୍ରାଉନସୁଗାର ଯୋଗାଉଥିଲା କିମ୍ବା ଏହାକୁ କେଉଁଠୁ ଆଣୁଥିଲେ ସେ ନେଇ ମଇନା ମୁହଁ ଖୋଲି ନ ଥିବା ଜଣେ ଅବକାରୀ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ, କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଏକ ମାମଲା (ନଂ.୮୯/୧୮,୧୯)ରୁଜୁ ହୋଇଛି। ସୂଚନାଥାଉକି, ଗତ ୧ତାରିଖରେ କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗ ହଳଦୀପଡିଆ ବସ୍ତିରେ ଚଢ଼ାଉ କରି ଜଣଙ୍କୁ ଗିରଫ କରି ତାଙ୍କ ପାଖରୁ ୬୦ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା।




ଟିସିଏସ୍ ପକ୍ଷରୁ ଭୁବନେଶ୍ୱର ପାଲ୍ ହାଇଟ୍ସଠାରେ ଶୁକ୍ରବାର ଅନୁଷ୍ଠିତ ଆନ୍ତଃ ସ୍କୁଲ ଆଇଟି କୁଇଜ୍ ପ୍ରତିଯୋଗିତା 'ଟିସିଏସ୍‌ଆଇଟି ୱିଜ୍ ୨୦୧୮'ରେ ପୁରସ୍କୃତ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଆଜ୍‌ବେଷ୍ଟସ୍ ଭାଙ୍ଗି ଦୋକାନରୁ ଚୋରି

ବାରଙ୍ଗ,୭।୯(ଡି.ଏନ୍.ଏ.)

ବାରଙ୍ଗ ଥାନା ଅଧୀନ ଷ୍ଟେଶନ ବଜାରରେ ଥିବା ଏକ ଭେରାଇଟି ଷ୍ଟୋରରୁ ଗୁରୁବାର ରାତିରେ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ଗଣ୍ଡରପୁରର ବାବୁଲି ରାଉତ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ସବୁଦିନ ଭଳି ବାବୁଲି ରାତିରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ସକାଳେ ଆସି ଦୋକାନ ଖୋଲିବା ବେଳେ ଦୋକାନ ଆଜ୍‌ବେଷ୍ଟସ୍ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ତାଲା ଖୋଲି ଭିତରକୁ ଯିବା ପରେ ଦୋକାନରେ ଥିବା ବିଭିନ୍ନ ଦାମୀ ଚକୋଲେଟ୍, ସିଗାରେଟ୍ ସହ ନଗଦ ୬ ହଜାର ଟଙ୍କା ଚୋରି ହୋଇଯାଇଥିବା ଏବଂ ସିସିଟିଭି କ୍ୟାମେରା ଓ ହାର୍ଡଡିସ୍କ ମଧ୍ୟ ନ ଥିବା ଦେଖିବାକୁ ପାଇଥିଲେ। ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୬୦ ହଜାର ଟଙ୍କା ହେବ ବୋଲି ବାବୁଲି ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ପାଇପାରିନାହିଁ।

# ୧୦ଜିଲାର ୧୭୭୨ ବିଦ୍ୟାଳୟ ସାମିଲ

'ମୋ ସ୍କୁଲ' ଯୋଜନା

■ ଖର୍ଚ୍ଚ ହେବ ୧୨.୭୭ କୋଟି

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଗୋଷ୍ଠୀ-ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ 'ମୋ ସ୍କୁଲ' ଯୋଜନାର ତୃତୀୟ ପର୍ଯ୍ୟାୟରେ ୧୦ ଜିଲାର ୧୭୭୨ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ସ୍ଥିର କରାଯାଇଛି। ଏଥିରେ ଅନୁଗୋଳର ୧୦୭ଟି, ବାଲେଶ୍ୱରର ୨୧୨, ଢେଙ୍କାନାଳ ୮୫, ଗଞ୍ଜାମ ୧୫୨, ଖୋର୍ଦ୍ଧା ୧୫୧, ମୟୂରଭଞ୍ଜ ୨୫୮, ନୟାଗଡ଼ ୧୧୧, ପୁରୀ ୪୮୨, ସମ୍ବଲପୁର ୧୦୦ ଓ କୋରାପୁଟର ୧୧୪ଟି ସ୍କୁଲ ରହିଛି। ଏସବୁ ଜିଲାରେ ମୋ ସ୍କୁଲ ଯୋଜନାରେ ୧୨କୋଟି ୭୭ଲକ୍ଷ ୩୨ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୮କୋଟି ୫୧ଲକ୍ଷ ୫୫ହଜାର ଟଙ୍କା ଅନୁଦାନ ଦେଇଥିବା ବେଳେ ଜନସାଧାରଣଙ୍କଠାରୁ ୪କୋଟି ୨୫ଲକ୍ଷ ୭୭ହଜାର ଟଙ୍କା ସଂଗୃହୀତ ହୋଇଛି। ଏହି ଅର୍ଥରେ ସ୍କୁଲର ଭିତ୍ତିଭୂମି, ଶ୍ରେଣୀଗୃହର ଉନ୍ନତି, ପାଠାଗାର-ପୁସ୍ତକ, ଖେଳ ସାମଗ୍ରୀ, ଶ୍ରେଣୀଗୃହର ଆସବାବପତ୍ର ଯୋଗାଣ, ସ୍କୁଲ ବଗିଚା ଆଦିର ଉନ୍ନତୀକରଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହା ସ୍ଥିର କରାଯାଇଛି। ବୈଠକରେ ସଚିବ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପ୍ରକଳ୍ପ ପରିଚାଳନା ଓ ତଦାରଖ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ମୋ ସ୍କୁଲ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୬୨ସ୍କୁଲ ପାଇଁ ୧କୋଟି ୭୮ଲକ୍ଷ ୩୯ହଜାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୧୫ସ୍କୁଲ ପାଇଁ ୪କୋଟି ୨୭ଲକ୍ଷ ୮୩ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଏପର୍ଯ୍ୟନ୍ତ ୧୭ଟି ଜିଲା ଏହି ଯୋଜନାରେ ସାମିଲ ହୋଇଛି। ନିକଟରେ ଆଉ ୫ଟି ଜିଲାକୁ ଅନ୍ତର୍ଭୁକ୍ତ କରାଯିବା ନେଇ ପ୍ରସ୍ତାବ ରହିଛି ବୋଲି ମୋ ସ୍କୁଲ ଯୋଜନାର ସଦସ୍ୟ ସଚିବ ତଥା ଓପେପା ଓ ମାଧ୍ୟମିକ ଶିକ୍ଷା ମିଶନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସୂଚନା ଦେଇଛନ୍ତି। ଶୁକ୍ରବାର ଆୟୋଜିତ ବୈଠକରେ ପ୍ରାଥମିକ ଶିକ୍ଷା, ଏସ୍‌ସିଇଆରଟି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଗଣ, ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ବହୁ ପ୍ରତିଭାର ଅଧିକାରୀ ଥିଲେ ବସନ୍ତ ବିଶ୍ୱାଳ

ଭୁବନେଶ୍ୱର,୭।୯(ବ୍ୟୁରୋ)

କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳଙ୍କ ୧୫ତମ ଶ୍ରାଦ୍ଧ ଦିବସ ଅବସରରେ ଏକ ସ୍ମୃତିସଭା ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁପଦ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇଥିଲେ। ବିଚକ୍ଷଣ ବୁଦ୍ଧି ସାଙ୍ଗକୁ ବସନ୍ତ ବିଶ୍ୱାଳ ବହୁ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ କାର୍ଯ୍ୟଧାରା ଓ ଆଦର୍ଶ ଆଜି ବି ସମସ୍ତଙ୍କ ପାଇଁ ଉଦାହରଣ ଏବଂ ପ୍ରେରଣା ସାଜିଛି ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ଜନତା ଦଳର ମୁଖ୍ୟ ତଥା ରାଜ୍ୟ ସଭା ସଦସ୍ୟ ପ୍ରଫେସର ମନୋଜ ଝା, ଶିକ୍ଷାବିତ୍ କୈଳାଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସୁରେଶ ରାଉତରାୟ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳ ବାସ୍ତବରେ ଜଣେ ବିଶ୍ୱକର୍ମା ଥିଲେ ବୋଲି କହିଥିଲେ।



ବସନ୍ତ ବିଶ୍ୱାଳଙ୍କ ଶ୍ରାଦ୍ଧ ଦିବସରେ ଆୟୋଜିତ ସ୍ମୃତିସଭାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଏହି ଅବସରରେ ଗ୍ରନ୍ଥକାର ତଥା ସାହିତ୍ୟିକ ଡ. ଗୌରାଙ୍ଗ ନାୟକ, ସମବାୟବିତ୍ ହେମନ୍ତ ନାୟକ, ସ୍କାଉଟ୍ସ ଏବଂ ଗାଇଡ୍ସର ସାଙ୍ଗଠିକା ଡ. ନମିତା ପଟ୍ଟନାୟକ ଓ କ୍ରିକେଟର ରାଜେଶ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ଚଳିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭୁବନ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳର କୃତୀ ଛାତ୍ର ସୁଦୀପ ସୁଦର୍ଶନ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜଗତ୍‌ସିଂହପୁର ଜିଲାର ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ

ବାଲିପାଟଣା,୭।୯(ଡି.ଏନ୍.ଏ.): ବାଲିପାଟଣା ବ୍ଲକର ୧୫୬ଜଣ ବିଜୁ ପକ୍କାଘର ହିତାଧିକାରୀଙ୍କୁ ଶୁକ୍ରବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଶ୍ୱନାଥପୁରସ୍ଥିତ କ୍ରିଷ୍ଣା ମଣ୍ଡପରେ ଆୟୋଜିତ ବୈଠକରେ ବିଡିଓ ରଶ୍ମିରେଖା ଦାସଙ୍କ ସଭାପତିତ୍ୱରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ତେବେ ଅନ୍ୟ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ଅନ୍ୟତମ ଅତିଥିଭାବେ ଖୋର୍ଦ୍ଧା ଜିଲା ଉପାଧକ୍ଷା ସୁମିତ୍ରା ରାଉତରାୟ, ଜିଲାପରିଷଦ ସଭ୍ୟ ଶଶିଭୂଷଣ ପାତ୍ର, ଗାରେଡିପାଞ୍ଚଣ ସରପଞ୍ଚ ସୌମ୍ୟରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଚାରି ମାସ ମଧ୍ୟରେ ଗୃହ କାର୍ଯ୍ୟ ଶେଷ କଲେ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ୨୦ହଜାର ଟଙ୍କା ପୁରସ୍କାର ମିଳିବ ବୋଲି ବୈଠକରେ ମନ୍ତ୍ରୀ ବେହେରା କହିଥିଲେ।

# ଜଟଣୀ ଥାନା ଅଧିକାରୀ ହେଲେ ବିଶ୍ୱରଞ୍ଜନ ସାହୁ

■୨ ଅତିରିକ୍ତ ଡିସିପି, ଜଣେ ଏସିପି, ଏସ୍‌ଆଇଙ୍କ ବଦଳି

ଭୁବନେଶ୍ୱର, ୭।୯(ବ୍ୟୁରୋ)

କମିଶନରେଟ ପୋଲିସରେ ଶୁକ୍ରବାର ଛୋଟ ଧରଣର ଅଦଳବଦଳ କରାଯାଇଛି। ୫୦ ହଜାର ଟଙ୍କା ଲାଞ୍ଚ ନେଇ ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତି ନିଲମ୍ବିତ ହେବା ପରେ ତାଙ୍କ ସ୍ଥାନରେ କମିଶନରେଟ ମୁଖ୍ୟାଳୟରେ ଥିବା ବିଶ୍ୱରଞ୍ଜନ ସାହୁଙ୍କୁ ଅବସ୍ଥାପିତ କରାଯାଇଛି। ଆଗାମୀ ଥାନାର ଅନ୍ୟ କର୍ମଚାରୀମାନଙ୍କୁ ବଦଳି କରାଯିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି। ସେହିଭଳି ନିକଟରେ ଅତିରିକ୍ତ ଡିସିପି ପାହ୍ୟାକୁ ପଦୋନ୍ନତି ପାଇଥିବା ତପସ୍ୱିନୀ ଆରୁଖଙ୍କୁ ଭୁବନେଶ୍ୱର ଅତିରିକ୍ତ ଡିସିପି ଭାବେ ଦାୟିତ୍ୱ ଦିଆଯାଇଛି। କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଥିବା ଅତିରିକ୍ତ ଡିସିପି ତ୍ରିନାଥ ପଟେଲଙ୍କୁ କଟକ ଅତିରିକ୍ତ ଡିସିପି ଭାବେ ନିଯୁକ୍ତି ଦିଆଯାଇଛି। ଏସିପି ରାଜେନ୍ଦ୍ର କୁମାର ସେନାପତିଙ୍କୁ ୟୁପି ଏବଂ ଟିଟିଆଇ ସିପି ପର୍ସୋନେଲ ଭାବେ ଅବସ୍ଥାପିତ କରାଯାଇଛି। କମିଶନରେଟ ମୁଖ୍ୟାଳୟରେ ଥିବା ଏସ୍‌ଆଇ ବଂଶୀଧର ମଲ୍ଲିକଙ୍କୁ କଟକ ଡିସିପି ଅଫିସକୁ ବଦଳି କରାଯାଇଛି। ତାଙ୍କୁ କଟକରେ କେଉଁ ସ୍ଥାନରେ ଅବସ୍ଥାପିତ କରାଯିବ ତାହା କଟକ ଡିସିପି ସ୍ଥିର କରିବେ ବୋଲି ଜଣାପଡିଛି।



ବାଲକାଟୀଠାରେ ଶୁକ୍ରବାର ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ହିତାଧିକାରୀଙ୍କୁ ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

# ଓଭରବ୍ରିଜ୍ ତଳେ ଶିଶୁକନ୍ୟା ଜନ୍ମ ଦେଲେ ମହିଳା

ହସ୍ପିଟାଲ ନେବାକୁ ପୋଲିସ ହେଲା ନାକେଦମ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଶହୀଦନଗର ଥାନା ଅଧୀନ ଶନି ମନ୍ଦିର ସମ୍ମୁଖ ଓଭରବ୍ରିଜ୍ ତଳେ ଜଣେ ମହିଳା ଏକ ଶିଶୁକନ୍ୟା ଜନ୍ମ ଦେଇଛନ୍ତି। ପୋଲିସ ମହିଳାଙ୍କୁ ହସ୍ପିଟାଲ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ପୋଲିସକୁ ନାକେଦମ କରି ପକାଇଥିଲେ। ଶେଷରେ ପୋଲିସ ତାଙ୍କୁ ହସ୍ପିଟାଲ ପଠାଇଥିଲା। ମହିଳା ଜଣକ ହେଲେ ଦିଗପହଣ୍ଡି ଅଞ୍ଚଳର ଲକ୍ଷ୍ମୀ ବିନ୍ଧାଣୀ। ସୂଚନା ଅନୁଯାୟୀ, ମହିଳା ଓ ତାଙ୍କ ସ୍ୱାମୀ ଶଙ୍କର ବିନ୍ଧାଣୀ ଦିନମଜୁରିଆ ଭାବେ କାମ କରି ଉକ୍ତ ଓଭରବ୍ରିଜ ତଳେ ରହୁଥିଲେ। ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ଲକ୍ଷ୍ମୀଙ୍କର ଗର୍ଭଯନ୍ତ୍ରଣା ହୋଇଥିଲା। ସେଠାରେ ସେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଶିଶୁ କନ୍ୟାର କ୍ରନ୍ଦନ ଶୁଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମହିଳାଙ୍କୁ ହସ୍ପିଟାଲ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଶେଷରେ ତାଙ୍କୁ ବୁଝାଶୁଝା କରିବା ପରେ ମହିଳା ଜଣକ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ।

■ ସାମଗ୍ରିକ ବିକାଶ ପାଇଁ ଦୀର୍ଘସ୍ଥାୟୀ ଯୋଜନା କରୁନାହାନ୍ତି ରାଜ୍ୟ ସରକାର

# ମହିଳାଙ୍କୁ ମିଳୁନି ଭୂମି ଅଧିକାର

ଭୁବନେଶ୍ୱର,୭।୯(ବ୍ୟୁରୋ)

ଭାରତର ସମ୍ବିଧାନ ମହିଳାମାନଙ୍କୁ ପୁରୁଷଙ୍କ ପରି ସମାନ ଅଧିକାର ଦେଇଥିଲେ ମଧ୍ୟ ଏବେ ବି ମହିଳାମାନେ ନିର୍ଯାତନା ଓ ଶୋଷଣରୁ ମୁକ୍ତ ହୋଇପାରିନାହାନ୍ତି। ଏପରି କି, ଅଧିକାଂଶ ମହିଳା ସେମାନଙ୍କ ଅଧିକାର ପାଇବାରୁ ବଞ୍ଚିତ ହେବା ସହ ସେ ସମ୍ପର୍କରେ ଅବଗତ ମଧ୍ୟ ନାହାନ୍ତି। ନିଜର ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବାକୁ ଯାଇ ପୁରୁଷ ପ୍ରତିଦ୍ୱନ୍ଦ୍ୱୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଛନ୍ତି। ଏଭଳିସ୍ଥଳେ ଦେଶର ଶତକଡ଼ା ୫୦ ଭାଗ ମହିଳାଙ୍କୁ ବାଦ୍ ଦେଇ ବିକାଶର ସ୍ୱପ୍ନ ଦେଖିବା ଅସମ୍ଭବ ବୋଲି ଏଠାରେ ମତପ୍ରକାଶ ପାଇଛି। ମହିଳା ଅଧିକାର ଅଭିଯାନ ଓ ଏକତା ମହିଳା ମଞ୍ଚ, ଓଡ଼ିଶା ପକ୍ଷରୁ ଶୁକ୍ରବାର ବୁଦ୍ଧ ମନ୍ଦିରଠାରେ ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ବକ୍ତାମାନେ ଏହା କହିଥିଲେ। ମହିଳାଙ୍କ ଅଧିକାର ସୁନିଶ୍ଚିତ କରାଇବା ବିଶେଷକରି ଭୂମି ଉପରେ ସେମାନଙ୍କ ଅଧିକାର ଏବଂ ମହିଳା କୃଷକଙ୍କୁ ଉପଯୁକ୍ତ ସମ୍ମାନ ଓ ସହାୟତା ଦାବିରେ ଏକତା ପରିଷଦ ମହିଳା ମଞ୍ଚ ପକ୍ଷରୁ କେରଳରୁ ବାହାରିଥିବା ମହିଳା ଭୂମି ଅଧିକାର ଯାତ୍ରୀଦଳ ଶୁକ୍ରବାର ଭୁବନେଶ୍ୱରଠାରେ ପହଞ୍ଚିଥିଲେ। ଏହି ଅବସରରେ ସତ୍ୟାଗ୍ରହୀଙ୍କ ସମ୍ମାନାର୍ଥେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଭୂମିହୀନଙ୍କୁ ଜମି ଦେବା ପାଇଁ ବହୁ ଆଇନ ପ୍ରଣୟନ କରିଥିଲେ ମଧ୍ୟ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉନାହିଁ। ଭୋଟ ହାତେଇବା ପାଇଁ ସରକାର ବହୁ ଶସ୍ତା ଓ ଲୋକପ୍ରିୟ ଯୋଜନା କରୁଥିବା ବେଳେ ଲୋକଙ୍କ ସାମଗ୍ରିକ ବିକାଶ ଲାଗି ଦୀର୍ଘସ୍ଥାୟୀ ଯୋଜନା କରାଯାଉନି, ଯାହାକି ଦେଶ ଓ ଦେଶବାସୀଙ୍କ ପାଇଁ ଦୁର୍ଭାଗ୍ୟଜନକ। ବସୁନ୍ଧରା ଯୋଜନା, ମୋ ଜମି, ମୋ ଘରଡ଼ିହ ଯୋଜନା ଓ ଜଙ୍ଗଲ ଜମି ଅଧିକାର ଆଇନ କେବଳ ଆଇନରେ ହିଁ ସୀମିତ ରହିଯାଇଛି। ସରକାର ଶିଳ୍ପପତିଙ୍କ ପାଇଁ ଜୋର ଜବରଦସ୍ତ ଜମି ଅଧିଗ୍ରହଣ କରୁଥିବା ବେଳେ ଭୂମିହୀନଙ୍କ ପାଇଁ ସେଭଳି ତତ୍ପରତା ଦେଖାଉନାହାନ୍ତି ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଯାତ୍ରୀ ଦଳର ନେତୃତ୍ୱ ନେଇଥିବା ଶ୍ରଦ୍ଧା କଶ୍ୟପ, କସ୍ତୁରୀ ପଟେଲ, ଶୋଭା ତିୱାରୀ, ମାନସୀ ପଗାରେ ଓ ଦେବେନ୍ଦ୍ର ସିଂ ସେମାନଙ୍କ ଯାତ୍ରାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ସେହିଭଳି ଏକତା ପରିଷଦ ପକ୍ଷରୁ ଆସନ୍ତା ଅକ୍ଟୋବର ୨ରୁ ଗୋଆଲିୟରରୁ ଦିଲ୍ଲୀ ପର୍ଯ୍ୟନ୍ତ ଯିବାକୁ ଥିବା ୨୫ ହଜାର ଭୂମିହୀନ ଲୋକଙ୍କ ପଦଯାତ୍ରା ଜନଆନ୍ଦୋଳନରେ ସାମିଲ ହେବାକୁ ସେମାନେ ଅନୁରୋଧ କରିଥିଲେ। ମହିଳା ଅଧିକାର ଉପାଧକ୍ଷା ଡ. ରୀନା ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମହିଳା ଅଧିକାର ଅଭିଯାନର ଆବାହକ ତଥା ଜାତୀୟ ମାନବ ଅଧିକାର କମିଶନ, ନୂଆଦିଲ୍ଲୀର କୋର୍ ସଦସ୍ୟ ମନୋଜ ଜେନା, ଏକତା ପରିଷଦର ରାଜ୍ୟ ଆବାହକ ବିଜୟ ପ୍ରଧାନ, ଏକତା ମହିଳା ମଞ୍ଚ, ଓଡ଼ିଶା ଆବାହକ ବିଷ୍ଣୁପ୍ରିୟ ସ୍ୱାଇଁ, ଭାରତୀ ନାୟକ, ରମେଶ ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କଟକ ଜିଲା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ପ୍ରମିଳା ଓଝା, ସାମାଜିକ କର୍ମୀ ବତିକା ମହାନ୍ତି, ଭୁବନେଶ୍ୱର ଇନର ହୁଇଲ୍ ଏଲିଟ୍ ତରଫରୁ ଚିଦାତ୍ମିକା ଖଟୁଆ, ସ୍ନେହା ମହାନ୍ତି, ସଂଯୁକ୍ତା ମହଲ, ୱାର୍ଲ୍ଡ ଭିଜନ ପକ୍ଷରୁ ସିଷ୍ଟର ନିର୍ମଳା, ମୈତ୍ରୀ ମହିଳା ସମିତିର ପୁଷ୍ପଲତା ମୁନି, ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ଆବାହକ ମଧୁସୂଦନ ଦାସ, ଜ୍ୟୋସ୍ନା ଦାସ ପ୍ରମୁଖ ସତ୍ୟାଗ୍ରହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହିଳା ଅଧିକାର ଅଭିଯାନ ପକ୍ଷରୁ ସତ୍ୟାଗ୍ରହୀଙ୍କୁ ଫଳକ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏକତା ମହିଳା ମଞ୍ଚ, ଓଡ଼ିଶା ଯୁଗ୍ମ ଆବାହିକା ପ୍ରଭାସିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



"ଭାରତ ଓ ପାକିସ୍ତାନର କେତେଜଣ ନ୍ୟସ୍ତସ୍ୱାର୍ଥ ରାଜନେତା ନିଜ ଅସ୍ତିତ୍ୱ ବଞ୍ଚାଇବା ପାଇଁ କଶ୍ମୀରରେ ଶାନ୍ତି ପ୍ରତିଷ୍ଠା ଚାହୁଁନାହାନ୍ତି।
-ଫାରୁକ୍ ଅବ୍ଦୁଲ୍ଲା, ଏନ୍ସି ଅଧକ୍ଷ



## ସଂକ୍ଷେପରେ

### ଆମେରିକା ବ୍ୟାଙ୍କ ଗୁଳିକାଣ୍ଡ
### ଜଣେ ଭାରତୀୟ ମୃତ

**ନ୍ୟୁୟର୍କ,୭।୯(ପି.ଟି.):** ଆମେରିକାର ସିନ୍ସିନାଟି ସହରରେ ଗୁରୁବାର ଘଟିଥିବା ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୩ ଜଣଙ୍କ ମଧ୍ୟରେ ଜଣେ ଭାରତୀୟ ଅଛନ୍ତି। ମୃତକ ଜଣକ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାର ୨୫ ବର୍ଷୀୟ ପୃଥ୍ୱୀରାଜ କଣ୍ଡେପି ବୋଲି ଜଣାପଡ଼ିଛି। କଣ୍ଡେପି ଉକ୍ତ ବ୍ୟାଙ୍କରେ କନ୍ସଲ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିଲେ ବୋଲି ନ୍ୟୁୟର୍କସ୍ଥିତ ତେଲୁଗୁ ଆସୋସିଏଶନ ଅଫ୍ ନର୍ଥ ଆମେରିକାର ଜଣେ ସଦସ୍ୟ ସୂଚନା ଦେଇଛନ୍ତି। ନ୍ୟୁୟର୍କରେ ଅବସ୍ଥାପିତ ଭାରତୀୟ କୂଟନୀତିଜ୍ଞ ସନ୍ଦୀପ ଚକ୍ରବର୍ତ୍ତୀଙ୍କ ସୂଚନା ମୁତାବକ, ପୋଲିସ ଏବଂ ପୀଡ଼ିତଙ୍କ ପରିବାର ସଦସ୍ୟଙ୍କ ସହ କନ୍ସୁଲେଟ୍ ପକ୍ଷରୁ ଯୋଗାଯୋଗ ରହିଛି। କଣ୍ଡେପିଙ୍କ ମୃତଦେହ ଭାରତ ଆଣିବା ଲାଗି ବ୍ୟବସ୍ଥା କରାଯାଉଛି ବୋଲି ସନ୍ଦୀପ କହିଛନ୍ତି। ପ୍ରକାଶ ଯେ, ସିନ୍ସିନାଟି ସହରସ୍ଥିତ ଏକ ବ୍ୟାଙ୍କ କାର୍ଯ୍ୟାଳୟରେ ଗୁରୁବାର ଗୁଳିକାଣ୍ଡ ଘଟିଥିଲା। ୨୯ ବର୍ଷୀୟ ଓମାର ଏନ୍ରିକ୍ ସାଣ୍ଟା ପେରେଜ୍ ବ୍ୟାଙ୍କରେ ଆଖିବୁଜା ଗୁଳିଚାଳନା କରିଥିଲେ।

### ପଶ୍ଚିମବଙ୍ଗରେ ଆଉ ଏକ ବ୍ରିଜ୍ ଭୁଶୁଡ଼ିଲା

ମାଜେରହାଟ ଘଟଣାର ତଦନ୍ତ କରିବ ଏସ୍ଆଇଟି



**ସିଲିଗୁଡ଼ି, ୭।୯(ପି.ଟି.):** ଦକ୍ଷିଣ କୋଲ୍କାତାର ମାଜେରହାଟ ବ୍ରିଜ୍ ଭୁଶୁଡ଼ିବାର ତିନିଦିନ ପରେ ଶୁକ୍ରବାର ପଶ୍ଚିମବଙ୍ଗର ଉତ୍ତରାଞ୍ଚଳରେ ଥିବା ସିଲିଗୁଡ଼ି ନିକଟରେ ଆଉ ଏକ ପୁରୁଣା ବ୍ରିଜ୍ ଭୁଶୁଡ଼ିପଡ଼ିଛି। ଏଥିରେ ଜଣେ ଟ୍ରକ୍ ଡ୍ରାଇଭର ଆହତ ହୋଇଛନ୍ତି। ସିଲିଗୁଡ଼ିରେ ଥିବା ଉକ୍ତ ବ୍ରିଜ୍ ମାନଗଞ୍ଜରୁ ଫାନ୍ସିଡେୱାକୁ ସଂଯୋଗ କରୁଛି। ପୂର୍ବାହ୍ନ ୯ଟା ୩୦ରେ ଏକ ମାଲ୍ବୋଝେଇ ଟ୍ରକ୍ ଏହା ଉପର ଦେଇ ଅତିକ୍ରମ କରୁଥିବାବେଳେ ବ୍ରିଜ୍ଟି ଭୁଶୁଡ଼ି କେନାଲ ତଳକୁ ଖସିପଡ଼ିଥିଲା। ସେପଟେ ମାଜେରହାଟ ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ୩ ଜଣ ପ୍ରାଣ ହରାଇବା ପରେ ଘଟଣାର ତଦନ୍ତ ପାଇଁ ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛନ୍ତି।

### ଆଇସିୟୁରେ ହାର୍ଦ୍ଦିକ

**ଅହମ୍ମଦାବାଦ, ୭।୯(ପି.ଟି.):** ସଂରକ୍ଷଣ ଦାବିରେ ୧୪ ଦିନ ହେଲା ଆମରଣ ଅନଶନ ଚଳାଇଥିବା ପଟିଦାର ନେତା ହାର୍ଦ୍ଦିକ୍ ପଟେଲ ଅସୁସ୍ଥ ହୋଇପଡ଼ିଛନ୍ତି। ଶୁକ୍ରବାର ତାଙ୍କୁ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି ବୋଲି ପଟିଦାର ଅନାମତ୍ ଆନ୍ଦୋଳନ ସମିତି (ପିଏଏଏସ୍) ପକ୍ଷରୁ ସୂଚନା ମିଳିଛି। ଏକ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା ଚଳାଇଛନ୍ତି।

### ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା
### ଜଣେ ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ନାଗାଓଁ, ୭।୯(ପି.ଟି.):** ଆସାମର ନାଗାଓଁ ଜିଲାରେ ୧୧ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲାର ମୁଖ୍ୟ ଦୋଷୀଙ୍କୁ ମିଳିବ ଚରମ ଶାସ୍ତି। ଶୁକ୍ରବାର ଅଦାଲତ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ଗତ ମାର୍ଚ୍ଚରେ ନାଗାଓଁରେ ଘଟିଥିବା ଏହି ଜଘନ୍ୟ କାଣ୍ଡର ମୁଖ୍ୟ ଅଭିଯୁକ୍ତ ଥିଲେ ଜାକିର ହୁସେନ୍ (୧୯)। ତାଙ୍କ ଦୋଷ ପ୍ରମାଣିତ ହେବା ପରେ ଜିଲା ଓ ଦୌରା ଜଜ୍ ରୀତା କର ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା (ପୋକ୍ସୋ) ଲାଗି ଉଦ୍ଦିଷ୍ଟ ଆଇନ ଅନୁଯାୟୀ ଦଣ୍ଡବିଧାନ କରିଛନ୍ତି। ନାବାଳିକାଙ୍କ ହତ୍ୟା ପାଇଁ ମୃତ୍ୟୁଦଣ୍ଡ ଏବଂ ବଳାତ୍କାର ଅଭିଯୋଗରେ ଜାକିର ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେବେ। ଅନ୍ୟ ୫ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ଆଉ ଦୁଇ ନାବାଳକ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପରେ ସେମାନଙ୍କୁ ୩ ବର୍ଷ ପାଇଁ ବାଳ ସୁଧାର ଗୃହକୁ ପଠାଇଦିଆଯାଇଛି। ପ୍ରକାଶ ଯେ, ଗତ ମାର୍ଚ୍ଚ ୨୩ରେ ନାଗାଓଁ ଜିଲାର ଧନିଆ ଭେଟିରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ କେତେଜଣ ଯୁବକ ଗଣବଳାତ୍କାର କରି ଜୀବନ୍ତ ପୋଡ଼ିଦେଇଥିଲେ।

■ ଏପଟେ ବନ୍ଧୁତାର ଛଳନା, ସେପଟେ ପ୍ରତିଶୋଧ ଧମକ

# ଦୋମୁହାଁ ପାକିସ୍ତାନ

**ଇସ୍ଲାମାବାଦ,୭।୯**



ଇମ୍ରାନ ଖାନ୍



ଜେନେରାଲ କମର ଜାଭେଦ ବାଜ୍ୱା

ପାକିସ୍ତାନ ଗୋଟିଏପଟେ ଭାରତ ସହ ବନ୍ଧୁତା ଚାହୁଁଥିବା ନେଇ ଛଳନା କରୁଥିବାବେଳେ ଅନ୍ୟପଟେ ସୀମାରେ ପ୍ରତିଶୋଧ ନେବାକୁ ଧମକ ଦେଇଛି। ଏଥିରୁ ପଡ଼ୋଶୀ ଦେଶର ଦୋମୁହାଁ ନୀତି ପୁଣିଥରେ ପଦାରେ ପଡ଼ିଛି।

ପଞ୍ଜାବର ଶିଖ୍ ତୀର୍ଥଯାତ୍ରୀଙ୍କ ପାଇଁ ପାକିସ୍ତାନ ଖୁବ୍ଶୀଘ୍ର କର୍ତାର୍ପୁର ସୀମାରୁ ପ୍ରତିବନ୍ଧକ ହଟାଇବ। ଫଳରେ ଶିଖ୍ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ବିନା ଭିଜାରେ ସେଠାକୁ ଯାଇ ଐତିହାସିକ ଗୁରୁଦ୍ୱାରା ଦରବାର ସାହିବଙ୍କ ଦର୍ଶନ କରିପାରିବେ ବୋଲି ଶୁକ୍ରବାର ପାକିସ୍ତାନର ସୂଚନା ମନ୍ତ୍ରୀ ଫୱାଦ୍ ଚୌଧୂରୀ କହିଛନ୍ତି। ନିକଟରେ ପିଟିଆଇ ଅଧକ୍ଷ ଇମ୍ରାନ ଖାନ୍ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ଅତିଥି ଭାବେ ଇମ୍ରାନଙ୍କ ଶପଥଗ୍ରହଣ ଉତ୍ସବକୁ ଯାଇଥିଲେ। ଇସ୍ଲାମାବାଦରେ ସିଦ୍ଧୁ ପାକିସ୍ତାନର ସେନାଧକ୍ଷ ଜେନେରାଲ କମର ଜାଭେଦ ବାଜ୍ୱାଙ୍କୁ ଆଲିଙ୍ଗନ କରିଥିଲେ। କର୍ତାର୍ପୁର ସୀମା ଖୋଲାଯିବା ନେଇ ପ୍ରଥମ ସଙ୍କେତ ଉଭୟଙ୍କ ସାକ୍ଷାତ୍ରୁ ମିଳିଥିଲା। ପାକିସ୍ତାନୀ ସେନା ଓ ସରକାର ଭାରତ ସହ ଶାନ୍ତି ଆଲୋଚନା ପାଇଁ ଆଗ୍ରହୀ। ମାତ୍ର ଭାରତ ସରକାରଙ୍କ ପକ୍ଷରୁ ଏଯାଏ କୌଣସି ସକାରାତ୍ମକ ସଙ୍କେତ ଦେଖିବାକୁ ମିଳିନାହିଁ ବୋଲି ଚୌଧୂରୀ କହିଛନ୍ତି।

ଅନ୍ୟପକ୍ଷରେ ପାକିସ୍ତାନୀ ସେନାଧକ୍ଷ ବାଜ୍ୱା କଶ୍ମୀର ପ୍ରସଙ୍ଗରେ ଭାରତକୁ ଧମକ ଦେଇଛନ୍ତି। ରାୱଲପିଣ୍ଡିରେ ଗୁରୁବାର ୫୩ତମ ପ୍ରତିରକ୍ଷା ଦିବସ ପାଳନ ଅବସରରେ ବାଜ୍ୱା କହିଛନ୍ତି, ଆମ ସୈନ୍ୟମାନେ ଦେଶ ପାଇଁ ଜୀବନ ଦେଇ ଶହୀଦ ହେଉଛନ୍ତି। ସେମାନଙ୍କ ତ୍ୟାଗ ବେକାର ଯିବନାହିଁ। ପାକିସ୍ତାନ ଭାରତଠାରୁ ସୀମାରେ ସୈନ୍ୟଙ୍କ ରକ୍ତର ପ୍ରତିଶୋଧ ନେବ। ଇସ୍ଲାମାବାଦ ଉପରେ ଯିଏ ମନ୍ଦ ଉଦ୍ଦେଶ୍ୟ ରଖି ନଜର ପକାଇବ ତାକୁ ମୁହଁତୋଡ଼ ଜବାବ ଦିଆଯିବ ବୋଲି ବାଜ୍ୱା ଭାରତ ଉଦ୍ଦେଶ୍ୟରେ ଧମକ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ କଶ୍ମୀରରେ ହିଂସା ଭିଆଇ ଅସ୍ଥିରତା ସୃଷ୍ଟି କରୁଥିବା ଆତଙ୍କବାଦୀମାନଙ୍କୁ ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଇମ୍ରାନ ମଧ୍ୟ ଉପସ୍ଥିତ ଥିଲେ। ନୂଆଦିଲ୍ଲୀ ଆଲୋଚନା ପାଇଁ ପାଦେ ଆଗେଇଲେ ଇସ୍ଲାମାବାଦ୍ ଦୁଇପାଦ ଆଗକୁ ବଢ଼ିବ ବୋଲି ଇମ୍ରାନ କହୁଥିବାବେଳେ ତାଙ୍କ ଉପସ୍ଥିତିରେ ସେନାଧକ୍ଷ ବାଜ୍ୱାଙ୍କ ଭାରତକୁ ଖୋଲା ଚ୍ୟାଲେଞ୍ଜରୁ ପଡ଼ୋଶୀ ଦେଶର ଦୋମୁହାଁ ନୀତି ପୁଣିଥରେ ସ୍ପଷ୍ଟ ହୋଇଛି।

■ ଖୋଲିବ କର୍ତାର୍ପୁର କରିଡର

# ଇମ୍ରାନଙ୍କୁ କୃତଜ୍ଞତା ଜଣାଇଲେ ସିଦ୍ଧୁ

**ନୂଆଦିଲ୍ଲୀ,୭।୯**



କର୍ତାର୍ପୁରସ୍ଥିତ ଗୁରୁଦ୍ୱାରା ଦରବାର ସାହିବ



ଗୁରୁ ନାନକଙ୍କ ୫୫୦ତମ ଜୟନ୍ତୀ ଅବସରରେ କର୍ତାର୍ପୁର କରିଡର୍ ଖୋଲିବା ପାଇଁ ପାକିସ୍ତାନର ନିଷ୍ପତ୍ତିକୁ ନେଇ ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ଉଲ୍ଲସିତ। ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପ୍ରଶଂସାରେ ଶତମୁଖ। ନଭେମ୍ବରରେ ଶିଖ୍ ଶ୍ରଦ୍ଧାଳୁଙ୍କୁ ବିନା ଭିଜାରେ କର୍ତାର୍ପୁରସ୍ଥିତ ଗୁରୁଦ୍ୱାରା ଦରବାର ସାହିବଙ୍କ ଦର୍ଶନ କରିବାର ସୁଯୋଗ ମିଳିବ ବୋଲି ଇମ୍ରାନଙ୍କୁ ସିଦ୍ଧୁ କୃତଜ୍ଞତା ଜଣାଇଛନ୍ତି। ୧୦ ଶିଖ୍ ଗୁରୁଙ୍କ ମଧ୍ୟରେ ଗୁରୁ ନାନକ ହେଉଛନ୍ତି ପ୍ରଥମ। ଗୁରୁ ନାନକ ଭ୍ରମଣ ପାଇଁ ଯାଇଥିବାବେଳେ ଲାହୋରଠାରୁ ୧୨୦ କି.ମି. ଦୂର କର୍ତାର୍ପୁରରେ ସ୍ଥାୟୀ ଭାବେ ଅବସ୍ଥାନ କରିଥିବା କୁହାଯାଏ। ତେଣୁ ଧର୍ମକୁ ନେଇ ରାଜନୀତି କରା ନ ଯାଉ। ଭାରତର ପ୍ରଧାନମନ୍ତ୍ରୀ ଓ ବହିର୍ବ୍ୟାପାର ମନ୍ତ୍ରୀ ମଧ୍ୟ ଇମ୍ରାନଙ୍କ ଭଳି ଅନୁରୂପ ପଦକ୍ଷେପ ନିଅନ୍ତୁ ବୋଲି ସିଦ୍ଧୁ କହିଛନ୍ତି। ଏହାକୁ ନେଇ ଭାଜପା ସିଦ୍ଧୁଙ୍କୁ ଟାର୍ଗେଟ କରିଛି। ପ୍ରକାଶ ଯେ, ସିଦ୍ଧୁ ଇସ୍ଲାମାବାଦ ଗସ୍ତବେଳେ ପାକିସ୍ତାନୀ ସେନାମୁଖ୍ୟଙ୍କୁ ଆଲିଙ୍ଗନ କରିବାବେଳର ଫଟୋ ଭାଇରାଲ ହୋଇଥିଲା। ସେହି ବିବାଦ ନ ତୁଟୁଣୁ ସିଦ୍ଧୁଙ୍କ ସଦ୍ୟ ପାକିସ୍ତାନ ପ୍ରୀତି ନୂଆ ବିବାଦକୁ ଜନ୍ମ ଦେଇଛି।

■ ତୈଳ ଦର ବୃଦ୍ଧି: କଂଗ୍ରେସର କେନ୍ଦ୍ର ବିରୋଧୀ ସ୍ୱର

# ଭାରତ ବନ୍ଦକୁ ବିଭିନ୍ନ ଦଳର ସମର୍ଥନ

**ନୂଆଦିଲ୍ଲୀ, ୭।୯(ପି.ଟି.)**



ଆର୍.ପି.ଏନ୍. ସିଂ

ତୈଳ ଦର ଆକାଶଛୁଆଁ ହେଉଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ହୋଇଛି। ଫଳରେ ସାଧାରଣ ଲୋକଙ୍କୁ ଭାରି ମୂଲ୍ୟ ଦେବାକୁ ପଡୁଛି। ଏଥିପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଦାୟୀ କରିବା ସହ ଆସନ୍ତା ୧୦ ତାରିଖରେ ଭାରତ ବନ୍ଦ ଡାକରା ଦେଇଛି କଂଗ୍ରେସ। ବାମଦଳ ଓ ଡିଏମ୍କେ ସମେତ ବିଭିନ୍ନ ବିରୋଧୀ ଦଳର ସମର୍ଥନ ମିଳିବା ପରେ କଂଗ୍ରେସର ଶକ୍ତି ବୃଦ୍ଧି ହୋଇଛି। ତେବେ ସମସ୍ତ ବିରୋଧୀ ଦଳ ରାସ୍ତାକୁ ଓହ୍ଲାଇ ତୈଳ ଦର ବୃଦ୍ଧି ପ୍ରତିବାଦରେ କେନ୍ଦ୍ର ବିରୋଧରେ ସ୍ୱର ଉଠାଇବେ ବୋଲି କଂଗ୍ରେସ ମୁଖପାତ୍ର ଆର୍.ପି.ଏନ୍. ସିଂ ଶୁକ୍ରବାର କହିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପୁଣି ଟାର୍ଗେଟ କରିଛି। ପେଟ୍ରୋଲ ଦର କ'ଣ ୧୦୦ ଟଙ୍କା ଟପିବ ଏବଂ ଟଙ୍କା ରୁଗ୍ଣ ହୋଇ ହସ୍ପିଟାଲରେ ଅଛି କି ବୋଲି ଦଳ ପ୍ରଶ୍ନ କରିଛି। ସୋମବାର କେବଳ କଂଗ୍ରେସ ନୁହେଁ, ବରଂ ସାଧାରଣ ଲୋକେ ଭାରତ ବନ୍ଦ ପାଳନ କରିବେ ବୋଲି ସିଂ କହିଛନ୍ତି। ଏଥର ବନ୍ଦ ପାଳନର ପ୍ରଭାବ ଅଧିକ ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି।

ତୈଳ ଦର ବୃଦ୍ଧି ପ୍ରତିବାଦରେ ଅଧିକରୁ ଅଧିକ ବ୍ୟକ୍ତି ଓ ସଙ୍ଗଠନକୁ ସାମିଲ କରିବା ପାଇଁ ଦେଶର ୯୦ ସହରରେ ଦଳ ପକ୍ଷରୁ ରାଜ୍ୟସ୍ତରୀୟ ଖବରଦାତା ସମ୍ମିଳନୀ କରାଯିବ। ବାମଦଳ, ସମାଜବାଦୀ ପାର୍ଟି, ଏନ୍ସିପି, ଆର୍ଜେଡି ଓ ଅନ୍ୟ ଦଳ ସହ କଂଗ୍ରେସ ନେତାମାନେ ଆଲୋଚନା କରିସାରିଛନ୍ତି। ସେମାନେ ସମର୍ଥନ ଜଣାଇଛନ୍ତି। ତୃଣମୂଳ କଂଗ୍ରେସ ସମର୍ଥନ ଜଣାଇଥିଲେ ସୁଦ୍ଧା ବନ୍ଦ ଡାକରା ଦେବ ନାହିଁ ବୋଲି ସ୍ପଷ୍ଟ କରିଥିବା ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲ କହିଛନ୍ତି। ଅନ୍ୟପକ୍ଷେ ତାମିଲନାଡୁର ବିରୋଧୀ ଦଳ ଡିଏମ୍କେ ମୁଖ୍ୟ ଏମ୍.କେ. ଷ୍ଟାଲିନ କହିଛନ୍ତି, ତାଙ୍କ ଦଳ ବନ୍ଦ ପାଳନରେ ସାମିଲ ହେବ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ମୁହଁତୋଡ଼ ଜବାବ ଦେବା ପାଇଁ ସରକାରୀ କର୍ମଚାରୀ, ଶିକ୍ଷକ, ବ୍ୟବସାୟୀ ଓ ଅନ୍ୟମାନେ ସ୍ୱେଚ୍ଛାକୃତ ଭାବେ ବନ୍ଦ ପାଳନକୁ ସମର୍ଥନ କରନ୍ତୁ ବୋଲି ସେ କହିଛନ୍ତି।

### ମଣିପୁରରେ ଏନ୍କାଉଣ୍ଟର
### ଯବାନ ଶହୀଦ, ଉଗ୍ରବାଦୀ ନିହତ

**ଇମ୍ଫାଲ,୭।୯(ପି.ଟି.)**

ମଣିପୁରରେ ଶନିବାର ସୁରକ୍ଷା ବାହିନୀ ଏବଂ ନିଷିଦ୍ଧ ଉଗ୍ରବାଦୀ ଗୋଷ୍ଠୀ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ଯବାନ ଶହୀଦ ହୋଇଥିବାବେଳେ ଜଣେ ଉଗ୍ରବାଦୀ ନିହତ ହୋଇଛନ୍ତି। ମ୍ୟାନ୍ମାର ସୀମାନ୍ତବର୍ତ୍ତୀ ଚାନ୍ଦେଲ ଜିଲାର ଜୌପୀ ଅଞ୍ଚଳରେ ଶନିବାର ସକାଳ ୫ଟାରେ ପ୍ରଥମେ ଗୁଳି ଶବ୍ଦ ଶୁଣିବାକୁ ମିଳିଥିଲା। ନିକଟରେ ଥିବା ଆସାମ ରାଇଫଲ୍ସ ବାଟାଲିୟନ୍ ଯବାନଙ୍କୁ ତୁରନ୍ତ ସୂଚନା ଦିଆଯାଇଥିଲା। ଏହାପରେ ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଜାରି ରହିଥିଲା ବୋଲି ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

## ୨ କଶ୍ମୀରୀ ଆଇଏସ୍ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ,୭।୯(ପି.ଟି.)**



କଶ୍ମୀରର ୨ ଇସ୍ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ଦିଲ୍ଲୀ ପୋଲିସ ହାତରେ ଧରାପଡ଼ିଛନ୍ତି। ଲାଲ୍କିଲ୍ଲା ଅଞ୍ଚଳରୁ ଗୁରୁବାର ବିଳମ୍ବିତ ରାତିରେ ସନ୍ଦିଗ୍ଧ ଅବସ୍ଥାରେ ଉଭୟଙ୍କୁ ଗିରଫ କରାଯାଇଛି। ଦୁହିଁଙ୍କ ନିକଟରୁ ଦୁଇଟି ବନ୍ଧୁକ, ୪ ମୋବାଇଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିବା ସ୍ପେଶାଲ ସେଲ୍ ଡିସିପି ପି.ଏସ୍. କୁଶୱାହ ସୂଚନା ଦେଇଛନ୍ତି।

ଗିରଫ ୨ ଆତଙ୍କବାଦୀ ହେଲେ ଶୋପିଆନ୍ର ପରଭେଜ୍ (୨୪) ଓ ଜାମ୍ଶିଦ୍ (୧୯)। ଲାଲ୍କିଲ୍ଲା ନିକଟସ୍ଥ ଜାମା ମସ୍ଜିଦ୍ ବସ୍ ଷ୍ଟପ୍ରୁ ଉଭୟେ ଧରାପଡ଼ିଛନ୍ତି। ପରଭେଜ୍ଙ୍କ ଭାଇ ମଧ୍ୟ ଜଣେ ଆତଙ୍କବାଦୀ ଥିଲେ। ଗତ ଜାନୁୟାରୀ ୨୬ରେ ଶୋପିଆନ୍ରେ ଏକ ଏନ୍କାଉଣ୍ଟରରେ ସେ ନିହତ ହୋଇଥିଲେ। ଉତ୍ତରପ୍ରଦେଶର ଗଜ୍ରୋଲାରେ ଏମ୍ଟେକ୍ ପଢୁଥିବା ପରଭେଜ୍ ନିଜ ଭାଇଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ଜାମ୍ଶିଦ୍ ଜଣେ ଡିପ୍ଲୋମା ତୃତୀୟ ବର୍ଷ ଛାତ୍ର। ଉଭୟେ ଦିଲ୍ଲୀକୁ ଏକ ଟ୍ରାଞ୍ଜିଟ୍ ପଏଣ୍ଟ ଭାବେ ବ୍ୟବହାର କରୁଥିଲେ। ଏହା ପୂର୍ବରୁ ମଧ୍ୟ ଦୁହେଁ ଦିଲ୍ଲୀ ଦେଇ କଶ୍ମୀରକୁ ଯିବା ଆସିବା କରିଥିଲେ। ଇସ୍ଲାମିକ୍ ଷ୍ଟେଟ୍ ଇନ୍ ଜମ୍ମୁ ଆଣ୍ଡ କଶ୍ମୀର (ଆଇଏସ୍ଜେକେ) ବ୍ୟାନର୍ରେ ଇସ୍ଲାମିକ୍ ଷ୍ଟେଟ ଉପତ୍ୟକାରେ ନିଜ ଉପସ୍ଥିତି ଜାହିର କରିବାକୁ ଉଦ୍ୟମ ଚଳାଇଛି। ହେଲେ କଶ୍ମୀର ପୋଲିସ ଏହାକୁ ଅସ୍ୱୀକାର କରୁଛି। ଏତିକି ବେଳେ ଦିଲ୍ଲୀର ଲାଲ୍କିଲ୍ଲା ଭଳି ସମ୍ବେଦନଶୀଳ ଅଞ୍ଚଳରୁ ରାତିଅଧିଆ ୨ ଆଇଏସ୍ ଆତଙ୍କବାଦୀ ଧରାପଡ଼ିବା ପରେ ସୁରକ୍ଷା ବଳର ଚିନ୍ତା ବଢ଼ିଯାଇଛି।

■ ଭିଡ଼ହିଂସା: ଅସନ୍ତୋଷ ବ୍ୟକ୍ତକଲେ ସୁପ୍ରିମକୋର୍ଟ

## ଆଦେଶ ପାଳନ କରୁନାହାନ୍ତି ରାଜ୍ୟ

**ନୂଆଦିଲ୍ଲୀ,୭।୯(ପି.ଟି.)**

ଭିଡ଼ହିଂସା ଏବଂ ଗୋରକ୍ଷା ନାମରେ ଆକ୍ରମଣ ଘଟଣାରେ ରାଜ୍ୟଗୁଡ଼ିକ ଉଚିତ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏ ସମ୍ପର୍କିତ ଆଦେଶକୁ ମଧ୍ୟ ରାଜ୍ୟଗୁଡ଼ିକ ପାଳନ କରୁନାହାନ୍ତି ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଭିଡ଼ହିଂସା ଏବଂ ଗୋରକ୍ଷକଙ୍କ ଉତ୍ପାତ ଉପରେ ନିୟନ୍ତ୍ରଣ ଲଗାଇବା ଲାଗି କଠୋର ପଦକ୍ଷେପ ନେବାକୁ ଜୁଲାଇ ୧୭ରେ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୯ ରାଜ୍ୟ ଏବଂ ୨ କେନ୍ଦ୍ରଶାସିତ ଅଞ୍ଚଳ ଅଦାଲତୀ ଆଦେଶ ପାଳନ କରିଛନ୍ତି। ଭିଡ଼ହିଂସା ରୋକିବା ଲାଗି ସେମାନେ କିଭଳି ପଦକ୍ଷେପ ନେଇଛନ୍ତି ତାହାର ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ କରିଛନ୍ତି। କିନ୍ତୁ ବାକି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ନିକଟରୁ ଏପର୍ଯ୍ୟନ୍ତ କିଛି ଜବାବ ମିଳିନାହିଁ। ସପ୍ତାହେ ମଧ୍ୟରେ ସେମାନେ ରିପୋର୍ଟ ଦାଖଲ କରନ୍ତୁ ବୋଲି ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ସୁପ୍ରିମକୋର୍ଟ ପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କୌଣସି ହେଳା ସହ୍ୟ କରାଯିବ ନାହିଁ। ପଦକ୍ଷେପ ନେବାରେ ଯଦି କିଛି ବିଳମ୍ବ ହୁଏ, ତା'ହେଲେ ରାଜ୍ୟ ଗୃହ ସଚିବମାନଙ୍କୁ ପ୍ରତ୍ୟକ୍ଷ ଭାବେ କୋର୍ଟରେ ହାଜର ହେବାକୁ ପଡ଼ିପାରେ ବୋଲି ପୀଠ ତାଗିଦ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ ପରେ ଏକ ମନ୍ତ୍ରୀଗୋଷ୍ଠୀ ଗଠନ କରାଯାଇଛି ବୋଲି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କହିଛନ୍ତି।

## ୨୨ ରାଜ୍ୟରେ ପ୍ରବଳ ବର୍ଷିବ

**ନୂଆଦିଲ୍ଲୀ, ୭।୯(ପି.ଟି.)**



ଦେଶର ବିଭିନ୍ନ ଭାଗରେ ବର୍ଷା ବିପ୍ରାତ ଲାଗି ରହିଛି। ଲଗାଣ ବର୍ଷା ଯୋଗୁ ଶୁକ୍ରବାର ଦିଲ୍ଲୀର ଅନେକ ସ୍ଥାନ ମଧ୍ୟ ଜଳାର୍ଣ୍ଣବ ହୋଇ ଟ୍ରାଫିକ୍ ସମସ୍ୟା ଉପୁଜିଛି। ଶନିବାର ପର୍ଯ୍ୟନ୍ତ ଓଡ଼ିଶା ସମେତ ୨୨ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପୂର୍ବାନୁମାନ କରିଛି। ଆଭ୍ୟନ୍ତରୀଣ ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ବର୍ଷା ସାଙ୍ଗକୁ ଘଣ୍ଟା ପ୍ରତି ୪୫ କି.ମି. ବେଗରେ ପବନ ବହିପାରେ। ଆଇଏମ୍ଡି ପକ୍ଷରୁ ଜାରି ହୋଇଥିବା ବୁଲେଟିନ୍କୁ ଆଧାର କରି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍ଡିଏମ୍ଏ) ଏହି ସୂଚନା ଦେଇଛନ୍ତି। ବର୍ଷାଜନିତ ବିଭିନ୍ନ ଦୁର୍ଘଟଣାରୁ ବର୍ତ୍ତିବା ଲାଗି ଲୋକଙ୍କୁ ସତର୍କ କରାଯାଇଛି। ଚଳିତ ମୌସୁମୀ ଋତୁରେ ୧୦ ରାଜ୍ୟରେ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁ ୧୪୦୦ ଲୋକ ପ୍ରାଣ ହରାଇଲେଣି। କେବଳ କେରଳରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ହେଉଛି ୪୮୮। ଉତ୍ତରପ୍ରଦେଶରେ ୨୫୪, ପଶ୍ଚିମବଙ୍ଗରେ ୨୧୦, କର୍ଣ୍ଣାଟକରେ ୧୭୦, ମହାରାଷ୍ଟ୍ରରେ ୧୩୯, ଗୁଜରାଟରେ ୫୨, ଆସାମରେ ୫୦, ଉତ୍ତରାଖଣ୍ଡରେ ୩୭, ଓଡ଼ିଶାରେ ୨୯ ଏବଂ ନାଗାଲାଣ୍ଡରେ ମୃତ୍ୟୁସଂଖ୍ୟା ୧୧ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ଅନେକେ ବନ୍ୟାପାଣିରେ ନିଖୋଜ ହୋଇଛନ୍ତି।

## ୧୧ରେ ଇସି ଟିମ୍ର ତେଲେଙ୍ଗାନା ଗସ୍ତ

**ନୂଆଦିଲ୍ଲୀ,୭।୯(ପି.ଟି.)**

ନିର୍ବାଚନ ପ୍ରସ୍ତୁତି

ବିଧାନସଭା ଭଙ୍ଗକରି ରାଜ୍ୟରେ ଆଗୁଆ ନିର୍ବାଚନ ପାଇଁ ଘୋଷଣା କରିସାରିଛି ତେଲେଙ୍ଗାନା। ଇତିମଧ୍ୟରେ ରାଜ୍ୟରେ ନିର୍ବାଚନ ପ୍ରସ୍ତୁତିର ତର୍ଜମା କରିବା ଲାଗି ଆସନ୍ତା ସପ୍ତାହରେ ନିର୍ବାଚନ କମିଶନ୍ର ଏକ ଟିମ୍ ତେଲେଙ୍ଗାନା ଗସ୍ତ କରିବେ। ବରିଷ୍ଠ ଉପ ନିର୍ବାଚନ କମିଶନର ଉମେଶ ସିହ୍ନାଙ୍କ ନେତୃତ୍ୱରେ ଉକ୍ତ ଟିମ୍ ସେପ୍ଟେମ୍ବର ୧୧ରେ ରାଜ୍ୟରେ ପହଞ୍ଚିବେ। ଆଗୁଆ ନିର୍ବାଚନ ଲାଗି ସେଠାକାର ସ୍ଥିତି କିଭଳି ରହିଛି ଏବଂ ରାଜ୍ୟ ସରକାର କ'ଣ ସବୁ ପ୍ରସ୍ତୁତି କରି ସାରିଛନ୍ତି, ତାହାର ତର୍ଜମା କରି ନିର୍ବାଚନ କମିଶନକୁ ରିପୋର୍ଟ ଦେବେ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ.ପି. ରାୱତ୍ କହିଛନ୍ତି। କିନ୍ତୁ ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ମିଜୋରାମ ସହ ତେଲେଙ୍ଗାନା ବିଧାନସଭା ନିର୍ବାଚନ ଏକାଠି କରିବା ପ୍ରସଙ୍ଗକୁ ବର୍ତ୍ତମାନ ସମୟରେ ଏକ କଳ୍ପନା କୁହାଯାଇପାରେ ବୋଲି ରାୱତ୍ କହିଛନ୍ତି। ତୃଣମୂଳ ସ୍ତରର ପ୍ରସ୍ତୁତି ଦେଖିବା ପରେ ରାଜ୍ୟ ନିର୍ବାଚନ କମିଶନରଙ୍କ ସହ ଆଲୋଚନା କରି ନିର୍ବାଚନ ସମୟ ନିର୍ଦ୍ଧାରଣ କରାଯିବ ବୋଲି ସିଇସି କହିଛନ୍ତି।

## ଭୁଲ୍ ରନୱେରେ ବିମାନ ଅବତରଣ

**ନୂଆଦିଲ୍ଲୀ,୭।୯**

କେରଳର ରାଜଧାନୀ ଥିରୁଭାନନ୍ଥପୁରମ୍ରୁ ୧୩୬ ଯାତ୍ରୀଙ୍କୁ ନେଇ ଯାଉଥିବା ଏୟାର ଇଣ୍ଡିଆର ଏ୩୨୦ ବିମାନ ଶୁକ୍ରବାର ଭୁଲବଶତଃ ମାଳଦ୍ୱୀପର ମାଲେ ବିମାନବନ୍ଦରସ୍ଥିତ ଏକ ନିର୍ମାଣାଧୀନ ରନୱେରେ ଅବତରଣ କରିଛି। ଏଥିଯୋଗୁ ୨ ପାଇଲଟଙ୍କୁ ଚାକିରିରୁ ବିଦା କରିଦିଆଯାଇଛି। ଏହା ଏକ ଦୁର୍ଘଟଣା ହୋଇଥିବାରୁ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍ଭେଷ୍ଟିଗେଶନ୍ ବ୍ୟୁରୋ (ଏଏଆଇବି)କୁ ଏନେଇ ଅବଗତ କରାଯାଇଥିବା ଡିଜିସିଏର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ଫଟୋକୁ ନେଇ ରାଜନୀତି

**ନୂଆଦିଲ୍ଲୀ, ୭।୯(ପି.ଟି.)**

## କୈଳାସ ପର୍ବତରେ ରାହୁଲ



- ■ ଲୋକଦେଖାଣିଆ ତୀର୍ଥଯାତ୍ରା: ଗିରିରାଜ
- ■ ମିଛ କହିଥିବାରୁ ଲୋକେ କ୍ଷମା ଦେବେନାହିଁ: ସିର୍ସା
- ■ ଘୃଣାକାରୀ ରାହୁଲଙ୍କ ଭଳି କରିଦେଖାନ୍ତୁ: କଂଗ୍ରେସ

ମାନସିକ ପୂରଣ ପାଇଁ କୈଳାସ ମାନସରୋବର ଯାତ୍ରା କରିଛନ୍ତି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ। ସେଠାରେ ପହଞ୍ଚି ସେ ଫଟୋ ଉଠାଇ ଟୁଇଟରରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ଜୋର୍ ଧରିଛି ରାଜନୀତି। ନିଜକୁ ଶିବଭକ୍ତ ବୋଲାଉଥିବା ରାହୁଲ ସତରେ କ'ଣ ଭକ୍ତିଭାବ ନେଇ କୈଳାସ ପର୍ବତକୁ ଯାଇଛନ୍ତି ବୋଲି ଅନେକେ ପ୍ରଶ୍ନ ଉଠାଇଛନ୍ତି। ଏହି କ୍ରମରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଗିରିରାଜ୍ ସିଂ କହିଛନ୍ତି ଯେ, କଂଗ୍ରେସ ମୁଖ୍ୟ ଲୋକ ଦେଖାଣିଆ ତୀର୍ଥଯାତ୍ରା କରିଛନ୍ତି। ସେହିପରି ଭାଜପା ମହିଳା ଶାଖାର ସୋସିଆଲ ମିଡିଆ ଇନ୍ଚାର୍ଜ ପ୍ରୀତି ଗାନ୍ଧୀ ଏବଂ ଅକାଳୀ ଦଳ ନେତା ତଥା ଦିଲ୍ଲୀ ବିଧାୟକ ମନ୍ଜିନ୍ଦର ସିଂ ସିର୍ସା ମଧ୍ୟ ରାହୁଲଙ୍କୁ କଟାକ୍ଷ କରିଛନ୍ତି। ସୋସିଆଲ ମିଡିଆରେ ଟ୍ରୋଲ୍ କରାଯିବା ପରେ କଂଗ୍ରେସ ଶୁକ୍ରବାର ଏହାର ଜବାବ ଦେଇଛି। ରାହୁଲଙ୍କୁ ଘୃଣା କରୁଥିବା ଲୋକମାନେ ତାଙ୍କ ସହ ତାଳ ଦେଇପାରିବେ କି ବୋଲି ଦଳ ଚ୍ୟାଲେଞ୍ଜ କରିଛି।

କୈଳାସ ପର୍ବତ ନିକଟରେ ପାଦ ଥାପି ବେଶ୍ ଖୁସି ହୋଇ ଅନ୍ୟ ତୀର୍ଥଯାତ୍ରୀଙ୍କ ସହ ମିଶି ରାହୁଲ ଫଟୋ ଉଠାଇଛନ୍ତି। ଲୋକପ୍ରିୟ ଫିଟ୍ନେସ୍ ମୋବାଇଲ ଆପ୍ 'ଫିଟ୍ବିଟ୍' ଜରିଆରେ ପର୍ବତାରୋହଣ ସମ୍ପର୍କରେ ସେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ଏଥିରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ରାହୁଲ ୪୬୩ ମିନିଟ୍ରେ ୩୪.୩୧ କି.ମି. ଅତିକ୍ରମ କରିଛନ୍ତି। ଗୋଟିଏ ଦିନରେ ତାଙ୍କ ଶରୀରରେ ୪,୪୬୬ କ୍ୟାଲୋରି ହରାଇଛନ୍ତି। "ସମସ୍ତ ଘୃଣାକାରୀଙ୍କୁ ପଛରେ ପକାଇ କଂଗ୍ରେସ ମୁଖ୍ୟ କୈଳାସ ପର୍ବତରେ ପହଞ୍ଚିଛନ୍ତି। ତୁମେ ପାରିବ କି ?" ବୋଲି କଂଗ୍ରେସର ଟୁଇଟର ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି। ଅନ୍ୟପକ୍ଷେ ଗିରିରାଜ କହିଛନ୍ତି, ରାହୁଲ ନକଲି ଫଟୋ ଦେଇଛନ୍ତି। ଫଟୋଶପ୍ରେ ତାହାକୁ ବଦଳାଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। କଂଗ୍ରେସ ମୁଖ୍ୟ ଗୁଗୁଲ୍ରୁ ଫଟୋ ଚୋରି କରିଛନ୍ତି। କୈଳାସ ଯାତ୍ରାକୁ ନେଇ ମିଛ କହିଥିବାରୁ ଲୋକେ ତାଙ୍କୁ କ୍ଷମାଦେବେ ନାହିଁ ବୋଲି ଦିଲ୍ଲୀ ବିଧାୟକ ସିର୍ସା କହିଛନ୍ତି। ସେହିପରି ପ୍ରୀତି ଗାନ୍ଧୀ ମଧ୍ୟ ସମାନ କଥା ଦୋହରାଇଛନ୍ତି। କଂଗ୍ରେସ ମୁଖ୍ୟ ଇଣ୍ଟରନେଟ୍ରୁ ଫଟୋ ଡାଉନ୍ଲୋଡ୍ କରି ଲୋକଙ୍କୁ ଦେଖାଉଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଗିରିରାଜଙ୍କୁ କଡ଼ା ଜବାବ ଦେଇ କଂଗ୍ରେସ ମୁଖପାତ୍ର ଆର୍.ପି.ଏନ୍. ସିଂ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଲୋକଙ୍କୁ ଦେଖାଇପାରିବା ଭଳି କିଛି କାର୍ଯ୍ୟ କରିନାହାନ୍ତି। ତେଣୁ ଖବରର ଶିରୋନାମାରେ ରହିବା ଲାଗି ସେ ଏଭଳି ମନ୍ତବ୍ୟ ଦେଉଛନ୍ତି। ପ୍ରକାଶ ଯେ, ଶିବକୃପା ଲାଭ କରିବା ପାଇଁ ଅଗଷ୍ଟ ୩୧ରୁ ରାହୁଲ କୈଳାସ ମାନସରୋବର ଯାତ୍ରା ଆରମ୍ଭ କରିଥିଲେ। ଦେଶବାସୀଙ୍କ ସୁଖ ସମୃଦ୍ଧି ପାଇଁ ସେ ମହାଦେବଙ୍କୁ ପ୍ରାର୍ଥନା କରିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସୋନାଲୀଙ୍କୁ ମୃତ କହି ବିଧାୟକ ହଟହଟା

■ ଝିଅଙ୍କୁ ଉଠାଇନେବା ମନ୍ତବ୍ୟ ବିରୋଧରେ ଏତଲା



ରାମ କଦମ

ମୁମ୍ବାଇ,୭।୯(ପି.ଟି.): ମହାରାଷ୍ଟ୍ରର ଭାଜପା ବିଧାୟକ ରାମ କଦମ ଝିଅଙ୍କୁ ଉଠାଇନେବା ଲାଗି ପୁଅଙ୍କୁ ପରାମର୍ଶ ଦେବାପରେ ଅଭିନେତ୍ରୀ ସୋନାଲୀ ବେନ୍ଦ୍ରେ ବେହଲଙ୍କ ମୃତ୍ୟୁ ଖବର ପ୍ରସାର କରି ପୁଣିଥରେ ସମାଲୋଚିତ ହୋଇଛନ୍ତି। ଆମେରିକାରେ କର୍କଟ ରୋଗର ଚିକିତ୍ସା କରାଉଥିବା ମରାଠୀ ସୁନ୍ଦରୀ ସୋନାଲୀଙ୍କ ପରଲୋକ ହୋଇଛି ଏବଂ ଭଗବାନ ତାଙ୍କର ଆତ୍ମାକୁ ଶାନ୍ତି ଦିଅନ୍ତୁ ବୋଲି କଦମ ଟୁଇଟ୍ କରିଥିଲେ। ଏହାପରେ ତାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯିବା ପରେ ଚାରିଆଡ଼ୁ ସମାଲୋଚନା କରାଯାଇଛି। ଅପମାନିତ ହେବା ପରେ ନିଜର ଟୁଇଟ୍‌କୁ ଭାଜପା ବିଧାୟକ ହଟାଇ ନେଇଥିଲେ ଏବଂ ଅଭିନେତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।
ପ୍ରକାଶ ଯେ ମନପସନ୍ଦର ଝିଅକୁ ଉଠାଇନେବା ଲାଗି ମୁମ୍ବାଇରେ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମରେ ସୋମବାର କଦମ ପୁଅମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିଲାଗି ସହଯୋଗ କରିବେ ବୋଲି ମଧ୍ୟ ସେ କହିଥିଲେ। ଏହାକୁ ବିରୋଧକରି ମହାରାଷ୍ଟ୍ରର ସୋଲାପୁର ଜିଲାର ବର୍ଶୀ ଥାନାରେ ବିଧାୟକଙ୍କ ବିରୋଧରେ ଏକ ମାମଲା ଦାଏର ହୋଇଛି। ପୋଲିସ ଏବେ ଏହାର ତଦନ୍ତ ଆରମ୍ଭ କରିଛି। ସେପଟେ କଦମଙ୍କ ଜିଭ କାଟି ଆଣିବା ବ୍ୟକ୍ତିଙ୍କୁ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ମହାରାଷ୍ଟ୍ର କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଛି। କଂଗ୍ରେସ ନେତା ତଥା ରାଜ୍ୟର ପୂର୍ବତନ ମନ୍ତ୍ରୀ ସୁବୋଧ ସାଓଜି ଏହି ଘୋଷଣା କରିଛନ୍ତି।

# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

ବାଲେଶ୍ୱର ଅଫିସ, ୭।୯

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଉତ୍ତେଜିତ ହୋଇ ହୋହାଲ୍ଲା କରିଥିଲେ। ଡାକ୍ତରଖାନା ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ରେମୁଣା ଥାନା ନୂଆପାଢ଼ୀ ଗ୍ରାମର ଭାସ୍କର ସାହୁଙ୍କ ସ୍ତ୍ରୀ ଶାନ୍ତିଲତାଙ୍କୁ ଗୁରୁବାର ରାତିରେ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେ କିଡ୍‌ନୀ ଓ ପେଟ ସମସ୍ୟା ନେଇ ଅସୁସ୍ଥ ଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ହେଲେ ରାତିରେ କୌଣସି କାରଣବଶତଃ ଶାନ୍ତିଲତାଙ୍କୁ କଟକ ସ୍ଥାନାନ୍ତର କରାଯାଇ ପାରି ନ ଥିଲା। ଶୁକ୍ରବାର ଭୋର ସମୟରେ ଶାନ୍ତିଲତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କ ପରିବାର ଲୋକେ ୱାର୍ଡରେ ଥିବା ଡାକ୍ତର ଓ ନର୍ସଙ୍କୁ ଜଣାଇଥିଲେ। ମାତ୍ର ରୋଗୀଙ୍କୁ ଜରୁରୀକାଳୀନ ଭିତ୍ତିରେ ଚିକିତ୍ସା ପାଇଁ କେହି ଆସି ନ ଥିଲେ ବୋଲି ପରିବାରବର୍ଗ ଅଭିଯୋଗ କରିଛନ୍ତି। ସକାଳ ସାଢ଼େ ୬ଟା ବେଳେ ଶାନ୍ତିଲତାଙ୍କ ମୃତ୍ୟୁ ହୋଇଥିଲା। କିଛି ସମୟ ଧରି ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ୱାର୍ଡରେ ନର୍ସ, ସୁଇପର ଓ ଡାକ୍ତର ଠିକ୍ ଭାବେ ଡ୍ୟୁଟି କରୁ ନ ଥିବା ଅଭିଯୋଗ କରି ଅନ୍ୟ ରୋଗୀଙ୍କ ସମ୍ପର୍କୀୟମାନେ ହୋହାଲ୍ଲା କରିଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟରେ କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟ ମୁହାଁମୁହିଁ।

# ସମଲିଙ୍ଗୀ ବିବାହ କରିବେ ଐଶ୍ୱର୍ଯ୍ୟା

ପାରାଦୀପ,୭।୯(ସ୍ୱ.ପ୍ର.)

ରାଜ୍ୟର ପ୍ରଥମ ଓ ଏକମାତ୍ର ଓଏଫ୍ଏସ୍ ପାଇଥିବା କିନ୍ନର ହେଉଛନ୍ତି ପାରାଦୀପର ବାଣିଜ୍ୟ କର ଅଧିକାରୀ ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନ। ଗୁରୁବାର ସୁପ୍ରିମକୋର୍ଟ ଧାରା ୩୭୭କୁ ନେଇ ରହିଥିବା ବିବାଦର ସମାଧାନ କରିବାକୁ ଯାଇ ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ଘୋଷଣା କରିବା ପରେ ସେ ସବୁଠାରୁ ବେଶି ଖୁସି ପ୍ରକାଶ କରିଛନ୍ତି। ଏଥିସହ ଖୁବ୍ ଶୀଘ୍ର ସେ ସମଲିଙ୍ଗୀ ବିବାହ କରିବାକୁ ଯାଉଛନ୍ତି ବୋଲି ଘୋଷଣା କରିଛନ୍ତି। ଦୀର୍ଘଦିନ ଧରି ସେ ନିଜ ପୁରୁଷ ବନ୍ଧୁଙ୍କ ସହ ଲିଭ୍ ଇନ୍ ରିଲେଶନଶିପ୍‌ରେ ଅଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ପରେ ତାଙ୍କର ଅନ୍ତର ଆତ୍ମା ଯାହା ପାଇବାକୁ ଚାହୁଁଥିଲା ତାହା ପୂରଣ ହେବ ବୋଲି ଐଶ୍ୱର୍ଯ୍ୟ କହିଛନ୍ତି। ତେବେ ସେ ବିବାହ ପୂର୍ବରୁ ନିଜ ପୁରୁଷ ବନ୍ଧୁଙ୍କ ନାମ ପ୍ରକାଶ କରିବାକୁ ମନା କରିଦେଇଛନ୍ତି। ବିବାହ ପରେ ସେ ଏକ ପୋଷ୍ୟ କନ୍ୟା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

୨୦୧୪ ଏପ୍ରିଲରେ ସୁପ୍ରିମକୋର୍ଟ କିନ୍ନରଙ୍କୁ ତୃତୀୟ ଲିଙ୍ଗ ମାନ୍ୟତା ପ୍ରଦାନ କରିବା ପରେ ଐଶ୍ୱର୍ଯ୍ୟା ଚର୍ଚ୍ଚାକୁ ଆସିଥିଲେ। ରତିକାନ୍ତ ପ୍ରଧାନ ନାମରେ ଜଣେ ପୁରୁଷ ଭାବେ ସେ ପରିଚିତ ହୋଇଆସୁଥିବାବେଳେ ୨୦୧୫ ଅକ୍ଟୋବର ୧୫ରେ ଲିଙ୍ଗ ପରିବର୍ତ୍ତନ କରି ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନ ନାମରେ ପରିଚିତ ହେଲେ। ସେବେଠାରୁ ସେ ନିଜ ବେଶ ପୋଷାକ ପରିବର୍ତ୍ତନ କରି ସାରରୁ ମ୍ୟାଡାମ ହୋଇଛନ୍ତି। ସୁପ୍ରିମକୋର୍ଟ ଧାରା ୩୭୭ରେ ସଂଶୋଧନ କରି ସମଲିଙ୍ଗୀ ସମ୍ପର୍କକୁ ଆଇନସମ୍ମତ ଘୋଷଣା କରିବା ପରେ ସେ ଏହାକୁ ସ୍ୱାଗତ କରିଛନ୍ତି। ଦେଶର ପ୍ରଥମ ସିଭିଲ୍ ସର୍ଭିସ ଅଫିସର ଭାବେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ସେ ଲିଙ୍ଗ ପରିବର୍ତ୍ତନ କରିଥିଲେ। ଐଶ୍ୱର୍ଯ୍ୟା ସେବେଠାରୁ ପରିବାରରୁ ଏକ ପ୍ରକାର ବାଛନ୍ଦ ହୋଇଯାଇଥିବା ଦୁଃଖର ସହ ପ୍ରକାଶ କରିଛନ୍ତି। ଲିଙ୍ଗ ପରିବର୍ତ୍ତନ ପରେ ତାଙ୍କ ବାପା ଘରୁ ବାହାର କରିଦେଇଥିଲେ। ଗତ ୪ବର୍ଷ ହେଲା ସେ ପରିବାରଠାରୁ ଦୂରରେ ଅଛନ୍ତି। କିନ୍ତୁ ମା', ଭଉଣୀ, ଭାଇ ଓ ପୁତୁରାଙ୍କ ସହ ସେ ଯୋଗାଯୋଗରେ ଥିବା କହିଛନ୍ତି। ସୂଚନାଯୋଗ୍ୟ, କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କନକଗୋରୀ ଗ୍ରାମର ବକିଲ ଓ ରୂପାବତୀ ପ୍ରଧାନଙ୍କ ୪ ସନ୍ତାନଙ୍କ ମଧ୍ୟରୁ ଐଶ୍ୱର୍ଯ୍ୟା(ରତିକାନ୍ତ) ହେଲେ ମଝିଆ ସନ୍ତାନ। ପାଠପଢ଼ି ଚାକିରି କରିବା ପର୍ଯ୍ୟନ୍ତ ସେ ରତିକାନ୍ତ ହୋଇ ରହିଥିଲେ। ସେ କହିଛନ୍ତି ଯେ, ଏବେ ମଧ୍ୟ ସମାଜ କିନ୍ନରଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଛି। ସମାଜ ଓ ସରକାର ଦୃଷ୍ଟି ଭଙ୍ଗୀ ବଦଳାଇ କର୍ମସଂସ୍ଥାନ ସୁଯୋଗ ଦେଲେ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରନ୍ତେ। ବିବାହ ପରେ ସେମାନଙ୍କ ଜୈବିକ ଆଗ୍ରହ ଯୌନ ଆକାଂକ୍ଷା ଆଦି ବ୍ୟକ୍ତିଗତ ବ୍ୟାପାର ହୋଇଯିବ। ପୂର୍ବରୁ ସେହି ସମ୍ପର୍କକୁ ୩୭୭ ଧାରାରେ ଧର୍ତ୍ତବ୍ୟ ଅପରାଧ ବିବେଚନା କରାଯାଉଥିଲା। ଯେଉଁ ବ୍ରିଟିଶମାନେ ଏହି ଆଇନ ପ୍ରଣୟନ କରିଥିଲେ ସେମାନଙ୍କ ଦେଶ କେବେଠାରୁ ୩୭୭ ଧାରାକୁ ଉଠାଇ ସାରିଛି। ଭାରତରେ ଯଦିଓ ବିଳମ୍ବ ହୋଇଛି, ତଥାପି ପରିବର୍ତ୍ତନ ପାଇଁ ସେ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

■ ୧୮ ହଜାର ଗ୍ରାମରକ୍ଷୀଙ୍କୁ ସରକାରଙ୍କ ଅଣଦେଖା

# ମୌଳିକ ସୁବିଧା ଯୋଗାଇଦେବାକୁ ଏନ୍‌ଏଚ୍‌ଆରସିରେ ପିଟିଶନ

ଭୁବନେଶ୍ୱର, ୭।୯(ବ୍ୟୁରୋ)– ରାଜ୍ୟର ୧୮ ହଜାର ଗ୍ରାମରକ୍ଷୀଙ୍କୁ ସରକାର ଅଣଦେଖା କରୁଛନ୍ତି। ସେମାନେ ପୋଲିସର ଏକ ଅଂଶ ହୋଇଥିବାରୁ ସେମାନଙ୍କୁ ଯାହାସବୁ ମୌଳିକ ସୁବିଧା ମିଳିବା କଥା ତାହା ମିଳୁନାହିଁ। ତେଣୁ ସେମାନଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଏବଂ ବିଜୟ କୁମାର ପଣ୍ଡା ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ପିଟିଶନ ଦାୟର କରିଛନ୍ତି। ଗ୍ରାମରକ୍ଷୀମାନେ ମାସକୁ ୧୫ଶହ ଟଙ୍କା ଦରମା ପାଉଛନ୍ତି। ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ସେମାନେ ପୋଲିସ ଇନ୍‌ଫର୍ମର ଭାବେ କାମ କରୁଛନ୍ତି, ଯେଉଁଥିପାଇଁ ସେମାନଙ୍କୁ ମାଓବାଦୀ ହତ୍ୟା କରୁଛନ୍ତି। ହୋମଗାର୍ଡମାନେ ସେମାନଙ୍କ ସମକକ୍ଷ ହୋଇଥିଲେ ମଧ୍ୟ ହୋମଗାର୍ଡ ତାଙ୍କଠାରୁ ୬ହଜାର ଟଙ୍କା ଅଧିକ ଦରମା ପାଉଛନ୍ତି। ଗ୍ରାମରକ୍ଷୀମାନେ ଯେଉଁଭଳି ଭାବେ କାମ କରୁଛନ୍ତି ସେମାନଙ୍କର ମାନବିକ ଅଧିକାର କ୍ଷୁଣ୍ଣ ହେଉଛି। ସେମାନେ ମର୍ଯ୍ୟାଦାର ସହ ବଞ୍ଚିବା ଲାଗି ଭତ୍ତା ପ୍ରଦାନ ସହିତ ଅନୁକମ୍ପା ଅନୁଦାନର ବ୍ୟବସ୍ଥା କରିବା ସକାଶେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପିଟିଶନରେ କମିଶନଙ୍କୁ ନିବେଦନ କରାଯାଇଛି।

---

**ZILLA SWASTHYA SAMITI**
**O/O- CHIEF DISTRICT MEDICAL AND PUBLIC HEALTH OFFICER, CUTTACK**

Advt. No.-RBSK 11575 Dtd.07.09.2018

**REQUEST FOR PROPOSAL (RFP) FOR HIRING OF VEHICLE FOR RBSK**

Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency / Society / Firm) for hiring of vehicle for mobile medical team at Block CHCs on a monthly basis for implementation of Rasthriya Bal Swasthya Karyakram (RBSK). The eligibility criteria, the terms of reference and the formats for submission of bid are set forth in the RFP document, which can be downloaded from the website **www.cuttack.nic.in**.

Interested bidders fulfilling the eligibility criteria may submit the proposal(s) (with EMD & documents at per RFP) for one or more than one Block CHCs of their choice. The details of the Block CHC(s) are mentioned in the RFP document. The bidders have to submit their proposal(s) at the Office of the CDM & PHO, Cuttack. The proposal(s) complete in all respect should reach the O/o Chief District Medical and Public Health Officer, Cuttack on or before 18th Sept'18 (till 2.00 PM). The technical & financial bids shall be opened at the office chamber of CDM & PHO, Cuttack on 18th Sept'18 at 3.30 PM. The CDM & PHO, Cuttack reserves the right to reject any or all the proposals without assigning any reason thereof.

**Sd./- Chief District Medical and Public Health Officer Cum DMD, Cuttack**

---

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ.ରାମପୁର, ଭବାନୀପାଟଣା

ବିଜ୍ଞାପନ ସଂଖ୍ୟା: ୧୦୦୯ ତାରିଖ: ୦୫।୦୯।୨୦୧୮

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ.ରାମପୁର ତରଫରୁ ଥୁ.ରାମପୁର ଓ ଲାଞ୍ଜିଗଡ଼ ବ୍ଲକର ୧୮ବର୍ଷରୁ ୩୫ ବର୍ଷ ବୟସରେ (BPL କିମ୍ବା ବାର୍ଷିକ ଆୟ ମୋଟ ୪୦,୦୦୦/– ମଧ୍ୟରେ) ଅନୁସୂଚିତ ଜନଜାତି (ST) ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ନିମ୍ନଲିଖିତ ଦକ୍ଷତା ବୃଦ୍ଧି (SDT) ତଥା ନିଯୁକ୍ତି ଭିତ୍ତିକ (PLET) ଧନ୍ଦାମୂଳକ ତାଲିମ ଯୋଗାଇଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ତାଲିମ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ଯେଉଁମାନେ (ITDA) କିମ୍ବା କୌଣସି ସରକାରୀ ସହାୟତାରେ ଏହି ତାଲିମ ପାଇସାରିଛନ୍ତି ତଥା ବର୍ତ୍ତମାନ କୌଣସି ଶିକ୍ଷାନୁଷ୍ଠାନରେ ପଢ଼ୁଛନ୍ତି ସେମାନଙ୍କର ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।

| କ୍ର.ନଂ. | ତାଲିମ ପାଠ୍ୟକ୍ରମ | ତାଲିମ ସମୟ | ମୋଟ ସ୍ଥାନ ସଂଖ୍ୟା | ଶିକ୍ଷାଗତ ଯୋଗ୍ୟତା |
|---|---|---|---|---|
| 01 | Electrical Maintenance (Domestic) | 2 Months | 20 | 10th Pass |
| 02 | Mobile Repairing | 2 Months | 20 | 10th Pass |
| 03 | Driver-cum-Mechanic | 3 Months | 20 | 8th Pass |
| 04 | Health Care & Multipurpose Workers | 3 Months | 20 | 10th Pass |
| 05 | Computer Hardware & Networking | 2 Months | 20 | 10th Pass |
| 06 | Plumber | 75 Days | 20 | 5th Pass |
| 07 | Basic Automotive Servicing (Two & Three Wheeler) | 3 Months | 20 | 10th Pass |
| 08 | Security Guard | 45 Days | 20 | 10th Pass |
| 09 | Mason | 75 Days | 20 | 5th Pass |
| | | ମୋଟ | ୧୮୦ | |

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିଜ ବ୍ଲକର WEOଙ୍କ ପାଖରେ ଉପଲବ୍ଧ ଆବେଦନ ଫର୍ମ ପୂରଣ କରି ସମସ୍ତ ପ୍ରମାଣପତ୍ରର ନକଲ ଯଥା– ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, BPL କାର୍ଡ଼ କିମ୍ବା ବାର୍ଷିକ ଆୟର ପ୍ରମାଣପତ୍ର ଓ ନିଜର ଦୁଇଗୋଟି ରଙ୍ଗିନ ପାସ୍‌ପୋର୍ଟ ସାଇଜ୍ ଫଟୋ ସହିତ ନିଜ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (WEO)ଙ୍କ ନିକଟରେ ତା୨୨।୦୯।୨୦୧୮ ସୁଦ୍ଧା ଦାଖଲ କରିପାରିବେ ଓ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ (ଥୁ.ରାମପୁର – ୨୫।୦୯।୨୦୧୮ ଓ ଲାଞ୍ଜିଗଡ଼ – ୨୬।୦୯।୨୦୧୮)ରେ ୧୧ଘଟିକା ସମୟରେ ଦରଖାସ୍ତଗୁଡ଼ିକ ଯାଞ୍ଚକରି ଚୟନ କରାଯିବ। ପ୍ରମାଣପତ୍ର ଯାଞ୍ଚ ନିମନ୍ତେ Original ପ୍ରମାଣ ପତ୍ର ସହିତ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

N.B.: The empanelled PIAs under OSFDC, Bhubaneswar & OSDA, Bhubaneswar are also requested to submit their expression of interest within 22nd September, 2018 for the said training. They are requested to see the Dist. website **www.kalahandi.nic.in**.

ସ୍ୱା./– ପ୍ରକଳ୍ପ ପ୍ରଶାସକ
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ.ରାମପୁର

---

## AUCTION

Sealed quotation is invited from interested bidders for auction of the following vehicle of Subsidiary Intelligence Bureau, Ministry of Home Affairs, Govt. of India, Bidyut Marg (Near Special Circuit House), Unit-V, Bhubaneswar-751001.

| Model/Type of Vehicle | Year of Manufacturing | Total Kms. Run |
|---|---|---|
| Maruti 800 | 2009 | 1,02,453 |

Sealed quotation will be collected between **10.00 A.M. to 1.00 P.M. on 25.09.2018 at Office Premises above** and the quotations will be opened in the presence of the bidders on same day **(25.09.2018) at 4.00 P.M.**

Intending bidders are required to deposit a Demand Draft of Rs. 5,000/- (Rupees five thousand) only as caution money with the auctioning officer while submitting sealed quotation on **25.09.2018. The Demand Draft (non A/C payee) should be drawn in favour of DDO, SIB, Bhubaneswar payable at SBI Main Branch, Bhubaneswar.** The highest bidder in whose favour the bid is knocked down will be required to deposit the full amount of the bid less caution money already deposited on the spot of the auction failing which, the caution money will be forfeited.

The undersigned is, however, not bound to accept the highest bid and he will have the right to reject any or all the bids without assigning any reason thereof.

The vehicle can be inspected on any working day between **4.00 P.M to 5.00 P.M** before the date of auction.

**Sd/- Assistant Director/E**

---

## BERHAMPUR UNIVERSITY

BHANJA BIHAR, BERHAMPUR - 760007, ODISHA

No. 6496/Welfare Date: 06.09.18

### NOTIFICATION

Nominations are invited from reputed Artists, Educationals, Social Workers and such other persons who have made substantial contribution to the Society for their life time of devoted service for selection by the University to be honoured on University Foundation Day i.e. on 2nd January, 2019 by way of presentation of **ANGABASTRA** along with citation mentioning the life achievement and contributions of awardees.

The Chairman P.G. Council, Berhampur University / The Principals of all colleges and Educational Institutions Affiliated to Berhampur University / President and Secretaries of Registered Cultural Associations / Organizations functioning in the State of Odisha are eligible to make nominations.

Due preference will be given to the contribution of nominees who lived and worked in the District of Ganjam, Gajapati, Koraput, Rayagada, Malkangiri, Nabarangpur and Kandhamal or whose works / contributions pertain substantially to these districts. Prescribed format for making the nominations can be downloaded from the University website **www.bu.odisha.edu.in**.

The completed nominations, format duly filled by the sponsored organization along with Bio-data of the nominee should reach the undersigned on or before **10.10.18**.

**Sd./- Registrar**

---

**GOVT. OF ODISHA**
**DEPARTMENT OF WATER RESOURCES**
**O/O THE CHIEF CONSTRUCTION ENGINEER**
**RENGALI RIGHT IRRIGATION PROJECT, DHENKANAL**
Email Id - ccerrip@gmail.com

### 'e' Procurement Notice

No.478-A: The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed befow:

1. Name of the work : Excavation of Darpani Branch Canal from RD 14.580 km to 16.680 km including its structures of Right Bank Canal of Rengali Irrigation Project
2. Tender Cost : Rs. 956.37 lakh
3. Bid Document Cost : Rs. 10,000.00 (online)
4. Bid Security : Rs. 9,56,400.00 (online)
5. Class of Contractor : Special and Super Class
6. Period of Completion : 11 calendar months (335 days)
7. Other details are as follows

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Construction Engineer, RRIP, Dhenkanal | CCERR IP-04/20 18-1 9 | 10.09.2018 10.00AM | 25.09.2018 5.00 PM | 26.09.2018 11 00AM |

8. For further details and on line bidding, visit Govt. website **www.tendersodisha.gov.in**.

**Sd./- Chief Construction Engineer**
**Rengali Right Irrigation Project, Dhenkanal**

32351/11/0008/1819

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର–୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: **www.oshb.org**

ପତ୍ର ସଂଖ୍ୟା: **10883** **ବିଜ୍ଞାପନ** ତା **03.09.18**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କାନନ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଘର ନଂ–ଏଚ.ଆଇ.ଜି.–୨୩୨ (HIG-232) କୁ ବିଷ୍ଣୁଚରଣ ଜେନା, ପି: ସ୍ୱର୍ଗତ ନାରାୟଣ ଜେନା, ଗ୍ରା: ମାଟିଆଶାସନ, ପୋ: ସିଂହପୁର, ଥା: ଧର୍ମଶାଳା, ଜି: ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ବିଷ୍ଣୁଚରଣ ଜେନା ଉକ୍ତ ଘରଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଦ୍ରୌପଦୀ ସାହୁ, ସ୍ୱା: ରାମଚନ୍ଦ୍ର ସାହୁ, ଗ୍ରା/ପୋ: କରଡ଼ାଗଡ଼ିଆ, ଥା: ଅନୁଗୁଳ, ଜି: ଅନୁଗୁଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ / ପ୍ଲଟ / ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ**
**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

---

## ORMAS

**Odisha Rural Development & Marketing Society, Sundargarh**
**Panchayati Raj & Drinking Water Department, Govt. of Odisha**

**TENDER/QUOTATION CALL NOTICE**

Sealed tender from the firm/Agencies/Organizations are invited for Tentage & Allied works/Printing & Hoarding works/Security Services/ Documentation (Videography & photography) for the Period from 3rd to 11th October 2018.

The Tender Paper/Quotations call notice along with detail specification and eligibility criteria of the work are available at ORMAS office, DRDA Building, Sundargarh and official website http://sundargarh.nic.in/www.ormas.org/www.olm.nic.in from 7th to 18th September 2018.

The Undersigned reserved the right to accept or reject any or all the tenders/quotation without assigning any reason thereof.

**Sd./- Project Director**
**DRDA, Sundargarh**

---

## ODISHA STATE ROAD TRANSPORT CORPORATION, BHUBANESWAR

No. 12776/Estate-12/2018 Dt. 06.09.2018

**NOTICE INVITING TENDER**

Sealed tenders are invited in the prescribed form from the intending persons / firms / institutions for lease of vacant rooms on rent at Baramunda Bus Stand, Bhubaneswar and Badambadi Bus Stand, Cuttack.

For details of tender including tender schedule, terms and conditions, please visit our website **www.osrtc.in**.

By order of Chairman-cum-Managing Director, OSRTC

**Sd./- General Manager (Admn.)**
**OSRTC, Bhubaneswar**

---

## 'e' PROCUREMENT NOTICE No.04 OF 2018-19

1. Name of work : Construction of Road works in the District of Cuttack for the year 2018-19
2. Total No. of Work : 06 (Six) Nos. Road
3. Estimated Cost : Rs.17.68 lakhs to 26.52 lakhs
4. Period of Completion : 03(Three) Calendar Months
5. Class of contractors : 'D', 'C' & 'B' Class only

**Other details as follows:**

a) Procurement officer : Executive Engineer, Rural Works Division, Cuttack
b) Availability of tender online for bidding : From 10.09.2018 to 24.09.2018 upto 17.00 hours
c) Last date & time of seeking of tender clarification : 22.09.2018 upto 17.00 Hours
d) Date & Time of Opening of tender : 25.09.2018 at 11.00 Hours

Further details can be seen from the Govt website **www.tendersorissa.gov.in**.

**Sd./- Executive Engineer**
**Rural Works Division, Cuttack**

25053/11/0010/1819 No.655-O

---

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼

**OFFICE OF THE COLLECTOR & DISTRICT MAGISTRATE, NAYAGARH**
**At/Po/Ps/Dist.- Nayagarh, State- Odisha, PIN- 752069,**
E-mail ID: dsonayagarh@gmail.com

**Tender Call Notice No.419/Sports, Dated 06.09.2018**

**TENDER CALL NOTICE**

Sealed tenders are invited by the District Sports Office, Nayagarh from reputed firms / intending Regd. Firms / Supplier/Co-Operative/DIC Regd. Units / Authorized suppliers as per tender specification for **"Supply of Sports Goods"** branded Dress Material & Shoes Materials with Socks for the use of inmates of Sports Hostel, Nayagarh during the year, 2018-19. Date of submission of tender on or before **25.09.2018** by **05.00 PM** through Regd. Post / Speed Post only and it will be opened on **26.09.2018** at **11.00 AM**. The bid document is available in the district portal (**www.nayagarh.nic.in**) and can be downloaded of sale of bid documents or may contact to District Sports Office, Nayagarh.

**Sd./- Addl. District Magistrate, Nayagarh**

---

## Government of Odisha

No.704-O

**"e" Procurement Notice for Building Works**

**Bid Identification No. 9 / 2018-19**
E-mail: ee_rwbdk@yahoo.com

1. Name of the Work :- 3 Nos of Road Work (As per col.2 of Annexture available in the portal)
2. Estimated Cost :- Rs.22.10 Lakh
3. Period of Completion :- 4 Months
4. Date & Time of availability of Bid document in the Portal :- From Dt.10.09.2018 at 10.00 A.M. to Dt.24.09.18 upto 4.00 P.M.
5. Last Date & Time for receipt of Bids in the Portal :- From Dt.10.09.18 at 10.00 A.M. to Dt. 24.09.18 up to 4.00 P.M.
6. Date & Time of Opening of tender :- Dt. 25.09.18 at 11.00 A..M.
7. Name and Address of O.I.T :- Executive Engineer, R.W Division, Bhadrak

Further details can be seen from the e-procurement portal **"https://tendersorissa.gov.in"**.

**Sd./- Er. Manas Ranjan Mohanty**
**Executive Engineer,**
**R.W. Division, Bhadrak**

25060/11/0009/1819

---

## OFFICE OF THE MUNICIPAL COUNCIL, KEONJHARGARH

e-mail: keonjharm.hud@rediffmail.com

**Invitation for Bids (IFB)**

**'e' Procurement NOTICE**

**Bid Identification No. KGM-10/2018-19**

Letter No. 8448/KGM Date: 06.09.2018

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online bid in single cover system through e-Procurement.

1. Nature of work : **Civil**
2. No. of wroks : **53 Nos.**
3. Value of works : Rs. 42,600/- to Rs. 18,11,800/-
4. Date & time of availability of bid document in the portal : From **12.09.2018** at 11.00 AM upto **24.09.2018** at 05.00 PM
5. Last date & time of submission of bid in portal : Upto 5 PM of **24.09.2018**
6. Date of opening of bid in portal : **27.09.2018** at 11.00 AM
7. Name & address of the officer in Inviting Bid : EO, Keonjharagarh Municipality

Further details can be seen from website: **www.tendersorissa.gov.in**.

**Sd./- Executive Officer**
**Keonjhargarh Municipality**

---

## GOVERNMENT OF ODISHA

**OFFICE OF THE EXECUTIVE ENGINEER**
**R.W.S&S DIVISION, SAMBALPUR**
E.mail- eerwsssbp@gmail.com

### "e" PROCUREMENT NOTICE

**Bid Identification No. RWSS (SBP):- 09 / 2018-19**

1. Name of the Work : Construction of pump house,OHT & Distribution system, etc with supplying of all materials including pipes, valve & fittings for RPWS to different villages of Sambalpur district.
2. Total Number of Work : 02 Nos. (Two)
3. Estimated Cost : Rs. 12.05 lakhs to Rs. 26.81 lakhs
4. Class of Contractor : C
5. Period of Completion : 6 (Six)

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer RWSS Division, Sambalpur | RWSS (SBP):- 09/2018-19 | 10.09.2018 | 20.09.2018 upto 5.00 PM |

Further details can be seen from the e-procurement portal **"www.tendersorissa.gov.in"**. Subsequent corrigendum if required shall be appeared in the website only.

**Executive Engineer,**
**R.W.S&S. Division, Sambalpur**

25015/11/0004/1819 No.723-O

# ଟେଲି କମ୍ୟୁନିକେଶନରେ କ୍ୟାରିୟର



**ଆଗରୁ ମଣିଷ ଅପେକ୍ଷା କରୁଥିଲା। ଦୂରରେ ଥିବା ପ୍ରିୟଜନଙ୍କୁ ମନେ ପକାଉଥିଲା। ଚିଠି ଲେଖୁଥିଲା। ଚିଠିର ଉତ୍ତରକୁ ମାସ ମାସ ବର୍ଷ ବର୍ଷ ଧରି ଅପେକ୍ଷା କରୁଥିଲା। ଫଳରେ ବିରହ, ବେଦନା, ଯନ୍ତ୍ରଣା ଭଳି ଦେଖି ହେଉ ନ ଥିବା କିଛି ଚିଜ୍‌କୁ ମର୍ମେମର୍ମେ ଭେଦି ପାରୁଥିଲା। ବେଳ ଅବେଳରେ ଚାହୁଁଥିବା ଲୋକ ନିକଟରେ ମନର କଥା କହି ପାରୁ ନ ଥିବାରୁ ଭାବପ୍ରବଣତା ମଣିଷକୁ ଆହୁରି ଆବେଗିକ କରୁଥିଲା। ସ୍ମୃତିରେ ବାନ୍ଧି ରଖୁଥିଲା।**

ଆଜିର ଟେଲିକମ୍ୟୁନିକେଶନ ଯୁଗରେ ସବୁ କିଛି ବଦଳି ଯାଇଛି। ଭାବ ଓ ଆବେଗ ଆଉ ହୃଦୟରେ ସାଇତା ହୋଇ ରହୁନି। ମନକୁ ଯାହା ଆସିଲା ତାହା ଲକ୍ଷ ଲକ୍ଷ ଲୋକଙ୍କୁ କ୍ଷଣିକରେ ଜଣାଇ ଦିଆଯାଇ ପାରୁଛି। ଯୋଜନ ଯୋଜନ ଦୂରରେ ଥିବା ପ୍ରିୟ ପରିଜନଙ୍କୁ କହି ଦିଆଯାଇ ପାରୁଛି। ଟେଲିକମ୍ୟୁନିକେଶନର ସୁବିଧା ପାଇଁ ଆଜି ଏହା ସମ୍ଭବ ହୋଇ ପାରିଛି। କିଛି କଥା, କିଛି ଚିତ୍ର ବା ଛବିକୁ ତାର ହେଉ ବା ବେତାର ହେଉ ; ଯେଉଁ ମାଧ୍ୟମରେ ପ୍ରେରଣ କରାଯାଇ ପାରୁଛି ତାହାକୁ ସାଧାରଣତଃ ଟେଲିକମ୍ୟୁନିକେଶନ କୁହାଯାଉଛି। ଅନ୍ୟ ଭାଷାରେ କହିଲେ କୌଣସି ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଯେତେବେଳେ ଦୁଇ ପକ୍ଷ ମଧ୍ୟରେ ସଂଯୋଗ ସ୍ଥାପନ କରାଯାଏ ତାହାକୁ ଟେଲିକମ୍ୟୁନିକେଶନ କୁହାଯାଏ।

ଆଜିର ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଟେଲିକମ୍ୟୁନିକେଶନ ନିଜର ପ୍ରଭାବ ବିସ୍ତାର କରିଛି। ପୋଷ୍ଟ କାର୍ଡ, ଇନ୍‌ଲାଣ୍ଡ ଲେଟର, ଲଫାପା ଆଦି ଜନସାଧାରଣଙ୍କଠାରୁ ଦୂରେଇଯିବାକୁ ବସିଲାଣି। ଏଭଳି ସ୍ଥଳେ ଏହି ଟେଲିକମ୍ୟୁନିକେଶନ ଶିଳ୍ପ ଯୁବପିଢ଼ି ପାଇଁ ନିଯୁକ୍ତିର ଏକ ସୁଯୋଗ ହୋଇଛି। ଟେଲିଫୋନ୍, କମ୍ପ୍ୟୁଟର, ଇଣ୍ଟରନେଟ ସକାଶେ ଟେଲିକମ୍ୟୁନିକେଶନ ଆଜି ସହଜ ହୋଇଯାଇଛି। ଏହା କେବଳ ଲୋକଙ୍କୁ ନିକଟତର କରିନାହିଁ ବରଂ ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପୃଷ୍ଠଭୂମିକୁ ମଧ୍ୟ ପ୍ରଭାବିତ କରିଛି।

## ଟେଲି କମ୍ୟୁନିକେଶନର ଗୁରୁତ୍ୱ

ସରକାର ସାରା ଦେଶକୁ ଡିଜିଟାଲ୍ ଇଣ୍ଡିଆରେ ପରିଣତ କରିବା ପାଇଁ ପ୍ରୟାସ କରୁଛନ୍ତି। ଟେଲିକମ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ୨୦୧୪ ମାର୍ଚ୍ଚ ବେଳକୁ ଦେଶରେ ପ୍ରାୟ ୨୩ କୋଟି ୩୦ ଲକ୍ଷ ଜନସାଧାରଣ ମୋବାଇଲ୍ ଇଣ୍ଟରନେଟ୍ ବ୍ୟବହାର କରୁଥିଲେ। ୨୦୧୭ ଡିସେମ୍ବର ବେଳକୁ ଏହା ୪୨ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ବ୍ରଡ୍ ବ୍ୟାଣ୍ଡ୍ ଉପଭୋକ୍ତାଙ୍କ ସଂଖ୍ୟା ୨୦୧୪ ମାର୍ଚ୍ଚ ବେଳକୁ ୬ କୋଟି ୧୦ ଲକ୍ଷ ଥିବା ବେଳେ ୨୦୧୮ ମାର୍ଚ୍ଚ ବେଳକୁ ଏହା ୪୧ କୋଟି ୨୦ ଲକ୍ଷରେ ପହଞ୍ଚିଛି। ଅନ୍ୟ ପକ୍ଷରେ ୨୦୧୯ ମାର୍ଚ୍ଚ ସୁଦ୍ଧା ଦେଶର ୨.୫ ଲକ୍ଷ ଗ୍ରାମପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ବର୍ତ୍ତମାନ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)କୁ ଏହାର ୬% ଅବଦାନ ରହିଥିବା ବେଳେ ଏହାକୁ ୮%କୁ ବଢାଇବା ପାଇଁ ଲକ୍ଷ୍ୟ ରହିଛି ବୋଲି ସରକାର ବିଭିନ୍ନ ସମୟରେ ପ୍ରକାଶ କରିଛନ୍ତି।





## ଏହାର ପରିବ୍ୟାପ୍ତି

ଟେଲିଫୋନ୍ ଏବଂ ଇଣ୍ଟରନେଟ୍ ସେବାପ୍ରଦାନକାରୀ ସଂସ୍ଥାର ସମଷ୍ଟିକୁ ଟେଲିକମ୍ ଶିଳ୍ପ ବୋଲି ସାଧାରଣତଃ ଧରିନିଆଯାଉଛି। ଭଏସ୍ କଲ୍, ଟେକ୍ସଟ୍ ମେସେଜ, ଇ-ମେଲ୍, ଭିଡିଓ ଚାଟ୍, ଇମେଜ୍ ଶେୟାରିଂ ଆଦି ସମସ୍ତ କାର୍ଯ୍ୟ ଏହି ଶିଳ୍ପ ଅନ୍ତର୍ଭୁକ୍ତ। ଏଥିରେ ଦିନକୁ ଦିନ ନୂତନ ବୈଶିଷ୍ଟ୍ୟ ସାମିଲ ହେଉଛି। ଏହି ଶିଳ୍ପର ପ୍ରତିଯୋଗୀମାନେ ନିଜର ଅବସ୍ଥିତିକୁ ମଜଭୁତ୍ କରିବା ତଥା ବ୍ୟବସାୟକୁ ସଂପ୍ରସାରଣ କରିବା ପାଇଁ ଦକ୍ଷ ମାନବ ସମ୍ବଳ ଆବଶ୍ୟକ କରୁଛନ୍ତି।

ଏଥିରେ ବିଭିନ୍ନ ପଦପଦବୀ ରହିଛି। କାର୍ଯ୍ୟ ଅନୁସାରେ ବେସ୍ ଷ୍ଟେଶନ ସର୍ଭିସ୍ ଇଞ୍ଜିନିୟର, କୋର୍ ନେଟ୍‌ୱର୍କ ଇଞ୍ଜିନିୟର, ଫିଲ୍ଡ ମେଣ୍ଟେନାନ୍ସ ଇଞ୍ଜିନିୟର, ଟ୍ରାନ୍ସମିଶନ ଇଞ୍ଜିନିୟର, ଅପ୍ଟିକାଲ୍ ଫାଇବର ଟେକ୍ନିସିଆନ୍, ବ୍ରଡ୍ ବ୍ୟାଣ୍ଡ ଇନ୍‌ଷ୍ଟଲେଶନ ଇଞ୍ଜିନିୟର, ନେଟ୍‌ୱର୍କ ମ୍ୟାନେଜମେଣ୍ଟ ଇଞ୍ଜିନିୟର ଆଦି ବିଭିନ୍ନ ପଦବୀ ରହିଛି।

## ଶିଳ୍ପରେ ପ୍ରତିଯୋଗିତା

ବର୍ତ୍ତମାନ ପ୍ରାୟ ବିଭିନ୍ନ କ୍ଷେତ୍ରରେ ଏକଚାଟିଆ ବଜାର କାରବାର ପ୍ରାୟତଃ ବନ୍ଦ ହେବାକୁ ବସିଲାଣି। ଅର୍ଥନୀତି ଭାଷାରେ ଯାହାକୁ ମନୋପୋଲି କୁହାଯାଉଛି ତାହା ଏବେ ପର୍ଫେକ୍ଟ ମାର୍କେଟ୍ ଆଡକୁ ଅଗ୍ରସର ହେଉଛି। ସରକାରୀ ସଂସ୍ଥା ଉପରେ ବେସରକାରୀ ବିକଳ୍ପଗୁଡ଼ିକ ଭାରି ପଡୁଛି। ଟେଲିକମ୍ ଶିଳ୍ପ କ୍ଷେତ୍ରରେ ଦେଖିବାକୁ ଗଲେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବହୁ ପଛରେ ରହିଯାଇଥିବା ବେଳେ ଘରୋଇ ଉଦ୍ୟୋଗ ମଧ୍ୟରେ ଘମାଘୋଟ ପ୍ରତିଯୋଗିତା ଚାଲିଛି। ଫଳରେ ସମାନ ସେବା ପାଇଁ ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ମଧ୍ୟ ସକ୍ରୀୟ ହେଉଛି।

## ଯୁବପିଢ଼ି ପାଇଁ ନିଯୁକ୍ତି ସୁଯୋଗ

ଅତି ସାଧାରଣ ଭାବେ ବିଚାର କଲେ ଆଜି ସମୟରେ ପ୍ରାୟ ସମସ୍ତଙ୍କ ପାଖରେ ମୋବାଇଲ୍ ଫୋନ୍ ରହିଛି। ଅଫିସ୍‌ରେ କମ୍ପ୍ୟୁଟର, ଇଣ୍ଟରନେଟ୍ ବ୍ୟବସ୍ଥା ଥିଲେ ମଧ୍ୟ ଅନେକେ ନିଜ ଘରେ ବ୍ୟକ୍ତିଗତ ସ୍ତରରେ ମଧ୍ୟ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ସୁବିଧା ରଖୁଛନ୍ତି। ଏଥିରୁ ଅନୁମାନ କରାଯାଇ ପାରେ ଯେ ଏ କ୍ଷେତ୍ରଟି ବର୍ତ୍ତମାନ କେତେ ଗୁରୁତ୍ୱପୂର୍ଣ୍ଣ ଏବଂ ଅନିବାର୍ଯ୍ୟ ହୋଇ ପଡ଼ିଛି। ବଜାର ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏକବିଂଶ ଶତାବ୍ଦୀ ଟେଲିକମ୍ ଶିଳ୍ପରେ କାର୍ଯ୍ୟ କରିବା ପାଇଁ ଏକ ପ୍ରକୃଷ୍ଟ ସମୟ।

## ଚାକିରି ଛାଡ଼ିବାକୁ ଚାହୁଁ ନ ଥିଲେ...

**ଉକ୍ତ ଶିରୋନାମା ଟି ପାଠକଙ୍କୁ ସାମାନ୍ୟ ଅଡୁଆ ଲାଗୁ ଥାଇ ପାରେ। ଯଦି ଚାକିରି ଛାଡ଼ିବାକୁ ଚାହୁଁ ନାହାନ୍ତି ତେବେ ସେ ବିଷୟରେ ତର୍ଜମା କରିବାର କ'ଣ ଆବଶ୍ୟକତା ରହିଛି? ତାହାକୁ ନେଇ ବିଶ୍ଳେଷଣ କରିବା କି ଜରୁରୀ? ଆମେ ଏଠାରେ ଏଭଳି କିଛି କାରଣ ଲେଖୁଛୁ ଯାହା ଚାକିରି ଛାଡ଼ିବାକୁ ଚାହୁଁ ନ ଥିବା ସମୟରେ ହିଁ ଚିନ୍ତା କରିବା ଉଚିତ।**

■ ଯଦି ଆପଣ ନିଜ ନିଯୁକ୍ତି ସ୍ଥଳ ଛାଡ଼ିବାକୁ ଚାହୁଁ ନାହାନ୍ତି ତେବେ ସେତେବେଳେ ଆପଣ କ'ଣ କରିବା ଉଚିତ? ଚିରାଚରିତ ଭାବେ ବିଗତ ଦିନରେ ଯାହା କରୁଥିଲେ ସେୟା କରିବେ ନା କିଛି ନୂଆ କରିବେ ସେ ବିଷୟରେ ଚିନ୍ତା କରନ୍ତୁ।

■ ଦିନକୁ ଦିନ ଦରଦାମ ବୃଦ୍ଧି ପାଉଛି। ବିଗତ ୩ ଦଶନ୍ଧିର ରେକର୍ଡ ଅନୁସାରେ ମୁଦ୍ରାସ୍ଫୀତି ବର୍ଷକୁ ପାଖାପାଖି ୭% ହାରରେ ବଢୁଛି। ତେଣୁ ଆପଣଙ୍କ ପାରିତୋଷିକ ଯଦି ବର୍ଷକୁ ୭% ଠାରୁ କମ୍ ହାରରେ ବୃଦ୍ଧି ପାଉଛି ତେବେ ଜାଣି ରଖନ୍ତୁ ଆପଣଙ୍କ ଆୟ ପ୍ରତିବର୍ଷ ହ୍ରାସ ପାଉଛି। ଏହାକୁ ଆପଣ ତର୍ଜମା କରିବା ଉଚିତ।

■ ଅନେକ ସମୟରେ କେହିକେହି ନିଜ ସଂସ୍ଥାପ୍ରତି ଏକ ପ୍ରକାରର ଭାବପ୍ରବଣତାରେ ଛନ୍ଦି ହୋଇଯାଆନ୍ତି। ଯେତେ ସମସ୍ୟା ଉପୁଜିଲେ ବି ସେମାନେ ସଂସ୍ଥା ଛାଡ଼ିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ସେମାନେ ଭାବନ୍ତି ଯେ, ମୁଁ ଅଲଗା କୌଣସି ବିକଳ୍ପ ସଂସ୍ଥାକୁ ଗଲେ ପୂର୍ବ ସଂସ୍ଥାକୁ ଭୁଲିପାରିବି ନାହିଁ। ମୁଁ ନୂଆ ସଂସ୍ଥାରେ କାମ କରି ପାରିବି ନାହିଁ। ବର୍ଷ ବର୍ଷ ଧରି ଯେଉଁମାନଙ୍କ ସହ କାମ କରୁଛି ସେମାନଙ୍କୁ ଛାଡ଼ି ନୂଆ ସହକର୍ମୀଙ୍କ ସହିତ ସହଜରେ ମିଶିପାରିବି ନାହିଁ। କିନ୍ତୁ ଏଭଳି ସ୍ଥଳେ ନିଜକୁ ବହୁବିଦ୍ଧ କରିବାକୁ ହେଲେ ଯଥୋଚିତ ନିଷ୍ପତ୍ତି ନେବାକୁ ପଡିବ।

■ ଯଦି କୌଣସି ସଂସ୍ଥାରେ ଆପଣଙ୍କର ବିଶେଷ ଉନ୍ନତି ହେଉ ନାହିଁ ସେତେବେଳେ ଯେ ସଂସ୍ଥା ଛାଡ଼ି ଦେଲେ ଉନ୍ନତି ହେବ ତାହା ନୁହେଁ, ବରଂ ନିଜକୁ ପରିବର୍ତ୍ତନ କରିବାକୁ ପଡ଼ିପାରେ। କି ପ୍ରକାରର ପରିବର୍ତ୍ତନ ଲୋଡା ତାହା ଜାଣିବା ପାଇଁ ନିଜର ଦକ୍ଷତା ଓ କାର୍ଯ୍ୟକୁଶଳତାକୁ ନିଜେ ସମୀକ୍ଷା କରିବା ଉଚିତ।

■ ନିଜର ପ୍ରଗତି ଏବଂ ଉନ୍ନତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଭାବାବେଗ ନିଜର ନିଷ୍ପତ୍ତିକୁ ପ୍ରଭାବିତ କରିବା ଅନୁଚିତ।

ବାରମ୍ବାର ସଂସ୍ଥା ପରେ ସଂସ୍ଥା ବଦଳାଇବା ଜଣେ କର୍ମଚାରୀଙ୍କ କ୍ୟାରିୟର ପ୍ରୋଫାଇଲ୍ ପାଇଁ ଭଲ ନୁହେଁ। ସେହିପରି ଗୋଟିଏ ସଂସ୍ଥାରେ ଦୀର୍ଘ ବର୍ଷ ଧରି ରହିବା ମଧ୍ୟ ସେତେଟା ଠିକ୍ ନୁହେଁ। ତେବେ କେଉଁ ଟି ଠିକ୍ ବା କେଉଁଟି ଭୁଲ୍ ତାହା କିପରି ନିର୍ଦ୍ଧାରଣ କରାଯିବ ତାହାର ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସୂତ୍ର ନାହିଁ। ଏଭଳି ସ୍ଥଳେ ନିଷ୍ପତ୍ତିନେବା ସମୟରେ ଯଥେଷ୍ଟ ସମୟ ନେବା ଏକ ବିକଳ୍ପ ବୋଲି କୁହାଯାଇ ପାରେ।




**ଅନ୍ୟାନ୍ୟ ଖବର**

# ଉଦ୍ୟୋଗ ବିକାଶ ଉପରେ ଧ୍ୟାନ ଦିଅନ୍ତୁ ଯୁବପିଢ଼ି: ଧର୍ମେନ୍ଦ୍ର




■ ଆଇସିଟି-ଆଇଓସି କ୍ୟାମ୍ପସରେ ପ୍ରଥମ ବର୍ଷ ପାଠପଢ଼ାର ଶୁଭାରମ୍ଭ
■ ସ୍ଥାୟୀ କ୍ୟାମ୍ପସ ଲାଗି ୧୦୦ ଏକର ଜମି ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ
■ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରିବ ଆଇଓସି କ୍ୟାମ୍ପସ

ଭୁବନେଶ୍ୱର, ୭-୯

ଯୁବପିଢ଼ି ଉଦ୍ୟୋଗ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି। ଚାକିରି ପଛରେ ନ ଗୋଡାଇ ଉଦ୍ୟୋଗୀ ହେବା ସହ ନିଯୁକ୍ତି ପ୍ରଦାନକୁ ଛାତ୍ରୀଛାତ୍ର ଗୁରୁତ୍ୱ ଦିଅନ୍ତୁ। ଏଭଳି ପଦକ୍ଷେପ ଦ୍ୱାରା ସେମାନେ ଦେଶ ଗଠନରେ ନିଜର ଯୋଗଦାନ ରଖିପାରିବେ। ପ୍ରଧାନମନ୍ତ୍ରୀଙ୍କ ନୂତନ ଭାରତ ଭିଜନ ଆଧାରରେ ଉଦ୍ୟୋଗୀକରଣ ଏବଂ ନିଯୁକ୍ତି ଦ୍ୱାରା ପୂର୍ବ ଭାରତର ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ସହ ଜିଡିପି ଅଭିବୃଦ୍ଧି ଦିଗରେ ଏଭଳି ପଦକ୍ଷେପ ବିଶେଷ ଭାବେ ସହାୟକ ହୋଇପାରିବ। ଶୁକ୍ରବାର ଇନ୍‌ଷ୍ଟିଚ୍ୟୁଟ ଅଫ୍ କେମିକାଲ ଟେକ୍ନୋଲୋଜି(ଆଇସିଟି) ମୁମ୍ବାଇର ସ୍ଥାନୀୟ ଆଇଓସି କ୍ୟାମ୍ପସରେ କେମିକାଲ ଇଞ୍ଜିନିୟରିଂର ପାଞ୍ଚ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମ୍.ଟେକ୍ ପାଠ୍ୟକ୍ରମକୁ ଶୁଭାରମ୍ଭ କରି କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ନୂଆକରି ସ୍ଥାପନ ହୋଇଥିବା ଆଇସିଟି-ଆଇଓସି କ୍ୟାମ୍ପସ ପେଟ୍ରୋକେମିକାଲ ଶିକ୍ଷା ତଥା ଗବେଷଣା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଠାରେ ଆଇସିଟିର ସ୍ଥାୟୀ କ୍ୟାମ୍ପସ ସ୍ଥାପନ ଲାଗି ୧୦୦ ଏକର ଜମି ଯୋଗାଇ ଦେବାକୁ ପ୍ରଧାନ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ଭୁବନେଶ୍ୱରରେ ଉକ୍ତ କ୍ୟାମ୍ପସ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ(ଆଇଓସି) ସହଯୋଗରେ ସ୍ଥାପନ ହୋଇଛି। ଏହି ଅବସରରେ ସେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଏହି ଅନୁଷ୍ଠାନ ସହ ଯୋଡି ହୋଇ ଅତ୍ୟନ୍ତ ଖୁସି ବୋଲି କାର୍ଯ୍ୟକ୍ରମ ଅବସରରେ ଆଇଓସି ଅଧ୍ୟକ୍ଷ ସଞ୍ଜୀବ ସିଂ ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ କ୍ୟାମ୍ପସ ସ୍ଥାପନ ଲାଗି ଆଇଓସିର ଭୂମିକାକୁ ଆଇସିଟି ମୁମ୍ବାଇ କୁଳପତି ଜି.ଡି. ଯାଦବ ପ୍ରଶଂସା କରିଥିଲେ।

ନୂଆ କ୍ୟାମ୍ପସ ଦ୍ୱାରା ଭୁବନେଶ୍ୱରରେ ବେଷ୍ଟ ଇନ୍ କ୍ଲାସ ଏକାଡେମିକ୍ ତଥା ରିସର୍ଚ୍ଚ ସୁବିଧା ପ୍ରଦାନ କରାଯିବ। ଶିଳ୍ପ ଆଧାରରେ ଗୁଣବତ୍ତା ପାଠ୍ୟକ୍ରମ ଉପରେ ଏଠାରେ ଶିକ୍ଷା ପ୍ରଦାନ କରାଯିବ। ଏଠାରେ କେମିକାଲ ଇଞ୍ଜିନିୟରିଂ, ପେଟ୍ରୋକେମିକାଲ୍, ଟେକ୍ସଟାଇଲ, ପଲିମର, ଫୁଡ, ଫାର୍ମାସ୍ୟୁଟିକାଲ୍, ଏନର୍ଜି ଭଳି କ୍ଷେତ୍ରରେ ଶିକ୍ଷା ପ୍ରଦାନ କରାଯିବ। କେମିକାଲ ଇଞ୍ଜିନିୟରିଂରେ ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍, ୱାର୍କିଂ ପ୍ରଫେଶନାଲଙ୍କ ପାଇଁ ଏକଜିକ୍ୟୁଟିଭ୍ ଏମ୍.ଟେକ ସହ ପିଏଚ୍.ଡି ପ୍ରୋଗ୍ରାମ ଏଠାରେ ରହିଛି। କାର୍ଯ୍ୟକ୍ରମରେ ଆଇଓସି ଆର୍‌ଆଣ୍ଡଡିର ନିର୍ଦ୍ଦେଶକ ଏସ୍.ଏସ୍.ଭି. ରାମ କୁମାର, ମାନବ ସମ୍ବଳ ନିର୍ଦ୍ଦେଶକ ରଞ୍ଜନ କୁମାର ମହାପାତ୍ର, ଆଇସିଟି ଓଡ଼ିଶା କ୍ୟାମ୍ପସର ନିର୍ଦ୍ଦେଶକ ପ୍ରଫେସର ବି.ଏନ୍. ଥୋରଟ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ବିଆଇ କାର୍ଯ୍ୟାଳୟରେ ବଦଳାଇହେବ ନୂଆ ସିରିଜର ନୋଟ୍

ମୁମ୍ବାଇ,୭-୯(ପି.ଟି.)

ଜନସାଧାରଣଙ୍କ ପାଖରେ ଯଦି ଚିରାଫଟା ନୋଟ୍ ରହିଛି ତାହାକୁ ସେମାନେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) କାର୍ଯ୍ୟାଳୟରେ ବଦଳାଇପାରିବେ। ସେହିପରି ବାଣିଜ୍ୟିକ ବ୍ୟାଙ୍କଗୁଡିକର ନିର୍ଦ୍ଦିଷ୍ଟ ଶାଖାରେ ମଧ୍ୟ ଚିରାଫଟା ବା ଅତି ମାତ୍ରାରେ ନଷ୍ଟ ହୋଇଯାଇଥିବା ନୋଟ୍‌ଗୁଡ଼ିକୁ ବଦଳ କରାଯାଇ ପାରିବ। ନୋଟଗୁଡିକର ଅବସ୍ଥାକୁ ଦେଖି ସେଗୁଡ଼ିକର ମୂଲ୍ୟ ହ୍ରାସ କରାଯିବ ନା ସମ୍ପୂର୍ଣ୍ଣ ମୂଲ୍ୟ ପ୍ରଦାନ କରାଯିବ ତାହା ବ୍ୟାଙ୍କ ସ୍ଥିର କରିବ। ଅର୍ଥାତ ଗ୍ରାହକ ବଦଳାଇବାକୁ ଚାହୁଁଥିବା ନୋଟ ଯଦି ଅତି ମାତ୍ରାରେ ଚିରିଥାଏ ବା ପୁରୁଣା ହୋଇଥାଏ ତେବେ ତାହାର ପ୍ରକୃତ ମୂଲ୍ୟ ବଦଳରେ କମ୍ ମୂଲ୍ୟ ଦିଆଯାଇ ପାରେ। ମହାତ୍ମାଗାନ୍ଧୀଙ୍କ ଛବି ଥିବା ନୂଆ ସିରିଜ୍‌ର ବ୍ୟାଙ୍କ ନୋଟ୍‌କୁ ବଦଳାଇବା ପାଇଁ ଆର୍‌ବିଆଇ ଏହାର ନୋଟ୍ ରିଫଣ୍ଡ୍ ରୁଲ୍,୨୦୦୯ରେ ପରିବର୍ତ୍ତନ କରିଛି ବୋଲି ପ୍ରକାଶ କରିଛି। ବିମୁଦ୍ରୀକରଣ ପରେ ସରକାର ପ୍ରଥମ ଥର ପାଇଁ ୨୦୦୦ ଓ ୨୦୦ ଟଙ୍କିଆ ନୋଟ୍ ପ୍ରଚଳନ କରିଛନ୍ତି। ସେହିପରି ୧୦ ଟଙ୍କିଆ, ୨୦ ଟଙ୍କିଆ, ୫୦ ଟଙ୍କିଆ, ୧୦୦ ଟଙ୍କିଆ ଏବଂ ୫୦୦ ଟଙ୍କିଆ ନୋଟ୍‌ର ରୂପରେଖ ମଧ୍ୟ ବଦଳାଇଛନ୍ତି।


ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ଜୁନିୟର କୁକ୍ / ଗ୍ରାଜୁଏଟ ଇଂଲିଶ୍ କହିପାରୁଥିବା ଅଫିସ ଆସିଷ୍ଟାଣ୍ଟ / ବ୍ୟକ୍ତିଗତ ସେବକ /
ବେତନ: ୧୨୦୦୦-୧୭୦୦୦
ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲି଼,
9884761210

OPENING NEW OFFICE
No Donation / No Experience
ଏକ ବହୁରାଷ୍ଟ୍ରୀୟ Book Sales Company ତାର Bhubaneswar Office ରେ ୪୫ ଜଣ କର୍ମଚାରୀ Selection କରୁଅଛି।
ଯୋଗ୍ୟତା : 10th to Graduation Monthly Income- 7500/-, 9600/-, 15000/- ଏବଂ ରହିବା ସୁବିଧା। ଆସନ୍ତା ୪ ଦିନ ମଧ୍ୟରେ Bio-data ସହ ସାକ୍ଷାତ କରନ୍ତୁ। (Sunday Open for Interview)
The Manager (MICRO EXPANSION)
N/6-315, Jaydev Vihar
Bhubaneswar. Ph- 9238100178

REQUIRED
Well Educated Trained Teacher for CBSE play group to STD 2, SST, Hindi Teacher required for STD III to STD X for MDKs Coaching Centre, Satya Vihar, Rasulgarh, BBSR-10.
CONTACT:
9439177325, 9937160598

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
Part Time / Full Time
Contact: 9938676412

WANTED
MARKETING EXECUTIVE - 3 Nos.
Graduate with 1 Year. Exp. in IT Field with very Good Communication Skills.
CONTACT
SONATECH INFOSOLUTIONS PVT. LTD.
H.B. Colony, C.S. Pur, Bhubaneswar
7381951030 / 7381231122
E-mail: accounts@sonatechindia.in

URGENT REQUIRED
Banking, Back Office, HR/ Admin, Sales / Marketing
Qual: 10+2 / Graduation, MBA
Male / Female
8594906311, 9777466896

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

ଆବଶ୍ୟକ
ବିଭିନ୍ନ ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଭିନୟ କରିବା ପାଇଁ ଅଭିନେତା, ଅଭିନେତ୍ରୀ ଆବଶ୍ୟକ।
ଯୋଗାଯୋଗ: 7991067010

ବ୍ଲକ/ଜିଲ୍ଲାସ୍ତରୀୟ ନିଯୁକ୍ତି
ନିଜ ନିଜ ଅଞ୍ଚଳରେ Official Jobରେ କାମ କରିବାକୁ ପ୍ରାର୍ଥୀ ଆବଶ୍ୟକ। Salary upto 22,000/-. Age (18-34) years, ରହିବାର ସୁବିଧା ଅଛି।
Contact: 9668051710

COOK, HELPER, WAITER Post Vacant at Hotel CHANCELLER.
CONTACT
8895444888
7077707278

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319469228

DIRECT JOINING
CALL CENTER
DATA ENTRY
TELE CALLER
DELIVERY EXE
BACK OFFICE
AUTOCAD
Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9937529015, 9853844830

AEEXA
MARKETING EXECUTIVE (M/F): 15 Nos.
OFFICIAL JOB (M/F): 10 Nos.
Contact:
7978931819, 7008479200
Mail Id: hr.amrit@aeexa.com

REQUIRED
MARKETING MANAGER: 2
MARKETING EXECUTIVE: 2
Two Wheeler must.
Fixed Salary + TA + DA + Fuel Allowance Daily.
Contact: 9040076999
jena2421@gmail.com

WANTED PROJECT MANAGER
APPAREL TRAINING CENTRE
We are a leading garment manufacturer & exporters in Tamilnadu. We need an experienced candidate for multiple location in Orissa (Bhubaneswar, Rayagada /Gajapati, Ganjam, Kandhamal(Phulbani), Malkangiri, Mayurbhanj, Balangir, Sundergarh) to handle training centre with capacity of 70-100 Sewing machines & good knowledge on implementing Government schemes like DDU-GKY,PMKVY, ISDS.
The candidate should be responsible for sourcing, train the candidates, documentation & Liaison with local government bodies.
Salary will not be a constraint for the right candidate.
Interested candidates can share their resume to
hrudt@victus.in& viji.victus@gmail.com

SALES EXECUTIVE REQUIRED
For AES INDUSTRIAL Pvt. Ltd. BBSR
Preferably B.Sc., Diploma, ITI having work experience in Industrial Sales & Field Marketing, for BBSR & Angul.
Send Resume to
info@aesindustrial.in
Contact M:
9438112545/9437679795

WANTED AUTOCAD STAFF
For Architectural/ Structural Consultancy Office.
Diploma Civil/Draftsman Civil/ Architecture Diploma Holders can apply.
9777247762

Brunel ମାଗଣା ନିଯୁକ୍ତି
ତୁନ୍ଦଲା (ଉତ୍ତରପ୍ରଦେଶ)ରେ ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍ ରେଲ୍‌ୱେ ପ୍ରୋଜେକ୍ଟ ପାଇଁ ଆମେ କର୍ମଚାରୀ ଆବଶ୍ୟକ କରୁଛୁ
ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍‌ରେ ଅଭିଜ୍ଞତା ବାଧ୍ୟତାମୂଳକ
ଫିଟର୍ ▸ ଆସିଷ୍ଟାଣ୍ଟ ଫିଟର୍
ଆର୍‌ଆର୍‌ଭି ଅପରେଟର୍ସ ▸ ଲୋକୋ ଅପରେଟର୍ସ
ଉପରୋକ୍ତ ସମସ୍ତ ବର୍ଗ ପାଇଁ ସର୍ବନିମ୍ନ 5 ବର୍ଷର ଅଭିଜ୍ଞତା ଆବଶ୍ୟକ
ଆଗ୍ରହୀ ପ୍ରାର୍ଥୀମାନେ 7021507193 / 7400402754 ରେ କଲ୍ କରିବା ଏବଂ ସାକ୍ଷାତ୍‌କାର ସ୍ଥାନକୁ ମୂଳ ଆଧାର କାର୍ଡ, ପ୍ୟାନ୍ କାର୍ଡ ଏବଂ ବ୍ୟାଙ୍କ ପାସ୍ ବୁକ୍ ସାଙ୍ଗରେ ଆଣିବା ଆବଶ୍ୟକ


ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



"କଞ୍ଜ୍ୟୁମର ଡାଟା ବ୍ୟବହାର ବେଳେ ସମତୁଲତା ବଜାୟ ରଖାଯିବା ଆବଶ୍ୟକ। ଯେପରି ଏହା ବ୍ୟକ୍ତିଗତ ଗୋପନୀୟତା ଭଙ୍ଗ ନ କରିବ ଏହା ନିଶ୍ଚିତ ହେବାକୁ ପଡିବ।

– ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇନ ଓ ଆଇଟି ମନ୍ତ୍ରୀ



"କିଛି କମ୍ପାନୀ ନିଜର ହାଇବ୍ରିଡ୍ କାର୍ ବିକ୍ରିକୁ ପ୍ରୋତ୍ସାହିତ କରିବା ଲାଗି ଇଲେକ୍ଟ୍ରିକ ଗାଡି ବିକ୍ରି ବିରୋଧରେ ଅଭିଯାନ ଚଳାଇଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ।

– ପୀୟୂଷ ଗୋଏଲ, କୋଇଲା ଓ ରେଳୱେ ମନ୍ତ୍ରୀ

## ସଂକ୍ଷେପରେ

### ଏୟାର ଇଣ୍ଡିଆର ସହାୟକ କମ୍ପାନୀ ବିକ୍ରି ଯୋଜନା

**ନୂଆଦିଲ୍ଲୀ,୭-୯:** ଋଣଭାରକୁ ହାଲ୍କା କରିବା ତଥା ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏୟାର ଇଣ୍ଡିଆର ସହାୟକ କମ୍ପାନୀ ଏଆଇଏଟିଏସ୍ଏଲକୁ ବିକ୍ରି କରିବାକୁ ଯୋଜନା କରୁଥିବା ଜଣେ ସରକାରୀ ଅଧିକାରୀ ପ୍ରକାଶ କରିଛନ୍ତି। ଏୟାର ଇଣ୍ଡିଆ ଉପରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣବୋଝ ରହିଛି। ଏହାକୁ ହ୍ରାସ କରିବା ଉଦ୍ଦେଶ୍ୟରେ କମ୍ପାନୀର ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସମ୍ଭାଳୁଥିବା ଏୟାର ଇଣ୍ଡିଆ ଏୟାର ଟ୍ରାନ୍ସପୋର୍ଟ ସର୍ଭିସ(ଏଆଇଏଟିଏସ୍ଏଲ)ର କୌଶଳଗତ ବିକ୍ରି କରିବା ଉପରେ ସରକାର ଜୋର୍ ଦେଉଛନ୍ତି। ମନ୍ତ୍ରୀଗୋଷ୍ଠୀଙ୍କ ଅନୁମତି ପରେ ଆଗ୍ରହ ପତ୍ର ଜାରି କରାଯିବ।

### ଜିଏସ୍ଟି ସ୍ଲାବ ୨କୁ ହ୍ରାସ ପାଇବ

**ବେଙ୍ଗାଲୁରୁ,୭-୯:** ଦେଶରେ ବର୍ତ୍ତମାନ ୪ଟି ଜିଏସ୍ଟି ସ୍ଲାବ କାର୍ଯ୍ୟକାରୀ ହେଉଛି। ଆଗାମୀ ଦିନରେ ଏହାକୁ ୨ଟିରେ ହ୍ରାସ କରାଯିବ। ଏନେଇ କେନ୍ଦ୍ର ସରକାର ବିଚାର କରୁଛନ୍ତି ବୋଲି ବେଙ୍ଗାଲୁରୁ ଜୋନ୍ର ପ୍ରିନ୍ସିପାଲ ଚିଫ୍ କମିଶନର ଏ.କେ.ଜ୍ୟୋତିଷୀ ପ୍ରକାଶ କରିଛନ୍ତି। ବାଙ୍ଗାଲୋର ଚାମ୍ବର ଅଫ ଇଣ୍ଡଷ୍ଟ୍ରି ଆଣ୍ଡ୍ କମର୍ସ(ବିସିଆଇସି) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ପ୍ରାୟ ୯୦% ସାମଗ୍ରୀ ୧୮% ସ୍ଲାବ୍ରେ ଆସିଯାଇଛି। ଏଣୁ ଦୁଇଟି ସ୍ଲାବ ରଖିବାରେ ଅସୁବିଧା ନାହିଁ। ସେ କହିଛନ୍ତି ଯେ, ଜିଏସ୍ଟି ଲାଗୁ ହେବା ବେଳେ ଅନେକଙ୍କ ମନରେ ଭୁଲ୍ ଧାରଣା ଜନ୍ମ ନେଇଥିଲା।

### ଚଳନ୍ତି ଜମା ନିଅଣ୍ଟ ୨.୪%

**ନୂଆଦିଲ୍ଲୀ,୭-୯:** ଏପ୍ରିଲ-ଜୁନ ଅର୍ଥାତ୍ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ(ସିଏଡି) ପରିମାଣ ଜିଡିପିର ୨.୪% ଥିଲା ବେଳେ ଗତବର୍ଷ ଏହା ୨.୫% ଥିଲା। ଜିଡିପି ପ୍ରତିଶତ ହାର ଦେଖିଲେ ସିଏଡି ହ୍ରାସ ପାଇଛି ବୋଲି କୁହାଯିବ। କିନ୍ତୁ ଆର୍ଥିକ ଦୃଷ୍ଟିରୁ ଦେଖିଲେ ଏହା ବୃଦ୍ଧି ପାଇଛି। ପ୍ରଥମ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ୧୫.୮ ବିଲିୟନ ଡଲାର ରହିଛି, ଯାହା କି ଗତ ବର୍ଷର ଏହି ସମୟରେ ୧୫ ବିଲିୟନ ଡଲାର ଥିଲା। ବାଣିଜ୍ୟ ନିଅଣ୍ଟ ପରିମାଣ ବୃଦ୍ଧି ପାଇବାରୁ ସିଏଡି ବଢ଼ିଥିବା ଜଣାପଡିଛି।

### ଅକ୍ଟୋବରରେ ଚୋକ୍ସୀଙ୍କ ବିରୋଧରେ ରେଡକର୍ଣ୍ଣର ନୋଟିସ ନିଷ୍ପତ୍ତି

**ନୂଆଦିଲ୍ଲୀ,୭-୯:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଋଣ ଜାଲିଆତି କରି ହୀରା ବ୍ୟବସାୟୀ ମେହୁଲ ଚୋକ୍ସୀ ଦେଶ ଛାଡି ଏବେ ଆଣ୍ଟିଗୁଆରେ ରହୁଛନ୍ତି। ଅପରପକ୍ଷରେ ତାଙ୍କ ବିରୋଧରେ ରେଡକର୍ଣ୍ଣର ନୋଟିସ ଜାରି କରିବାକୁ ସିବିଆଇ ପକ୍ଷରୁ ଇଣ୍ଟରପୋଲ୍ର ସହାୟତା ନିଆଯାଇଛି। ଏହା ଉପରେ ଏହି ଆନ୍ତର୍ଜାତିକ ଏଜେନ୍ସି ଆସନ୍ତା ମାସରେ ନିଷ୍ପତ୍ତି ନେବ। ଇଣ୍ଟରପୋଲ୍ର ଆଭ୍ୟନ୍ତରୀଣ କମିଟି ସିବିଆଇର ଅନୁରୋଧକୁ ବିଚାର କରିବ। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କ ବିରୋଧରେ ରେଡକର୍ଣ୍ଣର ନୋଟିସ ଜାରି କରିବାକୁ ପ୍ରୟାସ ହେଉଥିବା ଚୋକ୍ସୀ ଅଭିଯୋଗ କରିଛନ୍ତି।

### ଦେଶର ପରବର୍ତ୍ତୀ ସିଇଏ ଜଲାନଙ୍କ ନେତୃତ୍ୱରେ କମିଟି ବାଛିବ

**ନୂଆଦିଲ୍ଲୀ,୭-୯:** ଅରବିନ୍ଦ ସୁବ୍ରମଣ୍ୟନ ଇସ୍ତଫା ଦେବା ପରେ ଅର୍ଥ ମନ୍ତ୍ରଣାଳୟର ପରବର୍ତ୍ତୀ ମୁଖ୍ୟ ଆର୍ଥିକ ଉପଦେଷ୍ଟା(ସିଇଏ) ବାଛିବା ଲାଗି କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ବିମଳ ଜଲାନ ଏହି କମିଟିର ମୁଖ୍ୟ ରହିଛନ୍ତି। ତାଙ୍କ ବ୍ୟତୀତ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ସଚିବ ସି.ଚନ୍ଦ୍ରମୌଳି ଏବଂ ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଏହି କମିଟିର ସଦସ୍ୟ ରହିଛନ୍ତି। ସିଇଏ ପଦବୀ ଖାଲିପଡିବା ପରେ ସରକାର ଦୁଇମାସ ପୂର୍ବରୁ ଏଥିପାଇଁ ଦରଖାସ୍ତ ଆହ୍ୱାନ କରିଥିଲେ।

### ୩ ବ୍ୟାଙ୍କକୁ ୧ କୋଟି ଲେଖାଏ ଜରିମାନା

**ନୂଆଦିଲ୍ଲୀ,୭-୯:** ଜାଲିଆତି ଧରିବା ଏବଂ ଏହାକୁ ତୁରନ୍ତ ଜଣାଇବାରେ ବିଳମ୍ବ କାରଣରୁ ରିଜର୍ଭ ବ୍ୟାଙ୍କ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରକୁ କୋଟିଏ ଲେଖାଏ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏନ୍ବି ଦୁର୍ନୀତି ଧରାପଡିବା ପରେ ଉକ୍ତ ୩ଟି ବ୍ୟାଙ୍କ ସେମାନଙ୍କ ଆଭ୍ୟନ୍ତରୀଣ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି।

■ କନ୍ଦାଉଛି ଦୁର୍ବଳ ଟଙ୍କା

# ଭାରତ ଉପରେ ବଢୁଛି ବିଦେଶୀ ଋଣ

ନୂଆଦିଲ୍ଲୀ,୭-୯

■ ଦେଶକୁ ଅତିରିକ୍ତ ୬୮,୫୦୦ କୋଟି ଟଙ୍କା ଶୁଝିବାକୁ ପଡିବ
■ ତେଲ ବିଲ୍ ବାବଦରେ ୪୫,୭୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ
■ ଟଙ୍କାର ମୂଲ୍ୟ ୧୧% ହ୍ରାସ ପାଇସାରିଛି




ଟଙ୍କା ଦୁର୍ବଳ ହେବା ଯୋଗୁ ଅଶୋଧିତ ତୈଳ କିଣିବା ବାବଦରେ ଦେଶ ଅଧିକ ଡଲାର ଖର୍ଚ୍ଚ କରୁଛି ତା'ନୁହେଁ, ବରଂ ଏଥିଯୋଗୁ ବିଦେଶୀ ଋଣ ପରିମାଣ ମଧ୍ୟ ବଢ଼ିଯାଇଛି। ଟଙ୍କାର ମୂଲ୍ୟ ଇତିମଧ୍ୟରେ ୧୧ ପ୍ରତିଶତ ହ୍ରାସ ପାଇସାରିଛି, ଏହି କାରଣରୁ ଏବେ ବୈଦେଶିକ ଋଣ ବାବଦରେ ଦେଶକୁ ଅତିରିକ୍ତ ୬୮,୫୦୦ କୋଟି ଟଙ୍କା ଶୁଝିବାକୁ ପଡିବ। ଏହା ସ୍ୱଳ୍ପ ମିଆଦୀ ଋଣ ଯାହାକୁ ନିକଟ ଭବିଷ୍ୟତରେ ପରିଶୋଧ କରିବାକୁ ପଡିବ ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍ବିଆଇ) ରିପୋର୍ଟରେ ଦର୍ଶାଯାଇଛି।

ଗୁରୁବାର ଏକ ଡଲାର ବିନିମୟରେ ଟଙ୍କାର ମୂଲ୍ୟ ୭୨ସ୍ତର ପାର୍ କରିଯାଇଥିଲା। ଯଦି ଏହା ଆଗାମୀ ଦିନରେ ଏହା ୭୩ ସ୍ତର ଅତିକ୍ରମ କରିଯାଏ ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୬ ଡଲାର ରହିବ,ତେବେ ଦେଶକୁ ତେଲ ବିଲ୍ ବାବଦରେ ୪୫,୭୦୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏସ୍ବିଆଇର ମୁଖ୍ୟ ଆର୍ଥିକ ଉପଦେଷ୍ଟା ସୌମ୍ୟକାନ୍ତି ଘୋଷଙ୍କ ପକ୍ଷରୁ ଏପରି ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ୨୦୧୭ରେ ଦେଶ ଉପରେ ୨୧୭.୬ ବିଲିୟନ ଡଲାର ବିଦେଶୀ ଋଣ ବୋଝ ଥିଲା। ଏହା ସ୍ୱଳ୍ପ ମିଆଦୀ ଋଣ ଥିଲା, ଯେଉଁଥିରେ ଅଣ-ରେସିଡେଣ୍ଟ ଜମା ଏବଂ ବିଦେଶୀ ବାଣିଜ୍ୟିକ ଋଣ ସାମିଲ ହୋଇଛି। ଅନୁମାନ କରାଯାଉଛି, ଏହି ଋଣର ଅଧା ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ପରିଶୋଧ କରାଯାଇଛି। ଅବଶିଷ୍ଟ ଋଣ ବାବଦରେ ଦେଶକୁ ୭.୧ ଲକ୍ଷ କୋଟି ଟଙ୍କା(୧ ଡଲାର=୬୫.୧ ଟଙ୍କା) ଶୁଝିବାକୁ ହେବ। ଚଳିତ ବର୍ଷର ଦ୍ୱିତୀୟାର୍ଦ୍ଧରେ ଟଙ୍କାର ମୂଲ୍ୟ ୭୧.୪ ସ୍ତରରେ ରହିବ ବୋଲି ଅନୁମାନ କଲେ ଦେଶର ଅବଶିଷ୍ଟ ଋଣର ପରିମାଣ ୭.୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଏହାର ଅର୍ଥ ଦେଶକୁ ଆଗାମୀ ଦିନରେ ପ୍ରାୟ ୭୦ ହଜାର କୋଟି ଟଙ୍କାର ଅତିରିକ୍ତ ଋଣ ଶୁଝିବାକୁ ପଡିବ।

# ୧୦,୦୦୦ କୋଟିରେ ପହଞ୍ଚିବ ଇ-କମର୍ସ ବଜାର

ନୂଆଦିଲ୍ଲୀ,୭-୯

ଦେଶର ଇ-କମର୍ସ ବଜାର ଆସନ୍ତା ୪ ବର୍ଷ ଅର୍ଥାତ ୨୦୨୨ ସୁଦ୍ଧା ୧୦,୦୦୦କୋଟି ଟଙ୍କାରେ ପହଞ୍ଚିବ। ଏଥିଯୋଗୁ ପ୍ରାୟ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଏକ ରିପୋର୍ଟରେ କୁହାଯାଇଛି। ଶୁକ୍ରବାର ନାସକମ୍ ଏବଂ ପିଡବ୍ଲ୍ୟୁସି ପକ୍ଷରୁ ମିଳିତ ଭାବେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ବର୍ତ୍ତମାନ ୩୫୦୦ କୋଟି ଟଙ୍କାର ଇ-କମର୍ସ ବଜାର ରହିଛି। ଇ-ଟେଲ୍ ଏବଂ ଇ-ଟ୍ରାଭେଲ ଇ-କମର୍ସ ବ୍ୟବସାୟର ୯୦ ପ୍ରତିଶତ ଅକ୍ତିଆର କରିବ ଏବଂ ଅନଲାଇନ ଆର୍ଥିକ ସେବା ଯୋଗାଣ ଅତିଦ୍ରୁତଗତିରେ ଆଗେଇବ। ଇ-କମର୍ସ ଯୋଗୁ ୨୦୨୩ ସୁଦ୍ଧା ଦେଶରେ ପ୍ରାୟ ୧୦ ଲକ୍ଷ ନିଯୁକ୍ତି ଆଣିଦେବ। ଗ୍ରାହକ ସଂଖ୍ୟା ପ୍ରାୟ ୧୦ କୋଟିକୁ ବଢ଼ିବାକୁ ଯାଉଥିବାରୁ ଇ-ବ୍ୟବସାୟ କରୁଥିବା କମ୍ପାନୀମାନେ ମେକ୍ ଇନ୍ ଇଣ୍ଡିଆ ଉପରେ ନିଶ୍ଚିତ ଭାବେ ଗୁରୁତ୍ୱ ଦେବାକୁ ପଡିବ।

# ତଥ୍ୟ ଲୁଚାଇଲେ ୨୦୦% ଜରିମାନା

ନୂଆଦିଲ୍ଲୀ,୭-୯




କେନ୍ଦ୍ରରେ ଭାଜପା ସରକାର ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣି ଦେଶରେ ଏକକ ଟିକସ ବ୍ୟବସ୍ଥା ଜିଏସ୍ଟି ଲାଗୁ କଲେ। ଲାଗୁ ହେବାର ଦୀର୍ଘ ୫୦ ବର୍ଷ ପରେ ସରକାର ଆୟକର ଆଇନକୁ ବଦଳାଇବାକୁ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଶିଷ୍ଟ ଆୟକର ବିଶେଷଜ୍ଞ ଅରବିନ୍ଦ ମୋଦିଙ୍କ ନେତୃତ୍ୱରେ ସରକାର ଏକ ଟାସ୍କଫୋର୍ସ ଗତବର୍ଷ ନଭେମ୍ବରରେ ଗଠନ କରିଥିଲେ। ଏବେ ଏହା ତାଙ୍କର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛନ୍ତି। ଆୟକର ଆଇନରେ ପରିବର୍ତ୍ତନ ଆଣିବା ସହ ଆୟକର ତଥ୍ୟ ଲୁଚାଇବା କ୍ଷେତ୍ରରେ ଟିକସଦାତାଙ୍କଠାରୁ ୨୦୦% ଜରିମାନା ଆଦାୟ ପାଇଁ ସୁପାରିସ କରାଯାଇଛି। ତେବେ ଏହି ଜରିମାନା ବ୍ୟକ୍ତିଗତ ଅଥବା କର୍ପୋରେଟ କ୍ଷେତ୍ରରେ ଲାଗୁ କରାଯିବ ସେସଂକ୍ରାନ୍ତରେ କିଛି ସ୍ପଷ୍ଟ ହୋଇନାହିଁ।

**ବଦଳିବ ଆୟକର ଆଇନ**

ଭୁଲ୍ ଭାବେ ଟିକସ ଦର୍ଶାଇବା ଏବଂ ଜାଣିଶୁଣି ତଥ୍ୟ ଲୁଚାଇବା ନେଇ ଟାସ୍କଫୋର୍ସ ସଞ୍ଜ୍ଞା ନିରୂପଣ କରିଛନ୍ତି। ତଥ୍ୟ ଲୁଚାଇବା କ୍ଷେତ୍ରରେ ୨୦୦% ଏବଂ ଭୁଲ ଭାବେ ତଥ୍ୟ ଉପସ୍ଥାପନ କରିବା କ୍ଷେତ୍ରରେ ୫୦% ଜରିମାନା ଆଦାୟ ପାଇଁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ନଭେମ୍ବରରେ ଗଠିତ ଏହି ଟାସ୍କଫୋର୍ସ ୬ ମାସ ମଧ୍ୟରେ ତାଙ୍କର ରିପୋର୍ଟ ଦେବେ ବୋଲି କୁହାଯାଇଥିଲା, ଯାହାକୁ ଆହୁରି ୩ ମାସ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଆୟକର ଆଇନରେ ବ୍ୟାପକ ପରିବର୍ତ୍ତନ କରିବେ ବୋଲି ମନେକରାଯାଉନି। ତେବେ ଏକାଧିକ ଛୋଟ ଛୋଟ ଧାରାରେ ସଂଶୋଧନ ଆଣିବା ଆରମ୍ଭ କରିଛନ୍ତି।

## ୭ ଦିନ ପରେ ଟଙ୍କାରେ ଉନ୍ନତି

**ନୂଆଦିଲ୍ଲୀ,୭-୯:** ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ପରେ ଶୁକ୍ରବାର ଟଙ୍କା ମୂଲ୍ୟରେ ଉନ୍ନତି ଆସିଛି। କ୍ରମାଗତ ୭ ଦିନ ଧରି ହ୍ରାସ ପରେ ଟଙ୍କାର ମୂଲ୍ୟରେ ୨୬ ପଇସା ଉନ୍ନତି ହୋଇ ୭୧.୭୩ ସ୍ତରରେ ବନ୍ଦ ହୋଇଛି। ଶୁକ୍ରବାର ସକାଳେ ଟଙ୍କା ୭୨.୦୪ରେ କାରବାର ଆରମ୍ଭ କରିଥିଲା। ତେବେ ଆର୍ବିଆଇ ପକ୍ଷରୁ ବୈଦେଶିକ ମୁଦ୍ରା ବଜାରରେ ବ୍ୟାପକ ହାରରେ ଡଲାର ବିକ୍ରି କରାଯିବା ଯୋଗୁ ଟଙ୍କାର ମୂଲ୍ୟ ଅଧିକ ହ୍ରାସକୁ ରୋକାଯାଇପାରିଥିଲା। ଏହାଛଡା କେନ୍ଦ୍ର ସରକାର ଟଙ୍କାକୁ ନେଇ ସକାରାତ୍ମକ ମନ୍ତବ୍ୟ ଦେବାରୁ ମୁଦ୍ରା ବଜାର ଆଶ୍ୱସ୍ତ ହୋଇଥିଲା। ଏହାଛଡା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ସ୍ଥିର ରହିବା ଏବଂ ଚାଇନାର ୨୦୦ ବିଲିୟନ ଡଲାର ସାମଗ୍ରୀ ଉପରେ ଆମେରିକା ଶୁଳ୍କ ଆଦାୟକୁ ସ୍ଥଗିତ ରଖିବା ଟଙ୍କା ଉପରେ ଚାପ କମାଇଥିଲା। ଗତ ୭ କାରବାର ଦିବସରେ ଟଙ୍କାର ମୂଲ୍ୟ ୧୮୯ ପଇସା ହ୍ରାସ ପାଇଥିଲା ଏବଂ ୭୧.୯୯ର ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲା।

# ବନ୍ୟା ପୀଡିତଙ୍କୁ ଆଲ୍ଲାହାବାଦ ବ୍ୟାଙ୍କର ସହାୟତା



ଭୁବନେଶ୍ୱର, ୭-୯

ଆଲ୍ଲାହାବାଦ ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ବନ୍ୟା ପ୍ରଭାବିତ କେରଳବାସୀଙ୍କୁ ୩.୩୦ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ପୁନର୍ବାସ ତଥା ଥଇଥାନ କାର୍ଯ୍ୟ ଲାଗି ବ୍ୟାଙ୍କ କର୍ମଚାରୀମାନେ ଉକ୍ତ ଅର୍ଥ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ସାରା ଦେଶରେ କାର୍ଯ୍ୟ କରୁଥିବା ବ୍ୟାଙ୍କର କର୍ମଚାରୀମାନେ ସେମାନଙ୍କ ଗୋଟିଏ ଦିନର ବେତନ ଅର୍ଥ ଦାନ କରିଥିବା ଜଣା ଯାଇଛି। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍. ହରି ଶଙ୍କର, କେରଳ ଶକ୍ତି ମନ୍ତ୍ରୀ ଇ.ପି. ଜୟରାଜନଙ୍କୁ ଦାନ ରାଶିର ଚେକ୍ ପ୍ରଦାନ କରିଛନ୍ତି। ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କ ଲାଗି ବିଭିନ୍ନ ରିହାତି ସୁବିଧା ପ୍ରଦାନ କରାଯାଇଛି। ଏହା ମଧ୍ୟରେ ଲୋନର ରିକନଷ୍ଟ୍ରକଶନ ରିସିଡ୍ୟୁଲିଂ, ରିପେମେଣ୍ଟର ସମୟ ସୀମା ବୃଦ୍ଧି, ମୋରାଟୋରିୟରେ ବୃଦ୍ଧି, ସମୟ ଭିତ୍ତିରେ ଟପ୍ ଅପ୍ ଋଣ ସମେତ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇଥିବା ବ୍ୟାଙ୍କ ସୂଚନା ଦେଇଛି।

■ ଗ୍ଲୋବାଲ ମୋବିଲିଟି ସମ୍ମିଳନୀ

# ଇଲେକ୍ଟ୍ରିକ ଯାନ ଲାଗି ଆସିବ ସ୍ଥିର ନୀତି

ନୂଆଦିଲ୍ଲୀ,୭-୯



ଦେଶରେ ଇଲେକ୍ଟ୍ରିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ ଲକ୍ଷ୍ୟରେ ଖୁବଶୀଘ୍ର ଏକ ସ୍ଥିର ନୀତି ଅଣାଯିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦେଶବାସୀ ବ୍ୟକ୍ତିଗତ ଗାଡି ବ୍ୟବହାର ଛାଡି ସରକାରୀ ପରିବହନ ତଥା ଇଲେକ୍ଟ୍ରିକ ସ୍କୁଟର ଓ ରିକ୍ସା ବ୍ୟବହାର କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ନୀତି ଆୟୋଗ ପକ୍ଷରୁ ଆୟୋଜିତ ଗ୍ଲୋବାଲ ମୋବିଲିଟି ସମ୍ମିଳନୀ 'ମୁଭ୍'ରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଭାରତ ଅତି ଦ୍ରୁତ ଅର୍ଥନୀତି ଭାବେ ୧୦୦ ସ୍ମାର୍ଟ ସିଟି, ସଡ଼କ, ବିମାନ ବନ୍ଦର, ରେଳ ଲାଇନ ଏବଂ ବନ୍ଦର ନିର୍ମାଣ କରୁଛି। ସ୍ୱଚ୍ଛ ଇନ୍ଧନ ଜରିଆରେ ସ୍ୱଚ୍ଛ ପରିବହନ ପରିବେଶ ପ୍ରଦୂଷଣ ବିରୋଧ ଲଢ଼େଇରେ ଶ୍ରେଷ୍ଠ ଅସ୍ତ୍ର ହୋଇପାରିବ। ଏହାର ଅର୍ଥ ପ୍ରଦୂଷଣମୁକ୍ତ ସ୍ୱଚ୍ଛ ପରିବହନ ସମ୍ଭବ ହେବ ଯାହାଦ୍ୱାରା ବାୟୁ ପ୍ରଦୂଷଣକୁ ରୋକାଯାଇପାରିବ ଏବଂ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିପାରିବ। ଆମ ସମସ୍ତଙ୍କୁ କ୍ଲିନ କିଲୋମିଟର ଉପରେ ଗୁରୁତ୍ୱ ଦେବାକୁ ହେବ। ଦେଶର ଭବିଷ୍ୟତ ଗତିଶୀଳତା ୭ଟି 'ସି' ଯଥା: କମନ(ସାର୍ବଜନିକ), କନେକ୍ଟେଡ (ଯୋଡିବା), କନଭେନିଏଣ୍ଟ (ସୁବିଧା ବା ସରଳ), କନଜେଶନ ଫ୍ରି( ଭିଡ ମୁକ୍ତ),ଚାର୍ଜଡ(ଶକ୍ତିଯୁକ୍ତ),କ୍ଲିନ୍( ସ୍ୱଚ୍ଛ) ଓ କଟିଂ ଏଜ୍ (ଅତ୍ୟାଧୁନିକ) ଉପରେ ପର୍ଯ୍ୟବସିତ ବୋଲି ସେ କହିଛନ୍ତି। କାର୍ ବ୍ୟତିରେକ ଅନ୍ୟ ପରିବହନ ବ୍ୟବସ୍ଥା ଯେପରିକି ସ୍କୁଟର ଓ ରିକ୍ସା ଉପରେ ନିର୍ଭରଶୀଳତା ବଢ଼ାଇବାକୁ ହେବ। ଏହାଛଡା ସାର୍ବଜନୀନ ପରିବହନ ବ୍ୟବସ୍ଥା ଆମର ଗତିଶୀଳତା ପଦକ୍ଷେପର ମୂଳମନ୍ତ୍ର ହେବା ଉଚିତ୍। ଇଲେକ୍ଟ୍ରିକ ଯାନ ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏକ ସ୍ଥିର ନୀତି ଆଣିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାଦ୍ୱାରା ଅଟୋମୋବାଇଲ ସେକ୍ଟର ଲାଭାନ୍ୱିତ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଏଥିପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏକ ଅଟୋମୋବାଇଲ ପ୍ରଦର୍ଶନୀରେ ଯୋଗ ଦେଇ ଇଲେକ୍ଟ୍ରିକ ଯାନ,ବ୍ୟାଟେରି ନିର୍ମାତା ତଥା ଟେକ୍ନୋଲୋଜି ପ୍ରଦର୍ଶନକାରୀଙ୍କୁ ଭେଟିଥିଲେ।

### ଇ-ଟୁ ହ୍ୱିଲର ବ୍ୟବହାରରେ ୧.୨ ଲକ୍ଷ କୋଟି ସଞ୍ଚୟ

ଦେଶବାସୀ ଇଲେକ୍ଟ୍ରୋନିକ ସ୍କୁଟର ବ୍ୟବହାର କଲେ ଆସନ୍ତା ୫ରୁ ୭ବର୍ଷ ମଧ୍ୟରେ ଅଶୋଧିତ ତୈଳ କିଣା ବାବଦରେ ୧.୨ ଲକ୍ଷ କୋଟି ଟଙ୍କା ସଞ୍ଚୟ କରାଯାଇପାରିବ ବୋଲି ନୀତି ଆୟୋଗ ପକ୍ଷରୁ କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଭାରତରେ ଏବେ ପ୍ରାୟ ୧୭ କୋଟି ଟୁ ହ୍ୱିଲର ରହିଛି। ଅନୁମାନ କରାଯାଉ ଏମାନେ ଦିନକୁ ଅଧ ଲିଟର ଏବଂ ବାର୍ଷିକ ୨୦୦ ଲିଟର ତେଲ ବ୍ୟବହାର କରନ୍ତି, ତେବେ ମୋଟ୍ ୩୪ ବିଲିୟନ ଲିଟର ତେଲ ଆବଶ୍ୟକ। ଲିଟର ପ୍ରତି ୭୦ ଟଙ୍କା ହିସାବରେ ଧରିଲେ ମୋଟ୍ ୨.୪ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ। ଧରାଯାଉ ଏଥିରୁ ୫୦ ପ୍ରତିଶତ ଅଶୋଧିତ ତେଲ ହେଲେ ଦେଶ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କାର ଅଶୋଧିତ ତେଲ ସଞ୍ଚୟ କରିପାରିବ। ଏଥିପାଇଁ ଏକ ନୀତି ପ୍ରଣୟନର ଆବଶ୍ୟକତା ରହିଛି ବୋଲି ଆୟୋଗ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

# 'ଟ୍ରିନିଟି' ହେବ ସ୍କୋଡା ବ୍ରାଣ୍ଡର ନିର୍ଭରଯୋଗ୍ୟ ଶୋ'ରୁମ

**ଚାରିଚକିଆ ଯାନକୁ ନେଇ ଗ୍ରାହକଙ୍କ ରୁଚିରେ ଏବେ ପରିବର୍ତ୍ତନ ଆସିଲାଣି। ଅଟୋମୋବାଇଲ ବଜାରରେ ଏବେ ଆଉ ଗୋଟିଏ କମ୍ପାନୀର ଏକଚାଟିଆ କାରବାର ଦେଖିବାକୁ ମିଳୁନାହିଁ। ଅନେକ କମ୍ପାନୀ ସେମାନଙ୍କ ପ୍ରଡକ୍ଟ ତଥା ସେବା ଦ୍ୱାରା ଗ୍ରାହକଙ୍କ ମନ ଜିଣିବାକୁ ଏବେ ଦୌଡରେ ସାମିଲ ହୋଇଛନ୍ତି। କମ୍ପାନୀଗୁଡିକ ବର୍ତ୍ତମାନ ଗ୍ରାହକଙ୍କୁ ବାନ୍ଧି ରଖିବା ଲାଗି ବିଭିନ୍ନ କୌଶଳ ଆପଣେଇଛନ୍ତି। ପ୍ରମୁଖ ଅଟୋମୋବାଇଲ ମାନୁଫାକ୍ଚରର 'ସ୍କୋଡା ଅଟୋ' ଏହି ଧାରାଠାରୁ ପଛରେ ନାହିଁ। କମ୍ପାନୀ ଏହାର ନୂଆ ଶୋ'ରୁମ 'ଟ୍ରିନିଟି ସ୍କୋଡା'କଟକ ଭୁବନେଶ୍ୱର ମଧ୍ୟରେ ଅବସ୍ଥିତ ପ୍ରତାପନଗରୀଠାରେ ଖୋଲିବାକୁ ଯାଉଛି। ଏହା ସ୍କୋଡା ବ୍ରାଣ୍ଡର ପୂର୍ବଭାରତରେ ସର୍ବ ବୃହତ ଶୋ'ରୁମ ହେବ। କମ୍ପାନୀ, ନୂଆ ଶୋ'ରୁମ, ସେବା ତଥା ଆଗାମୀ ଯୋଜନା ସମ୍ପର୍କରେ ଶୋ'ରୁମର ଡାଇରେକ୍ଟର ସୌରଭ କେଜ୍ରିୱାଲ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାରର କିୟଦଂଶ।**

**◆ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟ ହୋଇଥିଲେ ମଧ୍ୟ ଅଟୋମୋବାଇଲ ବାଣିଜ୍ୟ ସହ ସଂଯୋଗ କେମିତି?**

▸▸ପେସାରେ ଚାର୍ଟାର୍ଡ ଆକାଉଣ୍ଟ ହୋଇଥିଲେ ମଧ୍ୟ ପ୍ରଥମ ପିଢିର ଉଦ୍ୟୋଗୀ ଭାବେ ଅଟୋ ଶିଳ୍ପରେ ପ୍ରବେଶ କରିଛୁ। ପରିବାରର ପୂର୍ବପିଢି କୃଷି ବାଣିଜ୍ୟ ସହ ସମ୍ପୃକ୍ତ ଥିଲେ। ବାପା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପ୍ରଫେଶନରେ ଥିଲେ। ଓଡିଶା ବଜାର ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ବଜାର ତଥା ଟ୍ୱିନ୍ସିଟିରେ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଅଟୋମୋବାଇଲ ବାଣିଜ୍ୟ କ୍ଷେତ୍ରକୁ ପ୍ରବେଶ କରିଛୁ।

**◆ଶୁଭାରମ୍ଭ ହେବାକୁ ଥିବା 'ଟ୍ରିନିଟି ସ୍କୋଡା' ଶୋରୁମ ସମ୍ପର୍କରେ କ'ଣ କହିବେ?**

▸▸ଏହି ଶୋ'ରୁମ ଶୀଘ୍ର ଶୁଭାରମ୍ଭ କରିବାକୁ ଯୋଜନା ରଖିଛୁ। ଏହା ପୂର୍ବ ଭାରତର ସର୍ବ ବୃହତ ଶୋ'ରୁମ ହେବ। ସେହିଭଳି ଟ୍ୱିନ ସିଟିରେ ଏହା ସ୍କୋଡାର ପ୍ରଥମ ଅତ୍ୟାଧୁନିକ ଶୋ'ରୁମ । ସ୍କୋଡାର ସେଲସ, ସର୍ଭିସ, ସ୍ପେୟାର (୩ ଏସ୍) ସୁବିଧା ଏଠାରେ ଉପଲବ୍ଧ ହେବ। ଉକ୍ତ ଶୋ'ରୁମ ୨୨,୫୦୦ ବର୍ଗ ଫୁଟରେ ଖୋଲୁଛି । ଗୋଟିଏ ଛାତ ତଳେ ଗ୍ରାହକମାନେ ବିଭିନ୍ନ ସୁବିଧା ଏଠାରେ ଲାଭ କରିପାରିବେ। ଏହା ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ପୂରଣ କରିବାକୁ ସକ୍ଷମ ହେବ ବୋଲି ଆଶା ରହିଛି। ଏଠାରେ ପ୍ରଡକ୍ଟ ଗ୍ୟାଲେରୀ ସହ ଅନ୍ୟାନ୍ୟ ଆର୍ଟ ଅଫ୍ ସର୍ଭିସ ଉପଲବ୍ଧ ହେବ।



**◆ଗ୍ରାହକଙ୍କୁ ବାନ୍ଧି ରଖିବା ଏକ କଷ୍ଟକର ବ୍ୟାପାର। ଏହାକୁ ନେଇ କ'ଣ ମତ ଦେବେ?**

▸▸ଗ୍ରାହକଙ୍କୁ ବ୍ରାଣ୍ଡ ସହ ବାନ୍ଧି ରଖିବା ନିଶ୍ଚିତ ପକ୍ଷେ ଏକ ଚ୍ୟାଲେଞ୍ଜ୍। ଚ୍ୟାଲେଞ୍ଜ୍ ଗ୍ରହଣ କରି ବିଭିନ୍ନ ପଦକ୍ଷେପ ନେବାକୁ ପଡେ। ଗ୍ରାହକ ସର୍ବଦା ପରଫର୍ମାନ୍ସ,ଭାଲ୍ୟୁ ଫର୍ ମନି, ନିରାପତ୍ତା ଭଳି ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗକୁ ବିଚାର କରିଥାନ୍ତି। ବିଭିନ୍ନ ସେବା ପ୍ରଦାନ ବେଳେ ଗ୍ରାହକ ଯେଭଳି କୌଣସି ଅସୁବିଧାର ସାମ୍ନା ନ କରନ୍ତି ଉକ୍ତ ବିଷୟକୁ ଧ୍ୟାନରେ ରଖିବୁ। ଗ୍ରାହକ ସମ୍ପର୍କ ଓ ସନ୍ତୁଷ୍ଟିକୁ ଆମେ ଅଗ୍ରାଧିକାର ଦେବାକୁ ଲକ୍ଷ୍ୟ ରଖିଛୁ।

**◆ଅଟୋମୋବାଇଲ ବଜାରରେ ଦ୍ରୁତ ପରିବର୍ତ୍ତନ ଆସୁଥିବା ବେଳେ ଗ୍ରାହକଙ୍କ କ୍ରୟ ବ୍ୟବହାରରେ କିଭଳି ପରିବର୍ତ୍ତନ ଦେଖୁଛନ୍ତି?**

▸▸ସମୟ ସହ ଗ୍ରାହକଙ୍କ କ୍ରୟ ବ୍ୟବହାରରେ ବିଶେଷ ଭାବେ ପରିବର୍ତ୍ତନ ଆସିଛି। ଗ୍ରାହକମାନେ ବର୍ତ୍ତମାନ ବ୍ରାଣ୍ଡକୁ ନେଇ ବିଶେଷ ଭାବେ ସଚେତନ। ଶୋ'ରୁମକୁ ଆସିବା ବେଳେ ବିଭିନ୍ନ ରିସର୍ଚ୍ଚ ସହ ସେମାନେ ପ୍ରଡକ୍ଟ କ୍ରୟ ଲାଗି ବିଭିନ୍ନ ପ୍ରସଙ୍ଗକୁ ବିଚାର କରୁଛନ୍ତି।

**◆ ସ୍କୋଡା ବ୍ରାଣ୍ଡକୁ ନେଇ ଗ୍ରାହକଙ୍କୁ କ'ଣ ସୂଚନା ଦେବେ?**

▸▸ବର୍ତ୍ତମାନ ଘରୋଇ ବଜାରରେ କମ୍ପାନୀର ବଜାର ଅଂଶ ୭ରୁ୮% ରହିଛି। ବିଶେଷ କରି ଅପର୍ ମିଡିଲ କ୍ଲାସ ଗ୍ରାହକଙ୍କ ଦ୍ୱାରା କମ୍ପାନୀ ମଡେଲଗୁଡିକ ବିଶେଷ ଭାବେ ଆଦୃତ ହୋଇଛି। ଏଣ୍ଟ୍ରି ମଡେଲଠାରୁ ପ୍ରିମିୟମ ତଥା ଏସ୍ୟୁଭି ମଡେଲ ଏଠାରେ ଉପଲବ୍ଧ ହେବ। ଗ୍ରାହକଙ୍କୁ ଏବଂ ବେଷ୍ଟ ଫିଚରର ଯାନ ପ୍ରଦାନ ନେଇ ଲକ୍ଷ୍ୟ ରହିଛି। ଅକ୍ଟାଭିଆ, ରାପିଡ୍, ସୁପର୍ବ ଏବଂ କୋଡିଆକ୍ ଭଳି ନୂଆ ଏସ୍ୟୁଭି ମଡେଲ ଏଠାରେ ଗ୍ରାହକମାନେ ଲାଭ କରିପାରିବେ। କମ୍ପାନୀର ବେଷ୍ଟ କ୍ଲାସ ଇଞ୍ଜିନ ଉନ୍ନତ ପରଫର୍ମାନ୍ସ ଗ୍ରାହକ ପାଇପାରିବେ। କମ୍ପାନୀ ଘରୋଇ ବଜାରରେ ଦୀର୍ଘଦିନ ଧରି ଉପସ୍ଥିତି ଜାହିର କରିଥିବାରୁ ଏହା ଗ୍ରାହକଙ୍କଠାରୁ ବିଶେଷ ଭଲ ପାଇବା ଲାଭ କରିଛି। ନୂଆ ଶୋ'ରୁମ ମଧ୍ୟ ଗ୍ରାହକଙ୍କ ଠାରୁ ଭଲ ରେସ୍ପନ୍ସ ଲାଭ କରିବ ବୋଲି ଆମର ଆଶା।

**◆ସର୍ଭିସ କ୍ଷେତ୍ରରେ ଶୋ'ରୁମ ପକ୍ଷରୁ କିଛି ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ କି?**

▸▸ନିଶ୍ଚିତ,ଉନ୍ନତ ସର୍ଭିସ ପ୍ରଦାନ ନେଇ ଆମେ ଯତ୍ନବାନ ଅଛୁ। ଶୋ'ରୁମରେ ଅତ୍ୟାଧୁନିକ ଇକ୍ୟୁପ୍ମେଣ୍ଟ, କମ୍ପାନୀର ରୋଡ୍ ସାଇଡ୍ ଆସିଷ୍ଟାନ୍ସ, ୨୪ ଘଣ୍ଟିଆ ସେବା, ଡେଡିକେଟେଡ୍ ଟିମ୍, ସ୍ପେଶାଲ ଡୋର୍ ଷ୍ଟେପ୍ ସର୍ଭିସ ଓ ଦୂର ଦୂରାନ୍ତ ସ୍ଥାନରେ ସର୍ଭିସ ପ୍ରଦାନ ଲାଗି ସ୍ୱତନ୍ତ୍ର ସୁବିଧା କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିଭଳି ସର୍ଭିସ ଭ୍ୟାନ ବ୍ୟବସ୍ଥା, ରାଜ୍ୟର କେତେକ ବଛା ବଛା ସହରରେ ସର୍ଭିସ ଷ୍ଟେଶନ ସ୍ଥାପନ, ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସହ ସର୍ଭିସ ପ୍ରଦାନ ଲାଗି ଚୁକ୍ତି, ବହୁ ସମୟରେ ସର୍ଭିସ କ୍ୟାମ୍ପ ଆୟୋଜନ ନେଇ ବିଭିନ୍ନ ପଦକ୍ଷେପ ନେବାକୁ ଯୋଜନା ରହିଛି।



“ଗତ ୧୫ରୁ ୨୦ ବର୍ଷର ପ୍ରଦର୍ଶନକୁ ବିଚାରକୁ ନେଲେ ବର୍ତ୍ତମାନର ଭାରତୀୟ ଦଳ ଉନ୍ନତ ବୋଲି କୋଚ୍ ରବି ଶାସ୍ତ୍ରୀଙ୍କ ମନ୍ତବ୍ୟ ଅପରିପକ୍ୱ।

–ସୌରଭ ଗାଙ୍ଗୁଲି, ପୂର୍ବତନ କ୍ରିକେଟ ଅଧିନାୟକ



“ମେସଟ୍ ଓଜିଲଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ଫ୍ରାନ୍ସ ବିପକ୍ଷ ୟୁଫା ନେଶନ୍ସ ଲିଗ୍ ମ୍ୟାଚ୍‌ରେ ଜର୍ମାନୀ ଆଶାନୁରୂପ ପ୍ରଦର୍ଶନ କରିପାରିଲାନି।

–କ୍ଲେଡ୍‌ମିର ଜର୍ମିନୋ ବାରେଟୋ, ଜର୍ମାନୀର ପୂର୍ବତନ ଷ୍ଟ୍ରାଇକର

## ସଂକ୍ଷେପରେ

### କିସ୍-ସୈନିକ ଫାଇନାଲ




ଭୁବନେଶ୍ୱର, ୭।୯- ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ ଭୁବନେଶ୍ୱର ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଏଥିରେ କିସ୍‌କୁ ସୈନିକ ସ୍କୁଲ ଭେଟିବ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ କିସ୍ ୪-୦ ଗୋଲରେ ସରକାରୀ ୟୁନିଟ-୧ ହାଇସ୍କୁଲକୁ ହରାଇ ଦେଇଛି। ବିଜୟୀ ଦଳ ଲାଗି ଯଦୁନାଥ ହାଁସ୍‌ଦା ହାଟ୍ରିକ ଗୋଲ୍ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଏହା ତାଙ୍କର ୪ର୍ଥ ହାଟ୍ରିକ। ତାଙ୍କ ବ୍ୟତୀତ ଭାଗରାଇ ମୁର୍ମୁ ଗୋଟିଏ ଗୋଲ ଦେଇଥିଲେ। ଅମ୍ପାୟର ଭାବେ ସରୋଜ ମହାରଣା, ଶ୍ରୀକାନ୍ତ ପଣ୍ଡା, ରାଜେନ୍ଦ୍ର ବାରିକ, ପାକା ପଣ୍ଡା ଓ ମହେଶ୍ୱର ସିଂ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ହାଟ୍ରିକ ଗୋଲ ଦେଇଥିବା ଯଦୁନାଥଙ୍କୁ ଆୟୋଜକ କ୍ଲବର ସଭାପତି ତପନ କୁମାର ମହାନ୍ତି ପୁରସ୍କୃତ କରିଛନ୍ତି। ଆସନ୍ତା ୯ ତାରିଖରେ ପ୍ରତିଯୋଗିତାର ଫାଇନାଲ ଖେଳାଯିବ। ପୁରସ୍କାର ବିତରଣୀ ଉତ୍ସବରେ ପ୍ରିୟନାଥ ମିଶ୍ର, ନରେନ୍ଦ୍ର ସେଠୀ, ଅମିୟକାନ୍ତ ମିଶ୍ର, ପ୍ରଫୁଲ୍ଲ ମିଶ୍ର ଓ ଦିଲୀପ ଦାସ ଉପସ୍ଥିତ ଥିଲେ।

# ସେରେନା– ଓସାକା ଫାଇନାଲ



ସେରେନା ୱିଲିୟମ୍ସ



ନାଓମି ଓସାକା

**ୟୁଏସ୍ ଓପନ୍ ଟେନିସ୍**

**ନ୍ୟୁୟର୍କ, ୭।୯ (ଏଏଫପି)**

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଇଭେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ୬ଥର ଚାମ୍ପିୟନ ହୋଇଥିବା ଅଭିଜ୍ଞ ସେରେନା ୱିଲିୟମ୍ସ ଓ ୨୦ ବର୍ଷୀୟା ଜାପାନର ନାଓମି ଓସାକା ମୁହାଁମୁହିଁ ହେବ।

୧୭ତମ ସିଡ ମାନ୍ୟତା ପାଇଥିବା ସେରେନା ଶୁକ୍ରବାର ସେମିଫାଇନାଲରେ ଲାଟଭିଆର ୧୯ତମ ସିଡ ଖେଳାଳି ଆନାଷ୍ଟାସିଜା ସେଭାଶୋଭାଙ୍କୁ ୬–୩,୬–୦ ସେଟରେ ଅତି ସହଜରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟଏକ ସେମିଫାଇନାଲରେ ୨୦ତମ ସିଡ ଓସାକା ୬–୨,୬–୪ ସେଟରେ ୧୪ତମ ସିଡ ଖେଳାଳି ଆମେରିକାର ମାଡିନସନ କେଜଙ୍କୁ ହରାଇ ଫାଇନାଲ ଉଠିଥିଲେ।

ଗତବର୍ଷ ମା’ ହେବା ପରେ ସେରେନା ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ବିଜୟୀ ହେବା ପାଇଁ ତାଙ୍କୁ ୬୬ ମିନିଟି ସମୟ ଆବଶ୍ୟକ ହୋଇଥିଲା। ୨୩ଟି ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିବା ସେରେନା ଏଥର ସଫଳ ହେଲେ ମାର୍ଗାରେଟ କୋର୍ଟଙ୍କ ୨୪ଟି ଗ୍ରାଣ୍ଡସ୍ଲାମ ରେକର୍ଡର ସମକକ୍ଷ ହେବେ। ସେହିପରି ସେ କ୍ରସ ଏଭେର୍ଟଙ୍କ ଷଷ୍ଠ ୟୁଏସ୍ ଓପନ ଟାଇଟଲ ହାସଲ ରେକର୍ଡକୁ ପଛରେ ପକାଇବେ। ଅନ୍ୟପଟେ ଓସାକା ପ୍ରଥମ ଜାପାନ ମହିଳା ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ନିଜ ପ୍ରଦର୍ଶନରେ ସେରେନା ଖୁସି ଜାହିର କରିଛନ୍ତି।

# ମହିଳା ଦଳ, ହଜାରିକାଙ୍କୁ ସ୍ୱର୍ଣ୍ଣ

**ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍**

ଚାଙ୍ଗୱନ(ଦକ୍ଷିଣ କୋରିଆ), ୭।୯ (ପି.ଟି.)

ଏଠାରେ ଚାଲିଥିବା ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍‌ରେ ଭାରତୀୟ ଜୁନିୟର ଶୁଟରମାନଙ୍କର ସ୍ୱର୍ଣ୍ଣିମ ଯାତ୍ରା ଅବ୍ୟାହତ ରହିଛି। ଶୁକ୍ରବାର ଭାରତୀୟ ଜୁନିୟର ଶୁଟରମାନେ ଆଉ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତର ହ୍ରିଦୟ ହଜାରିକା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଭାରତୀୟ ମହିଳା ଦଳ ମିଳିତ ଭାବେ ନୂଆ ବିଶ୍ୱ ରେକର୍ଡ ସ୍ଥାପନ କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ହଜାରିକା ଏକମାତ୍ର ଭାରତୀୟ ଖେଳାଳିଭାବେ ୬୨୭.୩ ସ୍କୋର କରି ପୁରୁଷ ଫାଇନାଲରେ ପ୍ରବେଶ କରିଥିଲେ। ୧୭ ବର୍ଷୀୟ ହଜାରିକା ଦମ୍‌ଦାର ପ୍ରଦର୍ଶନ କରି ଶେଷରେ ସ୍ୱର୍ଣ୍ଣ ହାତେଇଥିଲେ। ଫାଇନାଲରେ ହଜାରିକା ଓ ଇରାନର ମହମ୍ମଦ ଅମୀର ନେକୋଉନାମ ଉଭୟ ୨୫୦.୧ ସ୍କୋର କରି ସମାନ ସ୍ଥିତିରେ ଥିଲେ। ତେବେ ଏକ ଶୁଟ ଅଫ୍‌ରେ ହଜାରିକା ଅମୀରଙ୍କୁ ପଛରେ ପକାଇ ଦେଇଥିଲେ। ରୁଷିଆର ଗ୍ରିଗୋରୀ ଶାମାକୋଭ ଫାଇନାଲରେ ୨୨୮.୬ ସ୍କୋର କରି ବ୍ରୋଞ୍ଜ ପଦକ ଜିତିଛନ୍ତି।

ସେହିପରି ଇଲଭେନିଲ ଭାଲାରିଭାନ (୬୩୧), ଶ୍ରେୟା ଅଗ୍ରୱାଲ (୬୨୮.୫) ଓ ମାନିନୀ କୌଶିକ୍ (୬୨୧.୨)ଙ୍କୁ ନେଇ ଗଠିତ ଭାରତୀୟ ମହିଳା ୧୦ ମିଟର ଏୟାର ରାଇଫଲ ଟିମ୍ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରି ୧୮୮୦.୭ ସ୍କୋର କରି ବିଶ୍ୱରେକର୍ଡ ହାସଲ କରିବା ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛି। ଜୁନିୟର ୱାର୍ଲ୍ଡକପ୍ ମେଡାଲିଷ୍ଟ ଇଲାଭେନିଲଙ୍କ ସ୍କୋର ଏକ ନୂଆ ଜୁନିୟର ବିଶ୍ୱ ରେକର୍ଡ ସାବ୍ୟସ୍ତ ହୋଇଛି।

ଅନ୍ୟପଟେ ହଜାରିକା, ଦିବ୍ୟାଂଶ ପାନୱାର ଓ ଅର୍ଜୁନ ବାବୁଟାଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ମୋଟ ୧୮୭୨.୩ ସ୍କୋର କରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସିନିୟର ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ଭାରତୀୟ ଶୁଟରମାନେ ନିରାଶ କରିଛନ୍ତି। ସଞ୍ଜୀବ ରାଜପୁତ ୧୧୫୮ ସ୍କୋର କରି ୫୮ତମ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ସ୍ୱପ୍ନୀଲ କୁସାଲ ୧୧୬୧ ସ୍କୋର ସହ ୫୫ତମ ଓ ଅଖିଳ ଶେଓରାନ ୧୧୬୬ ପଏଣ୍ଟ ସହ ୪୪ତମ ସ୍ଥାନରେ ରହିଛନ୍ତି। ଏହି ୩ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ମୋଟ ୩୫୦୩ ସ୍କୋର ସହ ୧୧ତମ ସ୍ଥାନ ରହି ଅଭିଯାନ ଶେଷ କରିଛନ୍ତି।

# ବିଦାୟୀ ଟେଷ୍ଟରେ କୁକ୍‌ଙ୍କ ଅର୍ଦ୍ଧଶତକ




ଶୁକ୍ରବାର ବ୍ୟାଟିଂ କରିବା ପାଇଁ ପଡ଼ିଆରେ ପ୍ରବେଶ ଅବସରରେ ଆଲିଷ୍ଟର କୁକ୍‌ଙ୍କୁ ଭାରତୀୟ ଖେଳାଳିଙ୍କ ଗାର୍ଡ ଅଫ୍ ଅନର।

**ଲଣ୍ଡନ, ୭।୯(ପି.ଟି.)**

ଓଭାଲଠାରେ ଶୁକ୍ରବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୫ମ ତଥା ଅନ୍ତିମ ମ୍ୟାଚ ଆରମ୍ଭ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଏକଦା ୨ଉଇକେଟ ବିନିମୟରେ ୧୧୩ ରନ କରିଥିବା ଇଂଲଣ୍ଡର ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଫଳରେ ଦଳ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୭ ଉଇକେଟ ବିନିମୟରେ ୧୯୮ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଜୋସ୍ ବଟଲର ୧୧ ଓ ଆଡିଲ ରସିଦ ୪ ରନ କରି ଅପରାଜିତ ରହିଛନ୍ତି। ବିଦାୟୀ ଟେଷ୍ଟ ଖେଳୁଥିବା ଆଲିଷ୍ଟର କୁକ୍‌ଙ୍କୁ ମ୍ୟାଚ ଆରମ୍ଭରେ ଭାରତୀୟ ଦଳର ଖେଳାଳିମାନଙ୍କ ତରଫରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା।

କ୍ୟାରିୟରର ଅନ୍ତିମ ଟେଷ୍ଟ ଖେଳୁଥିବା ଓପନର କୁକ୍ ସତର୍କତାର ସହିତ ବ୍ୟାଟିଂ କରିଥିଲେ। ବିଦାୟୀ ଟେଷ୍ଟ ମ୍ୟାଚରେ ସ୍ମରଣୀୟ ଇନିଂସ ଖେଳିବା ଲକ୍ଷ୍ୟରେ ଥିବା କୁକ୍ କିନ୍ତୁ ୭୧ ରନ କରି ଯଶପ୍ରୀତ ବୁମ୍‌ରାଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ସେ ୧୯୦ଟି ବଲ୍ ସାମ୍ନା କରିଥିବାବେଳେ ୮ଚୌକା ଲଗାଇଥିଲେ। ଆଉଟ ହେବା ପୂର୍ବରୁ ସେ ତାଙ୍କ ଓପନିଂ ପାର୍ଟନର କିଟନ ଜେନିଙ୍ଗ୍ସ (୨୩ ରନ)ଙ୍କ ସହିତ ୬୩ ରନ ଏବଂ ପରେ ମୋଇନ ଅଲି (୫୦)ଙ୍କ ସହ ଦ୍ୱିତୀୟ ଉଇକେଟରେ ୭୩ ରନ ଯୋଗ କରିଥିଲେ। ଭାରତ ପାଇଁ ପ୍ରଥମ ବ୍ରେକ୍ ଥ୍ରୁ ଆଣିଥିଲେ ରବୀନ୍ଦ୍ର ଜାଡେଜା। ସେ ଜେନିଙ୍ଗ୍ସଙ୍କୁ କେ.ଏଲ୍ ରାହୁଲଙ୍କ ଦ୍ୱାରା କ୍ୟାଚ୍ ଆଉଟ କରିଦେଇଥିଲେ। କୁକ୍‌ଙ୍କ ପରେ ଇଂଲଣ୍ଡ ଲଗାତର ଦୁଇଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ରୁଟ୍ ବିନା କୌଣସି ରନରେ ବୁମ୍‌ରାଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଯାଇଥିଲେ। ଇଶାନ୍ତ ଶର୍ମା ଉଇକେଟକିପର ଜନି ବେୟାରଷ୍ଟୋଙ୍କୁ କୌଣସି ରନ କରିବା ଲାଗି ସୁଯୋଗ ନ ଦେଇ ରିଷଭ ପନ୍ତଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଫଳରେ ଇଂଲଣ୍ଡ ୬୪.୪ ଓଭରରେ ୧୩୪ ସ୍କୋରରେ ୪ଟି ଉଇକେଟ ହରାଇ ସାରିଥିଲା। ଭାରତ ତରଫରୁ ହନୁମା ବିହାରୀ ଟେଷ୍ଟ ପଦାର୍ପଣ କରିଛନ୍ତି। ଦେଶର ସେ ୨୯୨ତମ ଟେଷ୍ଟ ଖେଳାଳି ହୋଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ତାଙ୍କୁ ଦଳରେ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ଆର୍. ଅଶ୍ୱିନଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜା ଚୂଡ଼ାନ୍ତ ଦଳରେ ସ୍ଥାନ ପାଇଛନ୍ତି। ସାଉଥାମ୍ପଟନଠାରେ ଚତୁର୍ଥ ଟେଷ୍ଟ ମ୍ୟାଚରେ ବିଜୟ ହାସଲ କରି ଇଂଲଣ୍ଡ ୩–୧ରେ ଅଗ୍ରଣୀ ଲାଭ କରିବା ସହ ଆଗୁଆ ସିରିଜ କବ୍‌ଜା କରିସାରିଛି।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୯୦ ଓଭରରେ ୧୯୮/୭ (ଆଲିଷ୍ଟର କୁକ୍–୭୧, ମୋଇନ ଅଲି–୫୦ ; ଇଶାନ୍ତ ଶର୍ମା–୩/୨୮, ଯଶପ୍ରୀତ ବୁମ୍‌ରା–୨/୪୧, ରବୀନ୍ଦ୍ର ଜାଡେଜା–୨/୪୭)।

### ବିରଳ ରେକର୍ଡର ଅଧିକାରୀ ରୁଟ୍

ଇଂଲଣ୍ଡ ଟେଷ୍ଟ କ୍ରିକେଟ ଦଳର ଅଧିନାୟକ ଜୋ ରୁଟ୍ ଶୁକ୍ରବାର ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ଇଂଲଣ୍ଡ ଅଧିନାୟକ ଭାବେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସମସ୍ତ ଥର ଟସ୍ ଜିତିଛନ୍ତି। ଏହା ଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଘଟଣା। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ମାର୍କ ଟେଲର ୧୯୯୮–୯୯ରେ ଇଂଲଣ୍ଡ ବିପକ୍ଷରେ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ତେବେ ୱେଷ୍ଟଇଣ୍ଡିଜ୍‌ର ଜନ ଗୋଦାର୍ଡ (୧୯୪୮–୪୯) ଓ କ୍ଲାଇଭ ଲୟଡ (୧୯୮୨–୮୩)ଙ୍କ ପରେ ୩ୟ ଅଧିନାୟକ ଭାବେ ରୁଟ୍ ଭାରତ ବିପକ୍ଷରେ ପ୍ରତ୍ୟେକ ମ୍ୟାଚ୍‌ରେ ଟସ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ଅନ୍ତିମ ଟେଷ୍ଟରେ ଭାରତୀୟ ଅଧିନାୟକ ବିରାଟ କୋହଲି ଟସ୍ ହାରିବା ପରେ ପରିହାସ କରି କହିଛନ୍ତି, ମୁଦ୍ରାର ଉଭୟ ପାର୍ଶ୍ୱରେ ହେଡ୍ ରହିଲେ ହିଁ ମୁଁ ଜିତି ପାରିବି। କୋହଲିଙ୍କ ପୂର୍ବରୁ ଲାଲ ଅମରନାଥ ଓ କପିଳ ଦେବ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସମସ୍ତ ମ୍ୟାଚ୍‌ରେ ଟସ୍ ହାରିଥିଲେ।

# ସାଇ, ଓଡ଼ିଶା ପୋଲିସ ବିଜୟୀ

**କଟକ ଅଫିସ, ୭।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଶୁକ୍ରବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସାଇ ଓ ଓଡ଼ିଶା ପୋଲିସ ବିଜୟୀ ହୋଇଛନ୍ତି। ସାଇ ୪–୦ ଗୋଲରେ ୱାଇଭିସିଜିକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିବା ଏହି ମ୍ୟାଚ୍‌ରେ ସାଇ ପକ୍ଷରୁ ଦ୍ୱିତୀୟାର୍ଦ୍ଧରେ ଅବିନାଶ ସାମଲ ୪୨ ଓ ୬୩ତମ ମିନିଟରେ ଏବଂ ପ୍ରଭାତ ଦଣ୍ଡସେନା ୪୪ ଓ ୫୩ତମ ମିନିଟରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଜୟଦୁର୍ଗା କ୍ଲବକୁ ୩–୧ ଗୋଲରେ ହରାଇଥିଲା ଓଡ଼ିଶା ପୋଲିସ। ଓଡ଼ିଶା ପୋଲିସର ବିଜୟ ଘାଲାନ ୧୬ତମ ମିନିଟରେ ପ୍ରଥମ ଗୋଲ ଦେଇଥିବା ବେଳେ ୨୨, ୩୨ତମ ମିନିଟରେ ବି. ଜର୍ଜ ପ୍ରକାଶ ୨ଟି ଗୋଲ ଦେଇଥିଲେ। ଜୟଦୁର୍ଗା ପକ୍ଷରୁ ୨୭ତମ ମିନିଟରେ ସିଦ୍ଧାନ୍ତ ଦାସ ଏକମାତ୍ର ଗୋଲ ଦେଇଛନ୍ତି।

# ‘ଅଲିମ୍ପିକ୍ସ ପଦକ ଇଭେଣ୍ଟ ତାଲିକା ପ୍ରସ୍ତୁତ କରାଯାଇଛି’

ମୁମ୍ବାଇ,୭।୯(ପି.ଟି.)

ଏସିଆନ୍ ଗେମ୍ସର ଟ୍ରାକ୍ ଓ ଫିଲ୍ଡ ଇଭେଣ୍ଟରେ ମିଳିଥିବା ସଫଳତାକୁ ଦୃଷ୍ଟିରେ ରଖି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ଅଲିମ୍ପିକ୍ସ ପଦକ ମିଳିବାର ସମ୍ଭାବନା ଥିବା ଇଭେଣ୍ଟ ତାଲିକା ପ୍ରସ୍ତୁତ କରାଯାଇଛି। “ନିକଟରେ ଶେଷ ହୋଇଥିବା ଏସିଆନ୍ ଗେମ୍ସରେ ଭାରତୀୟ ଆଥ୍‌ଲେଟଙ୍କ ସଫଳ ପ୍ରଦର୍ଶନ ଆରମ୍ଭ ମାତ୍ର। ଏହାକୁ ଆମେ ଜାରି ରଖିବାକୁ ଚାହୁଁ। ଏଣୁ ଆମେ ବିଭିନ୍ନ କୋଚ୍‌ଙ୍କ ସହ ଆଲୋଚନା କରି ଭବିଷ୍ୟତରେ ପ୍ରଥମ ଥର ଲାଗି କେଉଁ ଇଭେଣ୍ଟରେ ଆମେ ଅଲିମ୍ପିକ ପଦକ ଜିତିପାରିବୁ, ତାହାର ଏକ ତାଲିକା ପ୍ରସ୍ତୁତ କରିଛୁ” ବୋଲି ଏଏଫ୍‌ଆଇ ସଭାପତି ଆଦିଲେ ସୁମରିୱାଲା କହିଛନ୍ତି। ତେବେ କେଉଁ କେଉଁ ଇଭେଣ୍ଟକୁ ତାଲିକାଭୁକ୍ତ କରାଯାଇଛି, ତାହା ସେ ସ୍ପଷ୍ଟ କରିନାହାନ୍ତି। ଭାରତୀୟ ଟ୍ରାକ୍ ଓ ଫିଲ୍ଡ ଆଥ୍‌ଲେଟମାନେ ଏସିଆନ୍ ଗେମ୍ସରେ ୧୯ ପଦକ ଜିତିଥିଲେ।


OFFICE OF THE EXECUTIVE ENGINEER
CUTTACK (R&B) DIVISION NO.I: CUTTACK
E-Mail I.D.-eepwdctc1.owd@gov.in, Tel./ Fax No.(0671)-2304128
GOVERNMENT OF ODISHA Quotation Notice
Quotation Notice for Supply of Furnitures
Bid Identification No. E.E. CTC(R&B)-04 of 2018-19
No.7157 Dt. 04.09.2018

1. Name of the work :- Supply, delivery & installation of Godrej make Furnitures at (A) Patient Waiting Hall, Seminar hall & Library of SCB Dental College & Hospital, Cuttack., (B) All HODs & Principal's Office chamber and Record room of SCB Dental College & Hospital, Cuttack
2. Estimated Cost :- (A) Rs.42,03,121/-, (B) Rs.32,59,775/-
3. Period of completion :- 1(One) calendar Month
4. Date & time of sale & receipt of Quotation :- From 12.09.2018 to 4PM of 19.09.2018
5. Last date / time of receipt of Quotation :- 4PM of 19.09.2018
6. Date & time of Opening of Quotation :- 11AM of 20.09.2018
7. Name and address of the Officer Inviting Quotation :- Executive Engineer, Cuttack (R&B) Division No.I, Cuttack

Further details can be seen from the State Govt. portal "http://www.odisha.gov.in".

No.563-B

Sd./- (Er. M.R. Khan)
Executive Engineer,
Cuttack (R&B) Division No.I
34091/11/0037/1819



GOVERNMENT OF ODISHA
"e"-PROCUREMENT NOTICE
WORKS DEPARTMENT
E-mail: ceroads.bbsr@gmaii.com
Bid Identification No. CE-DPI & R-33/2018-19

No.562-B

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road/ Bridge works as mentioned below :
2. Nature of work : Road/ Bridge works
3. No. of work : 31Nos.
4. Tender Paper cost : Rs. 10,000.00
5. Class of Contractor : 'A' Class/ Super Class/ Special Class
6. Available of bid document in the website : From 10.00 A.M. of 12.09.2018 to 5.00 PM of 03.10.2018
7. Date of opening of Bid : Dt.04.10.2018 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Engineer
(DPI & Roads), Odisha
34117/11/0108/1819



STATE BLOOD TRANSFUSION COUNCIL, ODISHA
HEALTH & FAMILY WELFARE DEPARTMENT,
GOVT. OF ODISHA
1st Floor, Oil Odisha Building, Nayapalli, Bhubaneswar-12
Tel/Fax -0674-2391747, E-Mail : sbtcorissa@yahoo.co.in
No. 1245/SBTC Dated : 07.09.2018

TENDER CALL NOTICE FOR NATIONAL VOLUNTARY BLOOD DONATION DAY-2018

No. 413-E: State Blood Transfusion Council (SBTC), Odisha invites sealed tenders from the registered experienced and reputed Event Management Agencies for conducting two days programme on occasion of National Voluntary Blood Donation Day 2018" at Bhubaneswar. The detailed activities to be undertaken during the Programme and Terms of Reference (ToR) are available in the website of www.odisha.gov.in, which may be downloaded for use. Interested parties may submit their proposal super-scribing as "Tender for National Voluntary Blood Donation Day event 2018" to the undersigned through speed post / Registered Post / courier services only which should reach on or before 1pm of 18.09.2018 positively and the same will be opened at 3.30 PM of the same date. The undersigned reserves the right to reject any or all the tender without assigning any reason thereof.

10080/11/0006/1819 Sd./- Director



GOVERNMENT OF ODISHA
No. 254-C
OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB) Dtd.05.09.2018

| S. N | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | Improvement of Water Supply to Uncovered areas of Cuttack under PH Division-I (AMRUT/OD/CTC/WS/47) & Improvement of Water Supply to Scarcity areas of Cuttack under PH Division-I (AMRUT/OD/CTC/WS/48) | EICPH-13/ 2018-19 | 3938.05 + 479.49 = 4417.54 | 11 (Eleven) Months | 11.00 Hrs. of 12.09.2018 | 17.00 Hrs. of 03.10.2018 |

- Name & Address of Officer Inviting Bid: Engineer-in-Chief (PH), Heads of Deptt. Building, 1st Floor, Unit-V, Bhubaneswar, Odisha. Phone # 0674-2393909, mail:eicphodisha@gmail.com
- Further details can be seen from the e-Procurement portal "https://www.tendersodisha.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

13068/11/0018/1819 Sd./- ENGINEER-IN-CHIEF, PH



GOVERNMENT OF ODISHA
ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT
No. 17316 /SSD Dtd. Bhubaneswar the, 06.09.2018
STSCD-WOEP-CASE 3-0007-2015

NOTICE

No. 48-V: It is hereby brought to the notice of Sri Manas Ranjan Pattanaik, Ex-WEO, Rayagada Block, Gajapati, S/O – Sarat Chandra Pattanaik, through this notice that the 1st Show Cause Notice along with a copy of the enquiry report of the Inquiring Officer in the Disciplinary Proceeding drawn vide this Department Memorandum no. 13706/SSD, dated 27.04.2011 has been issued vide no. 17314 /SSD, dated 06.09.2018. He is hereby directed to appear in person and receive a copy of the above mentioned 1st Show Cause Notice from the office of the Director (ST)-cum-Special Secretary to Govt., ST & SC Development Department, Odisha Secretariat, Bhubaneswar within 7(seven) days of publication of this notice and submit his representation against the findings of the Inquiring Officer, failing which the matter shall be decided on its own merit as per the prevailing rules.

Sd./- Director(ST)-cum-Special
Secretary to Govt.
26001/11/0009/1819



REGIONAL INSTITUTE OF PLANNING, APPLIED ECONOMICS AND STATISTICS (RIPAE&S);
PLOT NO. A/65, NAYAPALLI, BHUBANESWAR-12
(A Govt. Training Institute under Planning & Convergence Department)
No. 946 / RIPAE&S/29/2018 Bhubaneswar Dt. 06.09.2018

TENDER CALL NOTICE

[For award of contract for catering services to RIPAE&S, Bhubaneswar]

No. 11-X: Sealed Tenders are invited from intending service providers having valid GSTIN for providing catering services to RIPAE&S, Bhubaneswar.
The detailed tender document may either be downloaded from the website www.ripaesodisha.nic.in or can be obtained in person from the Office of Director, RIPAE&S, Bhubaneswar in any working day from 10.09.2018 to 05.10.2018 between 11.00 A.M. to 4.00 P.M. on payment of Rs.500/- in cash or in shape of Bank Draft for Rs.500/- which is non-refundable. The downloaded Tender Document from the website should be submitted along with a Bank Draft/Bankers Cheque of Rs.500/- (non-refundable). The Bank Draft/ Bankers cheque should be in favour of Assistant Director. **RIPAE&S, A/65, Nayapalli, Bhubaneswar-12.**
The tender document will be received only through speed post/ registered post during office hour. The last date and time for receipt of filled in Tender Documents is 06.10.2018 by 5.00 P.M. The office shall not be responsible for any kind of postal delay.
Tenders received after due date and time will be summarily rejected.
The undersigned reserves the right to extend the date and accept or reject any or all tenders without assigning any reasons thereof.

21005/11/0006/1819 Sd/- Director

> ଶେଷ ମୁହୂର୍ତ୍ତରେ ଗୋଲ୍ ବରଣ ସମସ୍ୟା ଦୂର ଲାଗି ଭାରତୀୟ ହକି ଦଳ ପାଇଁ ମନସ୍ତତ୍ତ୍ୱବିତ୍‌ଙ୍କର ଆବଶ୍ୟକତା ନାହିଁ ।
> –ହରେନ୍ଦ୍ର ସିଂ, ହକି କୋଚ୍



> ନାପୋଲି ଫୁଟ୍‌ବଲ ଟିମ୍ କୋଚ୍ ପଦବୀରୁ ବହିଷ୍କୃତ ହୋଇଥିବା କଥା ଟେଲିଭିଜନ ମାଧ୍ୟମରେ ଜାଣିବାକୁ ପାଇଥିଲି ।
> –ମୌରିଜିଓ ସାରି, ଚେଲ୍‌ସିର ନୂଆ ମ୍ୟାନେଜର



## ସଂକ୍ଷେପରେ

### ପୁଣି କୋଚ୍ ହେବେ ମାରାଡୋନା

କୁଲିଆକାନ(ମେକ୍ସିକୋ), ୭।୯(ଏଏଫପି): ଆର୍ଜେଣ୍ଟିନା କିମ୍ବଦନ୍ତୀ ଫୁଟବଲର ଡିଏଗୋ ମାରାଡୋନା ପୁଣି ଥରେ କୋଚ୍ ହେବାକୁ ଯାଉଛନ୍ତି। ମେକ୍ସିକୋର ସେକେଣ୍ଡ ଡିଭିଜନ ଫୁଟବଲ କ୍ଲବ ଡୋରାଡୋସର କୋଚ୍ ରୂପେ ତାଙ୍କୁ ନିଯୁକ୍ତି ମିଳିଛି। ଗୁରୁବାର ଏ ନେଇ କ୍ଲବ ତରଫରୁ ଘୋଷଣା କରାଯାଉଛି। ଫୁଟବଲରେ ଅତ୍ୟନ୍ତ ସଫଳ ରହିଥିବା ମାରାଡୋନ ଅବଶ୍ୟ କୋଚ୍ ହିସାବରେ ସେତେଟା ସଫଳତା ହାସଲ କରିପାରି ନାହାନ୍ତି। ଏହାପୂର୍ବରୁ ସେ ଆର୍ଜେଣ୍ଟିନା ଜାତୀୟ ଦଳ, ବିଶ୍ୱର ବିଭିନ୍ନ କ୍ଲବ ପାଇଁ କୋଚ୍ ହିସାବରେ କାର୍ଯ୍ୟ କରିଛନ୍ତି। ସେ ମଧ୍ୟ ଗତମାସ ବେଲାରୁଷ ଡାଇନାମୋ ବ୍ରେଷ୍ଟ କ୍ଲବର ଅଧ୍ୟକ୍ଷ ରୂପେ କାର୍ଯ୍ୟ ଆରମ୍ଭ କରିଛନ୍ତି। ମାରାଡୋନାଙ୍କୁ କୋଚ୍ ରୂପେ ନିଯୁକ୍ତି ଦେଇ ଡୋରାଡୋସ ବେଶ୍ ଖୁସି ଜାହିର କରିଛି।

### ଗ୍ରାଣ୍ଡସ୍ଲାମ ଖେଳିବା ଲକ୍ଷ୍ୟରେ କବୀର

ଭୁବନେଶ୍ୱର, ୭।୯(କ୍ରୀଡ଼ା ପ୍ରତିନିଧି): ନିକଟ ଅତୀତରେ ଜାତୀୟ ଓ ଅନ୍ତର୍ଜାତୀୟ ଟେନିସ ସର୍କିଟରେ ଆକର୍ଷଣୀୟ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଥିବା ପ୍ରତିଭା ସମ୍ପନ୍ନ ଖେଳାଳି କବୀର ହଂସଙ୍କୁ ଶୁକ୍ରବାର ପିଏନଭି ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦି ପ୍ରେସ କ୍ଲବ ଅଫ ଓଡ଼ିଶାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଏନ୍‌ଭିର ସହ ପ୍ରତିଷ୍ଠାତା ସତ୍ୟବ୍ରତ ସାନୁ ରଥୋ ଓ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ଉପସ୍ଥିତ ରହି କବୀରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିକଟରେ କବୀର ପ୍ରଥମ ଓଡ଼ିଆ ଟେନିସ ଖେଳାଳି ଭାବେ ୧୮ ବର୍ଷରୁ କମ୍ ଜାତୀୟ ଓ ଅନ୍ତର୍ଜାତୀୟ ଟେନିସ ଫେଡେରେଶନ(ଆଇଟିଏଫ) ଜୁନିୟର ଡବଲ୍ସ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲେ। ଗତ ମାସରେ ସେ ଚେନ୍ନାଇରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଜାତୀୟ କ୍ଲେ କୋର୍ଟ ଟେନିସ ଏବଂ ୱାଇଏମସିଏ ଆଇଟିଏଫ ଜୁନିୟର ଟେନିସ ଟୁର୍ନାମେଣ୍ଟରେ ଡବଲ୍ସ ଟାଇଟଲ ଜିତିଥିଲେ। ଏହାପରେ ହାଇଦ୍ରାବାଦରେ ଅନୁଷ୍ଠିତ ଆଇଟିଏଫ ଜୁନିୟର ଟୁର୍ନାମେଣ୍ଟରେ ରନର୍ସଅପ୍ ହୋଇଥିଲେ। ପୂର୍ବରୁ ପଟିଆସ୍ଥିତ ଫରହାନ ଅଲୀଙ୍କ ଦ୍ୱାରା ପରିଚାଳିତ ଏକାଡେମୀରେ କୋଚିଂ ନେଉଥିବା କବୀର ଏବେ ଅହମ୍ମଦାବାଦରେ ଟଡ୍ କ୍ଲାର୍କଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। "ମୁଁ ଫରହାନ ସାର୍‌ଙ୍କଠାରୁ ଅନେକ କିଛି ଶିଖିବାକୁ ପାଇଛି। ଏବେ କ୍ଲାର୍କଙ୍କ କ୍ୟାମ୍ପକୁ ଯାଇଛି। ଅହମ୍ମଦାବାଦ ଯିବାର ଉଦ୍ଦେଶ୍ୟ ହେଉଛି ସେଠାରେ ଅଧିକ ସୁବିଧା ସୁଯୋଗ ଥିବାବେଳେ କୋଚିଂର ମାନ ମଧ୍ୟ ବେଶ୍ ଉନ୍ନତ। କ୍ଲାର୍କ ଫିଟ୍‌ନେସ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି" ବୋଲି ନୋଭାକ ଜୋକୋଭିଚ୍‌ଙ୍କୁ ଆଦର୍ଶ ମାନୁଥିବା କବୀର ପ୍ରକାଶ କରିଛନ୍ତି। ମୋ ହାତ ଓ ଆଖିର ସମନ୍ୱୟରେ କ୍ଲାର୍କ ଖୁସି ଅଛନ୍ତି। ଏବେ ସେ ମୋ ଭଲି ଓ ଓଭରହେଡ୍ ଶଟ୍ ଦକ୍ଷତାରେ ଉନ୍ନତି ଆଣିବାକୁ ଚାହୁଁଛନ୍ତି। ସିନିୟର ଗ୍ରାଣ୍ଡସ୍ଲାମ ଖେଳିବା ମୋର ମୁଖ୍ୟ ଲକ୍ଷ୍ୟ। ମାତ୍ର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ମୋତେ ଜୁନିୟର ସ୍ତରରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ ବୋଲି ସମ୍ପ୍ରତି କିଟ୍‌ରେ ୯ମ ଷ୍ଟାଣ୍ଡାର୍ଡରେ ପଢୁଥିବା କବୀର କହିଛନ୍ତି।

# ଭାରତୀୟ ଦଳର ଜର୍ସି ଉନ୍ମୋଚିତ

ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି) ୭।୯

ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ ଶୁକ୍ରବାର ମୁମ୍ବାଇଠାରେ ଭାରତୀୟ ଦଳର ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ହକି ଉତ୍‌ଥାନ ପଥରେ ଥିବା ଏହି ଜର୍ସି ସୂଚନା ବହନ କରୁଛି। ବ୍ରାଣ୍ଡ ଷ୍ଟ୍ରାଟେଜିଷ୍ଟ ନୂପୁର ମହାଜନଙ୍କ ଚିନ୍ତାଧାରାକୁ ନେଇ ଜର୍ସି ଡିଜାଇନ୍ କରିଛନ୍ତି ଜଣାଶୁଣା ଡିଜାଇନର ନରେନ୍ଦ୍ର କୁମାର। ଅଫିସିଆଲ ପ୍ରାଇମେରୀ ଓ ସେକେଣ୍ଡାରୀ ମ୍ୟାଚ୍ କିଟ୍ ସହିତ ବ୍ଲେଜରକୁ ଏହି ୱାର୍ଲ୍ଡ କପ୍ କଲେକ୍ସନରେ ସାମିଲ କରାଯାଇଛି। ଏହି ନୂଆ କଲେକ୍ସନ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିବା ସହ ବିଶ୍ୱକପ୍ ଘରକୁ ଆଣିବାକୁ ପ୍ରସ୍ତୁତିରେ ସହାୟକ ହେବ ବୋଲି ଆଶାପ୍ରକାଶ କରାଯାଇଛି। ଜର୍ସି ଉନ୍ମୋଚନ ଉତ୍ସବରେ ଭାରତୀୟ ଖେଳାଳି, କୋଚ୍ ହରେନ୍ଦ୍ର ସିଂ, ହକି କିମ୍ବଦନ୍ତୀ ଅଜିତ ପାଲ୍ ସିଂ, ଅଶୋକ କୁମାର, ଧନରାଜ ପିଲ୍ଲେ, ଦିଲୀପ ତିର୍କୀ, ସନ୍ଦୀପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

"ଭାରତକୁ ଗୌରବାନ୍ୱିତ କରିବା ଦଳର ମୁଖ୍ୟ ଫୋକସ୍ ରହିବ। ଆମେ ନୂଆ ଜର୍ସିକୁ ନେଇ ବେଶ୍ ଉତ୍ସାହିତ ଅଛୁ ଏବଂ ଏହା ଦଳ ପାଇଁ ଭାଗ୍ୟବାନ ହେବ ବୋଲି ଆଶା ରଖିଛୁ। ସମସ୍ତ ଭାରତୀୟ ହକି ପାଇଁ ହୃଦୟ ସ୍ପନ୍ଦନ ଦେବା ସହ ବିଶ୍ୱକପ୍‌କୁ ସମର୍ଥନ ଜଣାଇବାକୁ ମୁଁ ଅନୁରୋଧ କରୁଛି। ପ୍ରତିବଦଳରେ ଆମେ ଝାଳ ବୁହାଇ ଖେଳିବୁ ଏବଂ ବିଶ୍ୱକପ୍ ଜିତିବା ପାଇଁ ଚେଷ୍ଟା କରିବୁ" ବୋଲି ଭାରତୀୟ ଦଳର ଅଧିନାୟକ ପି.ଆର. ଶ୍ରୀଜେଶ ପ୍ରକାଶ କରିଛନ୍ତି। ଏହି ଇଭେଣ୍ଟରେ ହାର୍ଟ ବିଟ୍ ପାଇଁ ଉଦ୍ଦିଷ୍ଟ ହକି ଷ୍ଟିକ୍ ମାଧ୍ୟମରେ ଖେଳାଳି ଓ ଦର୍ଶକମାନେ ସେମାନଙ୍କ ହୃଦୟ ସ୍ପନ୍ଦନ ଦେବାକୁ ବେଶ୍ ଆଗ୍ରହ ପ୍ରକାଶ କରିଥିବା ପରିଲକ୍ଷିତ ହୋଇଥିଲା। ଜର୍ସି ଡିଜାଇନ୍ ସମ୍ପର୍କରେ ସୂଚନା ଦେବାକୁ ଯାଇ ନରେନ୍ଦ୍ର କହିଲେ ଯେ, ମୋତେ ଏହି କାର୍ଯ୍ୟ ସମ୍ପାଦନ ପାଇଁ ଦାୟିତ୍ୱ ଦିଆଯିବା ଏକ ସମ୍ମାନସ୍ୱରୂପ। ଜର୍ସି ଡିଜାଇନ୍‌ର ପ୍ରେରଣା ମୋତେ ଓଡ଼ିଶାରୁ ମିଳିଥିଲା। ଜର୍ସିରେ ସୂର୍ଯ୍ୟ ଏବଂ କୋଣାର୍କ ସୂର୍ଯ୍ୟମନ୍ଦିରର ଚକକୁ ସ୍ଥାନିତ କରାଯାଇଛି। ଓଡ଼ିଶା ଏପରି ଏକ ସ୍ଥାନ, ଯେଉଁଠି କି ଭାରତର ସୂର୍ଯ୍ୟ ଉଦୟ ହୁଏ। ତେଣୁ ସୂର୍ଯ୍ୟ ଉଦୟର ସଙ୍କେତ ଭାରତୀୟ ହକିର ଉତ୍‌ଥାନକୁ ଦର୍ଶାଉଛି। ଏହି କଲେକ୍ସନ ଭାରତୀୟ ଦଳକୁ ଉତ୍ସାହିତ କରିବାରେ ସହାୟକ ହେବ ବୋଲି ଆତ୍ମବିଶ୍ୱାସ ରହିଛି।

ଉତ୍ସବରେ ଉପସ୍ଥିତ ଓଡ଼ିଶା ରାଜ୍ୟ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ବିଶାଲ ଦେବ ହକି ବିଶ୍ୱକପ୍ ପାଇଁ ଗଣମାଧ୍ୟମର ସମର୍ଥନ ଲୋଡ଼ିଥିଲେ। ଓଡ଼ିଶାରେ ଅନେକଗୁଡ଼ିଏ ବଡ଼ ଇଭେଣ୍ଟ ଆୟୋଜନ ପାଇଁ ଯୋଜନା ରହିଛି। ସେଥିରୁ ପ୍ରଥମଟି ହେଉଛି ହକି ବିଶ୍ୱକପ୍। ସମସ୍ତେ ଓଡ଼ିଶା ଆସି ସେମାନଙ୍କର ହକି ଦଳକୁ ସମର୍ଥନ ଜଣାଇବାକୁ ସେ ନିବେଦନ କରିଥିଲେ। ଏହି ଅବସରରେ ବିଶାଲ ଅକ୍ଟୋବର ୧୪ରେ କଳିଙ୍ଗ ଷ୍ଟାଡିୟମ ଉଦ୍‌ଘାଟନ ଉତ୍ସବରେ ଯୋଗଦେବାକୁ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲେ।

"ଭୁବନେଶ୍ୱରରେ ହକି ବିଶ୍ୱକପ୍ ପୂର୍ବରୁ 'ହକି ପାଇଁ ହୃଦୟ ସ୍ପନ୍ଦନ' ଅଭିଯାନ ପାଇଁ ଓଡ଼ିଶା ସରକାର ଯେପରି ପଦକ୍ଷେପ ନେଇଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ଏହା ଆମ ହକି ଦଳକୁ ନିଶ୍ଚିତ ଉତ୍ସାହିତ କରିବ ବୋଲି ହକି ଇଣ୍ଡିଆ ମହାସଚିବ ମହମ୍ମଦ ମୁସ୍ତାକ ପ୍ରକାଶ କରିଛନ୍ତି।"

ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି। ଭାରତରେ ତୃତୀୟ ଥର ପାଇଁ ଏହା ଆୟୋଜନ ହେବ। ପୂର୍ବରୁ ୧୯୮୨ରେ ବମ୍ବେ ଓ ୨୦୧୦ରେ ନୂଆଦିଲ୍ଲୀରେ ଏହା ଅନୁଷ୍ଠିତ ହୋଇଥିଲା। ଆଗାମୀ ମେଗା ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ଲିଗ୍ ପର୍ଯ୍ୟାୟରେ ୧୨ ଦିନ ମଧ୍ୟରେ ପ୍ରତି ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିବାର ସୁଯୋଗ ପାଇବେ। ଶ୍ରେଷ୍ଠ ୪ଟି ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାବେଳେ ଅନ୍ୟ ୪ଟି ସ୍ଥାନ ପାଇଁ କ୍ରସ୍ ଓଭର ମ୍ୟାଚ୍ ହେବ। ଡିସେମ୍ବର ୧୦ ଓ ୧୧ ତାରିଖରେ କ୍ରସ୍ ଓଭର ମ୍ୟାଚ୍ ଖେଳାଯିବ। ୧୨ ଓ ୧୩ ତାରିଖରେ କ୍ୱାର୍ଟର ଫାଇନାଲ, ୧୫ରେ ସେମିଫାଇନାଲ ଏବଂ ୧୬ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ପୂର୍ବ ସଂସ୍କରଣ ୨୦୧୪ରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା।



ଶୁକ୍ରବାର ମୁମ୍ବାଇଠାରେ ଜର୍ସି ଉନ୍ମୋଚନ ଅବସରରେ ହକି କିମ୍ବଦନ୍ତୀଙ୍କ ସହ ଭାରତୀୟ ଦଳର ଖେଳାଳିମାନେ।

## କୋଚ୍ ଶ୍ରେଷ୍ଠ ମନସ୍ତତ୍ତ୍ୱବିତ୍: ହରେନ୍ଦ୍ର

ମୁମ୍ବାଇ, ୭।୯(ପି.ଟି.)

ଶେଷ ମୁହୂର୍ତ୍ତ ଗୋଲ ବରଣ ଭାରତୀୟ ହକି ଦଳ ପାଇଁ ସବୁବେଳେ ଚିନ୍ତାର କାରଣ ହୋଇ ରହିଆସିଛି। ମାତ୍ର ଏଥିପାଇଁ ଦଳ ଲାଗି ଜଣେ ମନସ୍ତତ୍ତ୍ୱବିତ୍ ନିଯୁକ୍ତି ପ୍ରସ୍ତାବକୁ ନାପସନ୍ଦ କରିଛନ୍ତି ପୁରୁଷ ହକି ଦଳର କୋଚ୍ ହରେନ୍ଦ୍ର ସିଂ। ଏହା ନକାରାତ୍ମକ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି। ନିକଟରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଭାରତୀୟ ଦଳ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। ସେମିଫାଇନାଲରେ ମାଲେସିଆଠାରୁ ଶୁଟ୍ ଆଉଟ୍‌ରେ ହାରିବା ପରେ ପ୍ଲେ-ଅଫ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ଏହି ପ୍ରଦର୍ଶନ ଭାରତକୁ କେବଳ ଏସିଆନ ଗେମ୍ସରେ କ୍ରମାଗତ ସ୍ୱର୍ଣ୍ଣ ପଦକ ହାସଲରୁ ଦୂରରେ ରଖି ନ ଥିଲା ବରଂ ସିଧାସଳଖ ଅଲିମ୍ପିକ୍ସ ଯୋଗ୍ୟତା ହାସଲରୁ ମଧ୍ୟ ବଞ୍ଚିତ କରିଥିଲା। ଚାପ ପରିସ୍ଥିତିରେ ସହାୟତା କରିବା ପାଇଁ ଦଳ ସହ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ଆବଶ୍ୟକ ଅଛି କି ବୋଲି ପ୍ରଶ୍ନକୁ ଖଣ୍ଡନ କରିଛନ୍ତି ହରେନ୍ଦ୍ର। "ଆତ୍ମବିଶ୍ୱାସ ବଢ଼ାଇବାକୁ ହେଲେ ଜଣେ ସାଧାରଣ ବ୍ୟକ୍ତିଠାରୁ ମଧ୍ୟ ପରାମର୍ଶ ନିଆଯାଇପାରିବ। ମନସ୍ତତ୍ତ୍ୱବିତ୍ ଶବ୍ଦ ଆପେ ନକାରାତ୍ମକ ଦିଗକୁ ସୂଚିତ କରୁଛି। ଖେଳାଳିମାନେ ଭାବିବେ ଯେ ଆମେ କିଛି ଭୁଲ କରୁଛୁ, ସେଥିପାଇଁ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବାକୁ ପଡୁଛି। ଯେକୌଣସି ଦଳ ପାଇଁ କୋଚ୍ ହେଉଛନ୍ତି ସବୁଠାରୁ ବଡ଼ ମନସ୍ତତ୍ତ୍ୱବିତ୍। ଯଦି ମୁଁ ମୋ ଖେଳାଳିଙ୍କୁ ମୋଟିଭେଟ୍ କରିପାରିବିନି ତେବେ ବିଶ୍ୱର କେହି ମଧ୍ୟ ପାରିବେ ନାହିଁ" ବୋଲି କହିଛନ୍ତି ହରେନ୍ଦ୍ର।

### ଇଣ୍ଡିଆ ବ୍ଲୁ ଚାମ୍ପିୟନ

ଡିଣ୍ଡିଗୁଲ(ତାମିଲନାଡୁ), ୭।୯(ପି.ଟି.)

ଫଏଜ ଫାଜଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲୁ ଏଥର ଦୁଲୀପ ଟ୍ରଫି ଟାଇଟଲ ହାସଲ କରିଛି। ସ୍ଥାନୀୟ ଏନ୍‌ପିଆର କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରେଡ୍ ଶନିବାର ଏକ ଇନିଂସ ଓ ୧୮୭ ରନରେ ରେଡ୍‌କୁ ପରାସ୍ତ କରିଛି। ପ୍ରଥମ ଇନିଂସରେ ୧୩୦ ରନର ଲଢୁଆ ଶତକୀୟ ପାଳି ଖେଳିଥିବା ବ୍ଲୁ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ନିଖିଲ ଗଙ୍ଗଟା ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଟସ୍ ଜିତି ବ୍ଲୁ ପ୍ରଥମେ ବ୍ୟାଟିଂ ୧୬୭.୩ ଓଭରରେ ୫୪୧ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ରେଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୯.୧ ଓଭରରେ ୧୮୨ ରନ କରି ଆଉଟ ହୋଇଥିଲା। ଫଳରେ ରେଡ ୩୫୯ ରନ ପଛରେ ପଡି ଫଲୋଅନ ହୋଇଥିଲା। ଫଲୋଅନ ହେବାପରେ ରେଡ ଦ୍ୱିତୀୟ ଇନିଂସ ଆରମ୍ଭକରି ଅନୁରୂପ ଢଙ୍ଗରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୮.୪ ଓଭରରେ ୧୭୧ ରନ କରି ଅଲଆଉଟ ହେବା ସହ ଇନିଂସ ପରାଜୟ ବରଣ କରିଥିଲା। ତୃତୀୟ ଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୨୮/୫ରୁ ଖେଳ ଆରମ୍ଭ କରିଥିଲା ଓ ବାକି ୫ ଉଇକେଟ ହରାଇ ଅଲଆଉଟ ହୋଇଥିଲା। ରେଡ ତରଫରୁ ଶୁକ୍ରବାର ଦ୍ୱିତୀୟ ଇନିଂସରେ ଅଧିନାୟକ ତଥା ଓପନର ଅଭିନବ ମୁକୁନ୍ଦ ସର୍ବାଧିକ ୪୬, ବଭନାକ ସନ୍ଦୀପ ୨୨ ରନ କରି ଆଉଟ ହୋଇଥିଲେ। ବ୍ଲୁ ତରଫରୁ ବୋଲିଂରେ ଦୀପକ ହୁଡା ଓ ସୌରଭ କୁମାର ୫ଟି ଲେଖାଏ ଉଇକେଟ ହାସଲ କରିଥିଲେ। ପ୍ରଥମ ଇନିଂସରେ ବ୍ଲୁ ବୋଲର ସ୍ୱପ୍ନୀଲ ସିଂ ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ। ରେଡ ତରଫରୁ ସନ୍ଦୀପ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର:**
ଇଣ୍ଡିଆ ବ୍ଲ୍ୟୁ ପ୍ରଥମ ଇନିଂସ: ୫୪୧ ଅଲଆଉଟ୍।
ଇଣ୍ଡିଆ ରେଡ ପ୍ରଥମ ଇନିଂସ: ୧୮୨ ଅଲଆଉଟ୍।
ଇଣ୍ଡିଆ ରେଡ ଦ୍ୱିତୀୟ ଇନିଂସ (ଫଲୋଅନ୍): ୩୮.୪ ଓଭରରେ ୧୭୨ ଆଉଟ (ମୁକୁନ୍ଦ- ୪୬, ଇଶାନ- ୩୦, ସନ୍ଦୀପ- ୨୨, ସୌରଭ- ୫/୫୧, ହୁଡା- ୫/୫୬)।




ଶୁକ୍ରବାର ପିଏନ୍‌ଭି ଫାଉଣ୍ଡେଶନ ପକ୍ଷରୁ କବୀର ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■ ରମାଦେବୀ ଅଲ୍ ଓଡ଼ିଶା ମହିଳା ଚେସ୍ ଉଦ୍‌ଯାପିତ

# ଶ୍ରଦ୍ଧାଞ୍ଜଳି ଚାମ୍ପିୟନ, ବିଜୟଲକ୍ଷ୍ମୀ ରନର୍ସଅପ୍

ଭୁବନେଶ୍ୱର, ୭।୯(କ୍ରୀଡ଼ା ପ୍ରତିନିଧି)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ମହିଳା ଚେସ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଟପ୍ ସିଡ୍ କଟକର ଶ୍ରଦ୍ଧାଞ୍ଜଳି ଜେନା ୬.୫ ପଏଣ୍ଟ ସହିତ ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧାର ବିଜୟଲକ୍ଷ୍ମୀ ବାରିକ ୬ ଓ ଶୂନ୍ୟସକ୍ତା ଶତପଥୀ ୫.୫ ପଏଣ୍ଟ ସହିତ ଯଥାକ୍ରମେ ରନର୍ସଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ତିନି ଖେଳାଳି ଟ୍ରଫି ସହିତ ଯଥାକ୍ରମେ ୫,୦୦୦, ୪,୦୦୦ ଓ ୩,୦୦୦ ଟଙ୍କା ପୁରସ୍କାର ଆକାରରେ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶୋଭନା ସୋନାଲି ଜେନା, ମୀରାକଲ୍ ପଣ୍ଡା, ସ୍ନେହଯୁକ୍ତା ବେହେରା, ରଶ୍ମିତା କୁମାରୀ ପାତ୍ରୋ, କୃଷ୍ଣା ମିଶ୍ର, କ୍ରିଷ୍ଣା ଅର୍ପିତା, ଯଶିତା ରାଉତ, ଶ୍ରଦ୍ଧା ସୁମନ ଜେନା, ସୁହାନା ଜେନା, ଋତୁସ୍ମିତା ବିଶ୍ୱାଳ, ପି. ସାଇରୂପା ଓ ସାଇ ସମ୍ବର୍ଦ୍ଧା ମହାନ୍ତି ପ୍ରଥମ ୧୫ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ମୁଖ୍ୟ ପୁରସ୍କାର ବ୍ୟତୀତ ୬, ୭, ୯ ଓ ୧୧ ବର୍ଷରୁ କମ୍ ବୟସ ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଏବଂ ୧୩ ଓ ୧୫ ବର୍ଷରୁ କମ୍ ଜଣେ ଲେଖାଏ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପଦ୍ମଜା ମିଶ୍ର ମୁଖ୍ୟଅତିଥି ଏବଂ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେଟେରାନ ଚେସ୍ ଖେଳାଳି ଡ. ସତ୍ୟବ୍ରତ ମହାପାତ୍ର, ଓଡ଼ିଶା ଚେସ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ଭବେଶ ମହାନ୍ତି, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାରମ୍ୟାନ ଡ. ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ନିର୍ଦ୍ଦେଶକ ଚଣ୍ଡୀ ଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।




ରମାଦେବୀ ଅଲ ଓଡ଼ିଶା ମହିଳା ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ସହରେ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୮/୨୦୧୮ Bhubaneswar, Saturday, September 8/ 2018

### ରେଭେନ୍ସା ବିଶ୍ୱବିଦ୍ୟାଳୟ-ଓଏସ୍ଓୟୁ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର

# ଅକ୍ଟୋବରରୁ ୫ ନୂତନ ପାଠ୍ୟକ୍ରମ

**କଟକ ଅଫିସ, ୭।୯**

ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍ଓୟୁ) ମଧ୍ୟରେ ୫ଟି ନୂତନ ପାଠ୍ୟକ୍ରମ ଖୋଲାଯିବା ନେଇ ଶୁକ୍ରବାର ଏକ ବୁଝାମଣା ପତ୍ର(ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ଶଫ୍ଟ ସ୍କିଲ, ଲିଡରଶିପ ଡେଭଲପମେଣ୍ଟ, ଇଣ୍ଟରପ୍ରିନ୍ୟୁସିପ୍ ଡେଭଲପମେଣ୍ଟ, କମ୍ୟୁନେଟିଭ ଇଂଲିଶ ସ୍କିଲ ଓ ଆଇଟିସ୍କିଲ ଭାବେ ନୂତନ ପାଠ୍ୟକ୍ରମ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେବ। ଏ ନେଇ ଅନଲାଇନ ଜରିଆରେ ଆବେଦନ ପ୍ରକ୍ରିୟା ଉପଲବ୍ଧ ହେବ ବୋଲି ଶୁକ୍ରବାର ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଘୋଷଣା କରାଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଓ ଓଏସ୍ଓୟୁ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ଏହି ପତ୍ର ସ୍ୱାକ୍ଷର ହୋଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଓଏସ୍ଓୟୁ ଦ୍ୱାରା ଏମ୍ଓୟୁ ସ୍ୱାକ୍ଷର ସରିଥିବାବେଳେ ଖୁବଶୀଘ୍ର ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟ ସହ ସ୍ୱାକ୍ଷର କରାଯିବ। ରେଭେନ୍ସା ପରେ ଭୁବନେଶ୍ୱରର ଓୟୁଏଟି ଓ ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସହ ଏମ୍ଓୟୁ ସ୍ୱାକ୍ଷର କରାଯିବା ଯୋଜନା ଆଗେଇଛି ବୋଲି ବୈଠକରେ କୁହାଯାଇଥିଲା।



ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସ୍ୱାକ୍ଷରିତ ହୋଇଥିବା ଏମ୍ଓୟୁ।

୫ଟି ନୂତନ ପାଠ୍ୟକ୍ରମ ଅକ୍ଟୋବର ମାସରୁ ଆରମ୍ଭ ହେବାକୁ ଥିବାବେଳେ ନାମଲେଖା ଫି’ ୫୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ୩ମାସ ମଧ୍ୟରେ ପାଠ୍ୟକ୍ରମ ଶେଷ ହେବ। ପ୍ରତ୍ୟେକ ରବିବାରରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ କ୍ଲାସ ହେବ। ପାଠ୍ୟପୁସ୍ତକ ଓଏସ୍ଓୟୁ ପକ୍ଷରୁ ଯୋଗାଇ ଦିଆଯିବ । ରେଭେନ୍ସାର ଅଧ୍ୟାପକମାନେ ଅଧ୍ୟାପନା କ୍ଷେତ୍ରରେ ସହାୟତା କରିବେ। ଆବଶ୍ୟକ ସ୍ଥଳେ ଓଏସ୍ଓୟରୁ କାଉନସେଲରମାନେ ଆସି ଶିକ୍ଷାଦାନ କରିବେ। ଏତଦ୍‌ବ୍ୟତୀତ ଅନଲାଇନରେ ପାଠପଢା ସମ୍ପର୍କିତ ମ୍ୟାଟେରିଆଲ ମଧ୍ୟ ଉପଲବ୍ଧ କରାଯିବ ବୋଲି ବୈଠକରେ କୁହାଯାଇଛି। ବିଶେଷକରି ବିଶ୍ୱବିଦ୍ୟାଳୟଗୁଡିକରେ ପ୍ରଦାନ କରାଯାଉଥିବା ଶିକ୍ଷାଦାନଠାରୁ ଏହା ଭିନ୍ନ ହୋଇଥିବାବେଳେ ଯେ କୌଣସି ବୟସ ବର୍ଗର ଇଚ୍ଛୁକ ବିଦ୍ୟାର୍ଥୀ ନାମ ଲେଖାଇ ପାରିବେ। ସିଟ୍ ସଂଖ୍ୟା ଧାର୍ଯ୍ୟ କରାଯାଇନାହିଁ, ନିର୍ଦ୍ଧାରିତ ନାମଲେଖା ତାରିଖ ମଧ୍ୟରେ ଯେତେ ସଂଖ୍ୟକ ଆବେଦନକାରୀ ରହିବେ ସମସ୍ତେ ଏହି ଶିକ୍ଷାଦାନର ଲାଭ ପାଇପାରିବେ ବୋଲି ବୈଠକରେ କୁହାଯାଇଛି। ଅନ୍ୟପକ୍ଷରେ କୌଣସି ଗରିବ ଶ୍ରେଣୀର ବିଦ୍ୟାର୍ଥୀ ନାମ ଲେଖାଇବାକୁ ଇଚ୍ଛା ପ୍ରକଟ କଲେ ତାଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ପଢ଼ିବାର ସୁଯୋଗ ଦିଆଯିବ। ସେ ପାଠପଢ଼ି ସ୍ୱାବଲମ୍ବୀ ହେଲେ ପାଠପଢ଼ା ଫି’ ପ୍ରଦାନ କରିପାରିବେ ବୋଲି ମଧ୍ୟ କୁହାଯାଇଥିଲା। ଏ ସମ୍ପର୍କରେ ଓଏସ୍ଓୟୁର କୁଳପତି ଡ. ମହାପାତ୍ର କୁହନ୍ତି, ଏଠାରେ ସାଧାରଣ ପାଠପଢ଼ା ବହିର୍ଭୂତ ଜ୍ଞାନ ପ୍ରଦାନ କରାଯିବ। ସାଧାରଣ ଛାତ୍ରୀଛାତ୍ର ନିଜକୁ ଦକ୍ଷ କରିବା ଦିଗରେ ଏଠାରେ ସୁଯୋଗ ପାଇପାରିବେ। ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପାତ୍ର କୁହନ୍ତି, ବିଦ୍ୟାର୍ଥୀଙ୍କ ନିମନ୍ତେ ପାଠପଢ଼ିବାର ନୂତନ ଦିଗ ଖୋଲିବ। ଏହାକୁ ସଫଳ କରାଯିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚେଷ୍ଟା କରିବେ। ବୈଠକରେ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳସଚିବ ମହେଶ୍ୱର ଅଗସ୍ତି, ଓଏସ୍ଓୟୁ କୁଳସଚିବ ଜୟନ୍ତ କର ଶର୍ମା, ବରିଷ୍ଠ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଡ. ଅଂଶୁମାନ ଜେନା, ରେଭେନ୍ସା ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଡ. କିଶୋର ଦାସ, ରୀତା ପାଇକରାୟ ଓ ଡ. ପଦନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଲମ୍ବାସୁରକୁ ବଧ କଲେ ବଡ଼ଠାକୁର

**ପୁରୀ ଅଫିସ, ୭।୯**



ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପ୍ରଲମ୍ବାସୁର ବଧ ବେଶ।

ଦ୍ୱାପର ଯୁଗର କଥା। ଭଗବାନ ଶ୍ରୀକୃଷ୍ଣ ବ୍ରଜ ମଣ୍ଡଳରେ ଲୀଳା କରିବା ସମୟରେ କଂସ ତାଙ୍କୁ ମାରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ। ବକାସୁର, ଅର୍ଘାସୁର, ଧେନୁକାସୁରଙ୍କୁ କୃଷ୍ଣ ଓ ବଳରାମ ବଧ କରିଥିଲେ। ତେଣୁ କୃଷ୍ଣ, ବଳରାମଙ୍କୁ ମାରିବା ନିମନ୍ତେ କଂସ ମହାରାଜ ମାୟାବୀ ପ୍ରଲମ୍ବାସୁରକୁ ପ୍ରେରଣ କରିଥିଲେ। ପ୍ରଲମ୍ବା ଗୋପାଳ ବାଳକ ବେଶରେ ଗୋପପୁରକୁ ଆସି ବାଳୁତ ଶ୍ରୀକୃଷ୍ଣ, ବଳରାମଙ୍କ ସହିତ କ୍ରୀଡ଼ା କରିଥିଲେ। ସର୍ତ୍ତ ରହିଥିଲା, ଯିଏ ହାରିବ ସିଏ ବିଜେତାଙ୍କୁ କାନ୍ଧରେ ବସାଇ ଗ୍ରାମ ଶେଷରେ ଥିବା ଭାଣ୍ଡିରବର୍ତ୍ତ(ବରଗଛ) ପର୍ଯ୍ୟନ୍ତ ବୁଲାଇବ। ମାୟାବୀ ପ୍ରଲମ୍ବା ଜାଣିଶୁଣି ବଳରାମଙ୍କଠାରୁ ହାରିଯାଇଥିଲା। ସର୍ତ୍ତ ଅନୁଯାୟୀ, ବଳରାମ ପ୍ରଲମ୍ବାର କାନ୍ଧରେ ବସି ଗ୍ରାମ ବୁଲିଥିଲେ। ଏହି ସମୟରେ ପ୍ରଲମ୍ବା ବାଳକ ବେଶ ପରିତ୍ୟାଗ କରି ଅସୁର ବେଶରେ ଆକାଶ ମାର୍ଗକୁ ଗତି କରିଥିଲା। ପ୍ରଲମ୍ବାର ମାୟା ଜାଣିପାରି ବଳରାମ ମୁଷ୍ଟି ପ୍ରହାର କରି ଆକାଶ ମାର୍ଗରୁ ପ୍ରଲମ୍ବାକୁ ଖସାଇ ଦେଇଥିଲେ। ଭୂଇଁରେ ପଡ଼ି ପ୍ରଲମ୍ବାର ମୃତ୍ୟୁ ହୋଇଥିଲା। ଏହି ସ୍ମୃତିକୁ ବହନ କରି ଷୋଡ଼ଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳାରେ ପ୍ରଲମ୍ବାସୁର ବଧ ଏବଂ ରତ୍ନବେଦିରେ ବିଜେ ଠାକୁରଙ୍କ ପ୍ରଲମ୍ବାସୁର ବଧ ବେଶ ଅନୁଷ୍ଠିତ ହେଉଛି ବୋଲି ମତ ଦେଇଛନ୍ତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ।

ଶୁକ୍ରବାର ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଏହି ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ବଡ଼ବାଡ଼ରେ ପ୍ରଲମ୍ବାସୁର ବଧ ବେଶ ହୋଇଥିଲା। ପ୍ରଲମ୍ବାସୁର କାନ୍ଧରେ ଶ୍ରୀବଳଭଦ୍ର ଦୁଇଗୋଡ଼ ସ୍ଥାପନ କରି ବସିଥିଲେ। ଗୋଟିଏ ଭୁଜ ପ୍ରଲମ୍ବା କାନ୍ଧ ଉପରେ ଅନ୍ୟଟି ବାହୁ ଉପରେ ରହିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଦଣ୍ଡାୟମାନ ଅବସ୍ଥାରେ ରହିଥାନ୍ତି।



**ଦୋଳମଣ୍ଡପ ସାହିରୁ ବାହାରିଲା ପ୍ରଲମ୍ବାସୁର**

ପରମ୍ପରା ଅନୁଯାୟୀ, ଦୋଳମଣ୍ଡପ ସାହିରୁ ବାହାରିଥିବା ପ୍ରଲମ୍ବାସୁର ଜଗମୋହନକୁ ଯାଇଥିଲେ। ସେଠାରେ ସାଥିରେ ଆସିଥିବା ରାମ, କୃଷ୍ଣ ବେଶଧାରୀ ଦୁଇ ବାଳକ ପ୍ରଲମ୍ବାସୁର ସହିତ ଯୁଦ୍ଧ କରିଥିଲେ। ଶେଷରେ ପ୍ରଲମ୍ବାସୁରକୁ ବଳରାମ ବଧ କରିଥିଲେ। ପ୍ରଲମ୍ବାସୁର ବେଶରେ ଲକ୍ଷ୍ମୀନାରାୟଣ ମହାନ୍ତି, ବଳରାମ ବେଶରେ ଓଁକାରେଶ୍ୱର ସାମନ୍ତରାୟ ଏବଂ କୃଷ୍ଣ ବେଶରେ ପ୍ରକାଶ ମହାପାତ୍ର ନୀତି ସମ୍ପାଦନ କରିଥିଲେ।

# ପଦ୍ମଭୂଷଣ ଚଣ୍ଡିପ୍ରସାଦ ପାଇବେ ଗାନ୍ଧୀ ବିନୋବା ଶାନ୍ତି ପୁରସ୍କାର

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ଆସନ୍ତା ସେପ୍ଟେମ୍ବର ୧୧ତାରିଖରେ ଭୂଦାନ ଆନ୍ଦୋଳନର ପୁରୋଧା ଭାରତରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୪ତମ ଜୟନ୍ତୀ। ଏହି ଅବସରରେ ବିନୋବା ସେବା ପ୍ରତିଷ୍ଠାନ ପକ୍ଷରୁ ଗାନ୍ଧୀ ସ୍ମୃତି ଦର୍ଶନ ସମିତି ଓ ଗାନ୍ଧୀ ଗ୍ଲୋବାଲ ଫାଉଣ୍ଡେଶନ, ନୂଆଦିଲ୍ଲୀ ସହଯୋଗରେ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଉତ୍ତରାଖଣ୍ଡର ବିଶିଷ୍ଟ ଗାନ୍ଧିବାଦୀ, ପରିବେଶବିତ୍ ତଥା ଚିପ୍‌କୋ ଆନ୍ଦୋଳନର ପୁରୋଧା ପଦ୍ମଭୂଷଣ ଚଣ୍ଡି ପ୍ରସାଦ ଭଟ୍ଟଙ୍କୁ ୨୦୧୮ ପାଇଁ ଗାନ୍ଧୀ ବିନୋବା ଶାନ୍ତି ପୁରସ୍କାର ପ୍ରଦାନ କରାଯିବ ବୋଲି ଶୁକ୍ରବାର ବୁଦ୍ଧମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିନୋବା ସେବା ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ମନୋଜ ଜେନା ଘୋଷଣା କରିଛନ୍ତି। ଅକ୍ଟୋବର ୨ରୁ ସାରା ବିଶ୍ୱ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ସାମାଜିକ ଓ ରଚନାତ୍ମକ କାର୍ଯ୍ୟରେ ଉତ୍ସର୍ଗୀକୃତ ବିଭିନ୍ନ ଗାନ୍ଧିବାଦୀ ଓ ସାମାଜିକ ଅନୁଷ୍ଠାନମାନଙ୍କ ମିଳିତ ପ୍ରୟାସରେ ଏକବର୍ଷବ୍ୟାପୀ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି ଯାହା ଚଳିତବର୍ଷ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ। ବର୍ଷବ୍ୟାପୀ କାର୍ଯ୍ୟକ୍ରମ ମଧ୍ୟରେ ଗାନ୍ଧୀ ଜ୍ୟୋତି ଯାତ୍ରା, କସ୍ତୁରବା ମହିଳା ସମ୍ମିଳନୀ, ଗାନ୍ଧୀ ଯୁବ ଶିବିର, ଗାନ୍ଧୀ ସାହିତ୍ୟ ଉତ୍ସବ, ଗାନ୍ଧୀ ଶିଶୁ ମହୋତ୍ସବ, ପରିବେଶ ଓ ଗାନ୍ଧୀ ସମ୍ମିଳନୀ, ଗାନ୍ଧୀ ଶାନ୍ତି ପଦଯାତ୍ରା, ଗାନ୍ଧୀ ସାଇକେଲ ଯାତ୍ରା, ଆନ୍ତର୍ଜାତୀୟ ଗାନ୍ଧୀ ସମ୍ମିଳନୀ ଇତ୍ୟାଦି ଆୟୋଜନ କରିବାକୁ ସ୍ଥିରୀକୃତ କରାଯାଇଛି ବୋଲି ଗାନ୍ଧୀ ୧୫୦ଜୟନ୍ତୀ କମିଟିର ଜାତୀୟ ଆବାହକ ତଥା ବିନୋବା ସେବା ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ମନୋଜ ଜେନା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଗାନ୍ଧିବାଦୀ ଫୋରମ୍‌ର ଅଧ୍ୟକ୍ଷା ଡ. ରୀନା ରାଉତରାୟ, ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ଆବାହକ ମଧୁସୂଦନ ଦାସ, ଗାନ୍ଧୀ ୧୫୦ର ରାଜ୍ୟ ଆବାହକ ନୀରଦ ବରଣ ଖୁଣ୍ଟିଆ, ରବନ୍ଦ୍ର କୁମାର କର, ଦିଲୀପ ସାବତ, ରବୀନ୍ଦ୍ର ମହାପାତ୍ର, ବିଭୁପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ୧୭ ଥାନା ଅଧିକାରୀଙ୍କୁ ଜିଲାୱାରି ବଦଳି

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ଓଡ଼ିଶା ପୋଲିସରେ କାର୍ଯ୍ୟ କରୁଥିବା ୧୭ ଥାନା ଅଧିକାରୀଙ୍କୁ ଶୁକ୍ରବାର ଜିଲାୱାରି ବଦଳି କରାଯାଇଛି। ସେମାନଙ୍କୁ ତୁରନ୍ତ ନୂତନ ସ୍ଥାନରେ ଯୋଗଦେବା ପାଇଁ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲାରେ କାର୍ଯ୍ୟ କରୁଥିବା ଦେବାଶିଷ ମିଶ୍ରଙ୍କୁ କେନ୍ଦ୍ରାପଡ଼ା, ଗିରିଜା ନନ୍ଦନ ପଟ୍ଟନାୟକ ଓ ଜୟଦୀପ ମହାନ୍ତିଙ୍କୁ ନୟାଗଡ, ବିଶ୍ୱରଞ୍ଜନ ସେନାପତିଙ୍କୁ ଯାଜପୁର ଏବଂ ପ୍ରଣତୀ ପଟ୍ଟନାୟକଙ୍କୁ କେନ୍ଦ୍ରାପଡା ଜିଲାକୁ ବଦଳି କରାଯାଇଛି। ଖୋର୍ଦ୍ଧା ଜିଲାରେ କାର୍ଯ୍ୟ କରୁଥିବା ଲକ୍ଷ୍ମଣ ଦଣ୍ଡସେନାଙ୍କୁ କଟକ, କଟକ ଜିଲାରେ କାର୍ଯ୍ୟରତ ଶ୍ରବଣ କୁମାର ମହାରଣାଙ୍କୁ ପୁରୀ, କଟକରେ ଥିବା ତପନ କୁମାର ରାଉତଙ୍କୁ ଯାଜପୁର ଓ ପ୍ରଦ୍ୟୁମ୍ନ କିଶୋର ବେହେରାଙ୍କୁ ଜଗତ୍‌ସିଂହପୁର ବଦଳି ହୋଇଛି। ସେହିଭଳି ଯାଜପୁରରେ ଥିବା ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ନୟାଗଡ଼ ଓ ଯୁବରାଜ ସ୍ୱାଇଁଙ୍କୁ ପୁରୀ, ଜଗତ୍‌ସିଂହପୁର ଜିଲାରେ ଥିବା ରଞ୍ଜନ କୁମାର ମଲିକ୍‌ଙ୍କୁ କଟକ, ଚିନ୍ମୟ ରାଉତଙ୍କୁ ପୁରୀ ବଦଳି କରାଯାଇଛି। କେନ୍ଦ୍ରାପଡା ଜିଲାରେ ଥିବା ସୁକାନ୍ତ କୁମାର ପାତ୍ରଙ୍କୁ ପୁରୀ ଜିଲାକୁ, କେନ୍ଦ୍ରାପଡାରେ ଥିବା ନିରୋଦ ମହାନ୍ତିଙ୍କୁ କଟକ, ନୟାଗଡରେ ଥିବା ରଶ୍ମିରଞ୍ଜନ ପଟ୍ଟନାୟକଙ୍କୁ ପୁରୀ ଓ ସରୋଜ କୁମାର ସାହୁଙ୍କୁ ଯାଜପୁରକୁ ବଦଳି କରାଯାଇଛି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ସାଲେପୁର,୭।୯(ଡି.ଏନ.ଏ.):** ସାଲେପୁର ବ୍ଲକ ମହଣ ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ତପନ ପାତ୍ର ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଦୁର୍ଘଟଣାର ପ୍ରାୟ ୨୨ଦିନ ପରେ ଗୁରୁବାର ରାତିରେ ତାଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ତପନ ଜଣେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟକରି ପରିବାର ଚଳାଉଥିଲେ। ସେ କାର୍ଯ୍ୟ କରିବା ପାଇଁ ଯାଉଥିବା ବେଳେ ଶିଶୁଆ-ଜପକୁଦ ରାସ୍ତାର କନକଚୌରା ପୀଠ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତପନଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଯୁବନେତା ମନୋଜ ବିଶ୍ୱାଳଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

### ଚୋରି ଘଟଣାରେ ୩ କୋର୍ଟଚାଲାଣ

**ସାଲେପୁର,୭।୯(ଡି.ଏନ.ଏ.):** ସାଲେପୁର ଥାନା ପୋଲିସ ଏକ ଚୋରି ଘଟଣାରେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନାନ୍ଦୋଳ ପଞ୍ଚାୟତର ଟିକମ ପ୍ରଧାନ, ବେଣୁଆ ପ୍ରଧାନ ଓ ରମେଶ ସାମଲ। ସୂଚନା ଅନୁସାରେ, ନାନ୍ଦୋଳ ପଞ୍ଚାୟତ ଭାତପଡ଼ା ଗ୍ରାମର ଧରଣୀଧର ଗୁରୁଙ୍କ ଘରୁ ଗତ ସୋମବାର ରାତିରେ ଚୋରି ହୋଇଥିଲା। ଏ ନେଇ ଧରଣୀଧର ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ-୨୦୯/୧୮) ରୁଜୁ କରିଥିଲା। ପରେ ଘଟଣାରେ ସମ୍ପୃକ୍ତ ଥିବା ଉକ୍ତ ୩ ଜଣଙ୍କୁ ଗିରଫ କରିଥିଲା।

### କିଡ୍‌ନୀ ରୋଗରେ ଆକ୍ରାନ୍ତଙ୍କ ମୃତ୍ୟୁ

**ନରସିଂହପୁର,୭।୯(ସ୍ୱ.ପ୍ର.):** ନରସିଂହପୁର ବ୍ଲକ ଅଞ୍ଚଳରେ କିଡ୍‌ନୀ ରୋଗ ଜନିତ ମୃତ୍ୟୁ ବଢ଼ିବାରେ ଲାଗିଥିବାବେଳେ ଶୁକ୍ରବାର ପୁଣି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସରଧାପୁର ପଞ୍ଚାୟତ ଅଧୀନ ଜଗନ୍ନାଥପ୍ରସାଦ ପାଟଣା ଗ୍ରାମର ଦୁର୍ଯ୍ୟୋଧନ ସାହୁ(୫୫)। ସେ ଦୀର୍ଘଦିନ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

### ହୃଦ୍‌ଘାତରେ ବୃଦ୍ଧ ମୃତ

**ନରସିଂହପୁର,୭।୯(ସ୍ୱ.ପ୍ର.):** ନରସିଂହପୁର ବ୍ଲକ ନୂଆପଡ଼ା ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ସଦାନନ୍ଦ ମହାରଣା (୭୦)ଙ୍କ ଶୁକ୍ରବାର ହୃଦ୍‌ଘାତ ଜନିତ ମୃତ୍ୟୁ ଘଟିଛି। ଭୋର ୫ଟାରେ ସଦାନନ୍ଦ ଫୁଲ ତୋଳିବାକୁ ଯାଉଥିବାବେଳେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନରସିଂହପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବ୍ଲକସ୍ତରୀୟ ପୁଷ୍ଟି ସପ୍ତାହ ପାଳିତ




**ମାହାଙ୍ଗା,୭।୯(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ପୁଷ୍ଟି ସପ୍ତାହ ବ୍ଲକ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ମା', ଶିଶୁ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସଚେତନ କରାଯାଇଥିଲା। ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଡିଓ ସୁବୋଧଚନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ଜନସ୍ୱାସ୍ଥ୍ୟ ଶିକ୍ଷା ସମ୍ପ୍ରସାରଣ ଅଧିକାରୀ ସୁଧାଂଶୁ କୁମାର ଦାସ ଓ ପରିଦର୍ଶିକା ଭାଗ୍ୟଲତା ସାବତ ପ୍ରମୁଖ ଯୋଗଦେଇ ପୁଷ୍ଟିକର ଖାଦ୍ୟ ଉପରେ ଆଲୋଚନା କରିଥିଲେ। ପରେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଓ କିଶୋରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏହାପରେ କୃତୀ ପ୍ରତିଯୋଗୀ ଏବଂ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀରେ କୃତିତ୍ୱ ଅର୍ଜନ କରିଥିବା କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା।

## ■ ଅପ୍‌ଡେଟ୍ ହେଉନି ବାଙ୍କୀ ମହାବିଦ୍ୟାଳୟ ୱେବ୍‌ସାଇଟ୍

# ମିଳୁନି ସବିଶେଷ ତଥ୍ୟ

**ବାଙ୍କୀ,୭।୯(ସ୍ୱ.ପ୍ର.)**



■ ଅନେକ ଅବସର କର୍ମଚାରୀଙ୍କ ନାମ ରହିଛି
■ ସେଲ୍ଫ ପାଇନାନ୍ସ ବିଭାଗ ସମ୍ପର୍କିତ ତଥ୍ୟ ନାହିଁ
■ ଏକ୍‌ଜାମ୍ ନୋଟିସ୍‌ରେ ୨୦୧୫-୧୬ ବ୍ୟାଚର ସେକେଣ୍ଡ୍ ଓ ଫୋର୍ଥ ସେମିଷ୍ଟର ରେଜଲ୍ଟ ରହିଛି

୧୯୬୧ମସିହାରେ ବାଙ୍କୀବାସୀଙ୍କ ଉଦ୍ୟମରେ ବାଙ୍କୀ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ୨୦୦୫ରେ ଏହା ସ୍ୱୟଂଶାସିତ ମାନ୍ୟତା ପାଇଥିଲା। ଫଳରେ ମହାବିଦ୍ୟାଳୟ ଉନ୍ନତି ପାଇଁ ୟୁଜିସି ପକ୍ଷରୁ କୋଟିକୋଟି ଟଙ୍କା ଅନୁଦାନ ଆସୁଛି। ହେଲେ ମହାବିଦ୍ୟାଳୟର ଉନ୍ନୟନ କାର୍ଯ୍ୟରେ ଏହି ଟଙ୍କା ଲାଗୁଛି କି ନାହିଁ ତାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଦୀର୍ଘଦିନ ହେବ ମହାବିଦ୍ୟାଳୟର ୱେବ୍‌ସାଇଟ୍ ଅପ୍‌ଡେଟ୍ ହୋଇନାହିଁ। ୱେବ୍‌ସାଇଟ୍ ମାଧ୍ୟମରେ ମହାବିଦ୍ୟାଳୟର ଟିକିନିଖି ଖବର ସହିତ ବିଭିନ୍ନ ବିଭାଗର ସୁବିଧା, ଅନ୍ୟାନ୍ୟ ସୂଚନା ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଅବଗତି ନିମନ୍ତେ ରଖାଯାଇଛି। କିନ୍ତୁ ବର୍ତ୍ତମାନ ତାହା ଅପଡେଟ୍ ହେଉ ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ସେସବୁ ତଥ୍ୟ ପାଉନାହାନ୍ତି।

ପ୍ରକାଶଯୋଗ୍ୟ, ୱେବ୍‌ସାଇଟ୍‌ରେ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟଙ୍କ ନାମ ନାହିଁ। ସେହିପରି ଅନେକ ବିଭାଗର ସୂଚନା ମଧ୍ୟ ଦିଆଯାଇ ନାହିଁ। ଆକାଉଣ୍ଟ୍ ସେକଶନ୍‌ରେ ଅଧିକାରୀଙ୍କ ଫଟୋ ଦିଆଯାଇଥିବାବେଳେ ଏଷ୍ଟାବ୍ଲିଶ୍‌ମେଣ୍ଟ୍ ବିଭାଗରେ ପୂର୍ବତନ ମୁଖ୍ୟ କିରାଣିଙ୍କ ଫଟୋ ସ୍ଥାନିତ ହୋଇଛି। ବହୁଦିନତଳେ କିରାଣି ଜଣଙ୍କ ଅବସର ନେଇଥିଲେ ମଧ୍ୟ ୱେବ୍‌ସାଇଟ୍‌ରୁ ତାଙ୍କୁ ହଟା ଯାଇନାହିଁ। ମହାବିଦ୍ୟାଳୟ ୱେବ୍‌ସାଇଟ୍ ଅନୁଯାୟୀ ସେମିନାର/ସିମ୍ପୋଜିୟମ୍/କନ୍‌ଫରେନ୍ସ/କର୍ମଶାଳା ତଥ୍ୟ ସମ୍ପର୍କରେ ସୂଚନା ନ ଥିବା ଦର୍ଶାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷଭାବେ ମୁଖ୍ୟ ପୃଷ୍ଠାରେ ଡ. ବାବାଜୀ ଚରଣ ଶତପଥୀଙ୍କ ନାମ ସ୍ଥାନିତ ହୋଇଥିବାବେଳେ ଭିତର ପୃଷ୍ଠାରେ ଡ. ଅମରେନ୍ଦ୍ର ମିଶ୍ରଙ୍କୁ ଅଧ୍ୟକ୍ଷ ଏବଂ ଏକ ବିଭାଗର ମୁଖ୍ୟରୂପେ ଦର୍ଶାଯାଇଛି। ସେହିପରି ସୂଚନା ଅଧିକାର ପାଇବା ପାଇଁ ବିଭିନ୍ନ କାର୍ଯ୍ୟାଳୟରେ ଜନସୂଚନା ଅଧିକାରୀ ରହିଥିବାବେଳେ ମହାବିଦ୍ୟାଳୟର ଏହି ଅଧିକାରୀ ମନୋରମା ସାମନ୍ତ ଓ ଲକ୍ଷ୍ମୀକାନ୍ତ ଦାଶ ରହିଛନ୍ତି। ତତ୍‌ସହିତ ପ୍ରଥମ ଅପିଲ୍ ଅଧିକାରୀ ମେଜର୍ ଦେବାଶିଷ ଦାସ୍ ଅଧ୍ୟକ୍ଷ ବାଙ୍କୀ ମହାବିଦ୍ୟାଳୟ ବୋଲି ଦର୍ଶାଯାଇଛି। ହେଲେ ଦୀର୍ଘବର୍ଷ ଧରି ଏହି ଅଧିକାରୀମାନେ ମହାବିଦ୍ୟାଳୟରୁ ଅବସର ନେଇଛନ୍ତି। ତେବେ ସେମାନଙ୍କ ନାମ ୱେବ୍‌ସାଇଟ୍‌ରେ ରହିବା କେତେ ଦୂର ସମୀଚୀନ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ମହାବିଦ୍ୟାଳୟରେ ସେଲ୍ଫ ପାଇନାନ୍ସ ବିଭାଗ ଖୋଲିଥିଲେ ମଧ୍ୟ ୱେବ୍‌ସାଇଟ୍‌ରେ ସେ ସମ୍ପର୍କିତ ତଥ୍ୟ ନାହିଁ। ସେହିପରି ସୁବିଧା ସୁଯୋଗ ତଥ୍ୟରେ ଯୋଗ ସେଣ୍ଟର ଓ ଇଙ୍ଗ୍ଲୋ ଷ୍ଟଡି ସେଣ୍ଟର୍ ରହିଥିବା ଦର୍ଶାଯାଇଛି। ଏକାଡେମୀ ସେକ୍ସନ୍, କ୍ୟାଶ୍ କାଉଣ୍ଟର୍, ଲାଇବ୍ରେରି, ଏକ୍ସଟ୍ରାମୁରାଲ୍ ଲେକ୍ଚର୍ ଓ ଇଭେଣ୍ଟ୍ ବିଭାଗରେ ତଥ୍ୟ ନ ଥିବା ଜଣାପଡ଼ିଛି। ନୋଟିସ୍ ବୋର୍ଡର ଏକ୍‌ଜାମ୍ ନୋଟିସ୍‌ରେ ୨୦୧୫-୧୬ ବ୍ୟାଚର ସେକେଣ୍ଡ୍ ଓ ଫୋର୍ଥ ସେମିଷ୍ଟର ରେଜଲ୍ଟ ଅପ୍‌ଡେଟ୍ ରହିଛି। ଯାହାକୁ ନେଇ ମହାବିଦ୍ୟାଳୟର କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଖୁବ୍‌ଶୀଘ୍ର ଏ ସବୁ ସମସ୍ୟାର ସମାଧାନ କରାଯିବ।



ବର୍ଷାରେ ବୁଡ଼ି ରହିଥିବା ଚାଷଜମି।

## ଛାଡ଼ିଲା ବର୍ଷା: ୧୧ ହଜାର ଲୋକ ପ୍ରଭାବିତ

**ନିଶ୍ଚିନ୍ତକୋଇଲି,୭।୯(ସ୍ୱ.ପ୍ର.)**

୩ ଦିନ ଧରି ଲାଗି ରହିଥିବା ବର୍ଷା ଶୁକ୍ରବାର କମିଛି। ଏହାପରେ ଧାନ ଜମି ଓ ଗାଁରେ ଜମିଥିବା ପାଣି ନିଷ୍କାସନ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଜଳ ସେଚନ ବିଭାଗ ପକ୍ଷରୁ କେନାଲରେ ପାଣି କମାଇ ଦିଆଯିବା ପରେ ଖାଲୁଆ ଅଞ୍ଚଳରୁ ଡ୍ରେନ ଦେଇ କ୍ରମେ ପାଣି ନିଷ୍କାସନ ହେଉଛି। କିନ୍ତୁ ଏବେବି କେତେକ ଖାଲୁଆ ସ୍ଥାନରେ ଲୋକେ ପାଣି ଘେରରେ ରହିଛନ୍ତି। ଘର ଭାଙ୍ଗିଯାଇଥିବା ଲୋକେ ପଲିଥିନ ତଳେ ଜୀବନ କାଟୁଛନ୍ତି। ରାସ୍ତାଘାଟ ଧୋଇ ଯାଇଥିବାରୁ ଗମନାଗମନ ପ୍ରଭାବିତ ହୋଇଛି। ବ୍ଲକ, ତହସିଲ ଓ କୃଷି ବିଭାଗ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି।

ସୂଚନା ଅନୁସାରେ, ବ୍ଲକର ୨୭ ପଞ୍ଚାୟତରେ ୭୭ ଗ୍ରାମର ୨୨୦ ୱାର୍ଡରେ ଥିବା ୧୧ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ୫ ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ୫୩ ଘର ଅଧା ଭାଙ୍ଗିଛି। ୫୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ତହସିଲ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ୨୭ ପଞ୍ଚାୟତକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାରେ ପାଣି ଚାଲୁଥିବାରୁ ବହୁ ରାସ୍ତା ନଷ୍ଟ ହୋଇଯାଇଛି। ନତକାଇ ପଞ୍ଚାୟତ ଷଡ଼ଙ୍ଗୀ ସାହିର ୧୧ ପରିବାରଙ୍କ ଦୈନନ୍ଦିନ ରାସ୍ତା ନଷ୍ଟ ହୋଇଯାଇଛି। ଗ୍ରାମର ଲୋକମାନେ ଏକ ପ୍ରକାର ଜଳବନ୍ଦି ହୋଇ ରହିଥିବା ୱାର୍ଡ ମେମ୍ବର ତହସିଲଦାରଙ୍କୁ ଲିଖିତଭାବେ ଜଣାଇଛନ୍ତି। ବ୍ଲକର ରାମକୃଷ୍ଣପୁର, କେନ୍ଦୁପାଟଣା, କଳମିଶ, ବନ୍ଧୁପୁର, ପାଳଦା, ନରେନ୍ଦ୍ରପୁର, ଦାଉଦପୁର, କଟରପଡ଼ା, ନିଶ୍ଚିନ୍ତକୋଇଲି, ବାଲିଆପଦା, ସରପଡ଼ା, ବୁହାଳ, ଶୁକରପଡ଼ା, ଓରତି, ଜମରା, କଟିକଟା, ଜୟରାମପୁର, ବଡକ୍ଷୀର, କୋଲଣପୁର ଓ ଜିଗ୍ନିପୁର ପଞ୍ଚାୟତର ବ୍ୟାପକ କ୍ଷତି ଘଟିଛି। ଚାଷ ଜମିରେ ପାଣି ଜମି ରହିବାରୁ ଚଳିତବର୍ଷ ଖରିପ ଫସଲ ପ୍ରଭାବିତ ହେବା ଆଶଙ୍କା କରାଯାଇଛି। ଚଳିତ ବର୍ଷ ୧୨୭୯୦ ହେକ୍ଟର ଧାନଚାଷ କରାଯାଇଥିବା ବେଳେ ୧୭୬୬ ହେକ୍ଟର ଧାନ ବିଲ ତିନି ଦିନ ବୁଡ଼ି ରହିଛି। ଏପରି କି କେତେକ କ୍ଷେତ ସୁଅରେ ନଷ୍ଟ ହୋଇଯାଇଥିବା ଜଣାଯାଇଛି। ତହସିଲଦାର ଜିତେନ୍ଦ୍ର ପାତ୍ର ତୁରନ୍ତ ଜଳ ନିଷ୍କାସନ ଓ ଗୃହ ଶୂନ୍ୟ ଲୋକଙ୍କୁ ପଲିଥିନ ଯୋଗାଇ ଦେବା ପାଇଁ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




ମୋହନ ସୁବୁଦ୍ଧି କଲେଜ ଆଗରେ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ, କର୍ମଚାରୀ ଆନ୍ଦୋଳନ କରୁଛନ୍ତି।

## ମୋହନ ସୁବୁଦ୍ଧି କଲେଜ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ, କର୍ମଚାରୀଙ୍କ ଆନ୍ଦୋଳନ

**ବଡ଼ମ୍ବା,୭।୯(ଡି.ଏନ.ଏ.)**

ଓଡ଼ିଶା ସ୍କୁଲ, କଲେଜ, ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନକ୍ରମେ ଶୁକ୍ରବାର ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ଆନ୍ଦୋଳନରେ ମୋହନ ସୁବୁଦ୍ଧି କଲେଜ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଛନ୍ତି। କଲେଜର ସମସ୍ତ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀ ମହାବିଦ୍ୟାଳୟ ମୁଖ୍ୟଫାଟକ ନିକଟରେ ଧାରଣା ଦେଇ ଦାବିପୂରଣ ନିମନ୍ତେ ନାରାବାଜି କରିଥିଲେ। ଆନ୍ଦୋଳନ ଯୋଗୁ ପାଠପଢ଼ାରେ ଅଚଳାବସ୍ଥା ଦେଖାଯାଇଛି। ୪୮୮ବର୍ଗ କଲେଜରୁ ବ୍ଲକ୍‌ଗ୍ରାଣ୍ଟ ଉଚ୍ଛେଦ ଓ ପୂର୍ଣ୍ଣ ଅନୁଦାନ ଦାବିନେଇ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଅନ୍ଦୋଳନରେ ସାମିଲ ହୋଇଛନ୍ତି। ସରକାରଙ୍କ ଉଦାସୀନତା ଓ ଟାଳଟୁଳ ନୀତି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଆନ୍ଦୋଳନକାରୀ କହିଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି କୁହାଯାଇଛି।

## ଗଛପଡ଼ି ରାସ୍ତା ଅବରୋଧ

**ନରସିଂହପୁର,୭।୯(ସ୍ୱ.ପ୍ର.)**

ନରସିଂହପୁର ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଶୁକ୍ରବାର ସକାଳୁ ନରସିଂହପୁର-କମଳାଡିହ ମୁଖ୍ୟ ରାସ୍ତାର ଘଣ୍ଟପଡା ଗ୍ରାମ ନିକଟରେ ଏକ ବିରାଟ ଆମ୍ବଗଛ ଉପୁଡ଼ି ପଡ଼ିଥିଲା। ଗଛଟି ରାସ୍ତା ଉପରେ ଉପୁଡ଼ି ପଡ଼ିଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପୂର୍ତ୍ତ ବିଭାଗ ସରକାରୀ ଯନ୍ତ୍ରୀ ରାଜ କିଶୋର ମୁଦୁଲି ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ନରସିଂହପୁର ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଗଛକାଟି ରାସ୍ତା ସଫା କରିଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ମାଛଚାଷୀଙ୍କ ବ୍ୟାପକ କ୍ଷତି

**ସାଲେପୁର,୭।୯(ଡି.ଏନ୍.ଏ.)**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ସାଲେପୁର ଅଞ୍ଚଳର ବହୁ ମାଛଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ଘଟିଛି। ଭୀମଦାସପୁର ପଞ୍ଚାୟତରେ ଥିବା ୫ ଏକର ପୋଖରୀକୁ ତାଳପଦା ଗ୍ରାମର ମା' ଗୌରୀ ସ୍ୱୟଂସହାୟକ ଗୋଷ୍ଠୀ ନିଲାମ ନେଇ ମାଛଚାଷ କରୁଥିଲେ। ତେବେ ପ୍ରବଳ ବର୍ଷାଯୋଗୁ ପୋଖରୀରେ ପାଣିଭର୍ତ୍ତିହେବା ସହ ବନ୍ଧ ବୁଡ଼ିଯାଇଥିଲା। ଫଳରେ ପୋଖରୀରେ ଛଡ଼ାଯାଇଥିବା ଲକ୍ଷାଧିକ ଟଙ୍କାର ଜାଆଁଳ ଓ ମାଛ ଅନ୍ୟତ୍ର ପଳାଇ ଯାଇଛନ୍ତି। ସ୍ୱୟଂସହାୟକ ଗୋଷ୍ଠୀ ସଭାନେତ୍ରୀ କମଳା ସେଠୀ, ସମ୍ପାଦିକା ରୀତା କୁମାରୀ ଭୋଇଙ୍କ ସମେତ କର୍ମକର୍ତ୍ତା କ୍ଷତିପୂରଣ ପାଇଁ ବିଡିଓ ଶିବବ୍ରତ ଘୋଷ, ଭୀମଦାସପୁର ସରପଞ୍ଚ ଓ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ସେହିପରି ଅଞ୍ଚଳର ଅନେକ ମାଛ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି।

## ବନ୍ଧକାଟିଆରେ କଂଗ୍ରେସ କର୍ମୀ ସମାବେଶ

**ନିଶ୍ଚିନ୍ତକୋଇଲି,୭।୯(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ପଞ୍ଚାୟତ ହରିରାଜପୁରଠାରେ କଂଗ୍ରେସ କର୍ମୀ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ପ୍ରଦୀପ୍ତ କୁମାର ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସରକାର କୃଷକଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। କଂଗ୍ରେସ କୃଷକଙ୍କ ସମସ୍ୟାକୁ ନେଇ ଲୋକଙ୍କ ପାଖକୁ ଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ବ୍ଲକ କଂଗ୍ରେସ ସଭାପତି ଦିଲୀପ କୁମାର ରାଉତ ଓ ମାହାଙ୍ଗା ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବେହେରା ପ୍ରମୁଖ ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କୃଷ୍ଣଚନ୍ଦ୍ର ବେହେରା, ପ୍ରତାପ ବେହେରା, ଭୀମସେନ ସ୍ୱାଇଁ, ଶଙ୍କର ପାତ୍ର, ଅନନ୍ତ ମଳିକ, ପ୍ରତାପ ପଣ୍ଡା ଓ ସୁଲୁ ସେଠୀ ପ୍ରମୁଖ ଯୋଗଦେଇ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

## ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ

**ବାଙ୍କୀ,୭।୯(ବି.ପ୍ର.)**

ବାଙ୍କୀ ନିମ୍ପୁର-ଇନ୍ଦୁମତିପାଟଣାସ୍ଥିତ ଈଶାନେଶ୍ୱର ମନ୍ଦିର ପରିସରରେ ଶୁକ୍ରବାର ନିର୍ମାଣ ଶ୍ରମିକଙ୍କୁ ସାଇକେଲ ଓ ନିରାପତ୍ତା ସାମଗ୍ରୀ ବଣ୍ଟନ କରାଯାଇଛି। ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ୧୫୦୦ନିର୍ମାଣ ଶ୍ରମିକଙ୍କୁ ସାଇକେଲ ଓ ନିରାପତ୍ତା ସାମଗ୍ରୀ ବଣ୍ଟନ କରାଯିବା ବ୍ୟବସ୍ଥା କଟକ ଜିଲା ପ୍ରଶାସନ ଓ ଜିଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟ ସୌଜନ୍ୟରେ କରାଯାଇଥିଲା। ସମ୍ମାନିତ ଅତିଥି ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ ଓ ଅନ୍ୟତମ ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ପରିଡାଙ୍କ ସମେତ ସମିତିସଭ୍ୟ ଅଜିତ କୁମାର ଜେନା, ଜିଲାପରିଷଦ ସଭ୍ୟ ପୁଷ୍ପାଞ୍ଜଳି ପ୍ରଧାନ, ତ୍ରିଲୋଚନ ରାଉତ, ମାନସ ମହାପାତ୍ର, ପ୍ରକାଶ କୁମାର ବେଉରା ଓ ଗତିକୃଷ୍ଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଓ ଆର୍ଥିକ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶ୍ରମ ଅଧିକାରୀ ବନମାଳି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଦୃଷ୍ଟାନ୍ତ ମୂଳକ ଭାବେ ୬ଜଣଙ୍କୁ ସାଇକେଲ ଓ ନିରାପତ୍ତା ସାମଗ୍ରୀ, ୭ଜଣଙ୍କୁ ଶିକ୍ଷା ସହାୟତା ରାଶି, ୪ଜଣଙ୍କୁ ଝିଅ ବାହାଘର ସହାୟତା ଏବଂ ୪ଜଣଙ୍କୁ ମୃତ୍ୟୁକାଳୀନ ଆର୍ଥିକ ସହାୟତା ରାଶିର ଅନୁମତି ପତ୍ର ପ୍ରଦାନ କରିଥିଲେ। ଏ ବାବଦେ ୧କୋଟି ୨୪ଲକ୍ଷ ୨୦ହଜାର ଟଙ୍କା ବ୍ୟୟ ବରାଦ କରାଯାଇଥିବା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି। ଜିଲା ଶ୍ରମ କାର୍ଯ୍ୟାଳୟର ଅଧିକାରୀ, ସ୍ଥାନୀୟ ପଞ୍ଚାୟତିରାଜ ପ୍ରତିନିଧି ଓ ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ। ୧୦୦ଜଣଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ପର୍ଯ୍ୟାୟ କ୍ରମେ ଅନ୍ୟମାନଙ୍କୁ ସାଇକେଲ ଓ ନିରାପତ୍ତା ସାମଗ୍ରୀ ବଣ୍ଟନ କରାଯିବ।

## ଯକ୍ଷ୍ମା ସଚେତନତା ଶିବିର

**ଆଠଗଡ଼,୭।୯(ସ୍ୱ.ପ୍ର.)**

ଆଠଗଡ ବ୍ଲକ ବେଣ୍ଟପଦା ପଞ୍ଚାୟତ କାର୍ଯ୍ୟାଳୟରେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବେଣ୍ଟପଦା ବିଜୁ ଯୁବବାହିନୀ ପକ୍ଷରୁ ଯକ୍ଷ୍ମା ରୋଗ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବବାହିନୀ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକ ଡା. ଦିଲୀପ ଦାସ ଓ ସରପଞ୍ଚ କନକ ସାହୁ ଯୋଗଦେଇ ଯକ୍ଷ୍ମାରୋଗର କାରଣ ଓ ନିରାକରଣ ଉପରେ ବହୁ ଉପଯୋଗୀ ପରାମର୍ଶ ଦେଇଥିଲେ। ନିଶା ସେବନ ଏହି ରୋଗର ପ୍ରମୁଖ କାରଣ ବୋଲି ମତପ୍ରକାଶ ପାଇଥିଲା। ଶିବିରରେ ୬୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଯକ୍ଷ୍ମା ଜୀବାଣୁ ଥିବା ଚିହ୍ନଟ କରାଯାଇଥିଲା। ବେଣ୍ଟପଦା, ଧାଇପୁର ଓ ରାଜନଗର ପଞ୍ଚାୟତର ରୋଗୀଙ୍କ ଉପଯୁକ୍ତ ଚିକିତ୍ସା କରାଯିବା ପାଇଁ ଡଟ୍‌ସ କିଟ୍ ଯୋଗାଇ ଦିଆଯିବ ବୋଲି ଡା. ଦାସ କହିଛନ୍ତି। ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ମହମଦ୍ ଅସଲମଙ୍କ ସମେତ ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ ବିଚିତ୍ର ପ୍ରଭା ଦେଇ, ସ୍ୱାସ୍ଥ୍ୟକର୍ମୀ ଅଳକା ଦେଇ, ପୁଷ୍ପଲତା ପ୍ରଧାନ, ନମିତା ପ୍ରତାପ, ବିଜୟ କୁମାର ଜେନା, ଅମରେନ୍ଦ୍ର ପ୍ରଧାନ ଓ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ୩ପଞ୍ଚାୟତର ଆଶା, ଅଙ୍ଗନୱାଡି କର୍ମୀ ଓ ବିଜୁ ଯୁବ ବାହିନୀର ସମସ୍ତ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଆଲୋକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ■ ମାହାଙ୍ଗାରେ ଥମୁନି ଗୋରୁ ମୃତ୍ୟୁ

# ନିୟନ୍ତ୍ରଣ ବାହାରେ ଫାଟୁଆ, ଥେଲେରିଆ

**ମାହାଙ୍ଗା,୭।୯(ସ୍ୱ.ପ୍ର.)**



■ ଚିନ୍ତାରେ ଗୋପାଳକ
■ ବହୁ ଗ୍ରାମରେ ଶତାଧିକ ଗୋରୁ ଆକ୍ରାନ୍ତ
■ କ୍ଷତିଗ୍ରସ୍ତ ଗୋପାଳକଙ୍କୁ ସହାୟତା ପ୍ରଦାନ ଦାବି

ମାହାଙ୍ଗା ପ୍ରାଣୀଧନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ଗ୍ରାମରେ ଦୁଇ ସପ୍ତାହ ହେବ ଗୋରୁ ମୃତ୍ୟୁ ବଢ଼ିବାରେ ଲାଗିଛି। ମୃତ୍ୟୁବରଣ କରୁଥିବା ଗୋରୁ ଫାଟୁଆ ଓ ଥେଲେରିଆ ରୋଗରେ ଆକ୍ରାନ୍ତ ହେଉଥିବା ପ୍ରାଣୀଧନ ବିଭାଗ ପକ୍ଷରୁ କୁହାଯାଉଛି। ହେଲେ ଏହାକୁ ନିୟନ୍ତ୍ରଣ କରିବାରେ ବିଭାଗ ବିଫଳ ହୋଇଛି। ବ୍ଲକର ଚାହାଡ଼ା, ପାଇକରାପୁର, ପୋଡ଼ାମରାଇ, ଜଳେଶ୍ୱରପୁର, ଶ୍ରୀକୃଷ୍ଣପୁର ଓ ମଧୁପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁ ଗୋରୁ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଚାହାପଡ଼ା ପଞ୍ଚାୟତ ଜହଳ ଗ୍ରାମରେ ଅଧିକ ଗୋରୁଙ୍କ ମୃତ୍ୟୁ ଘଟିଛି। ସପ୍ତାହକ ମଧ୍ୟରେ ଗ୍ରାମରେ ୯ ଗୋରୁ ଓ ୧ ଛେଳି ମରିଥିବା ଜଣାପଡ଼ିଛି। ଦୁଇ ଦିନରେ ଗ୍ରାମର ୪ ଗୋରୁ ସମେତ ୧ଟି ଛେଳି ମରିଥିବା ଜଣାଯାଇଛି। ଗ୍ରାମର ବାସନ୍ତୀ କୁଅଁରଙ୍କ ଶୁକ୍ରବାର ଏକ ଗାଈର ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ମଙ୍ଗୁଳି ଦାସଙ୍କ ୧ ଗାଈ, ଶରତ ବିଶ୍ୱାଳଙ୍କ ୧ ବାଛୁରୀ, ଗୌତମ ପରିଡାଙ୍କ ୧ ବାଛୁରୀ ଓ ୧ ଛେଳି ମୃତ୍ୟୁବରଣ କରିଛନ୍ତି। ସେହିପରି ସପ୍ତାହକ ମଧ୍ୟରେ ଗ୍ରାମର ରାଜକିଶୋର କୁଅଁରଙ୍କ ୩, ପ୍ରମୋଦ କୁଅଁରଙ୍କ ୧ ଓ ଗୌତମ ପରିଡାଙ୍କ ୧ ଗାଈର ମୃତ୍ୟୁ ଘଟିଛି। ଗ୍ରାମର ଦିବାକର ପଲେଇ, ପାର୍ବତୀ ସାହୁ, ଜୟରାମ ବିଶ୍ୱାଳ, କୃଷ୍ଣଚନ୍ଦ୍ର ଦାସ, କ୍ଷୀରୋଦ ପରିଡ଼ା, ନରହରି ବିଶ୍ୱାଳ, ଗୌତମ କୁଅଁର ଓ ସତ୍ୟବ୍ରତ ବିଶ୍ୱାଳଙ୍କ ସମେତ ବହୁ ଗୋପାଳକଙ୍କ ଗୋରୁ ଆକ୍ରାନ୍ତ ହୋଇଛନ୍ତି। ପାଇକରାପୁର ପଞ୍ଚାୟତ ଚମ୍ପତିପୁର, ପୋଡାମରାଇ ପଞ୍ଚାୟତ ଅଲିଅରା ଓ ପୋଡାମରାଇ ଆଦି ଗ୍ରାମରେ ୪ଗୋରୁ ମରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା କହିଛନ୍ତି, ସାଧାରଣତଃ ବର୍ଷାଦିନେ ଏହି ରୋଗ ଦେଖାଯାଇଥାଏ। ବର୍ତ୍ତମାନ ରୋଗ ନିୟନ୍ତ୍ରଣରେ ଅଛି। ଯେଉଁ ଗ୍ରାମରେ ଅଧିକ ମୃତ୍ୟୁ ଘଟୁଛି, ସେହି ଗ୍ରାମରେ ଗୋପାଳକମାନେ ପ୍ରାଣୀଧନ ଚିକିତ୍ସାଳୟର ବିନା ପରାମର୍ଶରେ ଗୋରୁଙ୍କୁ ଔଷଧ ଦେଉଛନ୍ତି। ସେଥିପାଇଁ ଏପରି ସମସ୍ୟା ସୃଷ୍ଟି ହୋଇଛି। ତେବେ ଏ ଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀ ଏକ ଡାକ୍ତରୀ ଦଳ ପଠାଇ ଗୋରୁଙ୍କୁ ଚିକିତ୍ସା କରିବାକୁ ଅନୁରୋଧ କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଗୋପାଳକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍



**ସଂକ୍ଷେପରେ**

## ବଦଳିଲେ ସିଏମ୍‌ସି କମିଶନର

**କଟକ ଅଫିସ, ୭।୯:** ୨୦୦୭ ବ୍ୟାଚର ଆଇଏଏସ୍ ଅଫିସର ଶରତ ଚନ୍ଦ୍ର ନାୟକ ହେଲେ ସିଏମ୍‌ସି କମିଶନର। ଶୁକ୍ରବାର ଏ ନେଇ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବଦଳି ପୂର୍ବରୁ ସେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଉପାଧ୍ୟକ୍ଷ ଭାବେ କାମ କରୁଥିଲେ। ନୂଆ ଦାୟିତ୍ୱ ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି ଯେ, କଟକ ସହରର ଜଳ ନିଷ୍କାସନ ଏବଂ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ସୁଧାରିବା ଏକ ବଡ଼ ଚ୍ୟାଲେଞ୍ଜ। ମୁଁ କାର୍ଯ୍ୟରେ ଯୋଗଦେବା ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ସହରର ସମସ୍ୟା ବିଷୟରେ ଆଲୋଚନା କରିବି ଏବଂ ସୁଚିନ୍ତିତ ପ୍ରସ୍ତାବ ନେବି। ନିଷ୍ଠାର ସହ କାମ କଲେ କଟକ ସହରର ଅବସ୍ଥାରେ ପରିବର୍ତ୍ତନ ଆସିପାରିବ। ମହାନଗର ନିଗମର କର୍ମଚାରୀଙ୍କ ଦାୟିତ୍ୱହୀନତାକୁ କୌଣସି ମାତ୍ରାରେ ବରଦାସ୍ତ କରାଯିବ ନାହିଁ। ପୂର୍ବରୁ ଅଗଷ୍ଟ ୩୧ରେ ବିଜୟ କୁମାର ରଥ ସିଏମ୍‌ସି କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଖବର ପ୍ରକାଶ ପାଇଥିଲା। ଇତିମଧ୍ୟରେ ପୂର୍ବ କମିଶନର ବିକାଶ ମହାପାତ୍ରଙ୍କୁ ବୟନିକାର ଏମ୍‌ଡି ଭାବେ ବଦଳ କରାଯାଇଛି। ତାଙ୍କ ସ୍ଥାନରେ ସିଏମ୍‌ସି ଅତିରିକ୍ତ କମିଶନର ସୁମନ ବେହେରା ଦାୟିତ୍ୱ ତୁଲାଉଛନ୍ତି।

## ୧୩ରେ ଭାରତ ପ୍ରତିଭା ସମ୍ମାନ

**କଟକ ଅଫିସ, ୭।୯:** ଜୟ ଭାରତ ଫାଉଣ୍ଡେଶନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ସମାଜରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ। ଏଥିପାଇଁ ଆସନ୍ତା ୧୩ ତାରିଖରେ ଶହୀଦଭବନରେ ଭାରତ ପ୍ରତିଭା ସମ୍ମାନ-୨୦୧୮ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ଇସ୍ରୋର ପୂର୍ବତନ ବରିଷ୍ଠ ଉପଦେଷ୍ଟା ତପନ ମିଶ୍ରଙ୍କୁ ଭାରତ ଗୌରବ ସମ୍ମାନ, ଲେଖକ ସୌଭାଗ୍ୟ କୁମାର ମିଶ୍ରଙ୍କୁ କଥା ଭାରତ ସମ୍ମାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଜେସି ମହାନ୍ତିଙ୍କୁ ସେବା ଭାରତ ସମ୍ମାନ, ରିତୁପର୍ଣ୍ଣା ପଣ୍ଡାଙ୍କୁ କ୍ରୀଡ଼ା ଭାରତ ସମ୍ମାନ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ସଂସ୍କୃତି ଭାରତ ସମ୍ମାନ ପ୍ରଦାନ କରାଯିବ। ଏଥିସହ ବାଣିଜ୍ୟ ବିଭାଗ ଛାତ୍ର ମଳୟ ପନ୍, ବିଜ୍ଞାନ ବିଭାଗ ଛାତ୍ରୀ ସୁପ୍ରଭା ଦାସ ଓ କଳା ବିଭାଗ ଛାତ୍ରୀ ମୋନାଲିସା ସ୍ୱାଇଁଙ୍କୁ ବିଦ୍ୟା ଭାରତ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଓସିଏ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟ ଭାରତ ଫାଉଣ୍ଡେଶନର ଅଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଫାଉଣ୍ଡେଶନ ଉପଦେଷ୍ଟା ପ୍ରଫୁଲ୍ଲ ସିଂ, ଅଶ୍ୱିନୀ କୁମାର ଦାସ, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଲୋକସମ୍ପର୍କ ଅଧିକାରୀ ସୁଲଗ୍ନା ବାରିକ ଉପସ୍ଥିତ ଥିଲେ।

# ୮ ମାସ ଗଡ଼ି ଅଟକିଗଲା ପିଙ୍କ୍ ଅଟୋ

**କଟକ ଅଫିସ, ୭।୯**

- ଯୋଜନା କରି ଭୁଲିଗଲା କମିଶନରେଟ୍ ପୋଲିସ
- ପିଙ୍କ୍ ଅଟୋରେ ଯାତ୍ରା ଏବେ ଅସୁରକ୍ଷିତ

ସହରରେ ଫେଲ୍ ମାରିଛି ପିଙ୍କ୍ ଅଟୋ ସେବା। ମହିଳାମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ସେବା ମାତ୍ର ୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ ବନ୍ଦ ହୋଇପଡିଛି। ତେବେ ଏହି ପିଙ୍କ୍ ଅଟୋ ସେବାକୁ ଆଗକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବା ପାଇଁ ପୋଲିସ ଚେଷ୍ଟା କରିବ ବୋଲି କହିଛନ୍ତି ପୋଲିସ କମିଶନର ସତ୍ୟଜିତ ମହାନ୍ତି।

କଟକରେ ୨୦୧୫ ନଭେମ୍ବର ୧୯ରେ ପ୍ରଥମ ପର୍ଯ୍ୟାୟରେ ବାଦାମବାଡ଼ି, ଏସ୍‌ସିବି ମେଡିକାଲ, ଶୈଳବାଳା ମହିଳା କଲେଜ ଓ ସିଡିଏ ସେକ୍ଟର-୬ରେ ବେଶ୍ ଆଡ଼ମ୍ବର ଭାବେ ଆରମ୍ଭ ହୋଇଥିଲା ପିଙ୍କ୍ ଅଟୋ ସେବା। କମିଶନରେଟ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଥିଲା ମହିଳା ଯାତ୍ରୀଙ୍କ ସୁରକ୍ଷା ଓ ମହିଳାଙ୍କ ଯାତାୟାତ କ୍ଷେତ୍ରରେ ହେଉଥିବା ଅପରାଧକୁ ହ୍ରାସ କରିବା। ତତ୍କାଳୀନ ପୋଲିସ କମିଶନର ୱାଇ.ବି. ଖୁରାନିଆ, ଡିସିପି ଓ ଅଧିକାରୀଙ୍କ ଉପସ୍ଥିତିରେ ଯୋଜନାର ଶୁଭାରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସାମିଲ ହୋଇଥିଲା ୮୦ଟି ଅଟୋ। ଅପରାଧିକ ପୃଷ୍ଠଭୂମି ନ ଥିବା ପ୍ରତ୍ୟେକ ଅଟୋ ଚାଳକଙ୍କୁ ସ୍ୱତନ୍ତ୍ର ୟୁନିଫର୍ମ, ପରିଚୟପତ୍ର, ଅଟୋରେ ଷ୍ଟିକର୍ ଦିଆଯିବା ସହ ସେମାନଙ୍କ ନାମ ଓ ଠିକଣା କମିଶନରେଟ ପୋଲିସ ପାଖରେ ପଞ୍ଜୀକୃତ ଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ସେବା ଅଧୀନରେ ପରିଚାଳିତ ଅଟୋଗୁଡ଼ିକ ନିୟମଗୁଡ଼ିକୁ ଅଣଦେଖା କରିଚାଲିଲେ। ଅଟୋ ଚାଳକଙ୍କ ଶୋଷଣ ଓ ବ୍ୟବହାରକୁ ନେଇ ମହିଳାମାନେ ମଧ୍ୟ ସେଥିରେ ଯିବାକୁ ନିଜକୁ ଅସୁରକ୍ଷିତ ମଣିଲେ। ପରବର୍ତ୍ତୀ ସମୟରେ ଏହି ଯୋଜନା ବିଫଳ ହେଲା। ଏ ସମ୍ପର୍କରେ ସହରର କେତେଜଣ ଅଟୋ ଚାଳକଙ୍କ ମତ ହେଲା, ଏହି ଯୋଜନାରେ ସାମିଲ ହେବାଦ୍ୱାରା ବ୍ୟବସାୟ ମାନ୍ଦା ହେଉଛି। ମହିଳାଙ୍କୁ ଅପେକ୍ଷା କରି ବସିଲେ ଭଡ଼ା କରିବା ସମ୍ଭବ ହେଉନାହିଁ। ମହିଳାଙ୍କ ପାଇଁ ଏହି ଅଟୋରେ ଅଗ୍ରାଧିକାର ଥିଲେ ସୁଦ୍ଧା ପୁରୁଷଙ୍କୁ ବସାଇଲେ କେତେଜଣ ମହିଳା ଅଭିଯୋଗ କଲେ। ତେବେ ଏ ସମ୍ପର୍କରେ କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ପିଙ୍କ୍ ଅଟୋ ସେବା ଯୋଜନାରେ ସେତେଟା ସଫଳତା ମିଳିନି ସତ, ହେଲେ ପିଙ୍କ୍ ଅଟୋ ଚାଳକଙ୍କ ବ୍ୟବସାୟ ମାନ୍ଦା ହେଉଛି ବୋଲି କେହି କେବେ ଅଭିଯୋଗ କରିନାହାନ୍ତି। କିନ୍ତୁ ଏବେ ଏହି ପିଙ୍କ୍ ଅଟୋସେବାକୁ ଅନୁଧ୍ୟାନ କରାଯିବ। ଏଥିରେ କ'ଣ ଅଭାବ ରହୁଛି ଏବଂ କ'ଣ କଲେ ଏହି ସେବା ସଫଳ ହେବ ତାହା ଉପରେ ଗୁରୁତ୍ୱ ଦେଉଛୁ। ତେବେ ସାଧାରଣ ଲୋକଙ୍କ ମତ ହେଉଛି, ମହିଳାଙ୍କ ସୁରକ୍ଷା ପାଇଁ ପୋଲିସ ଆରମ୍ଭ କରିଥିବା ଏହି ଯୋଜନାଟିକୁ ନିୟମିତ ବ୍ୟବଧାନରେ ଅନୁଧ୍ୟାନ କରାଯିବା ଉଚିତ ଥିଲା। କିନ୍ତୁ ବାହାବାଃ ପାଇଁ ଏପରି ଯୋଜନା କରିବା ପରେ ପୋଲିସ ଅଧିକାରୀମାନେ ସେମାନଙ୍କ ଉଦ୍ଦେଶ୍ୟ ଓ ଯୋଜନାର ଲକ୍ଷ୍ୟକୁ ସଫଳ କରିବାକୁ ଭୁଲିଗଲେ।

## କବିରାଜ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସ୍ମୃତିସଭା




ସ୍ମୃତି ସଭାରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ, ୭।୯**

ସରକାରଙ୍କ ସ୍ୱାସ୍ଥ୍ୟସେବା ଯୋଜନା ସାଧାରଣ ଦରିଦ୍ର ଲୋକଙ୍କ ପାଖରେ ପହଞ୍ଚିବା କଷ୍ଟକର ବୋଲି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କବିରାଜ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସପ୍ତଦଶ ସ୍ମୃତିସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଶ୍ରୀରାମଚନ୍ଦ୍ର ଭବନଠାରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ସ୍ମୃତିସଭାରେ ବୈଷ୍ଣବ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡା. ରବିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ଡ. ହୁସେନ ରବି ଗାନ୍ଧୀ ଓ ସମ୍ମାନିତ ଅତିଥି ଭାବେ ଡ. ସତ୍ୟ ରାୟ ଯୋଗଦେଇଥିଲେ। ଏହି ଅବସରରେ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପଞ୍ଚକର୍ମର ମୁଖ୍ୟ ଡା. ଦେବପ୍ରସାଦ ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଘୁନାଥ ମହାପାତ୍ର ସ୍ୱାଗତ ଭାଷଣ, ରମାକାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ରାଜ କିଶୋର ତ୍ରିବେଦୀ ଧନ୍ୟବାଦ ଦେଇଥିଲେ।




କଟକ ସାରଳା ଭବନରେ ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିୟାଡର ଶୁକ୍ରବାର ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଭାରତ ନାଟ୍ୟମ।

■ ତୈଳ ଦର ବୃଦ୍ଧି ପ୍ରତିବାଦ: ୧୦ରେ କଂଗ୍ରେସର ଭାରତ ବନ୍ଦ

## ଟ୍ୱିନ୍ ସିଟିରେ ୭୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

**ଆଇନକୁ ହାତକୁ ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ସିପି**

ତୈଳ ଦରର ଅହେତୁକ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଆସନ୍ତା ୧୦ ତାରିଖରେ ଭରତ ବନ୍ଦ ଡାକରା ଦେଇଛି। ଏହି ବନ୍ଦ ଡାକରାକୁ ସିପିଆଇଏମ୍ ଓ ସିପିଆଇ(ଏମଏଲ୍) ଭଳି ଅନ୍ୟ ସଙ୍ଗଠନଗୁଡ଼ିକ ମଧ୍ୟ ସମର୍ଥନ ଜଣାଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏଥର ଶାନ୍ତି ଶୃଙ୍ଖଳାର ସହ ବନ୍ଦ ପାଳନ କରାଯିବ। ଏହି ବନ୍ଦକୁ ସଫଳ କରିବା ଲାଗି ଜନସାଧାରଣଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ବନ୍ଦ ଦିନ ଆମ୍ବୁଲାନ୍ସ, ଦମକଳ, ପରୀକ୍ଷାର୍ଥୀ ଓ ଅତି ଜରୁରୀ ସେବା ଯୋଗାଉଥିବା ଗାଡିଗୁଡ଼ିକୁ ଛଡାଯିବ। ଯେଭଳି ଲୋକଙ୍କୁ ହଇରାଣ ହରକତ କରା ନ ଯାଏ ସେଥିପାଇଁ କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯିବ। ଏ ନେଇ ଶନିବାର କଂଗ୍ରେସ ଭବନରେ ଏକ ବୈଠକ ବସିବ। ଏହି ବୈଠକରେ ବନ୍ଦ ଦିନ କ'ଣ କାର୍ଯ୍ୟକ୍ରମ ରହିବ ତାହା ଆଲୋଚନା କରାଯିବା ପରେ ନିଷ୍ପତ୍ତି ନିଆଯିବ ବୋଲି ନିରଞ୍ଜନ କହିଛନ୍ତି।

ଅନ୍ୟପଟେ ବନ୍ଦକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଟ୍ୱିନ୍ ସିଟିରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଟ୍ୱିନ୍ ସିଟିରେ ୭୧ ପ୍ଲାଟୁନ ପୋଲିସ ଫୋର୍ସ ଓ ୩ ଶହ ଅଫିସର ନିୟୋଜିତ ରହିବେ। ଭୁବନେଶ୍ୱରରେ ୫୫ ପ୍ଲାଟୁନ, କଟକରେ ୧୬ ପ୍ଲାଟୁନ ପୋଲିସ ଫୋର୍ସ ରହିବେ। ଭୁବନେଶ୍ୱରରେ ୨ଶହ ଅଫିସର ରହିବା ବେଳେ କଟକରେ ୧୦୦ଜଣ ଅଫିସର ନିୟୋଜିତ ହେବେ ବୋଲି ପୋଲିସ କମିଶନର (ସିପି) ସତ୍ୟଜିତ୍ ମହାନ୍ତି କହିଛନ୍ତି। ଏଥିସହ ସରକାରୀ କାର୍ଯ୍ୟାଳରେ ପୋଲିସ ଫୋର୍ସ ମୁତୟନ ହେବେ। ଏହାସହ ବିଧାନସଭା ଚାଲୁଥିବାରୁ କିଭଳି ବିଧାୟକ ଓ ମନ୍ତ୍ରୀମାନେ ଶାନ୍ତି ଶୃଙ୍ଖଳାରେ ବିଧାନସଭାକୁ ଯିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଯଦି ବିକ୍ଷୋଭକାରୀ ଆଇନକୁ ହାତକୁ ନିଅନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି।

# ୧୦ଜିଲାର ୧୭୭୨ ବିଦ୍ୟାଳୟ ସାମିଲ

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

**'ମୋ ସ୍କୁଲ' ଯୋଜନା**
■ ଖର୍ଚ୍ଚ ହେବ ୧୨.୭୭ କୋଟି

ଗୋଷ୍ଠୀ-ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ 'ମୋ ସ୍କୁଲ' ଯୋଜନାର ତୃତୀୟ ପର୍ଯ୍ୟାୟରେ ୧୦ ଜିଲାର ୧୭୭୨ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ସ୍ଥିର କରାଯାଇଛି। ଏଥିରେ ଅନୁଗୋଳର ୧୦୭ଟି, ବାଲେଶ୍ୱରର ୨୧୨, ଢେଙ୍କାନାଳ ୮୫, ଗଞ୍ଜାମ ୧୫୨, ଖୋର୍ଦ୍ଧା ୧୫୧, ମୟୂରଭଞ୍ଜ ୨୫୮, ନୟାଗଡ଼ ୧୧୧, ପୁରୀ ୪୮୨, ସମ୍ବଲପୁର ୧୦୦ ଓ କୋରାପୁଟର ୧୧୪ଟି ସ୍କୁଲ ରହିଛି। ଏସବୁ ଜିଲାରେ ମୋ ସ୍କୁଲ ଯୋଜନାରେ ୧୨କୋଟି ୭୭ଲକ୍ଷ ୩୨ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୮କୋଟି ୫୧ଲକ୍ଷ ୫୫ହଜାର ଟଙ୍କା ଅନୁଦାନ ଦେଇଥିବା ବେଳେ ଜନସାଧାରଣଙ୍କଠାରୁ ୪କୋଟି ୨୫ଲକ୍ଷ ୭୭ହଜାର ଟଙ୍କା ସଂଗୃହୀତ ହୋଇଛି। ଏହି ଅର୍ଥରେ ସ୍କୁଲର ଭିତ୍ତିଭୂମି, ଶ୍ରେଣୀଗୃହର ଉନ୍ନତି, ପାଠାଗାର-ପୁସ୍ତକ, ଖେଳ ସାମଗ୍ରୀ, ଶ୍ରେଣୀଗୃହର ଆସବାବପତ୍ର ଯୋଗାଣ, ସ୍କୁଲ ବଗିଚା ଆଦିର ଉନ୍ନତୀକରଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହା ସ୍ଥିର କରାଯାଇଛି। ବୈଠକରେ ସଚିବ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପ୍ରକଳ୍ପ ପରିଚାଳନା ଓ ତଦାରଖ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ମୋ ସ୍କୁଲ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୬୨ସ୍କୁଲ ପାଇଁ ୧କୋଟି ୭୮ଲକ୍ଷ ୩୯ହଜାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୧୫ସ୍କୁଲ ପାଇଁ ୪କୋଟି ୨୭ଲକ୍ଷ ୮୩ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଏପର୍ଯ୍ୟନ୍ତ ୧୭ଟି ଜିଲା ଏହି ଯୋଜନାରେ ସାମିଲ ହୋଇଛି। ନିକଟରେ ଆଉ ୫ଟି ଜିଲାକୁ ଅନ୍ତର୍ଭୁକ୍ତ କରାଯିବା ନେଇ ପ୍ରସ୍ତାବ ରହିଛି ବୋଲି ମୋ ସ୍କୁଲ ଯୋଜନାର ସଦସ୍ୟ ସଚିବ ତଥା ଓପେପା ଓ ମାଧ୍ୟମିକ ଶିକ୍ଷା ମିଶନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସୂଚନା ଦେଇଛନ୍ତି। ଶୁକ୍ରବାର ଆୟୋଜିତ ବୈଠକରେ ପ୍ରାଥମିକ ଶିକ୍ଷା, ଏସ୍‌ସିଇଆର୍‌ଟି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଗଣ, ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଶିଖରପୁର ଅଣ୍ଡରପାସ୍ ନିର୍ମାଣ ଖୁବ୍‌ଶୀଘ୍ର

**କଟକ ଅଫିସ, ୭।୯**

ପ୍ରସ୍ତାବିତ ଶିଖରପୁର ଅଣ୍ଡରପାସ କାମ ଖୁବଶୀଘ୍ର ଆରମ୍ଭ ହେବ। ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଚିଠି ଯୋଗେ ଏହି ସୂଚନା ପ୍ରଦାନ କରିଛନ୍ତି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଏହି ଅଣ୍ଡରପାସ ପ୍ରସ୍ତାବ ଗୃହୀତ ହୋଇଛି। ଏ ନେଇ ଆରମ୍ଭ ହୋଇଥିବା ଟେଣ୍ଡରରେ ଦୁଇଟି ସଂସ୍ଥା ଆଗ୍ରହ ପ୍ରକାଶ କରିଥିବା ଜଣାପଡିଛି। ତେବେ ୱାର୍କଅର୍ଡର ପାଇବାର ୧୮ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ମନ୍ତ୍ରୀ ଗଡକରୀ ଚିଠି ଯୋଗେ ସୂଚନା ଦେଇଛନ୍ତି। ଏହି ନିର୍ମାଣ ପାଇଁ କଟକ ଲୋକସଭା ସଦସ୍ୟ ଭର୍ତ୍ତୃହରି ମହତାବ ଗତ ମାର୍ଚ୍ଚ ୧୬ରେ ଚିଠି ଲେଖି ଗଡକରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ଆଡ୍‌ମିଶନ

## ଯାଞ୍ଚ ବେଳେ ଧରାପଡିଲେ ଦୁଇ ଛାତ୍ର

**କଟକ ଅଫିସ, ୭।୯**

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଜାଲ ଜାତିଗତ ପ୍ରମାଣପତ୍ର ଦେଇ ଆଡମିଶନ କରୁଥିବାବେଳେ ଧରାପଡିଛନ୍ତି ଦୁଇ ଛାତ୍ର। ଶୁକ୍ରବାର ୩ ବର୍ଷିଆ ଏଲ୍‌ଏଲବି କୋର୍ସ ପାଇଁ ଆଡମିଶନ ଥିବାବେଳେ ସାର୍ଟିଫିକେଟ୍ ଯାଞ୍ଚ ସମୟରେ କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ ଧରିଛନ୍ତି। ମାଲଗୋଦାମ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ର ଦ୍ୱୟଙ୍କୁ ଆଣି ଥାନାରେ ଅଟକ ରଖିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ମାଲଗୋଦାମ ଥାନା ଅଧିକାରୀ ଦେବୀ ପ୍ରସାଦ ପାତ୍ର କହିଛନ୍ତି। ଛାତ୍ର ଦ୍ୱୟ ୨୦୧୭ରେ ୩ ବର୍ଷିଆ ଏଲଏଲବି କୋର୍ସ କରିବା ପାଇଁ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଜେନେରାଲ ବର୍ଗରେ ଯାଉଥିବାବେଳେ ଏବଂ ଅନ୍ୟ ଜଣେ ଅନୁସୂଚିତ ଜାତି(ଏସ୍‌ସି) ପ୍ରମାଣପତ୍ର ଦେଇଥିଲେ। ଆଡମିଶନ ପାଇଁ ଚୟନ ହୋଇଥିବା ତାଲିକାରେ ସେମାନଙ୍କ ନାମ ନ ଥିଲା। ଫଳରେ ଚଳିତବର୍ଷ ଉକ୍ତ ଛାତ୍ରଦ୍ୱୟ ସେମାନଙ୍କ ଜାତିଗତ ପ୍ରମାଣପତ୍ର ପରିବର୍ତ୍ତନ କରି ଅନୁସୂଚିତ ଜନଜାତି(ଏସ୍‌ଟି) ଭାବେ ନିଜକୁ ପରିଚୟ ଦେଇ ଆବେଦନ କରିଥିଲେ। ଶୁକ୍ରବାର ଏସ୍‌ଟି ଛାତ୍ରୀଛାତ୍ରମାନଙ୍କର ଆଡମିଶନବେଳେ ଉକ୍ତ ଛାତ୍ର ଦ୍ୱୟ ଏସ୍‌ଟି ପ୍ରମାଣପତ୍ର ଦେଇଥିଲେ। ଯାଞ୍ଚ କରୁଥିବା ଅଧ୍ୟାପକଙ୍କର ସେମାନଙ୍କ ଜାତିଗତ ପ୍ରମାଣପତ୍ର ଉପରେ ସନ୍ଦେହ ହୋଇଥିଲା। ପରେ ଉକ୍ତ ଛାତ୍ରଦ୍ୱୟ ଜାଲ ଜାତିଗତ ପ୍ରମାଣପତ୍ର ଦେଇ ଆଡମିଶନ କରିବାକୁ ଆସିଥିବା କଲେଜ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ।

# କୃଷିମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ, ଇସ୍ତଫା ଦାବି

**କଟକ ଅଫିସ, ୭।୯**

କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଇସ୍ତଫା ଦାବିରେ କଟକ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ବକ୍ସିବଜାର ଛକଠାରେ ମନ୍ତ୍ରୀ ମହାରଥୀଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ତୁରନ୍ତ ତାଙ୍କର ଇସ୍ତଫା ଦାବି କରିଛନ୍ତି। ସେହିପରି ଏହି ଦୁର୍ନୀତିର ସିବିଆଇ ତଦନ୍ତ କରିବାକୁ ଯୁବମୋର୍ଚ୍ଚାର କର୍ମୀମାନେ ଦାବି ଜଣାଇଛନ୍ତି। ମୋର୍ଚ୍ଚାର ଅଭିଯୋଗ ହେଉଛି, ମୁଖ୍ୟମନ୍ତ୍ରୀ ନିଜର ସ୍ୱଚ୍ଛ ଭାବମୂର୍ତ୍ତିର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏହି ଦୁର୍ନୀତିରେ ମୁଖ୍ୟମନ୍ତ୍ରୀଙ୍କ ନୀରବତା ଅଧିକ ସନ୍ଦେହ ସୃଷ୍ଟି କରିଛି। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ବୟାନ ଅନୁଯାୟୀ, ମୟୂରଭଞ୍ଜ ଜିଲାରେ ଲାଗିଥିବା ଚାରାରେ ଜୈବିକ ସାର ଦେବା ପାଇଁ ଆସିଥିଲା। କିନ୍ତୁ ସାର ଆସିଲା ବେଳକୁ କୌଣସି ଗୋଟିଏ ସ୍ଥାନରେ ବି ଚାରା ଲଗାଯାଇ ନ ଥିଲା। ପାଖାପାଖି ୧୦୦ କୋଟି ଦୁର୍ନୀତିର ମହାଅଭିଯୋଗ ଆସିଛି। ଖାଲି ଚାରା ଦୁର୍ନୀତି ନୁହେଁ ଓମ୍‌ଫେଡ ଜରି କିଣାରେ ଦୁର୍ନୀତି ହୋଇଥିବା ଦାମବାବୁଙ୍କ ବୟାନରୁ ସ୍ପଷ୍ଟ ହୋଇଥିବା ଯୁବମୋର୍ଚ୍ଚା ଅଭିଯୋଗ କରିଛି। ଟେଣ୍ଡର ମୂଲ୍ୟଠୁ ଅଧିକ ଦରରେ ଜରି କିଣିବା, ରିଲିଜ ଅର୍ଡର ଦେବା ପରେ ଏହାର ମୂଲ୍ୟ ବଦଳାଇ ଦିଆଯିବା ଭଳି ଅନେକ କିଛି ଦୁର୍ନୀତି ବଳରେ ୩୦ କୋଟି ଟଙ୍କା ବାଟମାରଣା ହୋଇଛି । ନଗର ଯୁବମୋର୍ଚ୍ଚା ସଭାପତି ଜ୍ୟୋତିରଞ୍ଜନ ପଲେଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ପ୍ରଭାରୀ ଦେବାଶିଷ ଘୋଷ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଦେବାଶିଷ ରାୟ, ସ୍ୱାଧୀନ ମହାନ୍ତି, ପ୍ରଶାନ୍ତ ଦାସ, ନନ୍ଦଲାଲ ଗୁପ୍ତା, ଲୋକନାଥ ସାହୁ, ସୟଦ ସାହାନୱାଜ ଅଲ୍ଲି, କେଦାରନାଥ ପାଣି, ଅଭିଜିତ ଭଗତ, ହୁସେନ ତାରିଫ ଓ ଲୋକେଶ ସାହୁ ପ୍ରମୁଖ ସାମିଲ ହୋଇଥିଲେ।




କୃଷିମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଟକ ନଗର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପେଟ୍ରୋଲ, ଡିଜେଲ୍‌ର ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**କଟକ ଅଫିସ, ୭।୯**




ଏସ୍‌ୟୁସିଆଇ(ସି) ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ପେଟ୍ରୋଲ ଓ ଡିଜେଲ୍ ଦରବୃଦ୍ଧି ପ୍ରତିବାଦରେ ଶୁକ୍ରବାର ଏସ୍‌ୟୁସିଆଇ(ସି) ପକ୍ଷରୁ କଟକ କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦାମ୍ ଅତ୍ୟନ୍ତ ନିମ୍ନସ୍ତରରେ ଥିବାବେଳେ ପେଟ୍ରୋଲ ଓ ଡିଜେଲ୍‌ର ଲଗାମହୀନ ଦର ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଏସ୍‌ୟୁସିଆଇ(ସି) ଦାୟୀ କରି ପ୍ରଧାନମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଛି। ବିକ୍ଷୋଭ ସ୍ଥଳରେ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟିର ସମ୍ପାଦକ ବିଶ୍ୱାବସୁ ଦାସଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତାମାନେ କହିଥିଲେ, କେନ୍ଦ୍ର ସରକାର ପ୍ରତିଦିନ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରି ଦେଶର ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଲୋକଙ୍କୁ ଖୋଲାଖୋଲି ଭାବେ ଲୁଣ୍ଠନ କରୁଛି। ଏହାଦ୍ୱାରା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ଘଟୁଛି। ହେଲେ ତୈଳଦର ବୃଦ୍ଧି କରାଯାଇ ଘରୋଇ ତୈଳ କମ୍ପାନୀ ମାଲିକମାନଙ୍କର ପକେଟ ଭରାଯାଉଛି। ସୂଚନାଯୋଗ୍ୟ, ୨୦୧୪ ନଭେମ୍ବରରୁ ୨୦୧୬ ଜାନୁୟାରୀ ମଧ୍ୟରେ ସରକାର ବାରମ୍ବାର ଶୁଳ୍କ ବଢାଇଛନ୍ତି। ପେଟ୍ରୋଲ, ଡିଜେଲ ଉପରେ ଲଗାତର ଭାବେ ଟିକସ ବୃଦ୍ଧି ଫଳରେ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୮୭ ଟଙ୍କା ୩୯ ପଇସା ଓ ଡିଜେଲ ଲିଟର ପିଛା ୭୬ ଟଙ୍କା ୫୧ ପଇସା ଥିବାବେଳେ ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୭୮ଟଙ୍କା ୬୬ପଇସା ଓ ଡିଜେଲ ଲିଟର ପିଛା ୭୭ଟଙ୍କା ୬୧ ପଇସା ହୋଇଛି। ସେହିପରି ରିହାତି ଦରରେ ମିଳୁଥିବା ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ପ୍ରାୟ ଦେଢଗୁଣ ବୃଦ୍ଧି ପାଇ ୫୫୦ ଟଙ୍କା ହୋଇଥିବାବେଳେ ରିହାତି ବିନା ଏହା ୮୩୨ ଟଙ୍କାରେ ପହଞ୍ଚିଛି। ଭାରତଠାରୁ ଅର୍ଥନୈତିକ ଭାବେ ପଛୁଆ ପଡୋଶୀ ରାଷ୍ଟ୍ର ମ୍ୟାନମାର, ଶ୍ରୀଲଙ୍କା, ପାକିସ୍ତାନ ଇତ୍ୟାଦିରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୩୦ରୁ ୪୫ଟଙ୍କା ମଧ୍ୟରେ ଉପଲବ୍ଧ ହେଉଛି। ହେଲେ ଆମ ଦେଶରେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ଚରମ ସୀମାରେ ପହଞ୍ଚିଛି। ଏହି ପରିସ୍ଥିତିରେ ସରକାର ପେଟ୍ରୋଲ ଓ ଡିଜେଲର ଦର ନିୟନ୍ତ୍ରଣ କରିବା ସହ ଏହା ଉପରେ ଆଦାୟ କରାଯାଉଥିବା ଅତ୍ୟଧିକ ଟିକସ ବନ୍ଦ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ଶିବାଶିଷ ପ୍ରହରାଜ, ସିଦ୍ଧାର୍ଥ ରଥ, ସସ୍ମିତା ମହାନ୍ତି, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧରଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ଏହାବାଦ ଆସନ୍ତା ୧୦ ତାରିଖରେ ହେବାକୁ ଥିବା ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଏସ୍‌ୟୁସିଆଇ(ସି) ପକ୍ଷରୁ ଆହ୍ୱାନ ଦିଆଯାଇଛି।



ମୁଁ ଅନ୍ୟକୁ ଥଟ୍ଟା କରେ ସତକଥା କହି, କାରଣ ସତ୍ୟ ହେଉଛି ସବୁଠାରୁ ବଳି ଆମୋଦଦାୟକ ଥଟ୍ଟା।
- ଜର୍ଜ ବର୍ନାଡ ଶ



## ସଂକ୍ଷେପରେ

### ଜଳ ନିଷ୍କାସନ ପାଇଁ ଦାବିପତ୍ର

**କଟକ ସଦର, ୭।୯(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ନିମେଇଶାପୁର-ଆୟତପୁର ଗହୀରରୁ ବର୍ଷାଜଳ ନିଷ୍କାସନକୁ ତ୍ୱରାନ୍ୱିତ କରିବା ସହ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଦାବିରେ ଭାଜପା ପକ୍ଷରୁ ଗୁରୁବାର କଟକ ଡ୍ରେନେଜ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାଇଫନ ସଫା କରିବାରେ ବିଳମ୍ବ ହେତୁ ଦଣ୍ଡୁଆସିପଡା, କେଶପୁର ଓ ଆୟତପୁର ଗ୍ରାମର ଧାନଜମିରେ ପ୍ରାୟ ୫ ଫୁଟ ଉଚ୍ଚର ପାଣି ଜମି ରହିଛି। ମନ୍ଥର ଗତିରେ ପାଣି ସାଇଫନ ଦ୍ୱାରା ହଂସୁଆ ନଦୀକୁ ନିଷ୍କାସିତ ହେବାରୁ ଫସଲ ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି। ଏହାବ୍ୟତୀତ କନ୍ଦରପୁର ନିକଟ ତାଳଦଣ୍ଡା କେନାଲ ବନ୍ଧରେ ଏକ ସ୍ଥାୟୀ ସ୍ଲୁଇସ୍ ଗେଟ୍ କରିବା ପାଇଁ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ସାମଲଙ୍କ ନିକଟରେ ଭାଜପା ସମ୍ପାଦକ ଦିଲୀପ ମଲ୍ଲିକ ଦାବି କରିଥିଲେ। କନ୍ଦରପୁର ବଜାର ନିକଟରେ ଡ୍ରେନ୍‌ର ଉଭୟ ପାର୍ଶ୍ୱକୁ କଂକ୍ରିଟ୍ କାନ୍ଥ କରିବା ପାଇଁ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ନିର୍ମଳ ଦାସ, ପୀୟୂଷ ରଞ୍ଜନ ପରିଡା, ଚନ୍ଦ୍ରଶେଖର ମଲ୍ଲିକ, ଗୋକୁଳ ପ୍ରଧାନ ଓ ବନମାଳି ରାଉତ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।

### ପଞ୍ଚାୟତ ସମିତି ବୈଠକ

**ନିଆଳି, ୭।୯ (ଡି.ଏନ.ଏ.):** ନିଆଳି ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ପରିମଳ ଉପରେ ବ୍ୟାପକ ଆଲୋଚନା ହେବା ସହ ୨୩ଟି ପଞ୍ଚାୟତରେ ପ୍ରତି ଘରକୁ ଲାଟ୍ରିନ୍ ଯୋଗାଇଦେବା ସହ ଉକ୍ତ କାମକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଥିଲା। ସେହିପରି ରାଶନ କାର୍ଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ପରିମଳ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଓ ପାନୀୟ ଜଳ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଡିଓ ସୟଦ୍ ଆରିଫ୍ ହୋସେନ୍, ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ପାଣି, ଉପାଧକ୍ଷ ସରୋଜ ପ୍ରଧାନ, ଆତ୍ମାର ଅଧକ୍ଷ ଆଦିତ୍ୟ ପାଣି, ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ମହାନ୍ତି, ଜିଲା ପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ, ପୁଲକ ମହାନ୍ତି, ଅତୁଲ୍ୟ ଜେନା ଓ ମାମିନା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ହାଜତରେ ଆତ୍ମହତ୍ୟା ଉଦ୍ୟମ ଘଟଣା
### ଚିକିତ୍ସା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଟାଙ୍ଗୀ(କଟକ)୭।୯(ଡି.ଏନ୍.ଏ.):** ଟାଙ୍ଗୀ ଥାନା ହାଜତରେ ଆତ୍ମହତ୍ୟା ଉଦ୍ୟମ କରି କଟକ ବଡଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ହତ୍ୟା ଅଭିଯୁକ୍ତ ଗୋବିନ୍ଦପୁର ପଞ୍ଚାୟତ ଗୋକଳପୁର ଗ୍ରାମର ବଳରାମ ନାୟକ(୩୯)କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେ ତାଙ୍କ ସ୍ତ୍ରୀ ଦମୟନ୍ତୀଙ୍କ ମୁଣ୍ଡକୁ ଶିଳପୁଆରେ ଛେଚି ହତ୍ୟା କରିଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଥିଲା। ଗତ ୩୦ ତାରିଖରେ ଅଭିଯୁକ୍ତ ବଳରାମଙ୍କୁ ପୋଲିସ ଗିରଫ କରିଥିଲେ ମଧ କୋର୍ଟ ଚାଲାଣ ପୂର୍ବରୁ ସେ ଥାନା ହାଜତ ମଧରେ ବ୍ଲେଡରେ ନିଜ ତଣ୍ଟି ଓ ହାତର ଧମନୀକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ସୁସ୍ଥ ହେବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସତ୍‌ସଙ୍ଗ ଉତ୍ସବ

**କଟକ ଅଫିସ, ୭।୯:** ଅରୁଣୋଦୟନଗରସ୍ଥିତ ଦୟାନିଧି ସ୍ମୃତି କଳା ପରିଷଦରେ ସତ୍‌ସଙ୍ଗ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୁରୁ ଦୟାନିଧି ଦାସଙ୍କ ସହଧର୍ମିଣୀ ତଥା ଅନୁଷ୍ଠାନର ପୃଷ୍ଠପୋଷକ ନିଶାମଣୀ ଦାସଙ୍କର ୮୨ତମ ଜୟନ୍ତୀ ଉପଲକ୍ଷେ ଏହି ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ଋତ୍ୱିକ ପ୍ରସନ୍ନ କୁମାର ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସତ୍‌ସଙ୍ଗରେ ଋତ୍ୱିକ ଭୀମସେନ ସାହୁ, ସୁମନ୍ତ ମହାନ୍ତି, ଗୋବିନ୍ଦ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆଦର୍ଶ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଧୁପ୍ରସାଦ ଦାସ ଉତ୍ସବରେ ସଂଗୀତ ପରିଚାଳନା କରିଥିଲେ।

# ମୁଣ୍ଡ ଉପରେ ପାର୍ବଣ, ପରିମଳ ବିପର୍ଯ୍ୟସ୍ତ

**କଟକ ଅଫିସ, ୭।୯**

ପାଖେଇ ଆସିଲାଣି ପାର୍ବଣ। ହେଲେ ଏଯାଏ ବସିଲା ନାହିଁ ମହାନଗର ନିଗମର କାଉନସିଲ ବୈଠକ। ଗତ ଦୁଇ ମାସ ହେବ କାଉନସିଲ ବୈଠକ ନ ବସିବା ଯୋଗୁ ସହରର ବହୁ ସମସ୍ୟା ବିଷୟରେ ଆଲୋଚନା ହୋଇପାରିନାହିଁ। ପାର୍ବଣ ମୁଣ୍ଡ ଉପରେ ଥିବା ବେଳେ ସହରରେ ପରିଷ୍କାର ପରିଚ୍ଛନ୍ନତା କିଭଳି ରକ୍ଷା କରାଯିବ ସେ ନେଇ ସମାଧାନ ବାହାରିଲା ନାହିଁ। ସହରରେ ଗଣେଶ ପୂଜାଠାରୁ ଆରମ୍ଭ ହୋଇଯାଏ ପାର୍ବଣ ଋତୁ। ଏହି ସମୟରେ ସହରରେ ଭିଡ଼ ମଧ ବଢିବାରେ ଲାଗେ। ଏହାକୁ ଦୃଷ୍ଟିରେ ରଖି ପ୍ରତି ପୂଜା ମଣ୍ଡପରେ ଡଷ୍ଟବିନ, ବ୍ଲିଚିଂ ଦେବା, ସଫେଇ କର୍ମଚାରୀ ନିୟୋଜିତ କରିବା ସହ ପଲିଥିନ ବର୍ଜନ ପାଇଁ ସଚେତନ କରାଇବା ସିଏମ୍‌ସିର ମୁଖ୍ୟ କାମ। ହେଲେ ଏଯାଏ ସିଏମ୍‌ସି ତରଫରୁ ଏନେଇ ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି



କର୍ପୋରେଟର କବିତା ଘଡେଇ। ମେୟର ମୀନାକ୍ଷୀ ବେହେରା କହିଛନ୍ତି ଯେ, ବିଳମ୍ବ ହୋଇଛି ସତ ହେଲେ ଆମେ ସଚେତନ ଅଛୁ। ଖୁବଶୀଘ୍ର ଆମେ ବୈଠକ ଡାକିବୁ। ସହରରେ ଏବେ ଜଳବନ୍ଦୀ ସମସ୍ୟାକୁ ସିଏମ୍‌ସି ମୁକାବିଲା କରିବାରେ ବିଫଳ। ହେଲେ ଏହାରି ଭିତରେ ଦିନ କେଇଟା ରହିଲା ଗଣେଶ ପୂଜା, ତା ପରେ ଦୁର୍ଗା ପୂଜା ଏହିଭଳି ସହରରେ ଭିଡ ବଢିବ। ଯଦି ସିଏମସି ପରିଷ୍କାର ପରିଚ୍ଛନ୍ନତା ନେଇ ତତ୍ପରତା ପ୍ରକାଶ ନ କରେ ତେବେ ସହରରେ ଅଳିଆ ପାହାଡ ସୃଷ୍ଟି ହେବ ବୋଲି ସହରର କିଛି ଯୁବକସଂଘ କର୍ମକର୍ତ୍ତା ପ୍ରତିକ୍ରିୟା ରଖିଛନ୍ତି।



ବିଭିନ୍ନ ଦାବି ନେଇ ଶୁକ୍ରବାର କଟକ ସେଲ୍‌ଟୋରୀ ଛକସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ୪୮୮ ବ୍ଲକଗ୍ରାଣ୍ଟ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## କଲେଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଚୌଦ୍ୱାର, ୭।୯(ଡି.ଏନ.ଏ.)**

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନକ୍ରମେ ବିଭିନ୍ନ ଦାବି ନେଇ ଅଗଷ୍ଟ ୧୬ ତାରିଖରୁ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଗଣଆନ୍ଦୋଳନ ଜାରି ରଖିଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଶୁକ୍ରବାର ସ୍ଥାନୀୟ ଚୌଦ୍ୱାର କଲେଜ ଓ ଚୌଦ୍ୱାର ମହିଳା କଲେଜର ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏଥିଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏହି ଆନ୍ଦୋଳନକୁ କଲେଜର ଛାତ୍ରୀଛାତ୍ରମାନେ ସମର୍ଥନ କରିଛନ୍ତି। ଅଧ୍ୟାପକ ଓ କର୍ମଚାରୀମାନଙ୍କ ଦାବିକୁ ସରକାର ଅଣଦେଖା କରୁଥିବାରୁ ଏ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିବା ୪୮୮ବର୍ଗ କଲେଜର ଜିଲା ସମ୍ପାଦକ ତଥା ଅଧ୍ୟାପକ ଯୁକ୍ତେଶ୍ୱର ଦାସ କହିଛନ୍ତି। ଦାବି ପୂରଣ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନ ନିଆଯିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଅଧ୍ୟାପକ ବସନ୍ତ ବିଶ୍ୱାଳ, ସୁମନ୍ତ ସାହୁ, ମମତା ସାହୁ, ଚନ୍ଦ୍ରଶେଖର ପଣ୍ଡା, ପ୍ରଫୁଲ୍ଲ ସାହୁ, ମହିଳା ମହାବିଦ୍ୟାଳୟର ଭିକାରି ଚରଣ ସାହୁ ପ୍ରମୁଖ ଜଣାଇଛନ୍ତି। ସେହିପରି ଶଙ୍କରପୁର ସ୍ଥିତ ଗୋଖଲେ ଆଦର୍ଶ ମହାବିଦ୍ୟାଳୟରେ ମଧ କାର୍ଯବନ୍ଦ ଆନ୍ଦୋଳନ ଜାରି ରହିଛି।

## ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ

**ଚୌଦ୍ୱାର,୭।୯ (ଡି.ଏନ.ଏ.)**

ରୋଟାରି କ୍ଲବ ଚୌଦ୍ୱାରର ୧୭ତମ ଅଧିଷ୍ଠାନ ଉତ୍ସବ ଗୁରୁବାର ସାଇବିହାର ସ୍ଥିତ ରୋଟାରି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ସୁଭାଷ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଚୌଦ୍ୱାର- କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରୋଟାରୀ ଜିଲା ୩୨୬୨ର ଗଭର୍ଣ୍ଣର ଦେବାଶିଷ ମିଶ୍ର, ସହକାରୀ ଗଭର୍ଣ୍ଣର ଡ. ଧରଣୀଧର ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚୌଦ୍ୱାର ରୋଟାରୀ କ୍ଲବର ମୁଖପତ୍ର ‘ଜାଗୃତି’କୁ ଉନ୍ମୋଚନ କରିଥିଲେ। ୨୦୧୮-୧୯ ବର୍ଷପାଇଁ ପ୍ରତାପ କୁମାର ଶତପଥୀ, ରମେଶ ଚନ୍ଦ୍ର ବରାଳ, ଶରତ କୁମାର ଖୁଣ୍ଟିଆ, ନରେଶ କୁମାର ସାହୁ, ଅରୁଣ କୁମାର ସାମଲ, ଡା. ମୁରଲୀଧର ଦ୍ୱିବେଦୀ ଓ ଡ. ଶ୍ରାବଣୀ ବନ୍ଦୋପାଧ୍ୟାୟ ଯଥାକ୍ରମେ ସଭାପତି, ସମ୍ପାଦକ, ପତ୍ରିକା ସମ୍ପାଦକ, କୋଷାଧକ୍ଷ, ଫାଉଣ୍ଡେସନ୍ ଚେୟାର ଓ ଉପ ସଭାପତି ଭାବେ ଅଧିଷ୍ଠିତ ହୋଇଥିଲେ। ଏହି ଅବସରରେ ଓଟିଏମ୍ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସୁଧୀର ଚନ୍ଦ୍ର ନାୟକଙ୍କୁ ‘ନେସନ ବିଲଡର’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦିବ୍ୟଜ୍ୟୋତି ପାଣି କାର୍ଯ୍ୟକ୍ରମ ପରିଚାଳନା ଓ ବିଶ୍ୱ କଲ୍ୟାଣ ଦାସ ଧନ୍ୟବାଦ ଦେଇଥିଲେ।

## ସୁସ୍ଥ ଶିଶୁ ବଳିଷ୍ଠ ସମାଜ ଗଠନରେ ସହାୟକ ହୋଇଥାଏ

**ଜାତୀୟ ପୁଷ୍ଟି ସପ୍ତାହ**

**କଟକ ଅଫିସ, ୭।୯**

ସୁସ୍ଥ ଶିଶୁ ବଳିଷ୍ଠ ସମାଜ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ଶୁକ୍ରବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜାତୀୟ ପୁଷ୍ଟି ସପ୍ତାହ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ହରିଶ ଚନ୍ଦ୍ର ନାୟକ ଏହି କଥା କହିଛନ୍ତି। ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ବଟକୃଷ୍ଣ ମହଲା ଯୋଗଦେଇ ସ୍ୱାସ୍ଥ୍ୟଜନିତ ସମସ୍ୟା ଓ ବିଭିନ୍ନ ଯୋଜନା ଉପରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ଏସ୍‌ଏନସି (ୟୁନିସେଫ୍) ସୁଦୀପ ଦାସ ଉତ୍ତମ ଶିଶୁ ସ୍ୱାସ୍ଥ୍ୟ- ଶିଶୁର ପ୍ରଥମ ୧୦୦୦ ଦିନରେ ଦେଖାଯାଉଥିବା ପୁଷ୍ଟିହୀନତାର ନିରାକରଣ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପଗୁଡିକୁ ସୁନିଶ୍ଚିତ କରିବା’ ପ୍ରସଙ୍ଗ ଉପରେ ସମସ୍ତଙ୍କୁ ବୁଝାଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରା କାର୍ଯ୍ୟକ୍ରମରେ ସଂଯୋଜନା ଓ ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ବବିତା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ବସନ୍ତ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ, ୭।୯:** କଲେଜଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ବସନ୍ତ ବିଶ୍ୱାଳଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇସିସି ସଭ୍ୟ ସୁରେଶ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବସନ୍ତ ବିଶ୍ୱାଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ବିଶ୍ୱାଳଙ୍କ ଦ୍ୱାରା ଓଡ଼ିଶାର ପ୍ରଗତି ତଥା କଟକ ସହରର ଉନ୍ନତି କିପରି ସମ୍ଭବ ହୋଇଥିଲା ତାହାର ବିଶ୍ଳେଷଣ କରିଥିଲେ। ଏଥିରେ ପିସିସି ସଭ୍ୟ ସୁକେଶ ପଟ୍ଟନାୟକ, ଶିବେନ୍ଦ୍ର ହାତୀ, କୃଷ୍ଣ ମଲ୍ଲିକ, କେଶବ ରାଉତ, ବ୍ରଜ ବିଶ୍ୱାଳ, ବାଙ୍କନିଧି ବେହେରା, ସ୍ନେହଲତା ଚୌଧୁରୀ, ମଞ୍ଜୁଲତା ଗରୁଡ଼, ମମତା ମାଡ଼ଗୁଲ ଯୋଗଦେଇଥିଲେ।

## ଶିଳ୍ପ ସଚେତନତା ଶିବିର

**ଟାଙ୍ଗୀ(କଟକ)୭।୯(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶିଳ୍ପ ବିଭାଗ ପକ୍ଷରୁ ଚୌଦ୍ୱାରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ସଟାଇଲ୍ ଟେକ୍ନୋଲୋଜି(ଆଇ.ଟି.ଟି) ପରିସରରେ ବୁଧବାର ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଟକ ଶିଳ୍ପ ସାଧାରଣ ପରିଚାଳକ ପି. ପ୍ରଭାକର ରାଓ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ଆଇ.ଟି.ଟି ଅଧକ୍ଷ ଏସ.କେ. ମିଶ୍ର ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ କାନାରା ବ୍ୟାଙ୍କ ପରିଚାଳକ ସୋନିଆ ସରକାର, ସହକାରୀ କୃଷି ଅଧିକାରୀ କୁଳମଣି ବାରିକ, ଅଧାପକ ଗୌତମ ଭଟ୍ଟାଚାର୍ଯ୍ୟ ଓ ଶିଳ୍ପକେନ୍ଦ୍ର ସହକାରୀ ପରିଚାଳକ କେ.ଏନ.ପଟେଲ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ଶିଳ୍ପର ଭୂମିକା ଏବଂ ସରକାରୀ ସହାୟତା ସମ୍ପର୍କିତ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ବ୍ଲକ ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ବିଭୁରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ରୋଡ୍ ଶୋ’ରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ଶପିଂ ମଲରେ ଯୁବତୀଙ୍କ ଆତ୍ମହତ୍ୟା

**କଟକ ଅଫିସ, ୭।୯**

ମଙ୍ଗଳାବାଗ ଥାନା ଅନ୍ତର୍ଗତ ବଜ୍ରକବାଟି ଅଞ୍ଚଳରେ ଥିବା ଏକ ଶପିଂ ମଲରେ ଶୁକ୍ରବାର ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ଝୋଲାସାହି ଭଗତପୁର ଅଞ୍ଚଳର ରଞ୍ଜିତା ମହାନ୍ତି(୨୨)। ସେ ଉକ୍ତ ଶପିଂ ମଲରେ ୧ ବର୍ଷ ହେବ ସେଲ୍ସ ଏକ୍‌ଜିକ୍ୟୁଟିଭ ଭାବେ କାର୍ଯ୍ୟ କରୁଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ୪.୩୦ରେ ମଲର ଜଣେ କର୍ମଚାରୀ ଷ୍ଟୋର ରୁମକୁ କପଡା ଆଣିବା ପାଇଁ ଯାଇଥିଲେ। ହେଲେ ଷ୍ଟୋର ରୁମ ଭିତରୁ କବାଟ ବନ୍ଦ ଥିଲା। କବାଟ ବାଡେଇଥିଲେ ମଧ ଭିତରୁ କେହି କବାଟ ଖୋଲି ନ ଥିଲେ। ପରେ କବାଟ ଭାଙ୍ଗି ଦେଖିବାରୁ ରଞ୍ଜିତା ତାଙ୍କ ଓଢଣିକୁ ବେକରେ ଲଗାଇ ଫ୍ୟାନ୍‌ରେ ଝୁଲି ପଡିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(୧୬୦୮/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରେମ ସମ୍ପର୍କକୁ ନେଇ ଏଭଳି ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।





ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟ ଗୁରୁବାର ଐତିହାସିକ ରାୟ ଦେବା ପରେ କଟକରେ ଶୁକ୍ରବାର ଏଲଜିବିଟିକ୍ୟୁ କମ୍ୟୁନିଟି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଷଷ୍ଠ ଦିନରେ ୮୫୮ ଶିଶୁ ଉଦ୍ଧାର

**ଅପରେଶନ ପରୀ-୨**

**କଟକ ଅଫିସ, ୭।୯**

ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଅପରେଶନ୍ ପରୀ-୨ କାର୍ଯ୍ୟକ୍ରମ ଜାରି ରହିଛି। ଗୁରୁବାର ଷଷ୍ଠ ଦିନରେ ୮୫୮ ପିଲାଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୭୧୪ ନାବାଳକ ଏବଂ ୧୪୪ ନାବାଳିକା ଅଛନ୍ତି। ଉଦ୍ଧାର ପିଲାଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୧୨୯ ଜଣ, ବ୍ରହ୍ମପୁର ପୋଲିସ ଜିଲାର ୮୩, ଗଜପତି ଜିଲାର ୩୭, କଳାହାଣ୍ଡି ଜିଲାର ୩୪, କଟକ ଜିଲାର ୩୩, ରାୟଗଡା ଜିଲାର ୩୨, ପୁରୀ ଜିଲାର ୨୫ ଜଣ ରହିଥିବା ଜଣାପଡିଛି। ଉଦ୍ଧାର ପିଲାମାନଙ୍କୁ ବିଭିନ୍ନ ଶିଶୁ ସୁରକ୍ଷା ସମିତିରେ ଛଡାଯାଇଥିବା ବେଳେ ସେମାନଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଉଦ୍ଧାର ହୋଇଥିବା ୮୫୮ ପିଲାଙ୍କ ମଧ୍ୟରୁ ୫୩ ଜଣଙ୍କୁ ଅପହରଣ କରିନେଇ ବିଭିନ୍ନ କାର୍ଯ୍ୟରେ ଲଗାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ଅପରେଶନ୍‌ର ପ୍ରଥମ ଦିନରେ ୩୫ ଏବଂ ଦ୍ୱିତୀୟ ଦିନରେ ୧୯୧, ତୃତୀୟ ଦିନରେ ୩୭୭, ଚତୁର୍ଥ ଦିନରେ ୫୩୦, ପଞ୍ଚମ ଦିନରେ ୬୫୬ ପିଲାଙ୍କୁ ଉଦ୍ଧାର କରାଯାଇଥିଲା।

### ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନେଲାନି ପୋଲିସ
## ଡିସିପିଙ୍କୁ ଭେଟିଲେ ଖ୍ରୀଷ୍ଟ କଲେଜ ଛାତ୍ର

**କଟକ ଅଫିସ,୭।୯**

କଲେଜରେ ଅଣଛାତ୍ର ଓ କେତେଜଣ ଅସାମାଜିକ ଯୁବକ ପ୍ରବେଶ କରୁଥିବା ନେଇ ଖ୍ରୀଷ୍ଟ କଲେଜର ଛାତ୍ରମାନେ କିଛିଦିନ ତଳେ କ୍ୟାଣ୍ଟେନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ। ହେଲେ ଏ ନେଇ କ୍ୟାଣ୍ଟନମେଣ୍ଟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଶୁକ୍ରବାର କଲେଜ କେତେଜଣ ଛାତ୍ର ଡିସିପି ଅଖିଳେଶ୍ୱର ସିଂଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଣଛାତ୍ରମାନେ ମହାବିଦ୍ୟାଳୟର ଛାତ୍ରମାନଙ୍କ ସହିତ ବିନା କାରଣରେ ଝଗଡ଼ା କରୁଛନ୍ତି। ଆଗାମୀ ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ କଲେଜରେ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଛାତ୍ରମାନେ କହିଥିଲେ। ଏ ଦିଗରେ ଡିସିପି ଦୃଷ୍ଟି ଦେବାକୁ ଛାତ୍ରମାନେ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ଛାତ୍ର ଅମରଜିତ ବେହେରା, ଶୁଭାଶିଷ ସ୍ୱାଇଁ ଓ ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଡିସିପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଛାତ୍ରମାନେ।

### ■ ମାହାଙ୍ଗାରେ ଅମୁନି ଗୋରୁ ମୃତ୍ୟୁ
## ନିୟନ୍ତ୍ରଣ ବାହାରେ ଫାଟୁଆ, ଥେଲେରିଆ

**ମାହାଙ୍ଗା,୭।୯(ସ୍ୱ.ପ୍ର.)**

ମାହାଙ୍ଗା ପ୍ରାଣୀଧନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ଗ୍ରାମରେ ଦୁଇ ସପ୍ତାହ ହେବ ଗୋରୁ ମୃତ୍ୟୁ ବଢିବାରେ ଲାଗିଛି। ମୃତ୍ୟୁବରଣ କରୁଥିବା ଗୋରୁ ଫାଟୁଆ ଓ ଥେଲେରିଆ ରୋଗରେ ଆକ୍ରାନ୍ତ ହେଉଥିବା ପ୍ରାଣୀଧନ ବିଭାଗ ପକ୍ଷରୁ କୁହାଯାଉଛି। ହେଲେ ଏହାକୁ ନିୟନ୍ତ୍ରଣ କରିବାରେ ବିଭାଗ ବିଫଳ ହୋଇଛି। ବ୍ଲକର ଚାହାଡ଼ା, ପାଇକରାପୁର, ପୋଡ଼ାମରାଇ, ଜଳେଶ୍ୱରପୁର, ଶ୍ରୀକୃଷ୍ଣପୁର ଓ ମଧୁପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁ ଗୋରୁ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଚାହାପଡ଼ା ପଞ୍ଚାୟତ ଜହଳ ଗ୍ରାମରେ ଅଧିକ ଗୋରୁଙ୍କ ମୃତ୍ୟୁ ଘଟିଛି। ସପ୍ତାହକ ମଧରେ ଗ୍ରାମରେ ୯ ଗୋରୁ ଓ ୧ ଛେଳି ମରିଥିବା ଜଣାପଡିଛି। ଦୁଇ ଦିନରେ ଗ୍ରାମର ୪ ଗୋରୁ ସମେତ ୧ଟି ଛେଳି ମରିଥିବା ଜଣାଯାଇଛି। ଗ୍ରାମର ବାସନ୍ତୀ କୁଅଁରଙ୍କ ଶୁକ୍ରବାର ଏକ ଗାଈର ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ମଙ୍ଗୁଳି ଦାସଙ୍କ ୧ ଗାଈ, ଶରତ ବିଶ୍ୱାଳଙ୍କ ୧ ବାଛୁରୀ,



■ ଚିନ୍ତାରେ ଗୋପାଳକ | ■ ବହୁ ଗ୍ରାମରେ ଶତାଧିକ ଗୋରୁ ଆକ୍ରାନ୍ତ | ■ କ୍ଷତିଗ୍ରସ୍ତ ଗୋପାଳକଙ୍କୁ ସହାୟତା ପ୍ରଦାନ ଦାବି

ଗୌତମ ପରିଡାଙ୍କ ୧ ବାଛୁରୀ ଓ ୧ ଛେଳି ମୃତ୍ୟୁବରଣ କରିଛନ୍ତି। ସେହିପରି ସପ୍ତାହକ ମଧରେ ଗ୍ରାମର ରାଜକିଶୋର କୁଅଁରଙ୍କ ୩, ପ୍ରମୋଦ କୁଅଁରଙ୍କ ୧ ଓ ଗୌତମ ପରିଡାଙ୍କ ୧ ଗାଈର ମୃତ୍ୟୁ ଘଟିଛି। ଗ୍ରାମର ଦିବାକର ପଲେଇ, ପାର୍ବତୀ ସାହୁ, ଜୟରାମ ବିଶ୍ୱାଳ, କୃଷ୍ଣଚନ୍ଦ୍ର ଦାସ, କ୍ଷୀରୋଦ ପରିଡ଼ା, ନରହରି ବିଶ୍ୱାଳ, ଗୌତମ କୁଅଁର ଓ ସତ୍ୟବ୍ରତ ବିଶ୍ୱାଳଙ୍କ ସମେତ ବହୁ ଗୋପାଳକଙ୍କ ଗୋରୁ ଆକ୍ରାନ୍ତ ହୋଇଛନ୍ତି। ପାଇକରାପୁର ପଞ୍ଚାୟତ ଚମ୍ପତିପୁର, ପୋଡାମରାଇ ପଞ୍ଚାୟତ ଅଲିଅରା ଓ ପୋଡାମରାଇ ଆଦି ଗ୍ରାମରେ ୪ଗୋରୁ ମରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା କହିଛନ୍ତି, ସାଧାରଣତଃ ବର୍ଷାଦିନେ ଏହି ରୋଗ ଦେଖାଯାଇଥାଏ। ବର୍ତ୍ତମାନ ରୋଗ ନିୟନ୍ତ୍ରଣରେ ଅଛି। ଯେଉଁ ଗ୍ରାମରେ ଅଧିକ ମୃତ୍ୟୁ ଘଟୁଛି, ସେହି ଗ୍ରାମରେ ଗୋପାଳକମାନେ ପ୍ରାଣୀଧନ ଚିକିତ୍ସାଳୟର ବିନା ପରାମର୍ଶରେ ଗୋରୁଙ୍କୁ ଔଷଧ ଦେଉଛନ୍ତି। ସେଥିପାଇଁ ଏପରି ସମସ୍ୟା ସୃଷ୍ଟି ହୋଇଛି। ତେବେ ଏ ଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀ ଏକ ଡାକ୍ତରୀ ଦଳ ପଠାଇ ଗୋରୁଙ୍କୁ ଚିକିତ୍ସା କରିବାକୁ ଅନୁରୋଧ କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଗୋପାଳକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି,
ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଫାଟୁଆ ରୋଗ : ୩୫ରୁ ଊର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ

ଖୋର୍ଦ୍ଧା ଅଫିସ,୭।୯:ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ଓ ତରତୁଆରେ ଗୋରୁଙ୍କୁ ଫାଟୁଆ ରୋଗ ବ୍ୟାପିଛି। ଗତ ୧୦ ଦିନ ମଧ୍ୟରେ ଏହି ରୋଗ ଦ୍ୱାରା ୩୫ରୁ ଊର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗ କାରଣରୁ କିଛି ଗର୍ଭବତୀ ଗାଈଙ୍କର ଗର୍ଭ ନଷ୍ଟ ହୋଇଗଲାଣି ବୋଲି ଅଭିଯୋଗ ହୋଇଛି। ପ୍ରାଣୀ ବିଭାଗ ନିକଟରେ ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ସୁଫଳ ମିଳୁନି। ଏହି ଦୁଇ ଗାଁରେ ୪ ମାସ ତଳେ ଫାଟୁଆ ରୋଗ ଦେଖିବାକୁ ମିଳିଥିଲା। ସେ ସମୟରେ ମଧ୍ୟ ଗୋରୁଙ୍କୁ ପ୍ରାଣୀ ବିଭାଗ ଅଣଦେଖା କରିଥିଲା।

### ଆନ୍ଦୋଳନକାରୀଙ୍କୁ ଭେଟିଲେ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର

ଟାଙ୍ଗୀ(ଖୋର୍ଦ୍ଧା),୭।୯(ଡି.ଏନ.ଏ.)-ଟାଙ୍ଗୀ ତହସିଲଦାରଙ୍କ ବଦଳି ଦାବିରେ ଟାଙ୍ଗୀ ଓକିଲ ସଂଘ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନ ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। ତହସିଲ କାର୍ଯ୍ୟାଳୟ ପରିସରରେ ଧାରଣାରତ ଓକିଲଙ୍କ ଦାବି ସମ୍ପର୍କରେ ଜାଣିବା ପାଇଁ ଖୋର୍ଦ୍ଧା ସିଭିଲକୋର୍ଟର ରେଜିଷ୍ଟ୍ରାର ଶଙ୍ଖ ଚକ୍ରପତି ଧାରଣାସ୍ଥଳକୁ ଆସି ଆଲୋଚନା କରିଥିଲେ। ତେବେ ଆନ୍ଦୋଳନକୁ ଜୋର୍‌ଦାର କରିବା ପାଇଁ ସଂଘ ସଭାପତି ଭାସ୍କର ପ୍ରସାଦ ମହାନ୍ତି ଓ ସ୍ୱସ୍ତିକ ରଥଙ୍କ ନେତୃତ୍ୱରେ ୧୧ ଜଣିଆ କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଛି। ଆସନ୍ତା ସପ୍ତାହରେ ଏହି କମିଟି ଓଡ଼ିଶା ରାଜସ୍ୱ ଶାସନ ସଚିବଙ୍କୁ ସାକ୍ଷାତ କରି ତହସିଲଦାରଙ୍କ ବଦଳି ଦାବିରେ ଏକ ଦରଖାସ୍ତ ଦେବାକୁ ନିଷ୍ପତ୍ତି ନେଇଛି। ଏହାବାଦ୍ କମିଟି ଖୋର୍ଦ୍ଧା ଜିଲାଜଜ୍‌ଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବେ ବୋଲି ଓକିଲ ସଂଘ ସୂତ୍ରରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ କି, ତହସିଲଦାର ଆଶିଷ କୁମାର ଜେନା ଆଇନଜୀବୀ ଜ୍ୟୋତିର୍ମୟ ସାହୁଙ୍କୁ ଖରାପ ବ୍ୟବହାର ଓ ଧମକଚମକ ପ୍ରତିବାଦରେ ଏହି ଧାରଣା ଜାରି ରହିଛି।

### ଜଟଣୀ ଥାନା ଅଧିକାରୀ ହେଲେ ବିଶ୍ୱରଞ୍ଜନ ସାହୁ
### ୨ ଅତିରିକ୍ତ ଡିସିପି, ଜଣେ ଏସିପି, ଏସ୍‌ଆଇଙ୍କ ବଦଳି

ଭୁବନେଶ୍ୱର, ୭।୯(ବ୍ୟୁରୋ): କମିଶନରେଟ ପୋଲିସରେ ଶୁକ୍ରବାର ଛୋଟ ଧରଣର ଅଦଳବଦଳ କରାଯାଇଛି। ୫୦ ହଜାର ଟଙ୍କା ଲାଞ୍ଚ ନେଇ ଜଟଣୀ ଥାନା ଥାନା ଅଧିକାରୀ ସଞ୍ଜୀବ ମହାନ୍ତି ନିଲମ୍ବିତ ହେବା ପରେ ତାଙ୍କ ସ୍ଥାନରେ କମିଶନରେଟ ମୁଖ୍ୟାଳୟରେ ଥିବା ବିଶ୍ୱରଞ୍ଜନ ସାହୁଙ୍କୁ ଅବସ୍ଥାପିତ କରାଯାଇଛି। ଆଗାମୀ ଥାନାର ଅନ୍ୟ କର୍ମଚାରୀମାନଙ୍କୁ ବଦଳି କରାଯିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି। ସେହିଭଳି ନିକଟରେ ଅତିରିକ୍ତ ଡିସିପି ପାହ୍ୟାକୁ ପଦୋନ୍ନତି ପାଇଥିବା ତପସ୍ୱିନୀ ଆରୁଖଙ୍କୁ ଭୁବନେଶ୍ୱର ଅତିରିକ୍ତ ଡିସିପି ଭାବେ ଦାୟିତ୍ୱ ଦିଆଯାଇଛି। କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଥିବା ଅତିରିକ୍ତ ଡିସିପି ତ୍ରିନାଥ ପଟେଲଙ୍କୁ କଟକ ଅତିରିକ୍ତ ଡିସିପିଭାବେ ନିଯୁକ୍ତି ଦିଆଯାଇଛି। ଏସିପି ରାଜେନ୍ଦ୍ର କୁମାର ସେନାପତିଙ୍କୁ ୟୁପି ଏବଂ ଟିଟିଆଇ ସିପି ପର୍ସୋନେଲ ଭାବେ ଅବସ୍ଥାପିତ କରାଯାଇଛି। କମିଶନରେଟ ମୁଖ୍ୟାଳୟରେ ଥିବା ଏସ୍‌ଆଇ ବଂଶୀଧର ମଲ୍ଲିକଙ୍କୁ କଟକ ଡିସିପି ଅଫିସକୁ ବଦଳି କରାଯାଇଛି। ତାଙ୍କୁ କଟକରେ କେଉଁ ସ୍ଥାନରେ ଅବସ୍ଥାପିତ କରାଯିବ ତାହା କଟକ ଡିସିପି ସ୍ଥିର କରିବେ ବୋଲି ଜଣାପଡିଛି।

■ ଖୋର୍ଦ୍ଧା ସହରରେ ବଢୁଛି ନିଶା କାରବାର

# ଲୋକଙ୍କୁ ମିଳୁନି ସାମାଜିକ ନିରାପତ୍ତା

■ସୁଧାର ଆସୁନି ବିପର୍ଯ୍ୟସ୍ତ ଟ୍ରାଫିକ ସେବାରେ
■ସହରୀ ସେବାରେ ସନ୍ତୁଷ୍ଟ ନୁହନ୍ତି ବରିଷ୍ଠ ନାଗରିକ

ଖୋର୍ଦ୍ଧା ଅଫିସ,୭।୯:

ଖୋର୍ଦ୍ଧା ସହରରେ ସାମାଜିକ ନିରାପତ୍ତା ବ୍ୟବସ୍ଥାକୁ ଅଣଦେଖା କରାଯାଉଥିବାରୁ ବରିଷ୍ଠ ନାଗରିକମାନେ ସୁରକ୍ଷିତ ନୁହନ୍ତି। ସହରରେ ବିପର୍ଯ୍ୟସ୍ତ ଟ୍ରାଫିକର ସୁଧାର ଆସିପାରୁନି। ବ୍ରାଉନସୁଗାର, ଗଞ୍ଜେଇ, ମଦ ପରି ନିଶା କାରବାର ବଢ଼ି ଚାଲିଛି। ବିକାଶ ଚାଲିଥିଲେ ମଧ୍ୟ ସହରର ସମସ୍ୟା ହଟିବା ବଦଳରେ ବଢ଼ି ଚାଲିଛି। ଏଭଳିସ୍ଥଳେ ସହରୀ ସେବା ଉପରେ ପ୍ରଶ୍ନ ଉଠାଇ ତା'ର ସମାଧାନର ମାର୍ଗ କାଢ଼ିବା ପାଇଁ ଏକ ଆଲୋଚନାଚକ୍ର ଖୋର୍ଦ୍ଧା ରୋଟାରୀ କ୍ଲବ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜନ ହୋଇଥିଲା। ଏଥିରେ ବରିଷ୍ଠ ନାଗରିକମାନେ ଯୋଗଦେଇ ସାମାଜିକ ନିରାପତ୍ତା, ଟ୍ରାଫିକ ସେବା ଓ ନିଶା କାରବାର ଉପରେ ନିଜର ମତ ରଖିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂ ଦର୍ଶାଇଥିଲେ, ଖୋର୍ଦ୍ଧା ଏନ୍‌ଏସିରୁ ମ୍ୟୁନିସିପାଲିଟି ହେଲା। ହେଲେ ଟ୍ରାଫିକ ସମସ୍ୟାର ସମାଧାନ ହୋଇ ପାରିଲାନାହିଁ। ଯାନବାହନ ଚଳାଚଳରେ କଟକଣା ନ ଥିବାରୁ ୫୭ ନଂ. ଜାତୀୟ ରାଜପଥର ଖୋର୍ଦ୍ଧାରୁ ମୁକୁନ୍ଦପ୍ରସାଦ ରାସ୍ତାରେ ଯିବାବେଳେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏଣୁ ଲୋକମାନେ ବିକଳ୍ପ ରାସ୍ତା ଖୋଜି ଯାତାୟାତ କରୁଛନ୍ତି। ପୁଣି ଦ୍ରୁତଗତିରେ ବାଇକ୍ ଚାଳନା ଉପରେ କଟକଣା ନ ଥିବାରୁ ରାସ୍ତାରେ ଯିବାକୁ ଭୟ ଲାଗୁଛି। ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜିତୁ ମିତ୍ର କହିଥିଲେ, ବିପର୍ଯ୍ୟସ୍ତ ଟ୍ରାଫିକକୁ ସୁଧାରିବା ପାଇଁ ସରକାର, ପୋଲିସ ସଚେତନତା କରୁଛନ୍ତି। ହେଲେ ଲୋକେ ଏହାର ସୁଫଳ ନେଇ ପାରୁନାହାନ୍ତି। ସଂସ୍କୃତି ସମ୍ପନ୍ନ ଐତିହ୍ୟ ସହରରେ ବ୍ରାଉନସୁଗାର ପରି ନିଶା କାରବାର ବଢ଼ି ଚାଲିଛି। ଏହା ଉପରେ ଲଗାମ ଲଗାଇବା ଦରକାର। ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଧନେଶ୍ୱର ସାହୁ କହିଥିଲେ, ବ୍ରାଉନସୁଗାର ପରି ନିଶା କାରବାର ଯୋଗୁ ଯୁବକ ଓ ଛାତ୍ରମାନେ ଅକାଳରେ ପ୍ରାଣ ହରାଉଛନ୍ତି। ପାରିବାରିକ ଜୀବନ ଦୁଃଖରେ କଟୁଛି। ଏଣୁ ଏ ଦିଗରେ ସଚେତନତା ପାଇଁ ସେ ଏକ ନାଟକ ରଚନା କରିଛନ୍ତି। ଯାହାକି ଲୋକଙ୍କୁ ସଚେତନ କରିବ। ଆଲୋଚକ ଭାବେ ଯୋଗ ଦେଇଥିବା ଖୋର୍ଦ୍ଧାର ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ଅଶୋକ ପାତ୍ର ଭୁବନେଶ୍ୱରର କିଛି କଲେଜ ଛାତ୍ରଙ୍କ ନିଶା ଖାଇବା ଉପରେ ଟିପ୍ପଣୀ ଦେଇ ନିଶା ସେବନର ଭୟାବହତାକୁ ବୁଝାଇଥିଲେ। ସେହିପରି ବରିଷ୍ଠ ନାଗରିକଙ୍କ ପାଇଁ ଥିବା ଆଇନ, କେଉଁ ପ୍ରକାରର ସହାୟତା ଦିଆଯାଇ ପାରିବ ସେ ନେଇ ଦର୍ଶାଇଥିଲେ। ଏସ୍‌ପି ଦୀପ୍ତି ରଞ୍ଜନ ରାୟ କହିଥିଲେ, ଆବଶ୍ୟକ ପୋଲିସ ନ ଥିବାରୁ ସେବାସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ବିଭିନ୍ନ ସେବା ଯୋଗାଇବା କାଠିକର ପାଠ ହୋଇ ପଡୁଛି। ସହରବାସୀଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ଟାଉନ ଥାନାକୁ ଆଦର୍ଶ ଥାନା ଭାବେ ରୂପାନ୍ତରିତ କରାଯାଉଛି। ଏଥିରେ ବରିଷ୍ଠ ନାଗରିକଙ୍କୁ ସୁବିଧା ଅସୁବିଧା ବୁଝିବାକୁ ଏକ ପ୍ରକୋଷ୍ଠ ବ୍ୟବସ୍ଥା କରାଯାଉଛି। ସେହିପରି ବ୍ରାଉନସୁଗାର କାରବାର ବଢ଼ି ଚାଲିଥିବାରୁ କ୍ଷୋଭ ପ୍ରକାଶ କରି କହିଥିଲେ ଏ ଦିଗରେ ଲଗାମ ଲଗାଇବାକୁ ଚେଷ୍ଟା ଜାରି ରହିଛି। ଟ୍ରାଫିକ ବିପର୍ଯ୍ୟସ୍ତ ଉପରେ କହିଲେ, କର୍ମଚାରୀ ଅଭାବ ଯୋଗୁ ହୋମଗାର୍ଡମାନଙ୍କୁ ଟ୍ରାଫିକ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଖୋର୍ଦ୍ଧାର ରାସ୍ତାଗୁଡିକ ଅଣଓସାରିଆ ଓ ଜବରଦଖଲରେ ରହିଥିବାରୁ ସମସ୍ୟା ଉପୁଜୁଛି। ଥଇଥାନ ନ କରି ଉଚ୍ଛେଦ କରିବା ଠିକ୍ ନୁହେଁ। ଏ ନେଇ ଜିଲା ପ୍ରଶାସନ, ପୌର ପ୍ରଶାସନ ଓ ସାଧାରଣ ଲୋକଙ୍କ ସହଯୋଗ ଦରକାର। ମୋଟାମୋଟି ଭାବେ ମାନସିକତାରେ ପରିବର୍ତ୍ତନ ନ ଆସିଲେ କିଛି କାମ କରିବା ସମ୍ଭବ ନୁହେଁ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ରୋଟାରୀ କ୍ଲବର ସଭାପତି ଦେବ ପ୍ରସାଦ ମଜୁମଦାର ପୌରୋହିତ୍ୟ କରିଥିଲେ।



ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

## ବ୍ୟବସାୟ ଦେଇଛି ବଞ୍ଚିବାର ରାହା


ଭାଗୀଦାର ବ୍ୟବସାୟୀ ବେଲୁ ଓ ଲୋକନାଥ।

**ଦିନକର କାହାଣୀ**

**ଖୋର୍ଦ୍ଧା ଅଫିସ:** ଭାଗୀଦାର ବ୍ୟବସାୟ ସଫଳତା ଦେଇଛି। ଖୋର୍ଦ୍ଧା ସହରରେ ଦୁଇ ବ୍ୟବସାୟୀ ପନିପରିବା ଦୋକାନ କରି ପରିବାର ଗୁଜୁରାଣ କରି ଆସୁଛନ୍ତି। ବ୍ୟବସାୟରୁ ଲାଭ ହେଲେ ଓ କ୍ଷତି ହେଲେ ଉଭୟ ବ୍ୟବସାୟୀ ଭାଗବାଣ୍ଟି ନିଅନ୍ତି ଓ ଦିଅନ୍ତି। ଉଭୟଙ୍କ ବିଶ୍ୱାସ ଓ ଭରସାରେ ଚାଲିଛି ପରିବା ବ୍ୟବସାୟ। ଜଣେ ହେଉଛନ୍ତି ବେଲୁ ବେହେରା (୪୮)। ଘର ଖୋର୍ଦ୍ଧା ସହରର ସାମନ୍ତରାପୁରରେ। ଅନ୍ୟଜଣେ ଲୋକନାଥ ଦାଶ(୪୬)। ଘର ଯାଜପୁର ଜିଲା ବାରବାଟିଗାଁ। ତେବେ ଲୋକନାଥଙ୍କ ପରିବାର ଖୋର୍ଦ୍ଧାରେ ଘରଭଡା ନେଇ ରହୁଛନ୍ତି। ଖୋର୍ଦ୍ଧା ସମବାୟ ବ୍ୟାଙ୍କ ଛକରେ ରହିଛି ଏହି ଦୁହିଁଙ୍କ ପରିବା ଦୋକାନ। ପ୍ରଥମେ ବେଲୁ ଖୋର୍ଦ୍ଧା ବଜାରରେ ପରିବା ଦୋକାନ ଦେଇଥିଲେ। ୧୩ ବର୍ଷ ଧରି ବ୍ୟବସାୟ ଚଳାଇଲେ। ହେଲେ ଏକୁଟିଆ ଯୋଗୁ ବ୍ୟବସାୟରେ ଅଧିକ ଲାଭ ହେଉ ନ ଥିଲା। ଏଣୁ ସେ ଭାଗୀଦାରି ହୋଇ ବ୍ୟବସାୟ କରିବାକୁ ଆଗଭର ହୋଇଥିଲେ। ଏହି ସମୟରେ ଲୋକନାଥଙ୍କ ପରି ସାଥୀ ପାଇ ବ୍ୟବସାୟକୁ ବଢ଼ାଇଲେ। ଦୁଇବର୍ଷ ହେଲା ସେମାନଙ୍କର ଭାଗୀଦାର ବ୍ୟବସାୟ ଚାଲିଛି। ଅଧିକାଂଶ ଦିବସରେ ଲୋକନାଥ ବାହାର ଚାଷୀଙ୍କଠାରୁ ପନିପରିବା କିଣି ଆଣି ଦୋକାନରେ ବିକନ୍ତି। ବେଳେବେଳେ ଖୋର୍ଦ୍ଧା ଆଖପାଖ ଅଞ୍ଚଳର ଚାଷୀଙ୍କଠାରୁ ବି ପରିବା କିଣାହୁଏ। ବେଲୁ କିନ୍ତୁ ଅଧିକାଂଶ ସମୟ ଦୋକାନରେ ବସି ବ୍ୟବସାୟ କରନ୍ତି। ଜଣେ ଖାଇବାକୁ ଗଲେ ଅନ୍ୟ ଜଣେ ଦୋକାନରେ ବସି ବ୍ୟବସାୟ କରନ୍ତି। ସକାଳ ୭ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଦୋକାନ ଖୋଲେ। ମାର୍କେଟ ଦରକୁ ଟାଳି କରି ଆଳୁ, ବାଇଗଣ, ପୋଟଳ, ଟମାଟୋ, କଖାରୁ ପରି ପରିବା ବିକ୍ରି ହୁଏ। ଉଭୟ ନିଜର ସୁବିଧା ମୁତାବକ ଘର କାମ କରିବା ସହ ଦୋକାନରେ ନିୟୋଜିତ ହୋଇଥାନ୍ତି। ପରସ୍ପର ନିଜର ସୁବିଧା ଅସୁବିଧାରେ ସହଯୋଗ କରନ୍ତି। ବେଲୁଙ୍କ ସ୍ତ୍ରୀ ଘରର ସବୁ କାମ ଚଳାଇ ନିଅନ୍ତି। ବେଲୁ କେବଳ ଟଙ୍କା ରୋଜଗାର କରି ସ୍ତ୍ରୀଙ୍କୁ ଦେଇଥାନ୍ତି। ଅନ୍ୟପକ୍ଷେ ତାଙ୍କର ଝିଅ ଟିଉସନ କରି ପାଠ ପଢ଼ି ବଲାଙ୍ଗୀରରେ ଜଣେ ଶିକ୍ଷୟିତ୍ରୀ ହୋଇ ପାରିଛନ୍ତି। ପୁଅ ମଧ୍ୟ ଟିଉସନ କରି ଯୁକ୍ତ ୩ କଳାରେ ପଢୁଛନ୍ତି। ଘର ଦାୟିତ୍ୱ ତାଙ୍କରି ନ ଥାଏ। ବେଲୁଙ୍କର ପସନ୍ଦ ଖାଦ୍ୟ ଆଳୁ ଭରତା, ପକଡି ଚକଟା। ବାହାର ଖାଦ୍ୟ ଅପେକ୍ଷା ସେ ଘରୋଇ ଖାଦ୍ୟକୁ ଅଧିକ ପସନ୍ଦ କରନ୍ତି। ସେହିଭଳି ଲୋକନାଥଙ୍କ ରୋଜଗାର ଆଉ କିଛି ନାହିଁ। ପରିବା ଦୋକାନର ଲାଭରେ ଘରଭଡା ସହ ପରିବାର ଚଳାନ୍ତି। ଝିଅ ୭ମ ଓ ପୁଅ ଯୁକ୍ତ ୨ରେ ପାଠ ପଢୁଛନ୍ତି। ସେ ପ୍ରତ୍ୟହ ଝିଅ ଓ ପୁଅଙ୍କ ପାଠପଢ଼ା ସମ୍ପର୍କରେ ପଚାରି ବୁଝନ୍ତି। ପରିବାର ପାଇଁ ସମୟ ଦିଅନ୍ତି। ତାଙ୍କର ପ୍ରିୟ ଖାଦ୍ୟ ଡାଲି। ଭାଗୀଦାରି ବ୍ୟବସାୟୀ କରିଲେ କିଛି ଅସୁବିଧା ନାହିଁ। ଲାଭ ଅଧିକ। ତେବେ ସବୁ କିଛି ବିଶ୍ୱାସ ଉପରେ ନିର୍ଭର କରୁଥିବାରୁ ସତ କଥା କହିବାକୁ ପଡେ ବୋଲି ଉଭୟ କହିଛନ୍ତି।

ରିପୋର୍ଟ: ଲୋକନାଥ ମିଶ୍ର

## ରେଲୱେ ଟ୍ରାଫିକ୍ କଲୋନୀ: ମୁକୁଳା ପଡ଼ିଛି ପାଇଖାନା ଟାଙ୍କି

ଜଟଣୀ,୭।୯(ଡି.ଏନ.ଏ):

ଜଟଣୀସ୍ଥିତ ରେଲୱେ ଟ୍ରାଫିକ୍ କଲୋନୀ ଅଞ୍ଚଳରେ ନିୟମିତ ସଫେଇ କାର୍ଯ୍ୟ ହେଉନାହିଁ। ଫଳରେ ଅଳିଆ ଆବର୍ଜନା ଅସ୍ୱାସ୍ଥ୍ୟକର ଅବସ୍ଥାରେ ପଡ଼ି ରହୁଥିବା ଅଭିଯୋଗ ହେଉଛି। ସେହିପରି କ୍ୱାର୍ଟର୍ସର ପାଇଖାନା ଟାଙ୍କି ଖୋଲା ଅବସ୍ଥାରେ ରହିଛି। ଏହାଦ୍ୱାରା ଦୁର୍ଗନ୍ଧ ହେବା ସହ ସିମେଣ୍ଟ ଢାଙ୍କୁଣି ନ ଥାଇ ଖୋଲାରେ ରହିଥିବା ପାଇଖାନା ଟାଙ୍କିଗୁଡ଼ିକ ବିପଦ ସୃଷ୍ଟି କରୁଛି। ଏହିସବୁ ପାଇଖାନା ଟାଙ୍କି ନିକଟ ଦେଇ ଦୁର୍ଗନ୍ଧରେ ଲୋକେ ଯାତାୟାତ କରୁଛନ୍ତି। କଲୋନୀ ବାସିନ୍ଦା ଏ ନେଇ ଦାୟିତ୍ୱରେ ଥିବା ରେଲୱେ କର୍ମଚାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ। ସେହିପରି ଏଠାରେ ଥିବା ଏକ ବରଗଛର ବିରାଟ ଶାଖା ଭାଙ୍ଗିପଡ଼ି ଗୋଟିଏ କ୍ୱାର୍ଟର୍ସ ଉପରେ ପଡ଼ିଥିଲା। ସୌଭାଗ୍ୟକୁ ସେହି ସମୟରେ କ୍ୱାର୍ଟର୍ସରେ କେହି ନ ଥିଲେ। ଗଛଟି ଭାଙ୍ଗିବା ଦେଢ଼ମାସ ଅତିକ୍ରାନ୍ତ କରିଥିବା ବେଳେ ଏଯାବତ୍ ଏହାକୁ ଉଠାଇବା ବ୍ୟବସ୍ଥା କରାଯାଉନାହିଁ। ଏବେ ବି ବିରାଟକାୟ ଡାଳଟି କ୍ୱାର୍ଟର୍ସ ଉପରେ ପଡ଼ିରହିଛି। ଏ ନେଇ ସମ୍ପୃକ୍ତ ୱାର୍ଡର କାଉନ୍‌ସିଲର ଜଟାଧାରୀ ପ୍ରଧାନ କୁହନ୍ତି, ଉପରୋକ୍ତ ସମସ୍ୟା ସହ ଷ୍ଟ୍ରିଟ ଲାଇଟ୍ ମଧ୍ୟ ଜଳୁନାହିଁ। ଏଥିପ୍ରତି ରେଲୱେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।


ରେଲୱେ ଟ୍ରାଫିକ୍ କଲୋନୀ କ୍ୱାର୍ଟର୍ସ ଉପରେ ଗଛ ଭାଙ୍ଗି ପଡିଛି।

## ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ନିମାପଡ଼ା,୭।୯(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଜଣେ ଶିକ୍ଷୟିତ୍ରୀଙ୍କୁ ଋଣ ଦେବାକୁ କହି ଚେକ୍ ମାଧ୍ୟମରେ ୨୦ଲକ୍ଷ ଟଙ୍କା ଠକିନେବା ସହ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ଶୁକ୍ରବାର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ନିମାପଡ଼ା ଥାନା ଅଞ୍ଚଳର ଏକ ଏନଜିଓ ସଂସ୍ଥାର ମୁଖ୍ୟ ଭାଗୀରଥି ପ୍ରଧାନ। ତାଙ୍କ ଠାରୁ ବାଇକ୍ ଓ ମୋବାଇଲ ଜବତ ହୋଇଛି। ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ନିମାପଡ଼ା ପୋଲିସ ଏକ ମାମଲା(ନଂ.୨୫୬/୧୮)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଜନୈକ ଶିକ୍ଷୟିତ୍ରୀଙ୍କୁ ଭାଗୀରଥି ବଡ ପରିମାଣର ଋଣ କରାଇ ଦେବାକୁ କହି ତାଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ଚେକ୍ ମାଧ୍ୟମରେ ୨୦ ଲକ୍ଷ ଟଙ୍କା ନେଇଥଲେ। ଋଣ ନ ହୋଇ ପାରିବାରୁ ଶିକ୍ଷୟିତ୍ରୀଜଣଙ୍କ ଭାଗୀରଥିଙ୍କୁ ଟଙ୍କା ଫେରାଇଦେବାକୁ କହିଥିଲେ। ତେବେ ଶୁକ୍ରବାର କିଛି ଟଙ୍କା ଓ ଚେକ ଫେରାଇବେ ବୋଲି ଶିକ୍ଷୟିତ୍ରୀଙ୍କୁ କହିଥିଲେ। ଏ ନେଇ ଭାଗୀରଥି ଶିକ୍ଷୟିତ୍ରୀଙ୍କ ବାସଭବନରେ ପହଞ୍ଚିଥିଲେ। ତାଙ୍କୁ ଟଙ୍କା ଫେରାଇ ନ ଥିବା ବେଳେ ଘରେ କେହି ନ ଥିବା ସୁଯୋଗରେ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଶିକ୍ଷୟିତ୍ରୀଙ୍କ ଭାଇ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭାଗୀରଥିଙ୍କୁ ଥାନାକୁ ଆଣିଥିଲେ।

## ଲଗାଣ ବର୍ଷା ଯୋଗୁ ଅନ୍ଧାରରେ ୪ ଗାଁ

ଖୋର୍ଦ୍ଧା ଅଫିସ,୭।୯:

**୧୨ ଘଣ୍ଟା ପରେ ରାସ୍ତାରୁ ହଟିଲା ଗଛ**

ଲଗାଣ ବର୍ଷାରେ ବାଣପୁର-ବାଲୁଗାଁ ରାସ୍ତାର ମେଘାମ୍ବରି ମନ୍ଦିର ନିକଟରେ ଗଛ ପଡି ପ୍ରାୟ ୧୨ ଘଣ୍ଟା ବାଣପୁର ମୁଖ୍ୟରାସ୍ତା ଅବରୋଧ ହୋଇ ରହିଥିଲା। ବର୍ଷା ଲାଗି ରହିଥିବାରୁ ବାଣପୁରର ରାସ୍ତା ଉପରେ ଗୁରୁବାର ରାତିରେ ପ୍ରାୟ ୨ ଫୁଟ ପାଣି ଚାଲିଥିଲା। ବିଳମ୍ବିତ ରାତିରେ ରାସ୍ତା ଉପରେ ଗଛ ପଡି ଯାତାୟାତ ବନ୍ଦ ହୋଇ ଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ରାସ୍ତାରୁ ଗଛ କାଟି ସଫେଇ କରି ଯାତାୟାତ ବ୍ୟବସ୍ଥା କରାଇଥିଲେ। ଅନ୍ୟପକ୍ଷେ ବିଦ୍ୟୁତ୍ ତାର ଛିଣ୍ଡିବା, ଖୁଣ୍ଟ ଭାଙ୍ଗିବା କାରଣରୁ ନନ୍ଦପୁର ପଞ୍ଚାୟତର ନନ୍ଦପୁର, ମଙ୍ଗରାଜପୁର, ନହରଡିହ, ପାଣିନୂଆଗାଁ ଅନ୍ଧାରରେ ରହିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ।


ଗଛ ଭାଙ୍ଗି ରାସ୍ତାରେ ପଡିବାରୁ ଯାତାୟାତ ବାଧାପ୍ରାପ୍ତ।

## ସଙ୍କଟରେ ବନ୍ୟପ୍ରାଣୀ

■ ରଣାସାପ, ହୁହୁଆଁ ଚଢ଼େଇ ପରେ ଏଣ୍ଡୁଅର ପାଳି

ନିରାକାରପୁର,୭।୯(ଡି.ଏନ.ଏ.)

ରାତାରାତି ଲକ୍ଷପତି ହେବାର ନିଶା ଘାରିଛି କିଛି ଅଳସୁଆ ଲୋକଙ୍କୁ। ଆନ୍ତର୍ଜାତିକ ଦଲାଲ ଗୋଷ୍ଠୀ ସହ ସାମିଲ୍ ହୋଇ ଏଭଳି କେତେଜଣ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପୁରୁଣା ଜିନିଷ ଏବଂ ଜାତି ପ୍ରଜାତିର ଜୀବଜନ୍ତୁଙ୍କୁ ବିକ୍ରୟ କରି ଧନୀ ହେବାର ନିଶା ଘାରିଛି। ଏହି ମୂଲ୍ୟବାନ ଜିନିଷ ମଧ୍ୟରେ ରହିଛି ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ଅଭିଷେକ ଯୁକ୍ତ ତମ୍ବା ଟଙ୍କା, ଇଷ୍ଟଇଣ୍ଡିଆ ନିର୍ମିତ କିଛି ସାମଗ୍ରୀ, ଖଣ୍ଡା, ଲ୍ୟାମ୍ପ, ନିକିତି, ଘଣ୍ଟା ଓ ଅଷ୍ଟଧାତୁ ଇତ୍ୟାଦି। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ବିଭିନ୍ନ ଅଞ୍ଚଳରେ ଅଧିକ ମୂଲ୍ୟ ଦେଇ ରଣାସାପ, ପେଚା, ହୁହୁଆଁ ଚଢ଼େଇ ବିକ୍ରି ଅଭିଯୋଗରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏବେ ପୋହଳା ଏଣ୍ଡୁଅକୁ ପଞ୍ଜୁରୀ ମଧ୍ୟରେ ରଖି ପ୍ରାୟ ୨ ଲକ୍ଷ ଟଙ୍କାରେ ବିକ୍ରୟ ନିମନ୍ତେ ମସୁଧା ଚାଲୁଛି। ଏନେଇ ଜନୈକ ବ୍ୟକ୍ତିଙ୍କ ଘରକୁ ଏବେ ଠକ ଓ ଦଲାଲଙ୍କ ଲମ୍ବା ଲାଇନ୍ ଲାଗୁଥିବା ଶୁଣିବାକୁ ମିଳୁଛି। ଏ ଘଟଣା ସମ୍ପର୍କରେ ଟାଙ୍ଗୀ ବନଖଣ୍ଡ ଅଧିକାରୀ ଅଜୟ କୁମାର ଜଗଦେବଙ୍କୁ ପଚାରିବାରୁ ସେ କହିଲେ, ଏନେଇ ଆମ ପାଖରେ ଖବର ନାହିଁ। ଷ୍ଟାଫ୍ ପଠାଇ ଅନୁସନ୍ଧାନ କରୁଛି। ବନ ବିଭାଗ ଏଥିପ୍ରତି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ବିରଳ ଓ ଜାତି ପ୍ରଜାତିର ଜୀବଜନ୍ତୁଙ୍କୁ ଭବିଷ୍ୟତରେ କେବଳ ଫଟୋ କିମ୍ବା ଚିଡିଆଖାନାରେ ଦେଖିବାକୁ ମିଳିବ।



■ ସି-ପ୍ଲେନ୍ ପ୍ରସ୍ତାବକୁ ବିରୋଧ

## ସପ୍ତାହ ମଧ୍ୟରେ ଯାତ୍ରୀବାହୀ ଡଙ୍ଗା ଚଳାଚଳ ଦାବି

ବାଲୁଗାଁ,୭।୯ (ଡ଼ି.ଏନ୍.ଏ.)

ବାଲୁଗାଁ, ବଡ଼କୁଳର ତିନିଗୋଟି ବୋଟ୍ ଆସୋସିଏଶନ୍ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରାଯାଇ ଚିଲିକାରେ ସି-ପ୍ଲେନ୍ ପ୍ରସ୍ତାବକୁ ବିରୋଧ କରାଯାଇଛି । ପ୍ରକାଶ ଯେ, ଅଗଷ୍ଟ ମାସ ୧୧ ତାରିଖରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରୁ ଚିଲିକାରେ ସି-ପ୍ଲେନ୍ ଚାଲିବା ନିମନ୍ତେ ସୂଚନା ପାଇବା ପରେ ମତ୍ସ୍ୟଜୀବୀ, ଯାତ୍ରୀବାହୀ ଡ଼ଙ୍ଗା ମାଲିକ ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ହେଲେ ଚିଲିକାରେ ଜୈବ ବିବିଧତା ଲୋପ ପାଇବ ବୋଲି ସେମାନେ ପ୍ରକାଶ କରିଛନ୍ତି। ସି-ପ୍ଲେନ୍ ଚିଲିକାରେ ଅବତରଣ ଦ୍ୱାରା ଜଳରେ ତରଙ୍ଗ ସୃଷ୍ଟି ହେବ, ଯାହା ପକ୍ଷୀମାନଙ୍କ ରହଣିରେ ବାଧା ସୃଷ୍ଟି କରିବ। ସେହିପରି ଚିଲିକା ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ ଜୀବିକା ହରାଇବା ଆଶଙ୍କା ମଧ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ଚିଲିକାରେ ସି-ପ୍ଲେନ ପ୍ରସ୍ତାବକୁ ତିନିଗୋଟି ବୋଟ୍ ଆସୋସିଏଶନ୍ ବିରୋଧ କରିଛନ୍ତି । ଅନ୍ୟପକ୍ଷରେ ଚିଲିକାରେ ଡ଼ଙ୍ଗାବୁଡ଼ି ଘଟଣାକୁ ନେଇ ଏଯାବତ୍ ଡ଼ଙ୍ଗା ଚଳାଚଳ ବନ୍ଦ ରହିଥିବା ଯୋଗୁ ଡ଼ଙ୍ଗାମାଲିକ, କର୍ମଚାରୀ ନିଜର ରୋଜଗାର ହରାଇଛନ୍ତି। ଏସବୁ ଘଟଣାର ତୁରନ୍ତ ସମାଧାନ ନ ହେଲେ ଏକ ସପ୍ତାହ ମଧ୍ୟରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ବାଲୁଗାଁ କାଳିଜାଇ ବୋଟ୍ ଆସୋସିଏଶନ୍, ବଡ଼କୁଳ ମା' କାଳିଜାଇ ମୋଟର ଡ଼ଙ୍ଗା ମାଲିକ ସଂଘ ଓ ବଡ଼କୁଳ କାଳିଜାଇ ମୋଟର ଡ଼ଙ୍ଗା ୱାର୍କର୍ସର ଦେବେଶ କୁମାର ପଣ୍ଡା, ମୁରଲୀଧର ବେହେରା, ବସନ୍ତ ନାୟକ, ଦାଶରଥି ବେହେରା ପ୍ରମୁଖ ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ବୋଟ୍ ଆସୋସିଏଶନର କର୍ମକର୍ତ୍ତାମାନେ।

■ ଇନ୍ଦିରା ଆବାସ ଅର୍ଥ ପାଇଁ ୪ ବର୍ଷ ହେଲା ଦୌଡୁଛନ୍ତି ସୁବାସ

## ମିଳିନି ଟଙ୍କା, ରେକର୍ଡ କହୁଛି ଯାଇଛି

ଜଟଣୀ, ୭।୯(ଡି.ଏନ.ଏ):

ଜଟଣୀ ବ୍ଲକରେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀରେ ବ୍ୟାପକ ଦୁର୍ନୀତି ହେବା ନେଇ ଅନେକ ସମୟରେ ଅଭିଯୋଗ ହୋଇଥାଏ। ଇନ୍ଦିରା ଆବାସ ଓ ଅନ୍ୟ କେତେକ ଯୋଜନାରେ ଲକ୍ଷାଧିକ ଟଙ୍କା ଦୁର୍ନୀତି ଘଟଣାରେ ବ୍ଲକର ଜଣେ କ୍ୟାସିୟର ୫ ବର୍ଷ ତଳେ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ଏବେ ଜଣେ ନିରୀହ ଗରିବ ଆଦିବାସୀ ବ୍ୟକ୍ତି କିପରି ବ୍ଲକ କର୍ତ୍ତୃପକ୍ଷଙ୍କ ଦ୍ୱାରା ହଇରାଣର ଶିକାର ହେଉଛନ୍ତି ତାହା ପଦାକୁ ଆସିଛି। ବ୍ଲକ ଅନ୍ତର୍ଗତ ଅଙ୍ଗାରପଡ଼ା ଗ୍ରାମର ସୁବାସ ନାୟକ ନାମକ ଆଦିବାସୀ ବ୍ୟକ୍ତିଙ୍କ ଇନ୍ଦିରା ଆବାସ ଘର ନିର୍ମାଣ ବାବଦ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ବ୍ଲକର ରେକର୍ଡ କହୁଛି ସୁବାସଙ୍କ ଘର ନିର୍ମାଣ ବାବଦ ସମ୍ପୂର୍ଣ୍ଣ ଅର୍ଥ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି। ହେଲେ ଆକାଉଣ୍ଟ ଚେକ୍ କଲା ପରେ ଅର୍ଥ ଆସି ନ ଥିବା ସୁବାସ ଜାଣିବାକୁ ପାଇଛନ୍ତି। ଇନ୍ଦିରା ଆବାସ ଘର ନିର୍ମାଣ ପାଇଁ ୨୦୧୩-୧୪ ଆର୍ଥିକ ବର୍ଷରେ ସୁବାସ ମନୋନୀତ ହୋଇଥିଲେ। ପ୍ରଥମ କିସ୍ତି ବାବଦ ୨୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅର୍ଥ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୦୧୩ ଜୁନ୍ ୨୬ରେ ପୈଠ ହୋଇଥିଲା। ଏହି ଅର୍ଥରେ ସେ ଘର ନିର୍ମାଣ କରିଥିଲେ। ପରବର୍ତ୍ତୀ କିସ୍ତି ବାବଦ ଅର୍ଥ ମିଳି ନ ଥିବାରୁ ଧାର ଉଧାର କରି ଘରକୁ ସୁବାସ ସମ୍ପୂର୍ଣ୍ଣ କରି ଦେଇଥିଲେ। ସମ୍ପୂର୍ଣ୍ଣ ହେବା ପରେ ପାଇବାକୁ ଥିବା ଆଉ ୨୩ ହଜାର ଟଙ୍କା ପାଇଁ ୨୦୧୪ ମସିହାରୁ ସୁବାସ ବ୍ଲକକୁ ଏଯାବତ୍ ଦୌଡୁଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ଚଳିତମାସ ୧ ତାରିଖରେ ସୁବାସ ପୁନଃ ବ୍ଲକ ଅଫିସ ଆସିଥିଲେ। ହେଲେ ସମସ୍ତ ଅର୍ଥ ପ୍ରଦାନ ସରିଥିବା ବ୍ଲକ କର୍ମଚାରୀମାନେ ତାଙ୍କୁ କହିଥିଲେ। ୨୦୧୫ ଏପ୍ରିଲ ୧୩ ରେ ୧୮ ହଜାର ଓ ସେହିବର୍ଷ ଫେବୃୟାରୀ ୪ ରେ ୫ ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଥିବା ନେଇ ବ୍ଲକ ରେକର୍ଡରେ ଉଲ୍ଲେଖ ଥିବା ବେଳେ କାଗଜ ତାଙ୍କୁ ଦେଖାଇଥିଲେ। ହେଲେ ସୁବାସଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସି ନ ଥିବା ସୁବାସ ତାଙ୍କ ପାସ୍‌ବୁକ୍ ଦେଖାଇବା ପରେ ବ୍ଲକ କର୍ମଚାରୀଙ୍କ ଅକଲ ଗୁଡୁମ୍ ହୋଇଯାଇଥିଲା। ଏହି ଟଙ୍କା କୁଆଡ଼େ ଗଲା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ବିଡିଓ ବାସୁଦେବ ମାହାରୀ କୁହନ୍ତି, ଏ ନେଇ ତଦନ୍ତ କରାଯିବ। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ ସୂଚନା ଦେଇଥିଲେ।



ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ୮ ସେପ୍ଟେମ୍ବର,୨୦୧୮




ମୁଁ ଅନ୍ୟକୁ ଥଟ୍ଟା କରେ ସତକଥା କହି, କାରଣ ସତ୍ୟ ହେଉଛି ସବୁଠାରୁ ବଳି ଆମୋଦଦାୟକ ଥଟ୍ଟା।
- ଜର୍ଜ ବର୍ନାଡ ଶ



## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଶାଳଲଗ୍ ଜବତ



ଖୋର୍ଦ୍ଧା ଅଫିସ/ ବୋଲଗଡ, ୭।୯(ଡି.ଏନ.ଏ.):ଖୋର୍ଦ୍ଧା ରେଞ୍ଜ ବୋଲଗଡ ଫରେଷ୍ଟ କାର୍ଯ୍ୟାଳୟ ଅଧୀନ ବେଗୁନିଆମୂଳ ଏକ ଜମିରୁ ୬୫୦ ସିଏଫଟିର ୯ଟି ଶାଳ ଲଗ ଶୁକ୍ରବାର ଜବତ ହୋଇଛି। ଯାହାର ଦାମ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ବେଗୁନିଆମୂଳ ଗାଁ ଗହିରର ଏକ ଜମିରେ ଶାଳ ଲଗ ପଡିଥିବା ଖବର ମିଳିବା ପରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବୋଲଗଡ ଫରେଷ୍ଟର ପ୍ରଦୀପ୍ତ ପଟ୍ଟନାୟକଙ୍କ ସମେତ ଖୋର୍ଦ୍ଧା, ବେଗୁନିଆ ଓ ବାଙ୍କୀ ବନ ବିଭାଗର କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

### କାଦୁଅମୟ ରାସ୍ତାର ମରାମତି ଦାବି

ବୋଲଗଡ,୭।୯(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବଡ଼କୁମାରୀ ଗ୍ରାମର ନୂଆ ରାସ୍ତାଟି ବର୍ଷାଦିନରେ କାଦୁଅ ଓ ଦୂଷିତ ଜଳରେ ପୂରି ଉଠିଛି। ଖାଲୁଆ ସ୍ଥାନରେ ବର୍ଷା ପାଣି ଜମା ହୋଇରହିଥିବାରୁ ରାସ୍ତାରେ ଏବେ ସୃଷ୍ଟି ହୋଇଛି ଅସ୍ୱାସ୍ଥ୍ୟକର ପରିବେଶ। ବର୍ଜ୍ୟବସ୍ତୁ ମିଶ୍ରିତ ଏହି ଦୂଷିତ ଜଳ ଉପରେ ମଶା ବଂଶବୃଦ୍ଧି କରିବା ଫଳରେ ଏଠାରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ସାହିଲୋକେ ଏହି ରାସ୍ତାଦେଇ ଯାତାୟାତ ସମୟରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଦୁର୍ଘଟଣା ଓ ରୋଗ ସଂକ୍ରମଣର ଆଶଙ୍କା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି କରିଛି। ତେଣୁ ଏହି ରାସ୍ତାଟିର ଅତି ଶୀଘ୍ର ପୁନଃ ମରାମତି ନିମନ୍ତେ ସାଧାରଣରେ ଦାବି ଜୋର୍ ଧରିଛି। ଏ ସମସ୍ୟା ନେଇ ବୋଲଗଡ଼ ବିଡିଓ ମଧୁସୂଦନ ବେହେରା କହିଥିଲେ କି, ରାସ୍ତାଟିର ପୁନରୁଦ୍ଧାର ନିମନ୍ତେ ଚେଷ୍ଟା କରାଯିବ। ରାସ୍ତାଟିର ପୁନଃନିର୍ମାଣ କରାଯିବାକୁ ପ୍ରସ୍ତାବ ରଖାଯାଇଛି ବୋଲି କହନ୍ତି ବଡ଼କୁମାରୀ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ।



# ଦଲାଲ-ଅଧିକାରୀଙ୍କ ସଲାସୁତରା

ନିରାକାରପୁର,୭।୯(ଡି.ଏନ୍.ଏ.)

ଶ୍ରମିକଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନକଲ୍ୟାଣ ଯୋଜନା କରିଚାଲିଛନ୍ତି। ତେବେ କେତେଜଣ ଶ୍ରମ ଅଧିକାରୀ ଓ ଦଲାଲଙ୍କ ମଧ୍ୟରେ ସଲାସୁତରା ଯୋଗୁ ଯୋଜନାର ବାସ୍ତବ ସୁଫଳ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁ ନ ଥିବା ଅଭିଯୋଗ ହୋଇଛି। ଶ୍ରମିକମାନଙ୍କ ପରିଚୟ ନିମନ୍ତେ ଚିହ୍ନଟ ହିତାଧିକାରୀଙ୍କୁ ଲେବର କାର୍ଡ(ଶ୍ରମିକ କାର୍ଡ)ଟିଏ ପାଇବାକୁ ହେଲେ ଦଲାଲଙ୍କୁ ହାତଗୁଞ୍ଜା ଦେବାକୁ ପଡୁଛି। ଯେତେ ଅଧିକ ଟଙ୍କା ଦେବେ ସେତେ ଶୀଘ୍ର କାର୍ଡଟି ହିତାଧିକାରୀ ପାଇପାରିବେ। ଖୋର୍ଦ୍ଧା ଜିଲା ନିରାକାରପୁର ସମେତ ଏହାର ଆଖପାଖ ଅଞ୍ଚଳରେ ଏଭଳି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏଠାରେ ୧୫ରୁ ଉର୍ଦ୍ଧ୍ୱ ଦଲାଲ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି କାର୍ଡ କରାଇଦେବାକୁ କହି ଟଙ୍କା ଆଦାୟ କରିବାରେ ଲାଗିଛନ୍ତି। ଦଲାଲମାନେ କହୁଛନ୍ତି ୨ ମାସରେ କାର୍ଡ କରିପାରିଲେ ସାଇକେଲ, ଝିଅପୁଅ ପଢ଼ିବା ପାଇଁ ଟଙ୍କା, ଝିଅ ବାହାଘର ପାଇଁ ଆର୍ଥିକ ସହାୟତା ସହିତ ୫ହଜାର ଟଙ୍କା ମିଳିବ। ବର୍ଷକରେ ଏହି କାର୍ଡ ପାଇଲେ ସେଭଳି କୌଣସି ସୁବିଧା ମିଳିପାରିବ ନାହିଁ। ଠକେଇ ବା ଆର୍ଥିକ ଶୋଷଣର ଶିକାର ହୋଇଥିବା ଶ୍ରମିକ ବିଜୟ କୁମାର ସାହୁ କହନ୍ତି, ମୁଁ ଦଲାଲଙ୍କୁ ୯୫୦ ଟଙ୍କା ଦେଇ ୨୦୧୭ ଏପ୍ରିଲ ୨୯ ତାରିଖରୁ ଏହି କାର୍ଡ କରିସାରିଛି, ତେବେ ଏ ପର୍ଯ୍ୟନ୍ତ କୌଣସି ସୁବିଧା ପାଇପାରୁନାହିଁ। କାର୍ଡ କଲାବେଳେ କହିଥିଲେ ୧୦୦୦ ଟଙ୍କା ଦେଲେ ଶୀଘ୍ର ସବୁ ସୁବିଧା ପାଇପାରିବ କିନ୍ତୁ ଦେଢ଼ବର୍ଷ ବିତିଗଲାଣି ମୋତେ କୌଣସି ସୁବିଧା ମିଳିନାହିଁ। ସେ ମୋତେ ସାଇକେଲ୍‌ଟିଏ କରାଇଦେବା ପାଇଁ ୪୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ମାଗିଲେ। ମୁଁ ଟଙ୍କାଟିଏ ମଧ୍ୟ ଆଉ ଦେଇପାରିବିନି ବୋଲି କହିବାରୁ ସେ ଆଉ ଧରାଛୁଆଁ ଦେଉନାହାନ୍ତି। ସେହିପରି ମମତା ନାୟକ (୩୦)କୁହନ୍ତି, ଟାଙ୍ଗୀର ଜଣେ ଲୋକ ନିରାକାରପୁରରେ ଭଡ଼ାରେ ରହୁଥିଲେ। ସେ ମୋତେ ଲେବର୍ କାର୍ଡ ବିଷୟରେ ବୁଝାଇ ୫ ବର୍ଷ ତଳେ ଟଙ୍କା ନେଇ ଗୋଟିଏ କାର୍ଡ କରେଇ ଦେଇଛନ୍ତି। ମୋ ସ୍ୱାମୀ ୯ ଥର ଷ୍ଟୋନ ଅପରେଶନ ହୋଇସାରିଲେଣି। ତେବେ ଏହି କାର୍ଡ ଦ୍ୱାରା କୌଣସି ସୁବିଧା ପାଇପାରି ନ ଥିବା ସେ ଅଭିଯୋଗ କରିଛନ୍ତି। ଏହି ଦଲାଲମାନେ ନିଜ ଅଧୀନରେ ଅନେକ ଏଜେଣ୍ଟ ମଧ୍ୟ ରଖିଛନ୍ତି। ଏଜେଣ୍ଟ ଯଦି ହିତାଧିକାରୀଙ୍କୁ ଦଲାଲମାନଙ୍କ ପାଖରେ ପହଞ୍ଚାଇ ଦେବେ, କାର୍ଡ ପିଛା ୩୦୦ ଟଙ୍କା ପାଇବେ। ତେଣୁ ସରକାରଙ୍କ ଏହି ଶ୍ରମିକ କଲ୍ୟାଣଭିତ୍ତିକ ଲେବର୍ କାର୍ଡ ଯୋଜନା ଆଜି ଦଲାଲଙ୍କ କବଳରେ ପଡ଼ିଯାଇଛି। ଟଙ୍କା ଦେଇ ଶ୍ରମିକଟିଏ ହତାଶ ହେଉଥିବା ବେଳେ ଦଲାଲ ହେଉଛି ମାଲାମାଲ୍। ଏନେଇ ଅତିରିକ୍ତ ଶ୍ରମ ଅଧିକାରୀ ଦିଲୀପ ପାଣି କହିଲେ, ସମସ୍ତେ ଆସି ଅଭିଯୋଗ କରୁଛନ୍ତି। କିନ୍ତୁ ବାସ୍ତବରେ କେହି ଦଲାଲଙ୍କ ନାମ ପ୍ରକାଶ କରୁନାହାନ୍ତି। ବିଭାଗରେ ପାଖରେ ଏଭଳି ଅଭିଯୋଗ ହେଉଛି। ଆମେ ଅଭିଯୋଗକାରୀଙ୍କୁ ଦଲାଲଙ୍କ ନାମ ପ୍ରକାଶ କର ଏବଂ ଥାନାରେ ଅଭିଯୋଗ କର ବୋଲି କହିବାରୁ ଅଭିଯୋଗକାରୀ ଆଉ ଧରାଛୁଆଁ ଦେଉନାହାନ୍ତି। ଏ ପରିସ୍ଥିତିରେ ଆମେ କ'ଣ କରିବୁ ବୋଲି ପାଣି କହିଛନ୍ତି। ତେବେ ରାଜ୍ୟ ସରକାର ତଦନ୍ତ କରି ଏ ଘଟଣାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।




**ଟଙ୍କା ଦେଇ ଶ୍ରମିକ ହତାଶ**

- ୧୫୦୦ ଟଙ୍କା ଦେଲେ ୨ ମାସରେ ଲେବର କାର୍ଡ
- ୯୫୦ ଦେଲେ ୪ ମାସରେ
- ୭୦୦ ଟଙ୍କାରେ ବର୍ଷେ




ବୋଲଗଡଠାରେ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପେଟ୍ରୋଲ, ଡିଜେଲ ଦର ବୃଦ୍ଧିର ପ୍ରତିବାଦ

ଖୋର୍ଦ୍ଧା ଅଫିସ,୭।୯

ଅଚ୍ଛେ ଦିନ ଆସିଲା ଦର୍ଶାଇ ଡିଜେଲ ଓ ପେଟ୍ରୋଲର ଦରବୃଦ୍ଧି କରାଯାଉଛି। କେନ୍ଦ୍ର ସରକାରଙ୍କର ଜନବିରୋଧୀ ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ବିଜୁ ଯୁବ ଛାତ୍ର ମହିଳା ଜନତା ଦଳ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପରେ ସଚେତନତା କରାଯାଉଛି। ଶୁକ୍ରବାର ଏହି ସଚେତନତା ବେଗୁନିଆ ବିଜେଡି ପକ୍ଷରୁ କରାଯାଇଛି।

**ଜଟଣୀ, (ଡି.ଏନ.ଏ):** ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ବୃଦ୍ଧି ପ୍ରତିବାଦରେ ଜଟଣୀର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି ପକ୍ଷରୁ ଶୁକ୍ରବାର ଜନସଚେତନତା କାର୍ଯ୍ୟକ୍ରମ ଓ ବିକ୍ଷୋଭର ଆୟୋଜନ କରାଯାଇଥିଲା। ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟଙ୍କ ନେତୃତ୍ୱରେ ବିଜେଡ଼ି କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଯୁବ ବିଜେଡ଼ି ସଭାପତି ବିଷ୍ଣୁପ୍ରସାଦ ଡେଙ୍ଗ, ଜଟଣୀ ବ୍ଲକ ଅଧ୍ୟକ୍ଷା ବନଜା ଜେନା, ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ଅନ୍ନପୂର୍ଣ୍ଣା ସାହୁ, କାଉନ୍‌ସିଲର ବିଜୟ ପଣ୍ଡା, ଲୁସେନ୍ ରାୟ, ବେଣୁଧର ମଙ୍ଗରାଜ, କୁନେଇ ମହାପାତ୍ର, ଶଶାଙ୍କ ରାୟ, ଇଞ୍ଜିଲା ସାବତ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ଟ୍ୟାଙ୍କର ପଛରେ ପିଟିହେଲା ବାଇକ୍, ୩ ଗୁରୁତର

ବାଲୁଗାଁ,୭।୯ (ଡି.ଏନ୍.ଏ.)

ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ୧୬ନଂ ଜାତୀୟ ରାଜପଥରେ ଶୁକ୍ରବାର ଏକ ଟ୍ୟାଙ୍କର ପଛରେ ବାଇକ୍ ଧକ୍କା ଦେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ବାଣପୁର ଥାନା ସାରୁବାରି ପଦରର ରତ୍ନାକର ବାରିକ, ତୋଫାନ ବିଶ୍ୱାଳ ଓ ଗଙ୍ଗାଧର ବାରିକ । ପ୍ରକାଶ ଯେ, ଜାତୀୟ ରାଜପଥର ଲଙ୍ଗଳେଶ୍ୱରଠାରେ ଏକ ମିଲିଟାରୀ ଭ୍ୟାନ୍ ଖରାପ ହୋଇ ରାସ୍ତାର ଏକ ପାର୍ଶ୍ୱରେ ଅଟକି ଥିବାରୁ ଗୋଟିଏ ପାର୍ଶ୍ୱରେ ଯାନବାହନ ଚଳାଚଳ କରୁଛି । ଶୁକ୍ରବାର ମଧ୍ୟାହ୍ନ ସମୟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଡ଼ବ୍ଲ୍ୟୁବି୪୧ସି-୭୪୦୯ ନଂ. ବିଶିଷ୍ଟ ଟ୍ୟାଙ୍କର ଉକ୍ତ ସ୍ଥାନ ଅତିକ୍ରମ କରୁଥିବାବେଳେ ବାଇକ୍‌ରେ ଆସୁଥିବା ୩ ଯୁବକ ପଛପାର୍ଶ୍ୱକୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ବାଲୁଗାଁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ଆଜି ମହାପ୍ରଭୁଙ୍କ ଦର୍ଶନ କରିବେ ଏନ୍‌ଜିଟି ଅଧ୍ୟକ୍ଷ

ପୁରୀ ଅଫିସ, ୭।୯

ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଦିଲ୍ଲୀର ଅଧ୍ୟକ୍ଷ ଆଦର୍ଶ ଗୋଏଲ ଶନିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାର ଶୁଣାଣି ଲାଗି ଗଠିତ ଦୁଇଜଣିଆ ଖଣ୍ଡପୀଠରେ ଜଷ୍ଟିସ ଆଦର୍ଶ ଗୋଏଲ ରହିଥିଲେ। ଶ୍ରୀମନ୍ଦିରରେ ଦାନ ଦକ୍ଷିଣା ଆଦାୟ ଉପରେ ଉକ୍ତ ଖଣ୍ଡପୀଠ ରୋକ୍ ଲଗାଇଥିଲେ। ଜଷ୍ଟିସ ଗୋଏଲ ସୁପ୍ରିମକୋର୍ଟରୁ ଅବସର ନେବା ପରେ ଏବେ ଏନ୍‌ଜିଟିର ଅଧ୍ୟକ୍ଷ ରହିଛନ୍ତି।

### ଥାନା ମାନ୍ୟତା ପରେ ବି ଫାଣ୍ଡି ରହିଛି

ଖୋର୍ଦ୍ଧା ଅଫିସ,୭।୯:

ବାଘମାରୀ ଫାଣ୍ଡି ଥାନାର ମାନ୍ୟତା ପାଇଛି। ହେଲେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଫାଣ୍ଡି ହୋଇ ରହିଛି। ଖୋର୍ଦ୍ଧା ପୋଲିସ ଜିଲା ପକ୍ଷରୁ ଯଦିଓ ଥାନା କରାଯିବାକୁ ଉଦ୍ୟମ ଜାରି ରହିଛି ତେବେ କାର୍ଯ୍ୟରେ ତ୍ୱରାନ୍ୱିତ ଆସି ପାରୁନି। ଫାଣ୍ଡିଟିର ନିଜସ୍ୱ ଗୃହ ନ ଥିବାରୁ ଥାନା ପାଇଁ ଅସୁବିଧା ହେଉଛି। ଏ ନେଇ ଏସ୍‌ପି ଦୀପ୍ତି ରଞ୍ଜନ ରାୟ କୁହନ୍ତି , ବାଘମାରୀ ଫାଣ୍ଡି ଖୁବ୍‌ଶୀଘ୍ର ଥାନା ଭାବରେ କାମ କରିବାକୁ ଯାଉଛି। ଏହାର ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

### କାର୍ଯ୍ୟରେ ଯୋଗ ଦେଲେ ବିଡିଓ

ଖୋର୍ଦ୍ଧା ଅଫିସ,୭।୯:

ଖୋର୍ଦ୍ଧା ବ୍ଲକରେ ଶୁକ୍ରବାର ପ୍ରଶାନ୍ତ କୁମାର ନାୟକ ନୂତନ ବିଡିଓ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସରକାରୀ ଯୋଜନାଗୁଡିକ ଲୋକଙ୍କ ପାଖରେ ଯେପରି ଠିକ୍ ଭାବେ ପହଞ୍ଚିବ ସେନେଇ ଗୁରୁତ୍ୱ ଦେବେ ବୋଲି ନୂଆ ବିଡିଓ ନାୟକ କହିଛନ୍ତି।



ଗିରଫ ଦୁଇ ଅଭିଯୁକ୍ତଙ୍କ ସହ ଜବତ ବ୍ରାଉନସୁଗାର,ଗଞ୍ଜେଇ।

## ୧୦୦ଗ୍ରାମ ବ୍ରାଉନସୁଗାର, ୮କେଜି ଗଞ୍ଜେଇ ଜବତ, ୨ ଗିରଫ

ଖୋର୍ଦ୍ଧା ଅଫିସ,୭।୯:

କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ ଖୋର୍ଦ୍ଧା ଟାଉନ ଥାନାର ଉଇଲକିଶନନଗରରେ ଚଢ଼ାଉ କରି ଶୁକ୍ରବାର ୧୦୦ ଗ୍ରାମ ବ୍ରାଉନସୁଗାର, ୫୦ ହଜାର ଟଙ୍କା, ୮ କେଜି ଗଞ୍ଜେଇ ଓ ୧୫୦ ଲିଟର ବିଦେଶୀ ମଦ ସହ ଏକ ବାଇକ୍ ଜବତ କରିଛି। ଏହି ଘଟଣାରେ ଉଇଲକିଶନନଗର (ନୂଆଗାଁର ଅଭୟ ଚରଣ ସାହୁ (୪୫) ଓ କଟକ ଜିଲା ଚାଉଳିଆଗଞ୍ଜ ଥାନା ଗାନ୍ଧୀପଲ୍ଲୀର ସନ୍ତୋଷ କୁମାର ପାଣ୍ଡବ(୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉଇଲକିଶନନଗରର ଅଭୟଙ୍କଠାରୁ ୧୦୦ ଗ୍ରାମ ବ୍ରାଉନସୁଗାର, ୧୫୦ ଲିଟର ବିଦେଶୀ ମଦ, ବିକ୍ରି ଟଙ୍କା ୧୦ ହଜାର ଜବତ କରିଛି। ସେହିଭଳି ଗାନ୍ଧୀପଲ୍ଲୀର ସନ୍ତୋଷ କୁମାର ପାଣ୍ଡବଙ୍କଠାରୁ ସ୍କୁଟି ସହ ୮ କେଜି ଗଞ୍ଜେଇ ଓ ବିକ୍ରି ଟଙ୍କା ୪୦ ହଜାର ଅନୁରୂପ ଭାବେ ଜବତ କରାଯାଇଛି।

## ଶିକ୍ଷା ଅନୁଷ୍ଠାନରେ ମଞ୍ଜିଟିଏ ଗଛଟିଏ କାର୍ଯ୍ୟକ୍ରମ

ବେଗୁନିଆ,୭।୯ (ଡି.ଏନ.ଏ.)

ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ କୋଟପଲା ଗ୍ରାମସ୍ଥିତ ଓମ ସାଇ ଟିଉଟୋରିଆଲ ପକ୍ଷରୁ ବିଦ୍ୟାଳୟ ପରିସରରେ ମଞ୍ଜିଟିଏ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରଧାନ ଗୁରୁଜୀ ସନ୍ତୋଷ କୁମାର ଲେଙ୍କାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ବୃକ୍ଷ ସମ୍ପର୍କିତ ଏକ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଭୂପୃଷ୍ଠରୁ ଏବେ ଜଙ୍ଗଲ କମିବାକୁ ଲାଗିଲାଣି। ମନୁଷ୍ୟର ଆବଶ୍ୟକତା ମେଣ୍ଟାଇବା ପାଇଁ ଦୈନନ୍ଦିନ ବୃକ୍ଷ କାଟ କରାଯାଉଛି। ଏଥିଯୋଗୁ ପରିବେଶ ଦୂଷିତ ଆଡକୁ ମୁହାଁଉଛି। ତେବେ ଆମେ ସମସ୍ତେ ସଂକଳ୍ପ କରିବା ନିହାତି ଦରକାର। ଜୀବନରେ ଅଧିକ ନ ହେଲେ ବି ଗୋଟିଏ ଗଛ ଲଗାଇବା ଏବଂ ତା'ର ଯତ୍ନ ନେବା ବୋଲି ସଭାରେ ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ଅନ୍ୟ କର୍ମଚାରୀ ରାଜେନ୍ଦ୍ର ସିଂହ, ଜୟନ୍ତ କୁମାର ବାରିକ ଓ ଶଶିକାନ୍ତ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଦ୍ୟାଳୟ ପକ୍ଷରୁ ପରିବେଶ ସ୍ୱଚ୍ଛତା ଅଭିଯାନ

ବେଗୁନିଆ,୭।୯ (ଡି.ଏନ.ଏ.)

ଦୈନନ୍ଦିନ ଜୀବନ ଯାପନ ପାଇଁ ମନୁଷ୍ୟର ସ୍ୱାସ୍ଥ୍ୟକର ପରିବେଶ ଆବଶ୍ୟକ। ତେବେ ଆମ ପରିବେଶକୁ ସଫାସୁତୁରା ରଖିବା ସହ ଗାଁ ପରିମଳକୁ ସ୍ୱଚ୍ଛତା ଆଣିବା ଦରକାର। ଏଥିସହ ଦୈନିକ ବେଶଭୂଷା, ଖାଇବା ପୂର୍ବରୁ ହାତ ସଫା ରଖିବା ପାଇଁ ବିଦ୍ୟାଳୟରେ ପିଲାମାନଙ୍କୁ ସଚେତନ କରାଯାଉଛି। ତେବେ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର ଯୋଗୁ ଗାଁ ପରିମଳ ଦୁର୍ଗନ୍ଧ ଆଡକୁ ମୁହାଁଉଛି ବୋଲି କହି ଏକ ସଚେତନ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ବେଗୁନିଆ ବ୍ଲକ କୋଲୁହାପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସ୍ଲୋଗାନ ମାନ ଦେଇ ଗାଁରେ ଲୋକଙ୍କୁ ପରିବେଶ ସ୍ୱଚ୍ଛତା ପାଇଁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ତ୍ରିନାଥ ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଓମ ସାଇ ଟିଉଟୋରିଆଲର ଛାତ୍ରୀଛାତ୍ର ମାନେ ଆମ୍ବ ଚାରା ରୋପଣ କରୁଛନ୍ତି।

■ 'ମୋ ସ୍କୁଲ' ଯୋଜନା

## ୧୦ଜିଲାର ୧୭୭୨ ବିଦ୍ୟାଳୟ ସାମିଲ

ଭୁବନେଶ୍ୱର, ୭।୯(ବ୍ୟୁରୋ)

**ଖର୍ଚ୍ଚ ହେବ ୧୨.୭୭ କୋଟି**

ଗୋଷ୍ଠୀ-ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ 'ମୋ ସ୍କୁଲ' ଯୋଜନାର ତୃତୀୟ ପର୍ଯ୍ୟାୟରେ ୧୦ ଜିଲାର ୧୭୭୨ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ସ୍ଥିର କରାଯାଇଛି। ଏଥିରେ ଅନୁଗୋଳର ୧୦୭ଟି, ବାଲେଶ୍ୱରର ୨୧୨, ଢେଙ୍କାନାଳ ୮୫, ଗଞ୍ଜାମ ୧୫୨, ଖୋର୍ଦ୍ଧା ୧୫୧, ମୟୂରଭଞ୍ଜ ୨୫୮, ନୟାଗଡ଼ ୧୧୧, ପୁରୀ ୪୮୨, ସମ୍ବଲପୁର ୧୦୦ ଓ କୋରାପୁଟର ୧୧୪ଟି ସ୍କୁଲ ରହିଛି। ଏସବୁ ଜିଲାରେ ମୋ ସ୍କୁଲ ଯୋଜନାରେ ୧୨କୋଟି ୭୭ଲକ୍ଷ ୩୨ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୮କୋଟି ୫୧ଲକ୍ଷ ୫୫ହଜାର ଟଙ୍କା ଅନୁଦାନ ଦେଇଥିବା ବେଳେ ଜନସାଧାରଣଙ୍କଠାରୁ ୪କୋଟି ୨୫ଲକ୍ଷ ୭୭ହଜାର ଟଙ୍କା ସଂଗୃହୀତ ହୋଇଛି। ଏହି ଅର୍ଥରେ ସ୍କୁଲର ଭିତ୍ତିଭୂମି, ଶ୍ରେଣୀଗୃହର ଉନ୍ନତି, ପାଠାଗାର-ପୁସ୍ତକ, ଖେଳ ସାମଗ୍ରୀ, ଶ୍ରେଣୀଗୃହର ଆସବାବପତ୍ର ଯୋଗାଣ, ସ୍କୁଲ ବଗିଚା ଆଦିର ଉନ୍ନତୀକରଣ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହା ସ୍ଥିର କରାଯାଇଛି। ବୈଠକରେ ସଚିବ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପ୍ରକଳ୍ପ ପରିଚାଳନା ଓ ତଦାରଖ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ମୋ ସ୍କୁଲ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୬୨ସ୍କୁଲ ପାଇଁ ୧କୋଟି ୭୮ଲକ୍ଷ ୩୯ହଜାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୧୫ସ୍କୁଲ ପାଇଁ ୪କୋଟି ୨୭ଲକ୍ଷ ୮୩ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଏପର୍ଯ୍ୟନ୍ତ ୧୭ଟି ଜିଲା ଏହି ଯୋଜନାରେ ସାମିଲ ହୋଇଛି। ନିକଟରେ ଆଉ ୫ଟି ଜିଲାକୁ ଅନ୍ତର୍ଭୁକ୍ତ କରାଯିବା ନେଇ ପ୍ରସ୍ତାବ ରହିଛି ବୋଲି ମୋ ସ୍କୁଲ ଯୋଜନାର ସଦସ୍ୟ ସଚିବ ତଥା ଓପେପା ଓ ମାଧ୍ୟମିକ ଶିକ୍ଷା ମିଶନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସୂଚନା ଦେଇଛନ୍ତି। ଶୁକ୍ରବାର ଆୟୋଜିତ ବୈଠକରେ ପ୍ରାଥମିକ ଶିକ୍ଷା, ଏସ୍‌ସିଇଆର୍‌ଟି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଗଣ, ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଭୂତ ଖାଇଯାଉଛନ୍ତି ଇନ୍ଦିରା ଆବାସ ଅର୍ଥ

ଟାଙ୍ଗୀ(ଖୋର୍ଦ୍ଧା),୭।୯(ଡି.ଏନ.ଏ.)

**ନୀରବ ପ୍ରଶାସନ**

ଟାଙ୍ଗୀ ବ୍ଲକରେ ପ୍ରଶାସନିକ ନିଷ୍କ୍ରିୟତାର ସୁଯୋଗ ନେଇ ଇନ୍ଦିରାଆବାସ ଯୋଜନାରେ ଦୁର୍ନୀତି ବଢୁଥିବା ଅଭିଯୋଗ ହେଉଛି। ଦଲାଲଙ୍କ ପ୍ରାଦୁର୍ଭାବ ଯୋଗୁ ଯୋଜନାଭୁକ୍ତ ଅର୍ଥ ହଡ଼ପ ହେଉଛି। ଏହାଦ୍ୱାରା ଅନେକ ଇନ୍ଦିରାଆବାସର ଅର୍ଥ ହିତାଧିକାରୀମାନେ ପାଇପାରୁନାହାନ୍ତି। ୨୦୧୨ରୁ ୨୦୧୬ ମଧ୍ୟରେ ଇନ୍ଦିରାଆବାସ ଅର୍ଥ ଭୂତ ଖାଇଯାଇଥିବା ତଥ୍ୟ ସରକାରୀ ରେକର୍ଡପତ୍ରରୁ ମିଳିଛି। ବ୍ଲକ୍‌ର ବଡପାରୀ ପଞ୍ଚାୟତରେ ୨୦୧୪-୧୫ ମସିହାରେ ଦୀପକ ନାୟକଙ୍କ ନାମରେ ଇନ୍ଦିରାଆବାସ ମଞ୍ଜୁର ହୋଇ ତାଙ୍କୁ ତିନୋଟି କିସ୍ତିରେ ୭୦ ହଜାର ଟଙ୍କା ଦିଆଯାଇଛି। ଦାଖଲ ହୋଇଥିବା ଭୋଟର ପରିଚୟ ପତ୍ର ଓ.ଆର./୦୮/୦୫୮/୩୭୨୪୫୪ ସମ୍ପର୍କରେ ଖୋର୍ଦ୍ଧା ଉପଖଣ୍ଡ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ, ସହକାରୀ ଜିଲାପାଳ ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଏପରି କୌଣସି ଭୋଟର ତାଲିକାଭୁକ୍ତ ହୋଇ ନ ଥିବା କି ୱେବ୍‌ସାଇଟରେ ଏହା ଉପଲବ୍ଧ ହେଉ ନ ଥିବା ୨୦୧୮ ଜାନୁୟାରୀ ୩୧ ତାରିଖରେ ଦପ୍ତର ଚିଠି ନଂ ୬୫୦ରେ ଦର୍ଶାଯାଇଛି। ଏହି ଘଟଣା ଦୁର୍ନୀତି ନିବାରଣ ବିଭାଗକୁ ତଦନ୍ତ ନିମନ୍ତେ ଦରଖାସ୍ତ କରାଯାଇଥିଲା। କିନ୍ତୁ ଏହି ବିଭାଗ ୨୦୧୬ ଅଗଷ୍ଟ ୧୧ ତାରିଖ ନିର୍ଦ୍ଦେଶନାମା ଅନୁସାରେ ଏହାର ତଦନ୍ତଜନିତ ରିପୋର୍ଟ ଦିଆଯାଇପାରିବ ନାହିଁ ବୋଲି ଓଡିଶା ଭିଜିଲାନ୍ସ ଡିଭିଜିନାଲ (ସୂର୍ଯ୍ୟନଗର) ଚିଠି ନଂ ୯୯୮ରେ ଜଣାଇଦେଲେ। ସେହିପରି ଟାଙ୍ଗୀ ପଞ୍ଚାୟତସ୍ଥ ବ୍ରାହ୍ମଣୀ ଗ୍ରାମର କନକଦେଇଙ୍କ ନାମରେ ଇନ୍ଦିରାଆବାସ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି। ଏଥିଲାଗି ୧ ଲକ୍ଷ ୨୦ ହଜାର ଟଙ୍କା ଉଠାଣ ହୋଇଥିଲେ ମଧ୍ୟ ସେ ଏହା ଆଦୌ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସୁନ୍ଦରପୁର ପଞ୍ଚାୟତ ଶରଣାର୍ଥୀ କଲୋନୀର ପାଗଲ ସରଦାରଙ୍କ ନାମରେ ମଧ୍ୟ ଏଭଳି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସେ କୌଣସି ମଞ୍ଜୁରୀ ଅର୍ଥ ପାଇ ନ ଥିଲେ ମଧ୍ୟ ସବୁ ଅର୍ଥ ଉଠାଣ ହୋଇ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ସାରିଥିବା ରେକର୍ଡପତ୍ରରେ ଦର୍ଶାଯାଇଛି। ଏହି ପଞ୍ଚାୟତର ଉଦୟଗିରି ନିବାସୀ ରତ୍ନାକର କଳସଙ୍କ ପାସ ବହିରେ ମାତ୍ର ୫ ହଜାର ଟଙ୍କା ଜମା ଦେଇ ଇନ୍ଦିରାଆବାସ ନାମରେ ସବୁ ଅର୍ଥ ହଡ୍‌ପ କରାଯାଇଥିବା ଅଭିଯୋଗ ହୋଇଛି। ସେ ଆଦୌ ଗୃହନିର୍ମାଣ କରି ନ ଥିବା ସ୍ଥଳେ ତାଙ୍କର ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ରେକର୍ଡପତ୍ରରେ ରହିଛି। ଟାଙ୍ଗୀ ବ୍ଲକ୍‌ରେ ମାତ୍ର ୩ ଟି ଇନ୍ଦିରାଆବାସ ଅର୍ଥ ଭୂତ ଖାଇସାରିଥିବା ଉଦାହରଣ ଏଠାରେ ପ୍ରକାଶ କରାଯାଇଛି। ତେବେ ଶତାଧିକ ଇନ୍ଦିରାଆବାସ ଅର୍ଥ ଏହି ଭୂତମାନେ ଖାଇଯାଉଥିବା ଉଦାହରଣ ବିରଳ ନୁହେଁ। ବିଡିଓ ଭାସ୍କର ରଇତଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ତାଙ୍କର ଚିରାଚରିତ ମତାମତ ଦେଇ କହିଲେ, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ଅର୍ଥକୁ କିଭଳି ହଡ଼ପ କରାଯାଉଛି ଉପରୋକ୍ତ ଘଟଣାରୁ ତାହା ଜଣାପଡେ। ତେଣୁ ପ୍ରଶାସନର ସ୍ୱଚ୍ଛତା ନେଇ ଏବେ ସାଧାରଣରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ପ୍ରଶାସନ ଯେତେବେଳ ନୀରବ ପାଳଟିଛି ଗରିବମାନଙ୍କର ଟଙ୍କା ଖାଇଯାଉଥିବା ଏହି ଭୂତମାନେ ଧରାପଡ଼ିବେ ନା ନାହିଁ ସେ ନେଇ ମଧ୍ୟ ସାଧାରଣରେ ସନ୍ଦେହ ପ୍ରକଟ ହୋଇଛି।



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
– ବେଞ୍ଜାମିନ୍ ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଆଜି ମହାପ୍ରଭୁଙ୍କୁ ଦର୍ଶନ କରିବେ ଏନ୍‌ଜିଟି ଅଧ୍ୟକ୍ଷ

ପୁରୀ ଅଫିସ, ୭।୯: ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଦିଲ୍ଲୀର ଅଧ୍ୟକ୍ଷ ଆଦର୍ଶ ଗୋଏଲ ଶନିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାର ଶୁଣାଣି ଲାଗି ଗଠିତ ଦୁଇଜଣିଆ ଖଣ୍ଡପୀଠରେ ଜଷ୍ଟିସ ଆଦର୍ଶ ଗୋଏଲ ରହିଥିଲେ। ଶ୍ରୀମନ୍ଦିରରେ ଦାନ ଦକ୍ଷିଣା ଆଦାୟ ଉପରେ ଉକ୍ତ ଖଣ୍ଡପୀଠ ରୋକ୍ ଲଗାଇଥିଲେ। ଜଷ୍ଟିସ ଗୋଏଲ ସୁପ୍ରିମକୋର୍ଟରୁ ଅବସର ନେବା ପରେ ଏବେ ଏନ୍‌ଜିଟିର ଅଧ୍ୟକ୍ଷ ରହିଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ନିମାପଡ଼ା,୭।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ଶିକ୍ଷୟିତ୍ରୀଙ୍କୁ ଋଣ ଦେବାକୁ କହି ଚେକ୍ ମାଧମରେ ୨୦ଲକ୍ଷ ଟଙ୍କା ଠକିନେବା ସହ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ଶୁକ୍ରବାର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ନିମାପଡ଼ା ଥାନା ଅଞ୍ଚଳର ଏକ ଏନଜିଓ ସଂସ୍ଥାର ମୁଖ୍ୟ ଭାଗୀରଥି ପ୍ରଧାନ। ତାଙ୍କ ଠାରୁ ବାଇକ୍ ଓ ମୋବାଇଲ ଜବତ ହୋଇଛି। ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ନିମାପଡ଼ା ପୋଲିସ ଏକ ମାମଲା(ନଂ.୨୫୬/୧୮)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଜନୈକ ଶିକ୍ଷୟିତ୍ରୀଙ୍କ ଭାଗୀରଥି ବଡ ପରିମାଣର ଋଣ କରାଇ ଦେବାକୁ କହି ତାଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ଚେକ୍ ମାଧମରେ ୨୦ ଲକ୍ଷ ଟଙ୍କା ନେଇଥଲେ। ଋଣ ନ ହୋଇ ପାରିବାରୁ ଶିକ୍ଷୟିତ୍ରୀଜଣଙ୍କ ଭାଗୀରଥିଙ୍କୁ ଟଙ୍କା ଫେରାଇଦେବାକୁ କହିଥିଲେ। ତେବେ ଶୁକ୍ରବାର କିଛି ଟଙ୍କା ଓ ଚେକ ଫେରାଇବେ ବୋଲି ଶିକ୍ଷୟିତ୍ରୀଙ୍କୁ କହିଥିଲେ। ଏ ନେଇ ଭାଗୀରଥି ଶିକ୍ଷୟିତ୍ରୀଙ୍କ ବାସଭବନରେ ପହଞ୍ଚିଥିଲେ। ତାଙ୍କୁ ଟଙ୍କା ଫେରାଇ ନ ଥିବା ବେଳେ ଘରେ କେହି ନ ଥିବା ସୁଯୋଗରେ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଶିକ୍ଷୟିତ୍ରୀଙ୍କ ଭାଇ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭାଗୀରଥିଙ୍କୁ ଥାନାକୁ ଆଣିଥିଲେ।

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

କଣାସ,୭।୯(ଡି.ଏନ୍.ଏ.): ଜଣେ ୮ବର୍ଷର ନାବାଳିକାଙ୍କୁ ଟ୍ୟୁଶନ ଶିକ୍ଷକ ଅସଦାଚରଣ କରିଥିବା ଶୁକ୍ରବାର କଣାସ ଥାନାରେ ଅଭିଯୋଗ ହୋଇଛି। ନାବାଳିକା ବାପାଙ୍କ ଅଭିଯୋଗକ୍ରମେ କଣାସ ପୋଲିସ ଏକ ମାମଲା (ନଂ.୧୧୪/୧୮)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, କଣାସ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ନିଜ ଘରେ ପିଲାମାନଙ୍କୁ ଟ୍ୟୁଶନ କରୁଥିଲେ। ସମ୍ପୃକ୍ତ ନାବାଳିକା ପ୍ରତିଦିନି ଭଳି ଗୁରୁବାର ରାତିରେ ଟ୍ୟୁସନ ପାଇଁ ଯାଇଥିଲେ। ରାତି ପ୍ରାୟ ୮ଟାବେଳେ ଟ୍ୟୁଶନ ଶିକ୍ଷକ ଘରେ ପଡିଥିବା ଖଟିଆ ଉପରେ ଶୋଇ ନାବାଳିକାଙ୍କୁ ଗୋଡ ମୋଡିବା ପାଇଁ ଡାକିଥିଲେ। ଗୋଡ ମୋଡିବା ସମୟରେ ସମ୍ପୃକ୍ତ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ ନାବାଳିକାଙ୍କ ବାପା ପହଞ୍ଚି ଏହି ଦୃଶ୍ୟ ଦେଖିଥିଲେ। ଏହା ସହ ଟ୍ୟୁଶନ ଶିକ୍ଷକଙ୍କୁ ଗାଳିଗୁଲଜ କରିବା ସହ କଣାସ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଟ୍ୟୁଶନ ଶିକ୍ଷକଙ୍କୁ ଗିରଫ କରିବା ଦାବିରେ କେତେଜଣ ବ୍ୟକ୍ତି କଣାସ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କୁ ଭେଟିଥିଲେ।

# କଟାଗଲା ପୁରୀ ବାଇପାସ୍

ପୁରୀ ଅଫିସ, ୭।୯



ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଅନ୍ତର୍ଗତ ପୁରୀ ବାଇପାସ୍‌କୁ କଟାଯାଇଛି।

- ସୁଜାତା ନଗରରୁ ପାଣି ଖସିଲା
- ତଥାପି କମିନି ଦୁର୍ଦ୍ଦଶା
- ଜାତୀୟ ରାଜପଥରେ ଗମନାଗମନ ଠପ୍

ଦୀର୍ଘ ଦେଢ଼ମାସ ଧରି ଜଳବନ୍ଦୀ ହୋଇ ରହିଥିବା ସୁଜାତା ନଗର ଓ ମାଟିତୋଟା ପଞ୍ଚମ ଲେନ୍ ଅଞ୍ଚଳର ଜଳ ନିଷ୍କାସନ ପାଇଁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଅନ୍ତର୍ଗତ ପୁରୀ ବାଇପାସ୍‌କୁ କଟାଯାଇଛି। ରାସ୍ତା କଟାଯିବା ପରେ ଜଳ ନିଷ୍କାସନ ଆରମ୍ଭ ହୋଇଛି। ଉକ୍ତ ଅଞ୍ଚଳରୁ ଜଳସ୍ତର ହ୍ରାସ ପାଇ ଏବେ ୨ରୁ ୩ ଫୁଟ ଉଚ୍ଚତାରେ ପାଣି ରହିଛି। ମାତ୍ର ଦୁର୍ଦ୍ଦଶା ହଟିନାହିଁ। ଘର ଭାଙ୍ଗିଯାଇଥିବା ଲୋକମାନେ ରାଜପଥରେ ଆଶ୍ରୟ ନେଇଛନ୍ତି। ରାଜପଥ କଡ଼ରେ ରୋଷେଇ କରି ଖାଉଛନ୍ତି। ରାସ୍ତା କଟାଯାଇଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଉକ୍ତ ବାଇପାସ୍ କଡ଼ରେ ପୁରୀ ପୌରାଞ୍ଚଳ ୱାର୍ଡ ନଂ.୧ର ସୁଜାତା ନଗର, ମାଟିଆପଡା ଅଞ୍ଚଳ ରହିଛି। ଉକ୍ତ ଅଞ୍ଚଳର ଜଳ ମଙ୍ଗଳାନଦୀ ଓ ମୂଷାନଈକୁ ନିଷ୍କାସିତ ହେଉଥିଲା। କିନ୍ତୁ ଜାତୀୟ ରାଜପଥ ନିର୍ମାଣ ବେଳେ ଏହି ଅଞ୍ଚଳର ଜଳ ନିଷ୍କାସନ ପ୍ରତି ଧ୍ୟାନ ଦିଆଗଲା ନାହିଁ। ଜୁଲାଇ ୨୧ ଏବଂ ଅଗଷ୍ଟ ୭ର ଲଗାଣ ବର୍ଷା ଫଳରେ ସୁଜାତା ନଗର, ମାଟିତୋଟା ୫ମ ଲେନ୍, ଖଣ୍ଡିଆବନ୍ଧ, ମୁକୁନ୍ଦମିଶ୍ର ନଗର ଏବଂ ଗୋପୀନାଥପୁର ନୂଆସାହି ଆଦି ଅଞ୍ଚଳ ଜଳମଗ୍ନ ହୋଇପଡିଥିଲା। ବର୍ଷା ଛାଡିବା ପରେ ଜଳସ୍ତର କମିବା ଆରମ୍ଭ ହୋଇଥିଲା। ହୀରାକୁଦ୍ ଗେଟ୍ ଖୋଲାଯିବା ପରେ ମଙ୍ଗଳାନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ବନ୍ୟାଜଳ ଉପରୋକ୍ତ ଅଞ୍ଚଳଗୁଡିକରେ ପଶିଥିଲା। ସମ୍ପୃକ୍ତ ଅଞ୍ଚଳରେ ୪ରୁ ୫ ଫୁଟ ଉଚ୍ଚତାରେ ପାଣି ଜମିରହି ସଙ୍ଗିନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଚେତିଥିଲା। ଗତ ୩ ତାରିଖରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ପ୍ରକଳ୍ପ ନିର୍ଦ୍ଦେଶକ ଶିଶୁ ମୋହନଙ୍କ ସମେତ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ବୈଠକ ପରେ ଅଧିକାରୀମାନେ ଜଳବନ୍ଦୀ ଅଞ୍ଚଳ ବୁଲି ଦେଖିବା ପରେ ପୁରୀ ବାଇପାସ କାଟି ଜଳ ନିଷ୍କାସନ କରିବା ଲାଗି ସ୍ଥିର ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଏଥିଲାଗି ଏନ୍‌ଏଚ୍‌ଏଆଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ବିଳମ୍ବିତ ରାତିରେ ପୁରୀ ବାଇପାସ ରାସ୍ତାକୁ କଟାଯାଇଛି। ଉକ୍ତ ରାସ୍ତାର ବାଟ ଗାଁ ଏବଂ ମଙ୍ଗଳାଘାଟ ପ୍ରବେଶ ପଥରେ ବ୍ୟାରିକେଡ ରଖି ରାସ୍ତାକୁ ବନ୍ଦ କରାଯାଇଛି। କିନ୍ତୁ ରାସ୍ତା ଖୋଳାଯାଇଥିବା ସମ୍ପର୍କରେ କୌଣସି ସୂଚନା ଫଳକ ଲଗା ଯାଇନାହିଁ। ଜାତୀୟ ରାଜପଥ ନିର୍ମାଣ ବେଳେ ଜଳ ନିଷ୍କାସନ ପାଇଁ ଯଦି ବଡ଼ କଲଭର୍ଟ ନିର୍ମାଣ ହୋଇଥାନ୍ତା, ତେବେ ବର୍ତ୍ତମାନ ଏଭଳି ସ୍ଥିତି ଉପୁଜି ନ ଥାନ୍ତା। ଅଧିକାରୀମାନଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ଜାତୀୟ ରାଜପଥ ଖୋଳିବାକୁ ପଡିଲା ବୋଲି କୁହାଯାଉଛି।

# ଖବରକାଗଜ ବିତରଣ ମୋର ନିଶା ଓ ପେସା

ପୁରୀ ଅଫିସ, ୭।୯

**ଦିନକର କାହାଣୀ**



ରାଜକିଶୋର ମୁଦୁଲି

ନୟାଗଡ଼ ଜିଲା ଗଣିଆ ନିକଟସ୍ଥ ଜଗନ୍ନାଥପ୍ରସାଦ ଗ୍ରାମର ରାଜକିଶୋର ମୁଦୁଲି(୩୯) ଏବେ ପୁରୀ ହାଡଗୋଡିଆ ସାହି ବାସିନ୍ଦା। ସେ ୨୦ରୁ ୨୫ ବର୍ଷ ହେଲା ପୁରୀରେ ରହି ଆସୁଥିବା ବେଳେ ଖବରକାଗଜ ବିତରଣ ତାଙ୍କୁ ଦେଇଛି ରୋଜଗାର। ଖବରକାଗଜ ବିତରଣ ମୋର ନିଶା, ପେସା ଓ ବେଉସା ବୋଲି କୁହନ୍ତି ରାଜକିଶୋର। ସେ କୁହନ୍ତି, ଦଶମ ଶ୍ରେଣୀ ପାଠ ପଢା ସରିବା ପରେ କାମ ଅନ୍ୱେଷଣରେ ପୁରୀ ପଳାଇ ଆସିଥିଲି। ଏଠାରେ ଜାନକୀ ମହାନ୍ତିଙ୍କ ଦୋକାନରେ ମଜୁରିରେ କାମ କଲି। ଏହି ସମୟରେ କିଛି ଖବରକାଗଜ ବିକ୍ରି କରୁଥିଲି। ଏହାପରେ କାମ ଛାଡି ଖବରକାଗଜ ବିତରଣ କରିବାକୁ ନିଷ୍ପତ୍ତି ନେଲି। ୨୦ବର୍ଷ ହେବ ଖବରକାଗଜ ବିତରଣ କରି ଆସୁଛି। ସ୍ତ୍ରୀ ଏବଂ ଗୋଟିଏ ପୁଅକୁ ନେଇ ତାଙ୍କ ସଂସାର। ପୁଅ ସୁଧାଂଶୁ ସପ୍ତମ ଶ୍ରେଣୀରେ ପଢୁଛି। ଖବରକାଗଜ ବିତରଣରୁ ମିଳୁଥିବା ଦୁଇପଇସା ରଖି ହାଡଗୋଡିଆ ସାହିରେ ଘର ନିର୍ମାଣ କରୁଛନ୍ତି ରାଜକିଶୋର। ମା’, ବାପା ଓ ବଡ଼ଭାଇ ଗାଁରେ ରହୁଥିବା ବେଳେ ସମୟ ମିଳିଲେ ସେ ଗାଁକୁ ଯାଆନ୍ତି। ନିଜ ଦୈନନ୍ଦିନ ଜୀବନ ବିଷୟରେ ସେ କୁହନ୍ତି, ମୁଁ ଭୋର ୫ଟାରେ ନିତ୍ୟକର୍ମ ସାରି ସାଇକେଲ ଧରି କର୍ମକ୍ଷେତ୍ରକୁ ବାହାରିଯାଏ। ଶ୍ରୀକ୍ଷେତ୍ର କଲୋନୀ ଏବଂ ପେଣ୍ଠକଟା ଅଞ୍ଚଳରେ ଖବରକାଗଜ ବିତରଣ କରି ମଧ୍ୟାହ୍ନ ୧୨ଟାରେ ଘରକୁ ଫେରେ। ଏହାପରେ ଗାଧୋଇ, ଖାଇ ବିଶ୍ରାମ ନିଏ। ଉପରବେଳା ଘର କାମ କରେ। ଖବରକାଗଜ ବିତରଣ ସମୟରେ ଘଟିଥିବା ଏକ ଘଟଣାକୁ କେବେ ବି ଭୁଲି ପାରିବି ନାହିଁ ବୋଲି ସେ କୁହନ୍ତି। ୪ବର୍ଷ ତଳେ ଦଣ୍ଡତୋଟା ଅଞ୍ଚଳରେ ସ୍ୱେରେଜ ଖୋଲାଯାଇଥାଏ। ବର୍ଷା ଯୋଗୁ ରାସ୍ତାରେ ପାଣି ଜମି ରହିଥାଏ। ମୁଁ ଖବରକାଗଜ ନେଇ ଯିବାବେଳେ ସାଇକେଲ ସହ ଉକ୍ତ ଗାତ ମଧ୍ୟକୁ ପଶି ଯାଇଥିଲି। ଖବରକାଗଜ ସବୁ ଓଦା ହୋଇଯାଇଥିଲା। ଖବରକାଗଜ ବିକି ନ ପାରି ମନଦୁଃଖରେ ଫେରିଥିଲି। ଏହି ଘଟଣା ମନେ ପଡିଲେ ବହୁତ ଦୁଃଖ ଲାଗେ ବୋଲି କୁହନ୍ତି ରାଜକିଶୋର।

ରିପୋର୍ଟ: ପ୍ରଦୀପ କିଶୋର ସାହୁ

■ ତୈଳ ଦର ବୃଦ୍ଧି ପ୍ରତିବାଦ

# ବଡ଼ଦାଣ୍ଡ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡିର ବିକ୍ଷୋଭ

ପୁରୀ ଅଫିସ, ୭।୯

ପେଟ୍ରୋଲ ଓ ଡିଜେଲର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ପୁରୀ ବିଜୁ ଜନତା ଦଳ ପକ୍ଷରୁ ବଡ଼ଦାଣ୍ଡ ପେଟ୍ରୋଲ ପମ୍ପ ସମ୍ମୁଖରେ ଶୁକ୍ରବାର ପୂର୍ବାହ୍ନରେ ୨ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ, କେନ୍ଦ୍ର ସରକାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଘଟି ଚାଲିଛି। କେନ୍ଦ୍ର ସରକାର ନିଜେ ଉତ୍ପାଦ ଶୁଳ୍କ ବଢ଼ାଇ ଦରବୃଦ୍ଧିର ଅନ୍ୟ ଏକ କାରଣ ସାଜିଥିବା ବେଳେ ରାଜ୍ୟ ସରକାରଙ୍କୁ ଭ୍ୟାଟ୍ ହ୍ରାସ ପାଇଁ ପରାମର୍ଶ ଦେଉଛନ୍ତି। ଓଡ଼ିଶାରେ ତୈଳ ଉପରେ ଭ୍ୟାଟ ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଛି। ତୈଳ ଦର ହ୍ରାସ ଲାଗି କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ବିଜେଡି ଦାବି କରିଛି। ବିକ୍ଷୋଭ ସମାବେଶରେ ନଗରପାଳ ଜୟନ୍ତ ଷଡ଼ଙ୍ଗୀ, ଉପନଗରପାଳ ଶାନ୍ତିଲତା ପ୍ରଧାନ, ପୁରୀ ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ର, ପ୍ରସନ୍ନ ମହାପାତ୍ର, ବିଜୁ ଛାତ୍ର ଜନତା ଦଳ ସଭାପତି ନାରାୟଣ ପ୍ରସାଦ ସିଂ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜିଲାର ବିଭିନ୍ନ ବ୍ଲକରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା।



ବିଜେଡି ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭରେ ପୁରୀ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, ଉପନଗରପାଳ ଶାନ୍ତିଲତା ପ୍ରଧାନ ଏବଂ ଅନ୍ୟମାନେ।

# ଲୋକନାଥ ମନ୍ଦିର ହୁଣ୍ଡିରୁ ୧,୧୦,୮୧୭ ଟଙ୍କା ଆୟ

**ବାହାରିଲା ବିଦେଶୀ ମୁଦ୍ରା**

ପୁରୀ ଅଫିସ, ୭।୯

ଶୁକ୍ରବାର ଶ୍ରୀଲୋକନାଥ ମନ୍ଦିରର ହୁଣ୍ଡି ଖୋଲାଯାଇଛି। ପ୍ରାୟ ଅଢ଼େଇ ମାସ ପରେ ଖୋଲାଯାଇଥିବା ହୁଣ୍ଡିରୁ ୧ଲକ୍ଷ ୧୦ ହଜାର ୮୧୭ ଟଙ୍କା ମିଳିଛି। ମନ୍ଦିର ପରିସର ଶ୍ରୀଲୋକନାଥ ଦେବ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଏହି ହୁଣ୍ଡି ଖୋଲାଯାଇଥିଲା। ଉପଜିଲାପାଳ ତଥା ଲୋକନାଥ ଦେବ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଭବତାରଣ ସାହୁଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ହୁଣ୍ଡି ଗଣତି ବେଳେ ଟ୍ରଷ୍ଟ ବୋର୍ଡର ମ୍ୟାନେଜର ଅପଚ୍ଛ ପରିଡ଼ା ଉପସ୍ଥିତ ଥିଲେ। ତାଙ୍କ କହିବା ଅନୁଯାୟୀ, ଶୁକ୍ରବାର ଗଣତି ବେଳେ ଗୋଟିଏ ବିଦେଶୀ ମୁଦ୍ରା ବାହାରିଛି। ଏଥିରେ ସୁଇଜରଲାଣ୍ଡ ଏବଂ ଇଂଲିଶରେ ୨୦ ଲେଖାଯାଇଛି। ଅନ୍ୟପକ୍ଷରେ ମ୍ୟାନେଜର ପରିଡ଼ାଙ୍କ ସୂଚନା ମୁତାବକ, ପ୍ରତି ୩ ମାସରେ ଥରେ ହୁଣ୍ଡି ଖୋଲାଯିବାର ନିୟମ ରହିଛି। ହେଲେ ଏଥର ସମୟସୀମା ପୂର୍ବରୁ ଖୋଲାଯାଇଥିଲା। ନିକଟରେ ଶ୍ରାବଣ ସୋମବାର ଶେଷ ହୋଇଛି। ୪ ସୋମବାର କାଉଡ଼ିଆମାନେ ଜଳ ଲାଗି ପାଇଁ ଆସିଥିଲେ। କେହି ଯଦି ହୁଣ୍ଡି ଭିତରେ ପାଣି ଢାଳି ଦେଇଥିବେ ତେବେ ଟଙ୍କା ନଷ୍ଟ ହେବାର ଆଶଙ୍କା କରି ସମୟ ସୀମା ପୂର୍ବରୁ ଖୋଲାଯାଇଛି। ଗୋଟିଏ ବର୍ଷ ଏମିତି କିଛି ଟଙ୍କା ନଷ୍ଟ ହୋଇଯାଇଥିଲା। ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ଜୁନ୍ ୨୬ରେ ହୁଣ୍ଡି ଖୋଲାଯାଇ ୩ ଲକ୍ଷ ୭୯ ହଜାର ୧୪୧ ଟଙ୍କା ମିଳିଥିଲା।

■ ଆଗକୁ ଛାତ୍ର ସଂସଦ ନିର୍ବାଚନ

# ଟ୍ରେନ୍‌ରେ ଚାଲିଛି ପ୍ରଚାର

ପୁରୀ ଅଫିସ, ୭।୯

ଆଗକୁ ରହିଛି ଛାତ୍ର ସଂସଦ ନିର୍ବାଚନ। ଚଳଚଞ୍ଚଳ ହେଲାଣି କଲେଜ କ୍ୟାମ୍ପସ୍। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ପିଲାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଆଶାୟୀ ଛାତ୍ରୀଛାତ୍ର କ୍ୟାମ୍ପସ୍‌ରେ ସମର୍ଥକଙ୍କ ସହିତ ପ୍ରଚାର ଆରମ୍ଭ କରିଛନ୍ତି। କଲେଜକୁ ନୂତନ କରି ଆସୁଥିବା ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଗୋଲାପ ଫୁଲ, ବନ୍ଧୁତ୍ୱର କାର୍ଡ ଦେଇ ସ୍ୱାଗତ କରୁଥିବା ଦେଖିବାକୁ ମିଳିଛି। ସରକାରୀ ମହିଳା ମହାବିଦ୍ୟାଳୟର କେତେଜଣ ଆଶାୟୀ ପ୍ରାର୍ଥିନୀ ପୁରୀ ରେଲ୍‌ୱେ ଷ୍ଟେଶନରେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ପାସେଞ୍ଜର ଟ୍ରେନ୍‌ରେ ଯାତାୟାତ କରୁଥିବା ଛାତ୍ରୀମାନଙ୍କୁ ଛାତ୍ର ସଂସଦ ନିର୍ବାଚନରେ ସହଯୋଗ ଲାଗି ନିବେଦନ କରୁଛନ୍ତି। ସେହିପରି ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ମଧ୍ୟ ଆଶାୟୀ ପ୍ରାର୍ଥୀମାନେ କ୍ଲାସ୍‌ରୁମ୍ ବୁଲି ପିଲାଙ୍କୁ ସମର୍ଥନ ଲାଗି ଅନୁରୋଧ କରୁଥିବା ଦେଖିବାକୁ ମିଳିଛି।

ଅନ୍ୟପଟେ ଗତ କିଛିଦିନ ଧରି ତିନି ପ୍ରମୁଖ ଦଳ ପକ୍ଷରୁ ଘନ ଘନ ବୈଠକ ବସି ପ୍ରାର୍ଥୀ ତାଲିକା ପ୍ରସ୍ତୁତି ଚାଲିଛି। ଛାତ୍ର ବିଜେଡି ତା’ର ପ୍ରାର୍ଥୀ ତାଲିକା ଘୋଷଣା କରି ନ ଥିଲେ ମଧ୍ୟ ପ୍ରାର୍ଥୀ ସ୍ଥିର କରିଥିବା ଜଣାପଡିଛି। ଅନ୍ୟପଟେ ଶୁକ୍ରବାର ଛାତ୍ର କଂଗ୍ରେସ, ଏବିଭିପି ଛାତ୍ର ସଙ୍ଗଠନ ମଧ୍ୟ ସେମାନଙ୍କ ପ୍ରାର୍ଥୀମାନଙ୍କୁ ନେଇ ପୃଥକ ଭାବେ ବୈଠକ ଆୟୋଜନ କରି ଆଲୋଚନା କରିଥିଲେ। ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ଭାଜପା ଯୁବମୋର୍ଚ୍ଚା ଦୁଇ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ବୈଠକ ଆୟୋଜନ କରିଥିଲା। ଦୁଇ କଲେଜ ଲାଗି ଦଳ ପ୍ରାର୍ଥୀ ସ୍ଥିର କରିଥିବା ଜଣାପଡିଛି। ଖୁବ୍‌ଶୀଘ୍ର ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାସ କହିଛନ୍ତି। ଏବିଭିପି ଜିଲା ସଂଯୋଜକ ପାର୍ଥଜିତ ପୃଷ୍ଟି କୁହନ୍ତି, ଚଳିତ ବର୍ଷ ଉକ୍ତ ଦୁଇ କଲେଜରେ ପ୍ରାର୍ଥୀ ଦିଆଯିବ। ଆଗାମୀ ଦିନରେ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ।



ଛାତ୍ରୀମାନେ ଟ୍ରେନ୍‌ରେ ପ୍ରଚାର କରୁଛନ୍ତି।

■ ଏସ୍‌ସିଏସ୍, ନିମାପଡ଼ା କଲେଜର ସ୍ୱୟଂଶାସିତ ମାନ୍ୟତା ନ ଥିବା ପ୍ରସଙ୍ଗ

# ଜିଲାପାଳଙ୍କୁ ଭାଜପା ଯୁବମୋର୍ଚ୍ଚାର ଦାବିପତ୍ର

ପୁରୀ ଅଫିସ, ୭।୯

ପୁରୀ ଜିଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ଓ ନିମାପଡ଼ା ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ନ ଥିବା ପ୍ରସଙ୍ଗକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ, ବୁଦ୍ଧିଜୀବୀ, ଅଭିଭାବକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦୁଇ କଲେଜରେ ଛାତ୍ରୀଛାତ୍ରଙ୍କ ମହଲରେ ଅସନ୍ତୋଷ ତେଜୁଥିବା ଜଣାପଡିଛି। ଶୁକ୍ରବାର ଏନେଇ ଏସ୍‌ସିଏସ୍ କଲେଜ କ୍ୟାମ୍ପସରେ କେତେଜଣ ଛାତ୍ରୀଛାତ୍ର ହୋହଲ୍ଲା କରିଥିଲେ। ସ୍ୱୟଂଶାସିତ ମାନ୍ୟତା ନ ଥାଇ କଲେଜରେ ପରୀକ୍ଷା ପରିଚାଳନା ଏବଂ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଅନ୍ଧାରରେ ରଖିବା ପ୍ରତିବାଦରେ ଭାରତୀୟ ଜନତା ପାର୍ଟି(ଭାଜପା) ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଏସ୍‌ସିଏସ କଲେଜ ୨୦୧୨ ଏବଂ ନିମାପଡା ମହାବିଦ୍ୟାଳୟର ୨୦୧୬ରୁ ସ୍ୱୟଂଶାସିତ ମାନ୍ୟତା ହରାଇଛନ୍ତି। ଏହା ମଧ୍ୟରେ ଏସ୍‌ସିଏସ କଲେଜରୁ ବହୁ ଅଧ୍ୟକ୍ଷ ଗଲେଣି, ଅଥଚ ଏଥିପ୍ରତି କେହି ବି ଗୁରୁତ୍ୱ ଦେଇନାହାନ୍ତି। କଲେଜର ମାନ୍ୟତା ନ ଥିବା ବେଳେ କର୍ତ୍ତୃପକ୍ଷ ପରୀକ୍ଷା ପରିଚାଳନା କରିବା ସହ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରି ଚାଲିଛନ୍ତି। ଫଳରେ ସାର୍ଟିଫିକେଟର ବୈଧତା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ନିମାପଡା କଲେଜ ମଧ୍ୟ ତା’ର ସ୍ୱୟଂଶାସିତ ମାନ୍ୟତା ହରାଇଥିବା ବେଳେ କର୍ତ୍ତୃପକ୍ଷ ଏହାର ନବୀକରଣ ଲାଗି ଚିନ୍ତା କରିବା ପରିବର୍ତ୍ତେ ହାତବାନ୍ଧି ବସିଛନ୍ତି। ଯୁବମୋର୍ଚ୍ଚା ଜିଲା ସଭାପତି ଜୟନ୍ତ ଦାସ କୁହନ୍ତି, ପିଲାଙ୍କ ଭବିଷ୍ୟତ ସହ କଲେଜ କର୍ତ୍ତୃପକ୍ଷ ଖେଳୁଛନ୍ତି। ଜିଲା ପ୍ରଶାସନ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରାଯାଇଛି।

# କେନ୍ଦ୍ର, ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ଜିଲା କଂଗ୍ରେସ

ପୁରୀ ଅଫିସ, ୭।୯




ଖବରଦାତା ସମ୍ମିଳନୀରେ ପୁରୀ ଜିଲା କଂଗ୍ରେସ ସଭାପତି ସତ୍ୟବ୍ରତ ପାତ୍ର ଓ ଅନ୍ୟମାନେ।

କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ପୁରୀ ଜିଲା କଂଗ୍ରେସ କମିଟି। ରାଫେଲ ଯୁଦ୍ଧ ବିମାନ କିଣାରେ ୪୧ହଜାର ୨୦୫କୋଟି ଟଙ୍କାର ଦୁର୍ନୀତି ହୋଇଛି। ଓଡ଼ିଶାର ଯୁଦ୍ଧ ବିମାନ କାରଖାନା ହାଲ୍‌କୁ ବୁଡାଇ ଦେବା ପାଇଁ କେନ୍ଦ୍ର ସରକାର ଅନିଲ ଅମ୍ବାନୀଙ୍କ କମ୍ପାନୀକୁ ପ୍ରୋତ୍ସାହିତ କରିଛନ୍ତି। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରିଚାଲିଛନ୍ତି। ଅନ୍ୟପକ୍ଷରେ ବିଜେଡି ସରକାର ୧୮ ବର୍ଷର ଶାସନରେ ଦୁର୍ନୀତିରେ ବୁଡୁବୁଡୁ ହେଉଛି ବୋଲି ଜିଲା କଂଗ୍ରେସ ସଭାପତି ସତ୍ୟବ୍ରତ ପାତ୍ର ଅଭିଯୋଗ କରିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ପାତ୍ର କହିଥିଲେ ଯେ, ୨୦୧୪ ନିର୍ବାଚନରେ ନରେନ୍ଦ୍ର ମୋଦି ଦେଇଥିବା ପ୍ରତିଶ୍ରୁତି ଏବେ ପ୍ରବଞ୍ଚନାରେ ପରିଣତ ହୋଇଛି। ବିମୁଦ୍ରୀକରଣ ମଧ୍ୟ ଦେଶର ଅର୍ଥନୀତିକୁ ଦୋହଲାଇ ଦେଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ପ୍ରଚାରସର୍ବସ୍ୱ ହୋଇଛନ୍ତି। ନଗଡ଼ା ଏବଂ ଦାନ ମାଝିର ଚିତ୍ର ରାଜ୍ୟର ସମ୍ମାନକୁ କ୍ଷୁଣ୍ଣ କରିଛି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି। ଆଗାମୀ ନିର୍ବାଚନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଜନତା ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

ଖବରଦାତା ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଅଜିତ ମଙ୍ଗରାଜ, ପୂର୍ବତନ ଜିଲା ସଭାପତି ଉତ୍ତମ ଆଚାର୍ଯ୍ୟ, ଶରତ ରଥ, ପିସିସି ସମ୍ପାଦକ ଚଣ୍ଡୀ ପ୍ରସାଦ ସିଂ ଓ ବିଶ୍ୱଜିତ ମହାନ୍ତି, ବିନାୟକ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ଆଫିଲିଏଶନରେ ଚାଲିଛି ପିଜି, ଏମ୍‌ଫିଲ ପାଠ୍ୟକ୍ରମ

ପୁରୀ ଅଫିସ, ୭।୯

**ଏସ୍‌ସିଏସ୍ କଲେଜ**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ନ ଥିବା ପ୍ରସଙ୍ଗ ମନରୁ ନ ଲିଭୁଣୁ ୨୦୧୭ରେ ଆରମ୍ଭ ହୋଇଥିବା ସ୍ନାତକୋତ୍ତର (ପିଜି) ଓ ଏମ୍‌ଫିଲ ପାଠ୍ୟକ୍ରମକୁ ନେଇ ଆରମ୍ଭ ହୋଇଛି ବିବାଦ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପାଠ୍ୟକ୍ରମକୁ ଅନୁବନ୍ଧନ (ଆଫିଲିଏଶନ) ମିଳି ନ ଥିବା ଜଣାପଡିଛି। ବିନା ଆଫିଲିଏଶନରେ ଏସ୍‌ସିଏସ୍ କଲେଜରେ ପିଜି ଓ ଏମ୍‌ଫିଲ ପାଠ ପଢ଼ା ଚାଲିଛି। ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ଡିସେମ୍ବରରେ ଏମ୍‌ଫିଲ ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ଅବଧି ସରିବ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, ପିଜି ଏବଂ ଏମ୍‌ଫିଲ ଆଫିଲିଏଶନ ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟରେ ଆବେଦନ କରାଯାଇଛି। ଖୁବ୍‌ଶୀଘ୍ର ଆଫିଲିଏଶନ ମିଳିବ। ଅନ୍ୟପଟେ ଚଳିତ ବର୍ଷ ଏମ୍‌ଫିଲରେ ନାମଲେଖା ଲାଗି ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ଆସନ୍ତା ୧୮ତାରିଖରେ ସେମାନଙ୍କ ଏଣ୍ଟ୍ରାନ୍ସ ପରୀକ୍ଷା ହେବ ବୋଲି ଜଣାପଡିଛି। ତେବେ ବିନା ଆଫିଲିଏଶନରେ କଲେଜ କର୍ତ୍ତୃପକ୍ଷ କିପରି ଏଣ୍ଟ୍ରାନ୍ସ ପରୀକ୍ଷା ଆୟୋଜନ କରୁଛନ୍ତି, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ପ୍ରକାରେ, ୨୦୧୭ରେ ଅର୍ଥନୀତି, ରସାୟନ ବିଜ୍ଞାନ ଓ ଶିକ୍ଷା ବିଭାଗରେ ସ୍ନାତକୋତ୍ତର ଏବଂ ଓଡ଼ିଆ, ଇଂଲିଶ, ଭୂଗୋଳ ଓ ବାଣିଜ୍ୟ ପାଠ୍ୟକ୍ରମରେ ଏମ୍‌ଫିଲ ଖୋଲିବା ଲାଗି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସ୍ୱୀକୃତି ପ୍ରଦାନ କରିଥିଲା। ପିଜିରେ ପ୍ରତ୍ୟେକ ବିଭାଗରେ ୩୨ ଏବଂ ଏମ୍‌ଫିଲରେ ୮ଟି ଲେଖାଏ ସିଟ୍ ଲାଗି ଅନୁମତି ପ୍ରଦାନ କରିଥିଲେ। କଲେଜର ଜଣେ ପ୍ରଫେସରଙ୍କ କହିବା ମୁତାବକ, ପ୍ରତି କଲେଜ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପିଜି ଓ ଏମ୍‌ଫିଲ ପାଠ୍ୟକ୍ରମ ଖୋଲିବା ଲାଗି ରାଜ୍ୟ ସରକାର ଅନୁମତି ପ୍ରଦାନ କରନ୍ତି। ବିଶ୍ୱବିଦ୍ୟାଳୟ ଏ ନେଇ ଆଫିଲିଏଶନ ପ୍ରଦାନ କରିଥାଏ।



ମୁଁ ଅନ୍ୟକୁ ଥଟ୍ଟା କରେ ସତକଥା କହି, କାରଣ ସତ୍ୟ ହେଉଛି ସବୁଠାରୁ ବଳି ଆମୋଦଦାୟକ ଥଟ୍ଟା।
-ଜର୍ଜ ବର୍ନାଡ ଶ

## ସଂକ୍ଷେପରେ

### ୩ଜଣଙ୍କୁ ଆକ୍ରମଣ ଘଟଣା: ଜଣେ ଗିରଫ

ନିମାପଡ଼ା,୭।୯(ଡି.ଏନ୍.ଏ.): ନିମାପଡ଼ା ଥାନା ମାଣିଆଡିହ ଗ୍ରାମର ଏକ ପରିବାରର ୩ଜଣଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଶୁକ୍ରବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଟିକିନା ଦାସ। ଅନ୍ୟପକ୍ଷରେ ଟିକିନାଙ୍କ ସ୍ୱାମୀ ବସନ୍ତ ଦାସ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନାଥାଉକି, ଜାଗାବାଡି ବିବାଦ ଓ ଘରେ ବିଦ୍ୟୁତ୍ ମିଟର ବସାଇବାକୁ ନେଇ ଗତ ୨୯ତାରିଖରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ସାନଭାଇ ବସନ୍ତ ଓ ସ୍ତ୍ରୀ ଟିକିନାଙ୍କ ଆକ୍ରମଣରେ ବଡଭାଇ ସୁକାନ୍ତ ଦାସ ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଦାସ, ମା' ଭାନୁମତୀ ଦାସ ଗୁରୁତର ହୋଇଥିଲେ। ସୁକାନ୍ତଙ୍କ ବାପା ଗନ୍ଧର୍ବ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୫୫/୧୮)ରୁଜୁ କରି ତଦନ୍ତ ଚଳାଇଥିଲା।

### ବ୍ଲକସ୍ତରୀୟ ଦକ୍ଷତା ତାଲିମ ଶିବିର

ଗୋପ, ୭।୯(ଡି.ଏନ୍.ଏ.)- ଯୁବତୀମାନଙ୍କ ଦକ୍ଷତା ବୃଦ୍ଧି କରି ରୋଜଗାରକ୍ଷମ କରିବା ଲକ୍ଷ୍ୟ ନେଇ କେନ୍ଦ୍ରସରକାର ଦୀନ ଦୟାଲ ଗ୍ରାମ କୌଶଲ ବିକାଶ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାର ସଫଳ ରୂପାୟନ ଓ ଅଧିକ ଯୁବପିଢ଼ିଙ୍କୁ ନିଯୁକ୍ତି ଭିତ୍ତିକ ଟ୍ରେନିଂ ପ୍ରଦାନ କରିବା ପାଇଁ ଶୁକ୍ରବାର ଗୋପ ପଞ୍ଚାୟତ ସମିତି ସଭାଗୃହରେ ୩୧ ଜଣ ଏମ୍‌ବିକେମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ବିଡିଓ ରାମଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ଆସନ୍ତା ୨୯ତାରିଖରେ ସାରଡ଼ା ବାତ୍ୟା ଆଶ୍ରୟସ୍ଥଳୀଠାରେ ହେବାକୁ ଥିବା ନିଯୁକ୍ତି ମେଳାରେ କିପରି ଅଧିକ ଯୁବତୀଯୁବକ ସାମିଲ ହୋଇପାରିବେ ସେନେଇ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବିଜୟ କୁମାର ଛାଟୋଇ, ବ୍ଲକ ସଂଯୋଜକ ଚିନ୍ମୟୀ କୋଠାରୀ, ପ୍ରଶିକ୍ଷକ ରତିକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

### ଅସହାୟ ରୋଗୀଙ୍କୁ ସାହାଯ୍ୟ କଲେ ଯୁବ ବାହିନୀ ସଦସ୍ୟ

ଗୋପ, ୭।୯(ଡି.ଏନ୍.ଏ.)-ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଜନୈକ ବ୍ୟକ୍ତି ବର୍ଷାରେ ଅସହାୟ ଅବସ୍ଥାରେ ପଡ଼ିରହିଥିବା ଖବର ପାଇ ଘଣାସ୍ଥଳରେ ବିଜୁ ଯୁବ ବାହିନୀରେ କିଛି ସଦସ୍ୟ ପହଞ୍ଚି ତାଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛନ୍ତି। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପୁରୀ ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏଥିରେ ଆଲାମ୍ ଶେଖ୍, ସୁମନ୍ତ ବାରିକ, ପ୍ରତାପ ପରିଡ଼ା, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରାଜନୈତିକ ଚକ୍ରବ୍ୟୂହରେ ଅମୃତ ଯୋଜନା

ପୁରୀ ଅଫିସ, ୭।୯

- ୨ବର୍ଷ ପରେ ବି ବଳିଆପଣ୍ଡା ପାର୍କ ନିର୍ମାଣ ନୋହିଲା
- ପଡିରହିଛି ପ୍ରାୟ ୪ କୋଟି

ଅମୃତ ଯୋଜନାରେ ସାମିଲ ହୋଇଛି ପୁରୀ ସହର। ଏହି ଯୋଜନାରେ ୪ଟି ପାର୍କ ମଧ୍ୟରୁ ୨ଟିର ଉଦ୍‌ଘାଟନ ସରିଛି। କିନ୍ତୁ ୨ବର୍ଷ ତଳୁ ଶିଳାନ୍ୟାସ ହୋଇଥିବା ବଳିଆପଣ୍ଡା ପାର୍କ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇପଡିଛି। ଫଳରେ ଅମୃତ ଯୋଜନାର ପ୍ରାୟ ୪ କୋଟି ଟଙ୍କା ପଡ଼ି ରହିଛି। ତେବେ ପାର୍କ କାର୍ଯ୍ୟ ବନ୍ଦ ରହିବା ପଛରେ ପ୍ରଶାସନିକ ଏବଂ ରାଜନୈତିକ ଷଡ଼ଯନ୍ତ୍ର ରହିଥିବା ପୁରୀ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ଫଳରେ ପୁରୀରେ ଅମୃତ ଯୋଜନା ଚକ୍ରବ୍ୟୂହ ମଧ୍ୟରେ ଫସି ରହିଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଅମୃତ ଯୋଜନାରେ ବଳିଆପଣ୍ଡାଠାରେ ୧୦ଏକର ଜମିରେ ପାର୍କ ନିର୍ମାଣ ଲାଗି ନିଷ୍ପତ୍ତି ନିଆଯାଇଥିଲା। ୨୦୧୬ ଅଗଷ୍ଟ ୩୧ ସ୍ୱାୟତ୍ତଶାସନ ଦିବସରେ ପାର୍କ ନିର୍ମାଣ ଲାଗି ବିଧାୟକ ମହେଶ୍ୱର ମହାନ୍ତି ଶିଳାନ୍ୟାସ କରିଥିଲେ। ଏହାର ଦୁଇଦିନ ନ ବିତୁଣୁ କେହି ଦୁର୍ବୃତ୍ତ ଶିଳାନ୍ୟାସ ଫଳକକୁ ତାଡ଼ି ଦେଇଥିଲେ। ଉକ୍ତ ଫଳକ ଏବେ ପୌର କାର୍ଯ୍ୟାଳୟରେ ରହିଛି। ଅନ୍ୟପକ୍ଷରେ ଉକ୍ତ ପାର୍କ ଲାଗି ଚିହ୍ନଟ ଜମିରେ ରହିଥିବା ବସ୍ତିକୁ ପୌରସଂସ୍ଥା ପକ୍ଷରୁ ଉଚ୍ଛେଦ କରାଯାଇ ଚତୁଃପାର୍ଶ୍ୱରେ ୫୦ଲକ୍ଷ ଟଙ୍କା ବ୍ୟୟରେ ପାଚେରି ନିର୍ମାଣ କରାଗଲା। ଏହାପରେ ଉକ୍ତ ପାର୍କକୁ ନେଇ ପ୍ରଶାସନିକ ଏବଂ ରାଜନୈତିକ ସ୍ତରର ଭିନ୍ନମତ ପ୍ରକାଶ ପାଇଲା। ୧୦ଏକର ଜମିରୁ ୫ଏକର ଜମିରେ ପୌରସଂସ୍ଥା ପାର୍କ ନିର୍ମାଣ କରିବ ଏବଂ ବାକି ୫ଏକର ଜମିରେ ପଞ୍ଜାବର ଏକ ଧାର୍ମିକ ସଂସ୍ଥା ପାର୍କ କରିବ ବୋଲି ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ଏକ ବୈଠକରେ ଆଲୋଚନା ହେଲା। ପରବର୍ତ୍ତୀ ସମୟରେ ଆଇକନିକ ସିଟି ଯୋଜନାରେ ନାଲ୍‌କୋ ଏହି ପାର୍କ ନିର୍ମାଣ କରିବ ବୋଲି ଏକ ବୈଠକରେ ସ୍ଥିର ହେଲା। ଏହାପରେ ପାର୍କ ନିର୍ମାଣ କାର୍ଯ୍ୟ ଝୁଲି ରହିଛି। ଅମୃତ ଯୋଜନା ସମୀକ୍ଷା ବୈଠକରେ ରାଜ୍ୟ ସରକାର ଏହି ବିବାଦ ତୁଟାଇ ପୌରସଂସ୍ଥା ଉକ୍ତ ପାର୍କ କରିବ ବୋଲି ସ୍ପଷ୍ଟ କରିଥିବା ଜଣାପଡିଛି। କିନ୍ତୁ ପାର୍କ ନିର୍ମାଣ ବିଳମ୍ବ ହେବାରୁ ଉଚ୍ଛେଦ ହୋଇଥିବା ବସ୍ତିବାସନ୍ଦା ପୁଣି ସେଠାରେ ଗୃହ ନିର୍ମାଣ କରି ରହିଲେଣି।

ଏ ସମ୍ପର୍କରେ ନଗରପାଳ ଷଡ଼ଙ୍ଗୀ କହିଛନ୍ତି, ପାର୍କ ନିର୍ମାଣ କାର୍ଯ୍ୟ ଠିକ୍ ଚାଲିଥିଲେ ବର୍ତ୍ତମାନ ଉଦ୍‌ଘାଟନ ହୋଇଥାନ୍ତା। କିନ୍ତୁ ଏହା ପ୍ରଶାସନିକ ଓ ରାଜନୈତିକ ଚକ୍ରାନ୍ତର ଶିକାର ହୋଇଛି। ମୁଁ ଶ୍ରେୟ ନେଇଯିବି ଭାବି ପାର୍କ କାର୍ଯ୍ୟ ଜାଣିଶୁଣି ବିଳମ୍ବ କରାଗଲା। ଶେଷରେ ରାଜ୍ୟ ସରକାର ପୌରସଂସ୍ଥା କରିବ ବୋଲି କହିବା ପରେ ବର୍ତ୍ତମାନ କାର୍ଯ୍ୟ ଆରମ୍ଭ କରିବା ଲାଗି ପଦକ୍ଷେପ ନିଆଯାଉଛି। ବର୍ଷାଦିନ ଯୋଗୁ କାମ ଆରମ୍ଭ ହୋଇପାରୁନାହିଁ। କେବଳ ଏହି ପାର୍କ ନୁହଁ, ଅତ୍ୟଧିକ ରାଜନୈତିକ ହସ୍ତକ୍ଷେପ ଯୋଗୁ ପୁରୀ ପୌରସଂସ୍ଥାରେ ବିକାଶମୂଳକ କାର୍ଯ୍ୟ ହୋଇପାରୁନାହିଁ। ପୁଣି ପୌରସଂସ୍ଥା ହାତରୁ ହୃଦୟ, ଆଇକନିକ ସିଟି ଓ ଉନ୍ନତି ଯୋଜନାକୁ ଛଡାଇ ନିଆଯାଇଛି। ଉନ୍ନତି ଯୋଜନାରେ ପୁରୀ ସହରରେ ପ୍ରକଳ୍ପ ପାଇଁ ୮କୋଟି ଟଙ୍କା ଆସିଲା। ପୌର ସଂସ୍ଥାକୁ ଦୂରେଇ ରଖି ପୁରୀ ସଦର ବ୍ଲକ ଏହି ଯୋଜନାକୁ ସହରରେ କାର୍ଯ୍ୟକାରୀ କଲା। ପୌରସଂସ୍ଥା ସବୁଥିରେ ନୋଡାଲ ଏଜେନ୍ସି ହୋଇଥିଲେ ବି ଗୁରୁତ୍ୱ ଦିଆଯାଉନାହିଁ। ତଥାପି ପ୍ରକଳ୍ପ କାର୍ଯ୍ୟ ଆଗଉନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଅମରେଶ୍ୱର ବଜାରରେ ଜବରଦଖଲ ଉଚ୍ଛେଦ



ରାଜସ୍ୱ ବିଭାଗ ପକ୍ଷରୁ ଉଚ୍ଛେଦ ଚାଲିଛି।

ନିମାପଡ଼ା, ୭।୯(ଡି.ଏନ୍.ଏ.)

ନିମାପଡ଼ା ରାଜସ୍ୱ ବିଭାଗ ପକ୍ଷରୁ ଶୁକ୍ରବାର ଅମରେଶ୍ୱର ବଜାରଠାରେ ବେଆଇନ ଭାବେ ସରକାରୀ ଜାଗାରେ ନିର୍ମିତ ହୋଇଥିବା ୭ବଖରା ଗୃହ ଉଚ୍ଛେଦ କରାଯାଇଛି। ବେଆଇନ ଭାବେ ନିର୍ମିତ ହୋଇଥିବା ୫ବଖରା ଇଟା କଂକ୍ରିଟ ଅର୍ଦ୍ଧନିର୍ମିତ ଗୃହ ଓ ୨ବଖରା ଚାଳ ଘରକୁ ରାଜସ୍ୱ ବିଭାଗ ପକ୍ଷରୁ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଡ୍ରୋଜର ଲଗାଇ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ପାଇଁ ଜବରଦଖଲକାରୀ ଅଗରଶାସନ ଗ୍ରାମର ଦିବାକର ତ୍ରିପାଠୀ ଓ ଗଡଅମରପ୍ରସାଦ ଗ୍ରାମର ପ୍ରଫୁଲ ଦାଶଙ୍କୁ ବାରମ୍ବାର ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ ହୋଇଥିଲେ ମଧ ସେ ତାହାକୁ ଖାତିର ନ କରି ନଥିବା ଅବମାନନା କାରିଥିବା ତହସିଲଦାର କମଲଜିତ ଦାସ କହିଛନ୍ତି। ଏହି ଜବରଦଖଲ ଉଚ୍ଛେଦ ଅଭିଯାନରେ ତହସିଲଦାର ଦାସ, ଅତିରିକ୍ତ ତହସିଲଦାର ଲୋଚନ ଦାସ, ରାଜସ୍ୱ ନିରୀକ୍ଷକ ମନୋଜ ପରିଡା, ଏସଡିପିଓ ନିରଞ୍ଜନ ପାଢୀ, ଆଇଆଇସି ହରମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭଗବତୀ ମହାବିଦ୍ୟାଳୟର ୪୧ତମ ପ୍ରତିଷ୍ଠା ଦିବସ

କୋଣାର୍କ, ୭।୯(ଡି.ଏନ୍.ଏ.)





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କୋଣାର୍କର ପୁରାତନ ଶିକ୍ଷାନୁଷ୍ଠାନ ଭଗବତୀ ମହାବିଦ୍ୟାଳୟର ୪୧ତମ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି। ଅତିଥିମାନେ ମହାବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବୀରକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବରେ ମହାବିଦ୍ୟାଳୟ ପରିଚାଳନା କମିଟିର ପ୍ରତିଷ୍ଠାତା ସଦସ୍ୟ ଶିକ୍ଷାବିତ ହରେକୃଷ୍ଣ ମହାନ୍ତି, ଗୋପ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସଦସ୍ୟ ଗୋପୀନାଥ ପାତ୍ର, ପ୍ରାକ୍ତନ ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ମଲ୍ଲିକ, ରାଜକିଶୋର ମହାପାତ୍ର ଓ ପ୍ରାକ୍ତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ମହାବିଦ୍ୟାଳୟର ଉନ୍ନତି ତଥା ଶିକ୍ଷା ବ୍ୟବସ୍ଥାର ସଂସ୍କାର, ୟୁଜିସି ଅନୁଦାନ ଓ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସାମଗ୍ରିକ ପ୍ରୟାସ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ।

## ସର୍ବସାଧାରଣ ଶୌଚାଳୟ ନିର୍ମାଣ ଦାବି

ସାକ୍ଷୀଗୋପାଳ, ୭।୯(ଡି.ଏନ୍.ଏ.)

ରାଜପଥ ସମ୍ପ୍ରସାରଣ ପାଇଁ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଠାରେ ରହିଥିବା ପୁରୁଣା ସୁଲଭ ଶୌଚାଳୟଟି ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱହେଲା ଭାଙ୍ଗି ଦିଆଯିବା ପରେ ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ଫଳରେ ବସଷ୍ଟାଣ୍ଡରେ ବସକୁ ପ୍ରତୀକ୍ଷା କରୁଥିବା ଲୋକେ ଶୌଚାଳୟ ବିନା ହଟହଟା ହେଉଛନ୍ତି। ଏପରିକି ନିକଟବର୍ତ୍ତୀ ବସ୍ ଷ୍ଟପେଜରେ ପ୍ରତୀକ୍ଷାଳୟ ସ୍ଥାପନ କରାଯାଇଥିବା ସ୍ଥଳେ ଏଠାରେ ଏହାର ବ୍ୟତିକ୍ରମ ରହିଛି। ଲୋକେ ଖୋଲା ଆକାଶ ତଳେ ଖରାବର୍ଷାରେ ଅପେକ୍ଷା କରୁଛନ୍ତି। ସେହିପରି ସତ୍ୟବାଦୀ ବ୍ଲକ ଓ ତହସିଲ ଆଦି ବଭିନ୍ନ ସରକାରୀ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ କରିବାକୁ ଗୋବିନ୍ଦ ମାହାପାତ୍ର ଦୃଢ଼ ଦାବି କରିଛନ୍ତି। କେନ୍ଦ୍ର ଠାରୁ ରାଜ୍ୟ ସ୍ୱଚ୍ଛପରିମଳ ନେଇ ନାନା କାର୍ଯ୍ୟକ୍ରମ ହାତକୁ ନିଆଯାଉଥିଲେ ମଧ ସାକ୍ଷୀଗୋପାଳ ଏଥିରୁ ବାଦ ପଡିଛି ବୋଲି ସେ କହିଛନ୍ତି। ଏହି ମର୍ମରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

■ ଭଲିବଲ୍ ଖେଳରୁ ଗଣ୍ଡଗୋଳ ଘଟଣା

# ପୁଣି ବୋମାମାଡ଼, ଉତ୍ତେଜନା ଜାରି

ବ୍ରହ୍ମଗିରି, ୭।୯(ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାତପଡା ପଞ୍ଚାୟତ କଲେଜ ପରିସରରେ ଗୁରୁବାର ଭଲିବଲ୍ ଖେଳକୁ ନେଇ ଛାତ୍ର ଓ ଅଣଛାତ୍ର ମଧ୍ୟରେ ମାରପିଟ ଓ ବୋମା ମାଡ ହୋଇଥିଲା । ଏନେଇ ବାଘମୁଣ୍ଡା, ଗମ୍ଭାରୀ ଓ ଗଡ ଗ୍ରାମ ମଧ୍ୟରେ ଉତ୍ତେଜନା ଲାଗିରହିଥିବା ସମୟରେ ଶୁକ୍ରବାର ସକାଳୁ ତିନୋଟି ଗ୍ରାମର ପ୍ରମୁଖ ଛକ ଚଣ୍ଡିଖୋଲଠାରେ ପୁଣି ବୋମା ମାଡ ହୋଇଛି। ଏଥିରେ ଗଡ ଗ୍ରାମର ବାବୁଲି ଜେନା ନାମକ ବ୍ୟକ୍ତି ଆହତ ହୋଇଛନ୍ତି। ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଦିନ ସାତପଡାସ୍ଥିତ ପଞ୍ଚାୟତ କଲେଜ ପରିସରରେ +୩ର ଛାତ୍ରମାନେ ଆନ୍ତଃ ବିଶ୍ୱ ବିଦ୍ୟାଳୟ ଭଲିବଲ୍ ଟୁର୍ନାମେଣ୍ଟ ପାଇଁ ଅଭ୍ୟାସ କରୁଥିବା ସମୟରେ ନିକଟସ୍ଥ ଗଡ ଗ୍ରାମରର ୩ଜଣ ଅଣଛାତ୍ର ଉକ୍ତ ଛାତ୍ରମାନଙ୍କୁ କମେଣ୍ଟ ମାରିଥିଲେ । ଏହାକୁ ଛାତ୍ରମାନେ ବିରୋଧ କରିବାରୁ ହାତାହାତି ପରେ ସଂଘର୍ଷ ହୋଇଥିଲା । ଏହି ଛାତ୍ର ଓ ଅଣଛାତ୍ର ପକ୍ଷର ଗ୍ରାମରୁ ଯୁବକ ମାନେ ଆସି ଏହି ସଂଘର୍ଷକୁ ଆହୁରି ଭୟଙ୍କର କରିଥିଲେ। ଫଳରେ ଘଟଣାସ୍ଥଳରେ ବୋମା ମାଡ ହୋଇଥିଲା। ଏହି ସଂଘର୍ଷରେ ୪ ଜଣ ଆହାତ ହୋଇଥିଲେ । ପୋଲିସ ଉପସ୍ଥିତରେ ଏହି ବାଘମୁଣ୍ଡା, ଗମ୍ଭାରୀ ଓ ଗଡ ଗ୍ରାମ ମଧ୍ୟରେ ଆଲୋଚନା ହେବାକୁ ଥିବା ସମୟରେ ପୁଣି ବୋମାମାଡ଼ ଘଟଣାକୁ ଆହୁରି ଜଟିଳ କରିଛି। ପଞ୍ଚାୟତ କଲେଜ ଓ ସାତପଡା ଠାରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

■ ଗୋପ ବ୍ଲକରେ ମଧ୍ୟାହ୍ନ ଭୋଜନ ହଡ଼ପ ଘଟଣା

# ୫୬ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଡାକି ତଦନ୍ତ କଲେ ବିଇଓ

ଗୋପ, ୭।୯(ଡି.ଏନ୍.ଏ.)

ଗୁରୁଦିବସରେ ଗୋପ ବ୍ଲକର ୮୫ଟି ସ୍କୁଲରେ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଯୋଜନାରୁ ବଞ୍ଚିତ ହେବା ସହ ଏହି ସବୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇଛି ବୋଲି ପ୍ରଧାନଶିକ୍ଷକମାନେ ସରକାରଙ୍କୁ ମିଥ୍ୟା ରିପୋର୍ଟ ଦେଇଥିଲେ। ଏହି ଘଟଣାକୁ ନେଇ ଶୁକ୍ରବାର ଗୋପ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ତଦନ୍ତ ଆରମ୍ଭ କରିଛନ୍ତି। ବିଇଓ ମିଶ୍ର ନୟାହାଟ ଜୋନର ୫୬ଟି ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଡାକି ନୟାହାଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ଘଟଣାର ତଦନ୍ତ କରିଥିଲେ।

ତଦନ୍ତରୁ ୧୬ଟି ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିବାବେଳେ ୪୦ଟି ସ୍କୁଲରେ ମଧ୍ୟାହ୍ନ ଭୋଜନ ବନ୍ଦ ଥିବା ଜଣାପଡ଼ିଥିଲା। ଗୁରୁଦିବସ ଦିନ ଗଣଶିକ୍ଷା ବିଭାଗର ଉପ ଶାସନ ସଚିବ କୌଣସି ଗୋଟିଏ ହେଲେ ସ୍କୁଲରେ ମଧ୍ୟାହ୍ନ ଭୋଜନ ଯୋଜନାରେ ଛାତ୍ରୀଛାତ୍ରଙ୍କୁ ବଞ୍ଚିତ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗୋପ ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟ ଏହି ନିର୍ଦ୍ଦେଶକୁ ବେଖାତିର କରିବା ସହ ମଧ୍ୟାହ୍ନ ଭୋଜନ ବନ୍ଦ କରିଥିଲେ। ଗୁରୁଦିବସରେ ଗୋପ ବ୍ଲକର ୨୨୪ ଓ କୋଣାର୍କ ଏନ୍‌ଏସିର ୧୪ଟି ସ୍କୁଲ ମଧ୍ୟରୁ ୮୫ଟି ସ୍କୁଲରେ ଅଧ୍ୟୟନରତ ୫,୭୩୪ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନରୁ ବଞ୍ଚିତ କରାଯାଇଥିଲା। ଏହି ସମସ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇ ନ ଥିଲେ ମଧ ପ୍ରଧାନଶିକ୍ଷକମାନେ ମିଥ୍ୟା ରିପୋର୍ଟ ଦେଇଥିବାଭଳି ଅଭିଯୋଗ ଆସିଥିଲା। କେତେକ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ବିଇଓ ମିଶ୍ର ତରବରିଆ ଭାବେ ତଦନ୍ତ କରିଛନ୍ତି। ଏହି ଘଟଣାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟ ପଦାକୁ ଆସିବା ସହ ବ୍ଲକ ଶିକ୍ଷାଧିକାରୀଙ୍କ ପାରିବା ପଣିଆ ପଦାରେ ପଡ଼ିବ ବୋଲି କେତେକ ଅଭିଭାବକ ଅଭିଯୋଗ କରିଥିଲେ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାକୁ ଗୋପ ବ୍ଲକର କେତେକ ସଂଗଠନ ଦାବି କରିଛନ୍ତି। ଏନେଇ ବିଇଓ ମିଶ୍ରଙ୍କୁ ପଚାରିବାରେ ତଦନ୍ତ ଆରମ୍ଭ କରିଛି ବୋଲି କହିବା ସହ ଅନ୍ୟାନ୍ୟ କଥାକୁ ଏଡ଼ାଇ ଦେଇଥିଲେ।

# ୧୦ଜିଲାର ୧୭୭୨ ବିଦ୍ୟାଳୟ ସାମିଲ

ଭୁବନେଶ୍ୱର, ୭।୯(ବ୍ୟୁରୋ)

**'ମୋ ସ୍କୁଲ' ଯୋଜନା**

ଗୋଷ୍ଠୀ-ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ 'ମୋ ସ୍କୁଲ' ଯୋଜନାର ତୃତୀୟ ପର୍ଯ୍ୟାୟରେ ୧୦ ଜିଲାର ୧୭୭୨ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ସ୍ଥିର କରାଯାଇଛି। ଏଥିରେ ଅନୁଗୋଳର ୧୦୭ଟି, ବାଲେଶ୍ୱରର ୨୧୨, ଢେଙ୍କାନାଳ ୮୫, ଗଞ୍ଜାମ ୧୫୨, ଖୋର୍ଦ୍ଧା ୧୫୧, ମୟୂରଭଞ୍ଜ ୨୫୮, ନୟାଗଡ଼ ୧୧୧, ପୁରୀ ୪୮୨, ସମ୍ବଲପୁର ୧୦୦ ଓ କୋରାପୁଟର ୧୧୪ଟି ସ୍କୁଲ ରହିଛି। ଏସବୁ ଜିଲାରେ ମୋ ସ୍କୁଲ ଯୋଜନାରେ ୧୨କୋଟି ୭୭ଲକ୍ଷ ୩୨ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୮କୋଟି ୫୧ଲକ୍ଷ ୫୫ହଜାର ଟଙ୍କା ଅନୁଦାନ ଦେଇଥିବା ବେଳେ ଜନସାଧାରଣଙ୍କଠାରୁ ୪କୋଟି ୨୫ଲକ୍ଷ ୭୭ହଜାର ଟଙ୍କା ସଂଗୃହୀତ ହୋଇଛି। ଏହି ଅର୍ଥରେ ସ୍କୁଲର ଭିତ୍ତିଭୂମି, ଶ୍ରେଣୀଗୃହର ଉନ୍ନତି, ପାଠାଗାର-ପୁସ୍ତକ ଯୋଗାଣ ଆଦି ଅନ୍ତର୍ଭୁକ୍ତ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନର ତୃତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହା ସ୍ଥିର କରାଯାଇଛି। ବୈଠକରେ ସଚିବ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପ୍ରକଳ୍ପ ପରିଚାଳନା ଓ ତଦାରଖ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ମୋ ସ୍କୁଲ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୭୨ସ୍କୁଲ ପାଇଁ ୧କୋଟି ୭୮ଲକ୍ଷ ୩୯ହଜାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୧୫ସ୍କୁଲ ପାଇଁ ୪କୋଟି ୨୭ଲକ୍ଷ ୮୩ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଏପର୍ଯ୍ୟନ୍ତ ୧୭ଟି ଜିଲା ଏହି ଯୋଜନାରେ ସାମିଲ ହୋଇଛି ବୋଲି ମୋ ସ୍କୁଲ ଯୋଜନାର ସଦସ୍ୟ ସଚିବ ତଥା ଓପେପା ଓ ମାଧ୍ୟମିକ ଶିକ୍ଷା ମିଶନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସୂଚନା ଦେଇଛନ୍ତି।

# ପିପିଲି ଏନଏସିରେ ହେବ ସାମୂହିକ ଗଣେଶ ମେଢ଼ ଭସାଣି

ପିପିଲି, ୭।୯(ଡି.ଏନ୍.ଏ.)

ପିପିଲି ଏନଏସିରେ ପ୍ରଥମଥର ପାଇଁ ଗଣେଶ ପୂଜା ଭସାଣି ଉତ୍ସବ ମିଳିତ ଭାବେ ଅନୁଷ୍ଠିତ ହେବ। ଶୁକ୍ରବାର ପିପିଲି ଥାନା ସଭା ଗୃହରେ ଆଇଆଇସି ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୧୯ତାରିଖରେ ଭସାଣି ହେବ ବୋଲି ସ୍ଥିର କରାଯାଇଛି। ଏହି ବୈଠକରେ ପିପିଲି ବଜାର ବ୍ୟବସାୟୀ ସଂଘର ସଭାପତି ଅଶୋକ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ଦୀପକ ମହାପାତ୍ର, ୧୦ଟି ପୂଜା ମଣ୍ଡପର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମସ୍ତ ମେଢ଼ ୧୯ତାରିଖ ଅପରାହ୍ନ ୫ଟା ସମୟରେ ପିପିଲି ପେଟ୍ରୋଲ ପମ୍ପ ଛକରେ ଏକତ୍ରିତ ହେବାପରେ ସେଠାରୁ ଶୋଭାଯାତ୍ରା ଆରମ୍ଭ ହେବ। ପରେ ବଜାର ପରିକ୍ରମା କରିବା ପରେ ବିସର୍ଜନ କରାଯିବ। ଶୋଭାଯାତ୍ର ସମୟରେ ପ୍ରତ୍ୟେକ ପୂଜା କମିଟିର ୧୦ଜଣ ଲେଖାଏ ସ୍ୱେଚ୍ଛାସେବୀ ନିଜ ନିଜର ମେଢ଼ ଚାରିପାଖରେ ରହିବେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯିବ ବୋଲି ଆଇଆଇସି ସାହୁ କହିଥିଲେ।

# ମଙ୍ଗଳା କଲେଜରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

କାକଟପୁର, ୭।୯(ଡି.ଏନ୍.ଏ.)





କାକଟପୁର ମଙ୍ଗଳା କଲେଜରେ ଅନୁଷ୍ଠିତ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ।

ପୁରୀ ଜିଲା କାକଟପୁର ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ଶୁକ୍ରବାର କାକଟପୁରସ୍ଥିତ ମଙ୍ଗଳା କଲେଜରେ ବ୍ଲକସ୍ତରୀୟ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମେଶ୍ୱର ଶମ୍ଭୁ ମନ୍ଦିରଠାରୁ ହକି ୱାର୍ଲ୍ଡକପ ଟ୍ରଫି ଏବଂ ମାସ୍କଟକୁ ସାଙ୍ଗରେ ନେଇ ଏକ ବାଇକ ଶୋଭାଯାତ୍ରାରେ ଯାଇ ମଙ୍ଗଳା କଲେଜରେ ପହଞ୍ଚିଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, ବ୍ଲକ ବିଜୁ ଯୁବବାହିନୀ ସଂଯୋଜକ ଶଶିକାନ୍ତ ତ୍ରିପାଠୀ, ବ୍ଲକ ବିଜେଡି ସଭାପତି ପ୍ରାଣକୃଷ୍ଣ ମଲ୍ଲିକଙ୍କ ସହ ଶତାଧିକ କର୍ମୀ ଯୋଗଦେଇଥିଲେ। ପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କଲେଜର ଛାତ୍ରୀଛାତ୍ର, ବିଜୁଯୁବ ବାହିନୀର ସଭ୍ୟାସଭ୍ୟମାନେ ବକ୍ତୃତା, ଗୀତ, ନାଚ, ଅଭିନୟ ପ୍ରଦର୍ଶନ କରିଥିବାବେଳେ ଯୌତୁକ ଏକ କଳଙ୍କିତ ପ୍ରଥା ବୋଲି ଏକ ନାଟକ ପ୍ରଦର୍ଶନ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା, ବିଜୁ ଯୁବ ବାହିନୀ ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଏଲ୍ଇଡି ପରଦାରେ ପ୍ରଦର୍ଶିତ କରାଯାଇଥିଲା। ୬ଜଣ ପ୍ରତିଭାଙ୍କୁ ଅତିଥିମାନେ ମୁଁ ହିରୋ ମୁଁ ଓଡ଼ିଶା ଲେଖାଥିବା ଟୋପି, ବ୍ୟାଚ୍, ବ୍ୟାନିୟନ୍, ବ୍ରେସ୍‌ଲେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

■ ଆସୁଛି ଗଣେଶ ପୂଜା: ଅଶୋକ ଗାଣପତ୍ୟ ସମିତି

# ପଲିଥିନ ନୁହେଁ, ଭୋଗେଇରେ ବଣ୍ଟାଯିବ ଭୋଗ

ପୁରୀ ଅଫିସ, ୭।୯



ଅଶୋକ ଗାଣପତ୍ୟ ସମିତିରେ ନିର୍ମିତ ଗଣେଶ ମୂର୍ତ୍ତି ।

ପୁରୀରେ ଏକାଧିକ ଅନୁଷ୍ଠାନ ପକ୍ଷରୁ ଗଣେଶ ପୂଜା ପାଳନ କରାଯାଇଥାଏ। ଏଥିମଧ୍ୟରୁ ଅଶୋକ ଗାଣପତ୍ୟ ସମିତି ଅନ୍ୟତମ। ବଡ଼ଦାଣ୍ଡର ମରୀଚିକୋଟ ଛକଠାରୁ ଟାଉନ ଥାନା ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିବା ବ୍ୟବସାୟୀଙ୍କୁ ନେଇ ଏହି ସମିତି ଗଠିତ। ଏହାର ସଦସ୍ୟ ସଂଖ୍ୟା ପ୍ରାୟ ୨୫୦। ଦୀର୍ଘ ୫୭ ବର୍ଷ ଧରି ଭାଇଚାରା ପରମ୍ପରାର ବାର୍ତ୍ତା ବହନ କରୁଥିବା ଏହି ସମିତିର ସଦସ୍ୟମାନେ କର୍ମଜଞ୍ଜାଳ ଭିତରେ ଥାଇ ବି ଏକାଠି ବସି ପୂଜାକୁ ସରସ ସୁନ୍ଦର କରି ଆସୁଛନ୍ତି। ଚଳିତବର୍ଷ ମଧ ବେଶ୍ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା କହିଛନ୍ତି ସମିତି ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ। ଏଥିପାଇଁ ୩ ଲକ୍ଷ ଟଙ୍କାର ବଜେଟ ରହିଛି। ୯ଦିନ ଧରି ଏଠାରେ ଗଜାନନଙ୍କ ପୂଜା କରାଯିବ। ଏହା ସମିତିର ଏକ ନିଆରା ପରମ୍ପରା। ତେବେ ଏଥର ଆମ ସମିତି ପଲିଥିନକୁ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ସଦସ୍ୟଙ୍କ ଘରକୁ ତାଳପତ୍ର ଭୋଗେଇରେ ଭୋଗ ବଣ୍ଟାଯିବ ବୋଲି ସମ୍ପାଦକ ସାହୁ କହିଛନ୍ତି।

### ଆକର୍ଷଣ ସାଜିବ ତୋରଣ, ମୂର୍ତ୍ତିରେ ବି ସ୍ୱତନ୍ତ୍ରତା

ଏ ବର୍ଷ ଆକର୍ଷଣ ସାଜିବ ବାହୁବଳୀ ସାମ୍ରାଜ୍ୟ ସଦୃଶ ତୋରଣ। ପୁରୀର ଶରତ ଚନ୍ଦ୍ର ମହାନ୍ତିଙ୍କୁ ତୋରଣ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ସେହିଭଳି ମୂର୍ତ୍ତିରେ ରହିବ ସ୍ୱତନ୍ତ୍ରତା। ସମ୍ପାଦକଙ୍କ ସୂଚନା ମୁତାବକ, ଦୀର୍ଘ ୪୦ ବର୍ଷ ହେଲା ଏଠାରେ ମୂର୍ତ୍ତି ନିର୍ମାଣ କରି ଆସୁଥିବା କଟକର ବିଶିଷ୍ଟ କାରିଗର ନାରାୟଣ ସାହୁ ଏଥର ବି ମୂର୍ତ୍ତି ତିଆରି କରୁଛନ୍ତି। ୧୨ ଫୁଟ ଉଚ୍ଚର ମୁସୁରାଶୁର ବଧ ଡିଜାଇନର ଏହି ମୂର୍ତ୍ତି ସହରବାସୀଙ୍କ ଅନ୍ୟତମ ଆକର୍ଷଣ ସାଜିବ।

### ଧୁମ୍‌ଧାମ୍‌ରେ ହେବ ଭସାଣି

ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କିନ୍ତୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅପେକ୍ଷା ସମିତି ପୂଜାକୁ ଅଧିକ ଗୁରୁତ୍ୱ ଦେଇଆସିଛି। ଅଶୋକ ଗାଣପତ୍ୟ ସମିତିର ମୂର୍ତ୍ତି ଏବଂ ତୋରଣ ଦେଖିବାକୁ ସହରବାସୀ ଏପରି କି ସହର ଉପକଣ୍ଠ ଲୋକଙ୍କ ବେଶ୍ ଆଗ୍ରହ ଥାଏ। ସେହିପରି ଧୁମ୍‌ଧାମରେ ଭସାଣି କରାଯିବ। ଶେଷ ଦିନ ସନ୍ଧ୍ୟାରେ ଠାକୁରଙ୍କୁ ମୂଷା ନଈରେ ବିସର୍ଜନ କରାଯିବ। ଉକ୍ତଦିନ ଅଶୋକ ବଜାର ବନ୍ଦ ରହିବ। ଭସାଣି ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ବାଜା, ଲାଇଟ୍ ସାମିଲ ହେବ। ଏତଦ୍‌ବ୍ୟତୀତ ପୂଜା ସମୟରେ ମରୀଚିକୋଟ ଛକଠାରୁ ଟାଉନ ଥାନା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଲାଇଟ୍‌ରେ ଝଲସି ଉଠିବ।

### ସପରିବାର ତୀର୍ଥ ଭ୍ରମଣରେ ଯିବେ ସଦସ୍ୟ

ଗଣେଶ ପୂଜା ଅବସରରେ ସମିତିର ଆଉ ଏକ ସ୍ୱତନ୍ତ୍ରତା ମଧ ରହିଛି। ସମିତି ସଭାପତି ଜାନକୀ ନନ୍ଦନ ମହାନ୍ତିଙ୍କ ସୂଚନା ମୁତାବକ, ଠାକୁରଙ୍କୁ ବିସର୍ଜନ ପରେ ସମସ୍ତ ସଦସ୍ୟ ସପରିବାର ତୀର୍ଥ ଭ୍ରମଣ କରିବାକୁ ଯାଇଥାନ୍ତି। ଓଡ଼ିଶା ଭିତରେ ଗୋଟିଏ କିମ୍ବା ଦୁଇଦିନ ଓ ରାଜ୍ୟ ବାହାର ତୀର୍ଥକୁ ଗଲେ ଅଧିକ ଦିନ ପାଇଁ ବ୍ୟବସ୍ଥା ହୋଇଥାଏ। ଚଳିତବର୍ଷ ଦ୍ୱାରିକା ଧାମ ଯିବାଲାଗି ଆପାତତଃ ସ୍ଥିର କରାଯାଇଥିବା ସଭାପତି ମହାନ୍ତି ସୂଚନା ଦେଇଛନ୍ତି।